# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଜୁଲାଇ ୧୩/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Balasore, Saturday, July 13/2019 | ★★★★

୪୫ଶ ଭାଗ ୨୨୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




### ଜୋକୋଭିଚ୍ ଫାଇନାଲରେ

ଗତଥରର ଚାମ୍ପିୟନ ସର୍ବିୟାର ନୋଭାକ ଜୋକୋଭିଚ୍ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି।

୧୫

୦୨

### ‘କାର୍ଗିଲ ଗର୍ଲ’ରେ ଜାହ୍ନବୀ

ଜର୍ଜିଆରେ ‘କାର୍ଗିଲ ଗର୍ଲ’ର ଶୁଟିଂ ପାଇଁ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଅଙ୍ଗଦ ବେଦୀ ପୂରା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି।





ଶୁକ୍ରବାର ଅପରାହ୍ଣ ସାଢ଼େ ୫ଟାରେ ତିନିରଥ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପହଞ୍ଚିବା ପରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼

# ବାହୁଡ଼ିଲେ ଲୀଳାମୟ

**ପୁରୀ ଅଫିସ,୧୨।୭**

ଜନ୍ମବେଦୀରେ ଲୀଳାଖେଳା ସାରି ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି ପ୍ରଭୁ ଲୀଳାମୟ। ଦାରୁଦିଅଁଙ୍କ ଏହି ବାହୁଡା ଯାତ୍ରା ପାଇଁ ଶୁକ୍ରବାର ସକାଳୁ ବଡ଼ଦାଣ୍ଡ ପାଲଟିଥିଲା ଜନସମୁଦ୍ର। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ବାହୁଡା ନୀତିକାନ୍ତି ଓ ପହଣ୍ଡି ସଅଳ ହୋଇଥିଲା। ଅଝଟ ନ ହୋଇ ନିର୍ଦ୍ଧାରିତ ସମୟର ୩ ଘଣ୍ଟା ୧୫ ମିନିଟ୍ ପୂର୍ବରୁ ରଥାରୂଢ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। ନିର୍ଦ୍ଧାରିତ ସମୟର ୨ ଘଣ୍ଟା ୪୫ ପୂର୍ବରୁ ଆରମ୍ଭ ହେଲା ରଥଟଣା। ଭାଇଭାଉଣୀଙ୍କୁ ସାଥିରେ ଧରି କାଳିଆ ଠାକୁର ବାହାରିଥିଲେ ଶ୍ରୀମନ୍ଦିର ଅଭିମୁଖେ। ଅପରାହ୍ଣ ସାଢେ ୫ଟା ସୁଦ୍ଧା ସିଂହଦ୍ୱାର ସମ୍ମୁଖରେ ଲାଗିଥିଲା ତିନିରଥ। ଶନିବାର ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା।

ଆଷାଢ ଶୁକ୍ଳ ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଛି ବାହୁଡା ଯାତ୍ରା। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ଫେରାଇ ନେବା ଲାଗି ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସକାଳୁ ପାଗ ଖରାଟିଆ ରହିଥିଲେ ବି ଏହା ଭଗବାନଙ୍କଠାରୁ ଭକ୍ତଙ୍କୁ ଅଲଗା କରିପାରି ନ ଥିଲା। ସକାଳ ୯ଟାରେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଠାକୁରଙ୍କ ମଙ୍ଗଳାର୍ପଣ ହୋଇ ବାଜିଥିଲା ବିଜେ କାହାଳି।

**■ ସଅଳ ହେଲା ପହଣ୍ଡି, ରଥଟଣା**

**■ ସିଂହଦ୍ୱାରରେ ରଥ ପହଞ୍ଚିବାରେ ରେକର୍ଡ**

ବାହୁଡା ପହଣ୍ଡି ମଧ୍ୟାହ୍ନ ୧୨ଟାରେ ଆରମ୍ଭ ହେବା ପାଇଁ ନୀତିନିର୍ଘଣ୍ଟ ହୋଇଥିବା ବେଳେ ୨ ଘଣ୍ଟା ୫୦ ମିନିଟ୍ ପୂର୍ବରୁ ଅର୍ଥାତ୍ ସକାଳ ୯ଟା ୧୦ରେ ହୋଇଥିଲା ଦାରୁବିଗ୍ରହମାନଙ୍କ ପହଣ୍ଡି। ଧାଡି ପହଣ୍ଡିରେ ପ୍ରଥମେ ସୁଦର୍ଶନ ରଥାରୂଢ ହୋଇଥିଲେ। ପରେ ବଡ଼ଠାକୁର ବଳଭଦ୍ର, ହଳଦୀମୁଖୀ ମା’ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୂଢ ହୋଇଥିଲେ। ୧୧ଟା ୧୫ ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ୧୧ଟା ୩୦ରେ ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ ହୋଇଥିଲେ। ମଧ୍ୟାହ୍ନ ୧୨ଟା ୧୦ରେ ଆରମ୍ଭ ହୋଇଥିଲା ଛେରାପହଁରା। ପ୍ରଥମେ ତାଳଧ୍ୱଜ, ପରେ ନନ୍ଦିଘୋଷ ଏବଂ ଶେଷରେ ଦର୍ପଦଳନ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ସୁନାବେଣ୍ଟ ଲଗା ଖଡିକାରେ ଛେରାପହଁରା କରିଥିଲେ। ୧୨ଟା ୫୫ ସୁଦ୍ଧା ଛେରାପହଁରା ସରିବା ପରେ ଚାରମାଳ ଫିଟା ହୋଇ ଘୋଡା ଓ ସାରଥି ଲାଗିଥିଲା। ପୂର୍ବରୁ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ଧାର୍ଯ୍ୟ ହୋଇଥିଲା। କିନ୍ତୁ ଅପରାହ୍ଣ ୧ଟା ୧୫ରେ ବଡ଼ଠାକୁରଙ୍କ ତାଳଧ୍ୱଜ ରଥ ଟଣାଯାଇଥିଲା। ଏହାପରେ ଅପରାହ୍ଣ ୧ଟା ୫୦ରେ ଦର୍ପଦଳନ ଏବଂ ଶେଷରେ ଅପରାହ୍ଣ ୨ଟା ୫ରେ ନନ୍ଦିଘୋଷ ରଥକୁ ଭକ୍ତ ଟାଣିଥିଲେ। ମାଉସୀ ମା’ ମନ୍ଦିର ସମ୍ମୁଖରେ ପ୍ରତି ରଥ ପହଞ୍ଚିବା ପରେ ଠାକୁରଙ୍କୁ ପୋଡ଼ପିଠା ସମର୍ପଣ କରାଯାଇଥିଲା। ଅପରାହ୍ଣ ୩ଟା ୫୦ରେ ତାଳଧ୍ୱଜ ଏବଂ ୪ଟାରେ ଦର୍ପଦଳନ ରଥ ସିଂହଦ୍ୱାର ନିକଟରେ ପହଞ୍ଚିଥିଲା। ନନ୍ଦିଘୋଷ ରଥ ଶ୍ରୀନହରଠାରେ ପହଞ୍ଚିବା ପରେ ସେଠାରେ ଲକ୍ଷ୍ମୀ ନାରାୟଣ ଭେଟ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ଣ ୫ଟା ୧୦ରେ ଶ୍ରୀଜଗନ୍ନାଥଙ୍କ ରଥଟଣା ଯାଇ ସିଂହଦ୍ୱାରକୁ ନିଆଯାଇଥିଲା। ସାଢେ ୫ଟାରେ ନନ୍ଦିଘୋଷ ସିଂହଦ୍ୱାରରେ ଲାଗିଥିଲା। ପ୍ରଶାସନ ପକ୍ଷରୁ ତୁରନ୍ତ ରଥ ଚତୁଃପାର୍ଶ୍ୱରେ ବ୍ୟାରିକେଡ୍ କରାଯାଇଥିଲା। ଭକ୍ତମାନେ ରଥାରୂଢ ଦାରୁଦିଅଁଙ୍କୁ ଦର୍ଶନ କରିଥିଲେ। ବାହୁଡା ଯାତ୍ରାରେ ପ୍ରାୟ ୫ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି।

ଗତବର୍ଷ ତିନିରଥ ଅପରାହ୍ଣ ୫ଟା ୩୫ରେ ସିଂହଦ୍ୱାରରେ ଲାଗିଥିଲା। ଏଥର ଆହୁରି ୫ ମିନିଟ୍ ପୂର୍ବରୁ ତିନିରଥ ପହଞ୍ଚିଯାଇଛି। ତେଣୁ ବିଗତ କିଛିବର୍ଷକୁ ଦେଖିଲେ ପହଣ୍ଡି, ରଥଟଣା ଏବଂ ସିଂହଦ୍ୱାରରେ ରଥ ଲାଗିବା ଏକ ରେକର୍ଡ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି।



ଦୋଳମଣ୍ଡପ ସାହି ପ୍ରବେଶପଥରେ ହୋଇଥିବା ଦଳାଚକଟା

## ଦଳାଚକଟା: ୫୦ ଆହତ

**ପୁରୀ ଅଫିସ,୧୨।୭**

ନନ୍ଦିଘୋଷ ରଥ ଶୁକ୍ରବାର ଅପରାହ୍ଣ ସାଢ଼େ ୫ଟାରେ ସିଂହଦ୍ୱାରରେ ପହଞ୍ଚିବା ସମୟରେ ଦୋଳମଣ୍ଡପ ସାହି ପ୍ରବେଶ ପଥରେ ଦଳାଚକଟା ହୋଇଥିଲା। ବଡ଼ଦାଣ୍ଡରେ ଥିବା ଭକ୍ତମାନଙ୍କୁ ପୋଲିସ ଦୋଳମଣ୍ଡପ ସାହି ଦେଇ ବାହାରକୁ ଛାଡୁଥିଲା। ହେଲେ ପ୍ରବେଶ ପଥରେ ହଠାତ୍ ଭିଡ଼ ହୋଇଯିବାରୁ ଦଳା ଚକଟା ହୋଇଥିଲା। ବହୁ ଭକ୍ତ ତଳେ ପଡିଯାଇଥିଲେ। ଏଥିରେ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜିଲା ହସ୍ପିଟାଲରେ ଚିକିତ୍ସା କରାଯାଇଛି।

## ଆସ୍ଥାଭୋଟ ଲୋଡ଼ିବେ କୁମାରସ୍ୱାମୀ



**ବେଙ୍ଗାଲୁରୁ,୧୨।୭(ପି.ଟି.)**

କର୍ନାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ବିଧାନସଭାରେ ଆସ୍ଥାଭୋଟ ଲୋଡିବେ ବୋଲି ଶୁକ୍ରବାର କହିଛନ୍ତି। ଏଥିପାଇଁ ସମୟ ଧାର୍ଯ୍ୟ କରିବା ନିମନ୍ତେ ସେ ବାଚସ୍ପତି କେ.ଆର୍. ରମେଶ କୁମାରଙ୍କୁ ଅନୁରୋଧ କରିଛନ୍ତି। ସେ କ୍ଷମତା ଜାବୁଡ଼ି ଧରିବାକୁ ଚାହାନ୍ତି ନାହିଁ। ସବୁକିଛି କରିବା ଲାଗି ସେ ପ୍ରସ୍ତୁତ ବୋଲି ଜେଡିଏସ୍ ନେତା ବିଧାନସଭାରେ କହିଥିଲେ। କର୍ନାଟକରେ ରାଜନୈତିକ ସଙ୍କଟ ଗୁରୁତର ହୋଇପଡ଼ିଥିବାବେଳେ ଶୁକ୍ରବାର ବିଧାନସଭା ଅଧିବେଶନ ଆରମ୍ଭ ହୋଇଛି। ବିଧାନସଭାରେ କଂଗ୍ରେସର ୧୩ ଜଣ ଏବଂ ଜେଡିଏସ୍‌ର ୩ ବିଧାୟକ ଇସ୍ତଫା ଦେଇଥିବାବେଳେ ଦୁଇ ସ୍ୱାଧୀନ ବିଧାୟକ ମେଣ୍ଟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ୧୩ ମାସର ମେଣ୍ଟ ସରକାର ଭାଙ୍ଗିବା ସ୍ଥିତିରେ ପହଞ୍ଚିଛି।



■ ନାବାଳିକା ଛାତ୍ରୀ ବଳାତ୍କାର ଘଟଣା

**ମୁଣ୍ଡରୁ ଦୋଷ ଛଡାଇ ଦେଲେ ମନ୍ତ୍ରୀ**

୩

■ ସଦସ୍ୟଙ୍କ ଉଦ୍‌ବେଗ

**ଆଇକନିକ୍ ଡେଷ୍ଟିନେଶନରୁ ଓଡ଼ିଶା ଗାଏବ**

୪

■ ଚିଟ୍‌ଫଣ୍ଡ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଦାଖଲ

**୧,୩୬,୦୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ**

୩

**ଆଜିର ସମ୍ପାଦକୀୟ**

**ବାବୁଙ୍କ ଆଇନଗତ ଲଢ଼େଇ**


NECC NATIONAL EGG CO-ORDINATION COMMITTEE | 12.07.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
| --- | --- | --- | --- |
| BBSR | 88 | 142 | 152 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 85 | 139 | 149 |

*Conditions Apply

Eggs Retail Price- 52/-Dozen
Issued in the Interest of Consumers


**ଜଳ ଯନ୍ତ୍ରଣା**

## ଟ୍ରେନରେ ଭେଲୋରରୁ ପାଣି ଗଲା ଚେନ୍ନାଇ



**ଚେନ୍ନାଇ,୧୨।୭**

ତାମିଲନାଡୁର ଚେନ୍ନାଇରେ ଜଳସଙ୍କଟ ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି। ସେଥିପାଇଁ ଏକ ସ୍ୱତନ୍ତ୍ର ଟ୍ରେନରେ ଭେଲୋର ଜିଲା ଅନ୍ତର୍ଗତ ଜୋଲାରପେଟାଇରୁ ସେଠାକୁ ପିଇବା ପାଣି ପଠାଯାଇଛି। ୫୦ ୱାଗନ୍‌ଯୁକ୍ତ ଟ୍ରେନରେ ମୋଟ ୨.୫ ନିୟୁତ ଲିଟର ପାଣି ଶୁକ୍ରବାର ସକାଳେ ପଠାଯାଇଥିବାବେଳେ ଅପରାହ୍ନରେ ଏହା ଚେନ୍ନାଇର ଭିଲ୍ଲିଭାକ୍କମ ଷ୍ଟେଶନରେ ପହଞ୍ଚିଛି। ପ୍ରତ୍ୟେକ ୱାଗନ୍‌ରେ ୫୫ ହଜାର ଲିଟର ପାଣି ରହିଛି।

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସାମୀ ଦୈନିକ ୧୦ ନିୟୁତ ଲିଟର ପାଣି ଟ୍ରେନରେ ଜୋଲାରପେଟାଇରୁ ଅଣାଯାଇ ଚେନ୍ନାଇବାସୀଙ୍କ ଆବଶ୍ୟକତା ପୂରଣ କରାଯିବ ବୋଲି ଘୋଷଣା କରିଥିଲେ। ଏଥିଲାଗି ୬୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଗତ ୪ ମାସ ହେବ ଚେନ୍ନାଇବାସୀ ଜଳଯନ୍ତ୍ରଣାରେ ଛଟପଟ ହେଉଥିବାବେଳେ ୪ଟି ଯାକ ଜଳାଶୟ ଶୁଖିଲା ପଡ଼ିଛି। ଏଭଳି ସ୍ଥିତିରେ ସେଠାକୁ ଶୁକ୍ରବାର ପାଣି ଟ୍ରେନ ପଠାଯିବା ପରେ ଚେନ୍ନାଇବାସୀଙ୍କୁ ଆଶ୍ୱସ୍ତି ମିଳିଛି।






ଭାରତରେ ୧୯.୪୭ ଲକ୍ଷରୁ ଅଧିକ ଡାକ୍ତର ଅଛନ୍ତି।
-ହର୍ଷବର୍ଦ୍ଧନ,କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ

## କର୍ଣ୍ଣାଟକ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

# ୧୬ ଯାଏ କାର୍ଯ୍ୟାନୁଷ୍ଠାନ ନେଇପାରିବେନି ବାଚସ୍ପତି

**ନୂଆଦିଲ୍ଲୀ,୧୨।୭(ପି.ଟି.)**

କର୍ଣ୍ଣାଟକର ବିଦ୍ରୋହୀ ବିଧାୟକମାନଙ୍କ ମାମଲାର ଶୁଣାଣି ୧୬ ତାରିଖରେ ସୁପ୍ରିମକୋର୍ଟରେ ହେବ। ସେ ପର୍ଯ୍ୟନ୍ତ ୧୦ ବିଦ୍ରୋହୀ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ବାଚସ୍ପତି କେ.ଆର୍. ରମେଶ କୁମାର କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ଶୁକ୍ରବାର କହିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଦୀପକ ଗୁପ୍ତା ଓ ଅନିରୁଦ୍ଧ ବୋଷ୍ଙ୍କୁ ନେଇ ଗଠିତ ଖଣ୍ଡପୀଠ କର୍ଣ୍ଣାଟକ ମାମଲାକୁ ଏକ ଗୁରୁତର ପ୍ରସଙ୍ଗ ବୋଲି କହିବା ସହିତ ଏହା ଉପରେ ବିଚାର ନ ହେବା ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ସେ ପର୍ଯ୍ୟନ୍ତ ବାଚସ୍ପତି ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫା ଏବଂ ଅଯୋଗ୍ୟ ଘୋଷଣା ପ୍ରସଙ୍ଗରେ କୌଣସି ନିଷ୍ପତ୍ତି ନେଇପାରିବେ ନାହିଁ।

ସମ୍ବିଧାନର ଧାରା ୩୨ ଅନୁଯାୟୀ ବିଦ୍ରୋହୀ ବିଧାୟକମାନଙ୍କ ଆବେଦନର ଉଲ୍ଲେଖଯୋଗ୍ୟତା ପ୍ରସଙ୍ଗ ଉପରେ କର୍ଣ୍ଣାଟକ ବାଚସ୍ପତି ଓ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ପ୍ରଶ୍ନ ଉଠାଇଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ବାଚସ୍ପତିଙ୍କ ରିପୋର୍ଟକୁ ବିରୋଧ କରିଥିଲେ। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ଶାସକ ମେଣ୍ଟ ପକ୍ଷରୁ ଆବେଦନ କରାଯାଇଥିବାରୁ ଏଭଳି ନିଷ୍ପତ୍ତି ବିଧାୟକମାନଙ୍କ ଇସ୍ତଫା ପୂର୍ବରୁ ନେବାର ଥିଲା ବୋଲି ରୋହତଗୀ କହିଛନ୍ତି। ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ମାମଲାର ଅଧିକ ଶୁଣାଣି ଆବଶ୍ୟକ ବୋଲି ଖଣ୍ଡପୀଠ କହିଥିଲେ। ଏଥିସହିତ ପରବର୍ତ୍ତୀ ଶୁଣାଣି ୧୬ ତାରିଖକୁ ଧାର୍ଯ୍ୟ କରିଥିଲେ।

ବିଧାୟକମାନେ ସୁପ୍ରିମକୋର୍ଟ ଯାଇଥିବାରୁ ବାଚସ୍ପତି ସେମାନଙ୍କୁ ଗଣମାଧ୍ୟମ ଆଗରେ ଭର୍ତ୍ସନା କରିଛନ୍ତି। ବାଚସ୍ପତିଙ୍କୁ ଦିନେ କିମ୍ବା ଦୁଇଦିନ ମଧ୍ୟରେ ବିଧାୟକମାନଙ୍କ ଇସ୍ତଫା ସମ୍ପର୍କରେ ନିଷ୍ପତ୍ତି ନେବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇ ନ ଥିବାରୁ ତାଙ୍କ ବିରୋଧରେ ଅଦାଲତ ଅବମାନନା ନୋଟିସ ଜାରି କରାଯାଇପାରିବ ବୋଲି ରୋହତଗୀ କହିଛନ୍ତି। ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ବିଧାନସଭାରେ ବିଧେୟକ ତଥା ଅନ୍ୟାନ୍ୟ କାର୍ଯ୍ୟରେ ବାଚସ୍ପତିଙ୍କୁ କହିଥିଲେ। ବିଧାୟକମାନେ ସେମାନଙ୍କ ଆବେଦନରେ ରାଜ୍ୟ ସରକାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆଣିଛନ୍ତି। ଅଥଚ ଏ ସମ୍ପର୍କରେ ଶୁଣାଣି କରା ନ ଯାଇ ନିର୍ଦ୍ଦେଶନାମା ଜାରି କରାଯାଇଛି ବୋଲି ଧାୱନ କହିଛନ୍ତି। ଏହା ବ୍ୟତୀତ ଇସ୍ତଫା ଦେଇଥିବା ଜଣେ ବିଦ୍ରୋହୀ ବିଧାୟକ ଚିଟ୍ଫଣ୍ଡରେ ସମ୍ପୃକ୍ତ ଯେଉଁଥିରେ ରାଜ୍ୟ ସରକାରଙ୍କୁ ଅଭିଯୁକ୍ତ କରାଯାଇଛି। ବିଧାୟକମାନଙ୍କ ଇସ୍ତଫା ସ୍ୱେଚ୍ଛାକୃତ

ଆଇନଗତ ଯାଞ୍ଚରୁ ବାଦ୍ ଦିଆଯାଇଛି। ତେବେ ଇସ୍ତଫା ପ୍ରସଙ୍ଗରେ ନୁହେଁ ବୋଲି ବରିଷ୍ଠ ଆଇନଜୀବୀ କହିଛନ୍ତି। ବାଚସ୍ପତି ଏକ ସାମ୍ବିଧାନିକ ପଦବୀ ହୋଇଥିବାରୁ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ସମ୍ପର୍କରେ ସେ ନିଷ୍ପତ୍ତି ନେଇପାରିବେ ବୋଲି କୁମାରସ୍ୱାମୀଙ୍କ ଓକିଲ ଏ.ଏମ୍. ସିଙ୍ଘଭି ଯୁକ୍ତି ବାଢ଼ିବାରୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଚ୍ୟାଲେଞ୍ଜ କରିବା କ୍ଷମତା ବାଚସ୍ପତିଙ୍କର ରହିଛି କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

ଅନ୍ୟପକ୍ଷରେ ସୁପ୍ରିମକୋର୍ଟ ବାଚସ୍ପତିଙ୍କୁ ନୋଟିସ ଜାରି ନ କରି ବିଦ୍ରୋହୀ ବିଧାୟକମାନଙ୍କ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି କରିଥିବା ମୁଖ୍ୟମନ୍ତ୍ରୀ କୁମାରସ୍ୱାମୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ରାଜୀବ ଧାୱନ ଖଣ୍ଡପୀଠଙ୍କୁ କି ନୁହେଁ ଅନୁଧ୍ୟାନ କରିବା ବାଚସ୍ପତିଙ୍କ ଦାୟିତ୍ୱ ବୋଲି ଧାୱନ କହିଥିଲେ।

ସୂଚନାଯୋଗ୍ୟ ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫାପତ୍ରକୁ ବାଚସ୍ପତି ଗ୍ରହଣ କରୁ ନ ଥିବାରୁ ସେମାନେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଗୁରୁବାର ସନ୍ଧ୍ୟା ୬ଟାରେ ବାଚସ୍ପତିଙ୍କୁ ଭେଟିବା ଲାଗି ସୁପ୍ରିମକୋର୍ଟ ଉକ୍ତ ବିଧାୟକମାନଙ୍କୁ କହିବା ସହ ସେମାନଙ୍କୁ ଉପଯୁକ୍ତ ସୁରକ୍ଷା ଯୋଗାଇଦେବାକୁ କର୍ଣ୍ଣାଟକ ପୋଲିସ ଡିଜିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କର୍ଣ୍ଣାଟକ ବିଧାନସଭାରେ ଶାସକ ମେଣ୍ଟର ୧୬ ଜଣ ବିଧାୟକ ଇସ୍ତଫା ଦେଇଥିବାରୁ ସରକାର ଭାଙ୍ଗିବା ସ୍ଥିତିରେ ପହଞ୍ଚିଛି। ୨ ସ୍ୱାଧୀନ ବିଧାୟକ ମଧ୍ୟ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇଛନ୍ତି।





## 'ଅର୍ଥବଳ ପ୍ରୟୋଗ କରୁଛି ଭାଜପା'

**ଅହମଦାବାଦ,୧୨।୭:** କର୍ଣ୍ଣାଟକରେ ସରକାର ଭାଙ୍ଗିବାକୁ ଭାଜପା ଅର୍ଥବଳ ପ୍ରୟୋଗ କରିବା ସହ ଭୟଭୀତ କରାଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି। ଶାସକ ମେଣ୍ଟର ୧୬ ବିଧାୟକ ଇସ୍ତଫା ଦେବା ଫଳରେ ସରକାର ଭାଙ୍ଗିବା ଆଶଙ୍କା ସୃଷ୍ଟି ହୋଇଛି। ପୂର୍ବରୁ ଗୋଆ ଏବଂ ଉତ୍ତରପୂର୍ବାଞ୍ଚଳ ରାଜ୍ୟରେ ଭାଜପା ଏଭଳି କରି କ୍ଷମତା ଦଖଲ କରିଥିଲା। ଏବେ ସେହି ସୂତ୍ରକୁ କର୍ଣ୍ଣାଟକରେ ପ୍ରୟୋଗ କରୁଛି। ସେମାନଙ୍କ ପାଖରେ ଅର୍ଥ, କ୍ଷମତା ସବୁକିଛି ରହିଛି ଏବଂ ସେମାନେ ତାହାର ଉପଯୋଗ କରୁଛନ୍ତି ବୋଲି ଅହମଦାବାଦରେ ଖବରଦାତାମାନଙ୍କୁ ରାହୁଲ କହିଛନ୍ତି। କଂଗ୍ରେସ ସତ୍ୟ ପାଇଁ ଲଢୁଛି, କାରଣ ସତ୍ୟ ହିଁ ତାଙ୍କ ଦଳକୁ ମଜଭୁତ କରିବ ବୋଲି ରାହୁଲ କହିଥିଲେ।



## ଆସ୍ଥାଭୋଟ ପୂର୍ବରୁ ଘୋଡ଼ାବେପାର ଭୟ

# ବିଧାୟକଙ୍କୁ ଜଗିଲେ ସବୁ ଦଳ

**ବେଙ୍ଗାଲୁରୁ,୧୨।୭:** କର୍ଣ୍ଣାଟକର ବିଦ୍ରୋହୀ ବିଧାୟକମାନଙ୍କ ଇସ୍ତଫା ଏବଂ ଅଯୋଗ୍ୟ ଘୋଷଣା ସମ୍ପର୍କରେ ବାଚସ୍ପତି ୧୬ ତାରିଖ ପର୍ଯ୍ୟନ୍ତ ନିଷ୍ପତ୍ତି ନେଇପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ରାୟ ଦେବା ପରେ ଜେଡିଏସ୍-କଂଗ୍ରେସ ମେଣ୍ଟ ସରକାର ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଆସ୍ଥାଭୋଟ ଲୋଡ଼ିବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ଫଳରେ ତିନି ଦଳ ପକ୍ଷରୁ ଆସ୍ଥାଭୋଟ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ରାଜନୈତିକ ଅନିଶ୍ଚିତତା ଲାଗି ରହିଥିବାବେଳେ ଘୋଡ଼ାବେପାର ଆଶଙ୍କା ଥିବାରୁ ଦଳଗୁଡିକ ସେମାନଙ୍କ ବିଧାୟକମାନଙ୍କୁ ସୁରକ୍ଷିତ ରଖିବା ଲାଗି ଯୋଜନା ଆରମ୍ଭ କରିଦେଇଛନ୍ତି। ଇତିମଧ୍ୟରେ ଭାଜପା ତା'ର ବିଧାୟକମାନଙ୍କୁ ବେଙ୍ଗାଲୁରୁ ନିକଟବର୍ତ୍ତୀ ଏକ ରିସର୍ଟକୁ ନେବା ଲାଗି ନିଷ୍ପତ୍ତି ନେଇଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଜେଡିଏସ୍ ବିଧାୟକମାନେ ମଧ୍ୟ ଏକ ରିସର୍ଟରେ ରହିଛନ୍ତି।

୨୨୪ ଆସନ ବିଶିଷ୍ଟ କର୍ଣ୍ଣାଟକ ବିଧାନସଭାରେ ମ୍ୟାଜିକ ନମ୍ବର ୧୧୩ ହୋଇଥିବାବେଳେ ଶାସକ ମେଣ୍ଟରେ କଂଗ୍ରେସର ୭୮, ଜେଡିଏସ୍ର ୩୭ ଏବଂ ବିଏସ୍ପିର ଜଣେ ବିଧାୟକଙ୍କୁ ମିଶାଇ ମୋଟ ସଂଖ୍ୟା ୧୧୬ ରହିଛି। ଅନ୍ୟପକ୍ଷରେ ଭାଜପା ପାଖରେ ୧୦୭ ବିଧାୟକ ଅଛନ୍ତି। ୧୬ ବିଧାୟକଙ୍କ ଇସ୍ତଫା ଯଦି ଗୃହୀତ ହୁଏ ତେବେ ମେଣ୍ଟର ବିଧାୟକ ସଂଖ୍ୟା ୧୦୦କୁ ହ୍ରାସ ପାଇବ। ତେବେ କୁମାରସ୍ୱାମୀ ସ୍ୱେଚ୍ଛାକୃତ ଭାବେ ଆସ୍ଥାଭୋଟ ଲୋଡିବା ପାଇଁ ନିଷ୍ପତ୍ତି ନେବା ଏବଂ ସେ ଯେତେବେଳେ ଚାହିଁବେ ସମୟ ଦିଆଯିବ ବୋଲି ବାଚସ୍ପତି କହିଥିବାରୁ ଶାସକ ମେଣ୍ଟ ବିରୋଧୀ ଦଳରୁ ବିଧାୟକ କିଣିବା ଯୋଜନାରେ ଥିବା ଭାଜପା ଆଶଙ୍କା କରିଛି। ସେଥିପାଇଁ ବିଧାୟକମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ଲାଗି ଦଳ ନିଷ୍ପତ୍ତି ନେଇଛି।



କୋଲକାତାରେ ଜଳ ସଂରକ୍ଷଣ ସଚେତନତା ରାଲିରେ ମୁଖ୍ୟମନ୍ତ୍ରୀ ବାନାର୍ଜୀ ଓ ଅନ୍ୟମାନେ ଯୋଗ ଦେଇଛନ୍ତି।

## ଟିଏମ୍ସି ବିଧାୟକଙ୍କୁ ମମତାଙ୍କ ପରାମର୍ଶ

# ଭୁଲ କରିଥିଲେ ଲୋକଙ୍କୁ କ୍ଷମା ମାଗ

**କୋଲକାତା,୧୨।୭**

ଗତ ଲୋକ ସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ(ଟିଏମ୍ସି)ର ସେଭଳି ଦମ୍ଭ ରହି ନ ଥିବାବେଳେ ଲୋକଙ୍କ ନିକଟତର ହୋଇ ସେମାନଙ୍କ ଆସ୍ଥାଭାଜନ ହେବା ଲାଗି ଦଳର ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳର ବିଧାୟକଙ୍କୁ କହିଛନ୍ତି। ଆବଶ୍ୟକ ପଡ଼ିଲେ କରିଥିବା ଭୁଲ ଲାଗି ଲୋକଙ୍କୁ କ୍ଷମା ମାଗିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପରେ ଗୁରୁବାର ଦଳୀୟ ବୈଠକରେ ମମତା ନମ୍ରତାର ସହ ଲୋକଙ୍କ ସମସ୍ୟା ବୁଝିବାକୁ ବିଧାୟକଙ୍କୁ କହିଛନ୍ତି। ୨୦୨୧ ବିଧାନସଭା ନିର୍ବାଚନ ପୂର୍ବରୁ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି ଓ ଲୋକଙ୍କ ଆସ୍ଥାଭାଜନ ହେବା ଲାଗି ପରାମର୍ଶ ଦେଇଛନ୍ତି। ବୁଥ୍ ଲେଭଲରେ ଦଳକୁ ସଜାଡ଼ିବା, ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ଲୋକଲୋଚନକୁ ଆଣିବା ସହ ତୃଣମୂଳସ୍ତରରେ ଲୋକଙ୍କ ସହ ରହିବା ଲାଗି ଦଳୀୟ ବିଧାୟକ ଓ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ପଶ୍ଚିମବଙ୍ଗରେ ଭାଜପାର ଶକ୍ତିବୃଦ୍ଧି ଟିଏମ୍ସିର ଚିନ୍ତା ବଢ଼ାଇ ଦେଇଛି।

## ଗୋଖାଦ୍ୟ ଦୁର୍ନୀତି ମାମଲା

# ଲାଲୁ ଯାଦବଙ୍କୁ ଜାମିନ

**ରାଞ୍ଚି,୧୨।୭(ପି.ଟି.)**



ଏକ ଗୋଖାଦ୍ୟ ଦୁର୍ନୀତି ମାମଲାରେ ଆର୍ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବଙ୍କୁ ଝାଡ଼ଖଣ୍ଡ ହାଇକୋର୍ଟ ଶୁକ୍ରବାର ଜାମିନ ପ୍ରଦାନ କରିଛନ୍ତି। ତେବେ ଅନ୍ୟ ଦୁଇଟି ମାମଲାରେ ତାଙ୍କୁ ଜେଲ ଦଣ୍ଡାଦେଶ ଦିଆଯାଇଥିବାରୁ ବିହାରର ଏହି ପୂର୍ବତନ ମୁଖ୍ୟମନ୍ତ୍ରୀ ଜେଲରେ ହିଁ ରହିବେ ବୋଲି ଜଣାପଡ଼ିଛି। ଦେଓଘର ଟ୍ରେଜେରିରୁ ୮୯.୨୭ ଲକ୍ଷ ଟଙ୍କା ବେଆଇନଭାବେ ଉଠାଇ ଅର୍ଥ ତୋସରପାତ କରିଥିବା ମାମଲାରେ ବିଚାରପତି ଅପରେଶ କୁମାର ସିଂ ଲାଲୁପ୍ରସାଦଙ୍କୁ ଜାମିନ ପ୍ରଦାନ କରିଥିଲେ। ଏହି ମାମଲାରେ ସେ ଏପର୍ଯ୍ୟନ୍ତ ସାଢେ ୩ ବର୍ଷ ଜେଲଦଣ୍ଡ ଭୋଗିସାରିଲେଣି। ଲାଲୁ ପ୍ରସାଦ ମୋଟ ୪ଟି ଗୋଖାଦ୍ୟ ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଦେଓଘର, ଦୁମ୍କା, ଚାଇବାସା ଓ ଡୋରାଣ୍ଡ ଟ୍ରେଜେରିରୁ ବେଆଇନଭାବେ ଅର୍ଥ ଉଠାଇ ତୋଷାରପାତ କରିଥିବା ମାମଲା ତାଙ୍କ ବିରୋଧରେ ରହିଛି। ୨୦୧୭ ଡିସେମ୍ବରରୁ ଲାଲୁ ପ୍ରସାଦ ଜେଲରେ ଅଛନ୍ତି। ଅସୁସ୍ଥ ହେବା ପରେ ତାଙ୍କୁ ଏବେ ରାଜେନ୍ଦ୍ର ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡ଼ିକାଲ ସାଇନ୍ସରେ ଚିକିତ୍ସିତ କରାଯାଉଛି।

# ଏଲ୍ଓସିରେ ପାକିସ୍ତାନର ମୋର୍ଟାର ମାଡ଼

**ଜମ୍ମୁ,୧୨।୭(ପି.ଟି.)**

ଜମ୍ମୁ-କଶ୍ମୀରର ରାଜୌରୀ ଓ ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ଶୁକ୍ରବାର ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଜୋରଦାର ମୋର୍ଟାର ମାଡ଼ କରିଛି। ଭାରତୀୟ ଯବାନମାନେ ଏହାର ଠିକଣା ଜବାବ ଦେଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ସକାଳ ପ୍ରାୟ ୮ଟା ସମୟରେ ପାକ୍ ସୈନ୍ୟ ହଠାତ ଅସ୍ତ୍ରବିରତି ଉଲ୍ଲଂଘନ କରି ପୁଞ୍ଚ୍ର ମାନକୋଟ୍, କ୍ରିଷ୍ଣା ଘାଟି ସେକ୍ଟର ଏବଂ ରାଜୌରୀର ନଓସେରା ସେକ୍ଟରରେ ପ୍ରଥମେ ଗୁଳିଚାଳନା କରିବା ପରେ ମୋର୍ଟାର ମାଡ଼ କରିଥିଲେ ବୋଲି ପ୍ରତିରକ୍ଷା ଜନସମ୍ପର୍କ ଅଧିକାରୀ କହିଛନ୍ତି। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ପାକ୍ ସେନା ମାନକୋଟ ଅଞ୍ଚଳରେ ଥିବା ଜନବସତିକୁ ମଧ୍ୟ ଟାର୍ଗେଟ କରିଥିଲା। ଫଳରେ ସେଠାରେ ବସବାସ କରୁଥିବା ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ଚଳିତ ବର୍ଷ ପାକିସ୍ତାନ ୧୨୪୮ ଥର ଅସ୍ତ୍ରବିରତି ଉଲ୍ଲଂଘନ କଲାଣି। ଏଥିରେ ୪ ଜଣଙ୍କର ମୃତ୍ୟୁ ଘଟିଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ରାଜ୍ୟ ସଭାକୁ ସୂଚନା ଦେଇଥିଲେ। ମାର୍ଚ୍ଚରେ ସର୍ବାଧିକ ୨୬୭ ଥର ଅସ୍ତ୍ରବିରତି ଉଲ୍ଲଂଘନ ହୋଇ ୩ ଜଣ ନିହତ ହୋଇଥିଲେ।

## ପାକିସ୍ତାନ କୋର୍ଟକୁ ଜଣାଇଲେ ହଫିଜ୍

# ୨୬/୧୧ ଆକ୍ରମଣରେ ସମ୍ପୃକ୍ତ ନୁହେଁ

**ଇସଲାମାବାଦ,୧୨।୭**



ଜମାତ୍-ଉଦ୍-ଦାୱା (ଜେୟୁଡି)ର ମୁଖ୍ୟ ହଫିଜ୍ ସୟିଦ ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ନୁହଁନ୍ତି ବୋଲି ଶୁକ୍ରବାର ଲାହୋର ହାଇକୋର୍ଟଙ୍କୁ ଜଣାଇଛନ୍ତି। ଆତଙ୍କବାଦୀ ସଂଗଠନକୁ ପାଣ୍ଠି ଯୋଗାଣ ନେଇ ଦାଏର ମାମଲାକୁ ହଫିଜ୍ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ହଫିଜ୍ ସମେତ ଅମିର ହମ୍ଜା, ଅବଦୁର୍ ରେହମନ ମକ୍କି, ଏମ୍. ୟାହ୍ୟା ଅଜିଜ ଏବଂ ଅନ୍ୟ ୪ ଜଣ ଲାହୋର ହାଇକୋର୍ଟରେ ପିଟିଶନ୍ ଦାଏର କରିଛନ୍ତି। ସେମାନଙ୍କ ବିରୋଧରେ ଦାଏର ଏତଲାକୁ ଖାରଜ କରିବା ଲାଗି ପିଟିଶନ୍ରେ ଅନୁରୋଧ କରାଯାଇଛି। ବେଆଇନ ଘୋଷିତ ଲଶ୍କର-ଇ-ତୋଇବା ଏବଂ ଅଲ୍-କଏଦା କିମ୍ବା ଅନ୍ୟ କୌଣସି ଆତଙ୍କବାଦୀ ସଂଗଠନ ସହ ହଫିଜ୍ର ସମ୍ପୃକ୍ତି ନ ଥିବା ପିଟିଶନ୍ରେ ଉଲ୍ଲେଖ କରାଯାଇଛି। ହଫିଜକୁ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ବୋଲି ଭାରତ ଅଭିଯୋଗ କରୁଥିବାବେଳେ ଏହା ବାସ୍ତବତା ଉପରେ ଆଧାରିତ ନୁହେଁ ବୋଲି ପିଟିଶନ୍ରେ କୁହାଯାଇଛି।

# ମହାରାଷ୍ଟ୍ର ସରକାରଙ୍କୁ ନୋଟିସ

**ନୂଆଦିଲ୍ଲୀ,୧୨।୭(ଆଇଏଏନ୍ଏସ୍)**

**ମରାଠା କୋଟା ମାମଲା**

**ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନାକଲେ**

ମରାଠାମାନଙ୍କ ପାଇଁ ସ୍ଥାନ ସଂରକ୍ଷଣ ଉପରେ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ଏହି ସମ୍ପ୍ରଦାୟ ପାଇଁ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ଦିଆଯାଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିବା ବେଳେ ଖଣ୍ଡପୀଠ ଏହା ଉପରେ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ମରାଠା କୋଟା ୨୦୧୮ ନଭେମ୍ବରରେ କାର୍ଯ୍ୟକାରୀ କରାଯାଇଥିଲା। ବମ୍ବେ ହାଇକୋର୍ଟ ଏହାକୁ କାଏମ ରଖିବା ସହ କାର୍ଯ୍ୟକାରୀ କରାଇବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ସର୍ବୋଚ୍ଚ ଅଦାଲତ ସ୍ଥାନ ସଂରକ୍ଷଣ ଉପରେ ରହିତାଦେଶ ଦେବାକୁ ମନା କରିଦେଇଥିବାରୁ ଏହା ରାଜ୍ୟ ସରକାରଙ୍କୁ ଆଶ୍ୱସ୍ତ କରିଛି। କୋଟା ସୁବିଧା ୨୦୧୮ ନଭେମ୍ବରରୁ ଜାରି ରହିବ ବୋଲି ସରକାରଙ୍କ ପକ୍ଷରୁ ମାମଲା ଲଢୁଥିବା ନିଶାନ୍ତ କଟନେଶ୍ୱରକର କହିଛନ୍ତି। ଏହି କୋଟା ଆଇନର ସାମ୍ବିଧାନିକ ବୈଧତାକୁ ବମ୍ବେ ହାଇକୋର୍ଟ କାଏମ ରଖିଥିଲେ। ତେବେ ଏହି ସ୍ଥାନ ସଂରକ୍ଷଣ କେବଳ ମରାଠାମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଏହାକୁ ୨୦୧୪ରୁ କାର୍ଯ୍ୟକାରୀ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ୧୬ ପ୍ରତିଶତ ସଂରକ୍ଷଣ ଠିକ୍ ନୁହେଁ ବୋଲି ହାଇକୋର୍ଟ କହିବା ସହିତ ରାଜ୍ୟ ପଛୁଆ ବର୍ଗ ଆୟୋଗଙ୍କ ସୁପାରିସ୍ ଅନୁଯାୟୀ ଏହାକୁ ୧୨ରୁ ୧୩ ପ୍ରତିଶତ ମଧ୍ୟରେ ସୀମିତ ରଖାଯିବା ଆବଶ୍ୟକ ବୋଲି କହିଥିଲେ। କୋଟାର ସାମ୍ବିଧାନିକ ବୈଧତା ସମ୍ପର୍କିତ ହାଇକୋର୍ଟଙ୍କ ରାୟକୁ ଜେ. ଲକ୍ଷ୍ମଣ ରାଓ ପାଟିଲ ଚ୍ୟାଲେଞ୍ଜ କରିଥିଲେ।

୨୦୧୮ ନଭେମ୍ବର ୩୦ରେ ମହାରାଷ୍ଟ୍ର ବିଧାନସଭାରେ ମରାଠାମାନଙ୍କ ଲାଗି ୧୬ ପ୍ରତିଶତ ସଂରକ୍ଷଣ ସୁବିଧା ଦେବା ଲାଗି ବିଲ୍ ଗୃହୀତ ହୋଇଥିଲା। ସମ୍ବିଧାନର ୧୦୨ତମ ସଂଶୋଧନ ଅନୁଯାୟୀ ଯଦି ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟ ରାଷ୍ଟ୍ରପତିଙ୍କ ଦ୍ୱାରା ପ୍ରସ୍ତୁତ ତାଲିକାରେ ସ୍ଥାନ ପାଇଥାଏ, ତେବେ ତାହାକୁ ସଂରକ୍ଷଣ ସୁବିଧା ଦିଆଯାଇପାରିବ।

# ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଲା ଯାତ୍ରୀବାହୀ ବିମାନ

**କାଠମାଣ୍ଡୁ,୧୨।୭(ପି.ଟି.):** ନେପାଳର ତ୍ରିଭୂବନ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଏକ ଘରୋଇ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ବିମାନଟି ଅବତରଣ କରୁଥିବାବେଳେ ରନ୍ୱେରୁ ଖସିଯିବା ଫଳରେ ଦୁଇଜଣ ଯାତ୍ରୀ ଆହତ ହୋଇଛନ୍ତି। ୟେତି ଏୟାରଲାଇନ୍ସ ବିମାନ ଏନ୍ୱାଇଟି-୪୨୨ ନେପାଳଗଞ୍ଜରୁ କାଠମାଣ୍ଡୁ ଆସୁଥିବାବେଳେ ତ୍ରିଭୁବନ ଏୟାରପୋର୍ଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ରନ୍ୱେ ଖସଡା ଥିବାରୁ ବିମାନଟି ୨୦ମିଟର ତଳକୁ ଖସିଯାଇ ନିକଟବର୍ତ୍ତୀ ଘାସପଡିଆରେ ଅଟକିଯାଇଥିଲା ବୋଲି ଜଣେ ବରିଷ୍ଠ ଅଫିସର ସୂଚନା ଦେଇଛନ୍ତି।

# 'ଅଯୋଧ୍ୟାରେ ରାମମନ୍ଦିର ଚାହାନ୍ତି ମୁସଲମାନ'

**ଲକ୍ଷ୍ନୌ,୧୨।୭(ପି.ଟି.)**



କଠୋରପନ୍ଥୀଙ୍କୁ ବାଦ୍ଦେଇ ଅନ୍ୟ ମୁସଲମାନମାନେ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ନିର୍ମାଣ ଚାହାନ୍ତି ବୋଲି ରାମ ଜନ୍ମଭୂମି ନ୍ୟାସର ସଦସ୍ୟ ରାମବିଳାସ ବେଦାନ୍ତୀ ମତ ଦେଇଛନ୍ତି। ସେ କହିଛନ୍ତି, ଏଥିଲାଗି ମୁସଲମାନ ସମ୍ପ୍ରଦାୟର ପୂରା ସମର୍ଥନ ରହିଛି। କଠୋରପନ୍ଥୀଙ୍କୁ ଛାଡ଼ି ବାକି ୮୦ ଭାଗ ମୁସଲମାନ ରାମଲାଲା ରହିଥିବା ସ୍ଥାନରେ ରାମମନ୍ଦିର ନିର୍ମାଣ ସପକ୍ଷରେ ଅଛନ୍ତି ବୋଲି ମିଡିଆକୁ ବେଦାନ୍ତୀ କହିଛନ୍ତି।

ଶିହା ୱାକଫ୍ ବୋର୍ଡର ଅଧ୍ୟକ୍ଷ ୱାସିମ୍ ରିଜ୍ଭି ଏଥିଲାଗି ରାଜି ଅଛନ୍ତି। ଅଯୋଧ୍ୟା ଜମି ବିବାଦ ମାମଲାରେ ସୁପ୍ରିମକୋର୍ଟ ମଧ୍ୟସ୍ଥଙ୍କଠାରୁ ମତାମତ ମାଗିଥିବାବେଳେ ବେଦାନ୍ତୀ ଏଭଳି ମନ୍ତବ୍ୟ ରଖିଛନ୍ତି। ବେଦାନ୍ତୀ କହିଛନ୍ତି, ମୋଗଲ ଶାସକ ବାବରଙ୍କ ନାମରେ କିଛିନାହିଁ। ଏଠାରେ ସବୁକିଛି ଭଗବାନ ରାମଙ୍କ ନାମରେ ରହିଛି। ଶାନ୍ତି, ସାମ୍ପ୍ରଦାୟିକ ସଦ୍ଭାବ ଓ ଭାଇଚାରା ଲାଗି ମୁସଲମାନମାନେ ଖୋଲାଖୋଲି ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ କଥା କହୁଛନ୍ତି। ସୁନ୍ନି ୱାକଫ୍ ବୋର୍ଡ ମାମଲା ପ୍ରତ୍ୟାହାର କରିନେବା ଉଚିତ୍। ୯୦ ଭାଗ ହିନ୍ଦୁ ରହୁଥିବା ଦେଶରେ ରାମମନ୍ଦିର ଲାଗି କୋର୍ଟରେ ସଂଘର୍ଷ କରିବାକୁ ପଡୁଛି। ରାମଲାଲା ଥିବା ସ୍ଥାନରେ କେହି ବି ମସଜିଦ ନିର୍ମାଣ କରିପାରିବେ ନାହିଁ ବୋଲି ବେଦାନ୍ତି କହିଛନ୍ତି।

## ଇତିହାସର ଆଇନାରେ

### ଜୁଲାଇ ୧୩ର ପ୍ରମୁଖ ଘଟଣା

୧୯୮୫ ଜୁଲାଇ ୧୩ରେ ଆମେରିକାର ଉପରାଷ୍ଟ୍ରପତି ଜର୍ଜ ଏଚ.ଡବ୍ଲ୍ୟୁ. ବୁଶ୍ କାର୍ଯ୍ୟକାରୀ ରାଷ୍ଟ୍ରପତି ହୋଇଥିଲେ। ଏହି ସମୟରେ ରାଷ୍ଟ୍ରପତି ରୋନାଲ୍ଡ ରେଗନ୍ ପଲିପ୍ସ ଅପରେଶନ୍ ପାଇଁ ଚିକିତ୍ସାଧୀନ ଥିଲେ। ଜର୍ଜ ହରବର୍ଟ ୱାକର ବୁଶ୍ ୧୯୮୯ରୁ ୧୯୯୩ ଆମେରିକାର ୪୧ତମ ରାଷ୍ଟ୍ରପତି ଏବଂ ୧୯୮୧ରୁ ୧୯୮୯ ୪୩ତମ ଉପରାଷ୍ଟ୍ରପତି ହୋଇଥିଲେ।

୨୦୧୧ ଜୁଲାଇ ୧୩ରେ ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବ-୧୯୯୯ ଗୃହୀତ ହୋଇଥିଲା। ଏଥିରେ ଦକ୍ଷିଣ ସୁଦାନକୁ ଜାତିସଂଘର ସଦସ୍ୟ ମାନ୍ୟତା ମିଳିଥିଲା। ଦକ୍ଷିଣ ସୁଦାନକୁ ଜାତିସଂଘର ସଦସ୍ୟଭୁକ୍ତ ରାଷ୍ଟ୍ର କରିବା ପାଇଁ ସାଧାରଣ ସଭାରେ ନିରାପତ୍ତା ପରିଷଦ ସୁପାରିସ କରିଥିଲା। ଦକ୍ଷିଣ ସୁଦାନ ରାଷ୍ଟ୍ରପତି ସାଲ୍ଭା କିର୍ଙ୍କ ଅନୁରୋଧ କ୍ରମେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଜର୍ଜିଆରେ 'କାର୍ଗିଲ ଗର୍ଲ' ଶୁଟିଂ



ଜାହ୍ନବୀ କପୁର

**ମୁମ୍ବାଇ:** ଜର୍ଜିଆରେ 'କାର୍ଗିଲ ଗର୍ଲ'ର ଶୁଟିଂ ହେବ। ଏଥିପାଇଁ ବଲିଉଡ ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଅଭିନେତା ଅଙ୍ଗଦ ବେଦୀ ପୂରା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି। ବାୟୁସେନା ବିମାନ ଚାଳକ ଗୁଞ୍ଜନ ସାକ୍ସେନାଙ୍କ ଜୀବନ କାହାଣୀକୁ ନେଇ 'କାରଗିଲ ଗର୍ଲ' ଗଢ଼ିଉଠିଛି, ଯିଏ ୧୯୯୯ରେ କାର୍ଗିଲ ଯୁଦ୍ଧବେଳେ କାର୍ଗିଲରେ ପ୍ରବେଶ କରି ଶତ୍ରୁପକ୍ଷର ସେନାକୁ ଚକ୍ମା ଦେଖାଇଥିଲେ। ଜାହ୍ନବୀ କପୁର ଏଥିରେ ସାକ୍ସେନା ଭୂମିକାରେ ଅଭିନୟ କରୁଛନ୍ତି। ଜର୍ଜିଆର ଉଚ୍ଚତମ ଅଞ୍ଚଳ କାଜ୍ବେଗି ସହରରେ ଉକ୍ତ ଫିଲ୍ମର ଶୁଟିଂ ଚାଲିବ। ବିଦେଶ ଗସ୍ତରେ ଯିବା ପୂର୍ବରୁ ଏହି କଳାକାର ଦ୍ୱୟ ଫିଟ୍ନେସ୍ ପାଇଁ କଠିନ ପରିଶ୍ରମ କରୁଛନ୍ତି। ଅଙ୍ଗଦ ବେଦୀ ଏଥିପାଇଁ ତାଲିମ ନେବାଲାଗି କୋଚ୍ ବ୍ରିନ୍ଷ୍ଟନ୍ଙ୍କ ସହାୟତା ଲୋଡିଛନ୍ତି। ଜାହ୍ନବୀ ଏବଂ ଅଙ୍ଗଦ ଚଳିତମାସ ଶେଷ ଭାଗରେ ଜର୍ଜିଆ ଗସ୍ତ କରିବେ। ଏଥିପୂର୍ବରୁ ଲକ୍ଷ୍ନୌରେ କିଛି ପ୍ରାରମ୍ଭିକ କାର୍ଯ୍ୟ କରାଯିବାର ବ୍ୟବସ୍ଥା ଅଛି।

## ସଂକ୍ଷେପରେ

### ପାଟକୁରା:ଉତ୍କଳ ପରିଡା ସଂଯୋଜକ ନିଯୁକ୍ତ

ଭୁବନେଶ୍ୱର,୧୨।୭(ବ୍ୟୁରୋ): ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡାଙ୍କୁ ବିଜେଡି ପକ୍ଷରୁ ଶୁକ୍ରବାର ପାଟକୁରା ବିଧାନସଭା ନିର୍ବାଚନ ପାଇଁ ସଂଯୋଜକଭାବେ ନିଯୁକ୍ତ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି କରାଯାଇଛି ବୋଲି ଦଳର ସାଧାରଣ ସମ୍ପାଦକ ବିଜୟ ନାୟକ ଗଣମାଧ୍ୟମକୁ ଅବଗତ କରାଇଛନ୍ତି।

### ଯୁକ୍ତ୨ ନାମଲେଖା: ଆଜି ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ

ଭୁବନେଶ୍ୱର, ୧୨।୭(ବ୍ୟୁରୋ): ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ଶନିବାର ଦ୍ୱିତୀୟ ପର୍ଯ୍ୟାୟ ମେରିଟ୍ ଲିଷ୍ଟ ବା କଟ୍ ଅଫ୍ ମାର୍କ ପ୍ରକାଶ ପାଇବ। ଏଥିରେ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ୧୫ରୁ ୧୭ ତାରିଖ ଅପରାହ୍ଣ ୫ଟା ମଧ୍ୟରେ ନାମ ଲେଖାଇପାରିବେ। ସିଟ୍ ବଳକା ରହିଲେ ୨୦ ତାରିଖରେ ସ୍ପଟ୍ ସିଲେକ୍ସନ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ। ଏହି ଛାତ୍ରୀଛାତ୍ରମାନେ ୨୫ରୁ ୨୭ ତାରିଖ ମଧ୍ୟରେ ନାମ ଲେଖାଇପାରିବେ। ୨୯ ତାରିଖରେ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ଯୁକ୍ତ୨ ପ୍ରଥମ ବର୍ଷ ନାମଲେଖା ପାଇଁ ୩ ଲକ୍ଷ ୭୫ ହଜାର ୯୫୮ ଛାତ୍ରୀଛାତ୍ର ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୩୩ ହଜାର ୫୭୩ଜଣ ଛାତ୍ରୀଛାତ୍ରଙ୍କୁ ନାମଲେଖା ପାଇଁ ମନୋନୀତ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ୨ଲକ୍ଷ ୯୮ହଜାର ୨୯୩ଜଣ ନାମ ଲେଖାଇଛନ୍ତି।




# ଧାନର ଅଭାବୀ ବିକ୍ରି: ପଦକ୍ଷେପ ନେବାକୁ ସମବାୟ ମନ୍ତ୍ରୀଙ୍କୁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୭ (ବ୍ୟୁରୋ)

ଧାନ ରଖିବା ପାଇଁ ମଣ୍ଡିରେ କୌଣସି ବ୍ୟବସ୍ଥା ନାହିଁ। ଚାଷୀଙ୍କଠାରୁ ସରକାର ଧାନ କିଣୁ ନ ଥିବାରୁ ଅବସ୍ଥା ସାଂଘାତିକ ହେଲାଣି। ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ସୋନପୁର ଆଦି ଜିଲାରେ ଧାନ ବିକ୍ରି ନ ହୋଇ ଗଜା ହୋଇଗଲାଣି। ସରକାର ତୁରନ୍ତ ଧାନ କିଣିବାକୁ ବ୍ୟବସ୍ଥା କରନ୍ତୁ ବୋଲି ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାୟକ ଦାବି କରିଛନ୍ତି।

ଶୂନ୍ୟକାଳରେ ଧାନର ଅଭାବୀ ବିକ୍ରିକୁ ନେଇ ପ୍ରଦୀପ୍ତ ଉଦ୍‌ବେଗ ପ୍ରକାଶ କରିଥିଲେ। ସେ କହିଥିଲେ ଯେ, ମିଲର ଓ ଅଫିସରମାନଙ୍କ ସହ ବିଧାୟକମାନେ ମିଶିଯାଉଥିବା ଚାଷୀ ଅଭିଯୋଗ କଲେଣି। ଆମେ ଜନପ୍ରତିନିଧି ଚାଷୀମାନଙ୍କ ସମସ୍ୟା ସମାଧାନ କରିପାରୁ ନାହୁଁ। କୁଇଣ୍ଟାଲ ପିଛା ୪ରୁ ୧୧ କେଜି ଧାନ କଟାଯାଉଛି। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ୫ ଟଙ୍କିଆ ଆହାର ଖାଇବାକୁ ଦେଇଦେଲେ ରାଜ୍ୟର ଉନ୍ନତି ହେବ ନାହିଁ। ଚାଷୀଙ୍କ ସମସ୍ୟା ବୁଝିବାକୁ ହେବ। ସେମାନଙ୍କ ଧାନ କିପରି ବିକ୍ରି ହେବ ସେ ନେଇ ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ବିରୋଧୀ ଦଳ ନେତା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ଅନୁରୋଧ କରିଥିଲେ।

ଭାଜପା ବିଧାୟକ ଜୟନାରାୟଣ ମିଶ୍ର ମଧ୍ୟ ଧାନର ଅଭାବୀ ବିକ୍ରିକୁ ନେଇ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ବର୍ଷା ଯୋଗୁ ଧାନ ବେରଙ୍ଗ ହେବା ସହିତ ଆର୍ଦ୍ରତା ବଢ଼ିଗଲାଣି। ତୁରନ୍ତ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଦେଇ ଚାଷୀଙ୍କଠାରୁ ଧାନ କିଣନ୍ତୁ। ବିଜେଡି ବିଧାୟକ ପ୍ରଫୁଲ୍ଲ ସାମଲ କହିଥିଲେ ଯେ, ଗତବର୍ଷରୁ ଧାନ ବିକିଥିବା ଭଦ୍ରକ ଜିଲାର ଚାଷୀମାନେ ଏ ପର୍ଯ୍ୟନ୍ତ ଟଙ୍କା ପାଇନାହାନ୍ତି। ସରକାର ଏ ଦିଗରେ ପଦକ୍ଷେପ ନେବା ଦରକାର। ବିରୋଧୀ ଦଳ ନେତାଙ୍କ ଉଦ୍‌ବେଗକୁ ଦେଖି ବାଚସ୍ପତି ପାତ୍ର ଏଥିପ୍ରତି ଦୃଷ୍ଟି ଦେବା ପାଇଁ ସମବାୟ ବିଭାଗ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଚିଟ୍‌ଫଣ୍ଡ କମିଶନଙ୍କ ଅନ୍ତରୀଣ ରିପୋର୍ଟ ଦାଖଲ

## ୧,୩୬,୦୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ

କଟକ ଅଫିସ, ୧୨।୭: ବହୁ କୋଟି ଟଙ୍କା ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଜଷ୍ଟିସ ଏମ୍.ଏମ୍. ଦାସ କମିଶନ ତାଙ୍କ ସପ୍ତମ ଅନ୍ତରୀଣ ରିପୋର୍ଟ ଶୁକ୍ରବାର ଗୃହ ବିଭାଗ ନିକଟରେ ଦାଖଲ କରିଛନ୍ତି। କମିଶନଙ୍କ ସଚିବ ଦେବରାଜ ରାଉତଙ୍କ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି। ସପ୍ତମ ଅନ୍ତରୀଣ ରିପୋର୍ଟରେ ୧ ଲକ୍ଷ ୩୬ହଜାର ୨୭ ଜଣ କ୍ଷୁଦ୍ର ଜମାକାରୀ ଚିହ୍ନଟ ହୋଇଛନ୍ତି। ଏଥିରେ ବେସିଲ ଇଣ୍ଟରନ୍ୟାଶନାଲ ଲିମିଟେଡ୍ କମ୍ପାନୀର ୧୯,୮୯୨ ଜଣ, କଲିକତାର ୱେର ଇଣ୍ଡଷ୍ଟ୍ରିଜର ୩୩୮୦୦, ଗ୍ରୀନରେ ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ୮୯୦୪ ଓ ରୋଜଭ୍ୟାଲି ଗ୍ରୁପ ଅଫ କମ୍ପାନୀର ୮୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ଅଦ୍ୟାବଧି ୭ଟି ପର୍ଯ୍ୟାୟ ରିପୋର୍ଟରେ କମିଶନଙ୍କ ପକ୍ଷରୁ ମୋଟ ୪ ଲକ୍ଷ ୯୭ହଜାର ୮୪୪ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଛି। ୪୨୧ଟି ଚିଟଫଣ୍ଡ କମ୍ପାନୀକୁ ଚିହ୍ନଟ କରାଯାଇଥିବାବେଳେ ୧୯୮୧ ଜଣ କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ କରାଯାଇଛି। ସରକାରଙ୍କ ପକ୍ଷରୁ ଚିଟଫଣ୍ଡ ଦୁର୍ନୀତିର ନ୍ୟାୟିକ ତଦନ୍ତ ନିମନ୍ତେ ୨୦୧୩ ଜୁଲାଇ ୯ରେ କମିଶନ ଗଠନ କରାଯାଇଥିଲା। ଫେବୃୟାରୀରେ କମିଶନଙ୍କ ପକ୍ଷରୁ ଷଷ୍ଠ ଅନ୍ତରୀଣ ରିପୋର୍ଟ ଦାଖଲ କରାଯାଇଥିଲା।


ଭାରତୀୟ ନୌସେନା ବିଭାଗ ଖୋର୍ଦ୍ଧା ଜିଲା ଚିଲିକା ଶାଖା ତାଲିମ୍ କେନ୍ଦ୍ରରେ ପ୍ରଶିକ୍ଷାର୍ଥୀ ନାବିକଙ୍କ ଦୀକ୍ଷାନ୍ତ ସମାରୋହରେ ଭାଇସ୍ ଆଡ୍‌ମିରାଲ୍ ଅତୁଲ କୁମାର ଜୈନ ଅଭିବାଦନ ଗ୍ରହଣ କରୁଛନ୍ତି।

### ନାବାଳିକା ଛାତ୍ରୀ ବଳାତ୍କାର ଘଟଣା

# ମୁଣ୍ଡରୁ ଦୋଷ ଛଡ଼ାଇଲେ ମନ୍ତ୍ରୀ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

- ଛାତ୍ରୀନିବାସ ନୁହେଁ, ପଡ଼ୋଶୀଙ୍କ ଦ୍ୱାରା ଗର୍ଭବତୀ ହୋଇଛନ୍ତି ଛାତ୍ରୀ
- ଥାନାରୁ ମାମଲା ରଫାଦଫା କରି ଦେଉଛନ୍ତି ପିପି: କଂଗ୍ରେସ

ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଏକ ସରକାରୀ ସ୍କୁଲ ଛାତ୍ରୀ ନିବାସରେ ଯେଉଁ ନାବାଳିକା ଗର୍ଭବତୀ ହୋଇଛନ୍ତି , ସେଭଳି ଘଟଣା ଛାତ୍ରୀ ନିବାସରେ ହୋଇନାହିଁ। ଛୁଟିରେ ଗାଁକୁ ଯିବା ବେଳେ ଏସବୁ ଘଟଣା ଘଟିଛି। ଏମିତି କହି ଏସସି/ଏସଟି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା ନିଜ ମୁଣ୍ଡରୁ ଦୋଷ ଖସାଇ ଦେଇଛନ୍ତି। ନାବାଳିକା ବଳାତ୍କାର ଘଟଣା ଉପରେ ଶୁକ୍ରବାର ବିଧାନସଭାରେ ବିବୃତି ଦେଇ ମନ୍ତ୍ରୀ କହିଛନ୍ତିଯେ ଖୋର୍ଦ୍ଧା ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚନା ଅନୁଯାୟୀ ଗ୍ରୀଷ୍ମଛୁଟିରେ ସମସ୍ତ ଛାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷାରୁ ୪ଜଣ ଛାତ୍ରୀ ଗର୍ଭବତୀ ଥିବା ସନ୍ଦେହ କରାଯାଇଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀମାନଙ୍କର ପୁନର୍ବାର ସ୍ୱାସ୍ଥ୍ୟ ପରୀକ୍ଷା କ୍ୟାପିଟାଲ ହସ୍ପିଟାଲରେ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ବ୍ୟତୀତ ୩ ଜଣଙ୍କ ନେଗେଟିଭ ବାହାରିଥିଲା। ଏହାପରେ ସମ୍ପୃକ୍ତ ଛାତ୍ରୀଙ୍କୁ ଆବଶ୍ୟକ କାଉନସେଲିଂ କରାଯାଇ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯାଇଥିଲା। ଏହାଛଡ଼ା ଛାତ୍ରୀଙ୍କ ଅଭିଭାବକଙ୍କୁ ଡକାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଉକ୍ତ ଘଟଣା ସମ୍ପର୍କରେ ମଧ୍ୟ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ୨୦୧୯ ଗ୍ରୀଷ୍ମଛୁଟିରେ ସମ୍ପୃକ୍ତ ଛାତ୍ରୀ ତାଙ୍କ ନିଜ ଘରକୁ ଯାଇଥିଲେ। ସେହି ସମୟରେ ଛାତ୍ରୀଙ୍କ ପଡ଼ୋଶୀ ଭାବେ ରହୁଥିବା ଜଣେ ବ୍ୟକ୍ତି ତାଙ୍କ ଘରକୁ ବାରମ୍ବାର ଯିବା ଆସିବା କରିଥିଲେ। ଏହି ସମୟରେ ଉକ୍ତ ବ୍ୟକ୍ତି ତାଙ୍କ ନିଜ ଘରେ ଛାତ୍ରୀଙ୍କ ସହ ସମ୍ପର୍କ ରଖିଥିଲେ। ୨୦୧୯ ଜୁଲାଇ ୨ ତାରିଖରେ ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି ବୋଲି ମନ୍ତ୍ରୀ କହିଛନ୍ତି।

ଅନ୍ୟ ପକ୍ଷରେ ମନ୍ତ୍ରୀ କହିଛନ୍ତି ଯେ ୨୦୧୯ ଜାନୁୟାରୀ ଏବଂ ଫେବୃୟାରୀରେ ଢେଙ୍କାନାଳ ଏବଂ ମୟୂରଭଞ୍ଜ ଜିଲାର ୨ଜଣ ଛାତ୍ରୀ ଅସଦାଚରଣର ଶିକାର ହୋଇଥିଲେ। ଏହାକୁ ପୋଲିସ ତଦନ୍ତ କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ଛାତ୍ରୀମାନେ ଛୁଟିରେ ନିଜ ଘରକୁ ଯାଇଥିବା ସମୟରେ ଏଭଳି ଅଶୋଭନୀୟ ପରିସ୍ଥିତିର ଶିକାର ହୋଇଥିଲେ। ଏସବୁ ଘଟଣା ଛାତ୍ରୀମାନେ ଛୁଟିରେ ନିଜ ଗ୍ରାମରେ ଥିବା ବେଳେ ଘଟିଛି ବୋଲି ମନ୍ତ୍ରୀ ସଫେଇ ଦେଇଛନ୍ତି। ସମସ୍ତ ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ଆଇନ ଅନୁଯାୟୀ ମାମଲା ଦାଏର କରାଯାଇଛି।

ରାଜ୍ୟରେ ଅନୁସୂଚିତ ଜାତି ଏବଂ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ସରକାରୀ ଛାତ୍ରୀନିବାସରେ ରହୁଥିବା ଆଦିବାସୀ ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି। ଖୋଦ୍ ଭୁବନେଶ୍ୱରର ଏକ ଛାତ୍ରୀନିବାସରେ ନାବାଳିକାଙ୍କୁ ବଳାତ୍କାର କରିବା ନେଇ ଚଳିତ ବିଧାନସଭାର ପ୍ରଥମ ଅଧିବେଶନରେ ବିରୋଧୀ ଦଳ ସଦସ୍ୟମାନେ ସରକାରଙ୍କୁ ଘେରିଥିଲେ। ଏହି ଘଟଣାର ତଦନ୍ତ କରିବା ସହ ଗୃହରେ ବିଭାଗୀୟ ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ବିବୃତି ଦେବା ଲାଗି ସେମାନେ ଦାବି କରିଥିଲେ। ଏହାକୁ ନେଇ କଂଗ୍ରେସ ଦଳ ସଦସ୍ୟମାନେ ବିଧାନସଭାକୁ ଅଚଳ କରିଥିଲେ। ବାଧ ହୋଇ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ବିଭାଗ ମନ୍ତ୍ରୀଙ୍କୁ ଗୃହରେ ବିବୃତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

ମନ୍ତ୍ରୀଙ୍କ ବିବୃତିକୁ ନେଇ କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟରେ ବିଭିନ୍ନ ସମୟରେ ଅନୁସୂଚୀତ ଜନଜାତି ନାବାଳିକାଙ୍କୁ ବଳାତ୍କାର କରାଯାଉଛି। ସେମାନଙ୍କୁ ଆଇନ ସହାୟତା ଯୋଗାଇ ଦିଆଯାଉ ନାହିଁ। ବହୁ ସଂଖ୍ୟାରେ ସରକାରୀ ଓକିଲ (ପିପି) ଓ ସହକାରୀ ସରକାରୀ ଓକିଲ(ଏପିପି) ପଦବୀ ଖାଲି ପଡିଛି। ରାଜ୍ୟରେ ୬/୭ ଜଣ ମହିଳା ଦୈନିକ ବଳାତ୍କାର ଶିକାର ହେଉଛନ୍ତି। ରଥ ଯାତ୍ରାରେ ୧୦ ହଜାର ପୋଲିସ ନିୟୋଜିତ ହୋଇ ମଧ୍ୟ ବସ ଭିତରେ ନାବାଳିକା ବଳାତ୍କାର ହେଲେ। ନ୍ୟାୟ ପ୍ରଦାନରେ ବିଳମ୍ବ ହେବା ଏବଂ ଦଣ୍ଡ ନ ମିଳିବାରୁ ଅଭିଯୁକ୍ତମାନେ ଆରାମରେ ବୁଲୁଛନ୍ତି। ପିପି ଓ ଏପିପି ପଦ ପୂରଣ କରିବା ପାଇଁ ନରସିଂହ ଦାବି କରିଛନ୍ତି। କଂଗ୍ରେସର ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତି ଅଭିଯୋଗ କରିଛନ୍ତି ଯେ ବିଜେଡିର ପିପି ଥାନାରେ ବସୁଛନ୍ତି। ଯାହା ମାମଲା ଥାନାକୁ ଆସୁଛି ସେଠାରେ ସେମାନେ ରଫାଦାଫା କରି ଦେଉଛନ୍ତି। ଥାନା ଅଧିକାରୀ ଓ ପିପି ଅଧା ଅଧା ବାଣ୍ଟି ନେଇ ଯାଉଛନ୍ତି । ଏହାଦ୍ୱାରା ଆଦିବାସୀ ନାବାଳିକାଙ୍କୁ ନ୍ୟାୟ ମିଳିବ କେମିତି ବୋଲି ପ୍ରଶ୍ନ କରିଥିଲେ।

## 'ଜବରଦଖଲକୁ ନେଇ ଷ୍ଟାଣ୍ଡିଂ କମିଟିର ଉଦ୍‌ବେଗ'

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ସରକାରୀ ଜମି ଜବରଦଖଲମୁକ୍ତ କରିବା ପାଇଁ ଜମି ସୁରକ୍ଷା ବଳ ମୁତୟନ ନେଇ ଚିନ୍ତା କରିବା ଉଚିତ। ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ଶୁଣାଣି ବିଭାଗୀୟ ବିଧାନସଭା ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏଭଳି ଦାବି କରାଯାଇଛି। ପୂର୍ବରୁ ଭୁବନେଶ୍ୱର ଏବଂ କଟକରେ ଥିବା ସିଙ୍ଗଲ୍ ସରକାରୀ କ୍ୱାଟର୍ସ ଗୁଡିକ ଭାଙ୍ଗି ଫ୍ଲାଟ୍ କରିବା ନେଇ କମିଟି ଦାବି କରିଛି। ପୂର୍ବରୁ ପ୍ରଚଳିତ ନିଯୁକ୍ତି ପ୍ରକ୍ରିୟା ବିଳମ୍ବ ବୋଲି ଅଭିଯୋଗ ହୋଇଛି। ତେଣୁ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ସରକାର ଷ୍ଟାପ ସିଲେକ୍ସନ କମିଶନ ନିୟମାବଳୀରେ ସଂଶୋଧନ ଆଣିବାକୁ କୁହାଯାଇଛି। ଭିଜିଲାନ୍ସ ସଂସ୍ଥା ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଭତ୍ତା ୨୦ରୁ ୨୫ ପ୍ରତିଶତ ବୃଦ୍ଧି କରାଯାଉ ବୋଲି ଷ୍ଟାଣ୍ଡି କମିଟି ଦାବି କରିଛି।

# ଟ୍ରକ ମଡ଼ାଇ ୨ ଜଣଙ୍କୁ ହତ୍ୟା

- ଥାନାରେ ଅଭିଯୋଗ କଲେ ମୃତକଙ୍କ ପରିବାର
- ପୂର୍ବ ଶତ୍ରୁତାକୁ ନେଇ ହୋଇଥିଲା ବଚସା
- ଥାନାକୁ ଯାଉଥିବା ବେଳେ ପଛରୁ ଧକ୍କା ଦେଲା ଟ୍ରକ
- ରାସ୍ତାରୁ ମୃତଦେହ ଉଦ୍ଧାର କଲା ପୋଲିସ

ଜଗନ୍ନାଥପ୍ରସାଦ,୧୨।୭(ଡି.ଏନ.ଏ.)

ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅଧୀନ ଚଢ଼େୟାପଲ୍ଲୀ ଗ୍ରାମ ମୁଖ୍ୟ ରାସ୍ତାରେ ଗୁରୁବାର ରାତିରେ ଟ୍ରକ ମଡ଼ାଇ ୨ ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକଦ୍ୱୟ ହେଲେ ଚଢ଼େୟାପଲ୍ଲୀର ରାମଚନ୍ଦ୍ର ଗୌଡ଼ ଓ କୃଷ୍ଣ ନାଇକ। ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ଶୁକ୍ରବାର ଭଞ୍ଜନଗର ଡାକ୍ତରଖାନାକୁ ପଠାଇଛି। କୃଷ୍ଣଙ୍କ ସମ୍ପର୍କୀୟ ଭାଇ ଲକ୍ଷ୍ମଣ ନାୟକଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା(ନଂ.୧୧୯/୧୯) ରୁଜୁ ହୋଇଛି। ହତ୍ୟାକାଣ୍ଡରେ ବ୍ୟବହୃତ ଟ୍ରକ (ମହାମାୟୀ,ନଂ.ଓଡି୦୭ଏନ୯୯୭୭)କୁ ଜବତ କରିବା ସହ ତା'ର ମାଲିକ ଏବଂ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି। ଭଞ୍ଜନଗର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର ଚଢ଼େୟାପଲ୍ଲୀ ଗାଁ ଓ ଦୁର୍ଘଟଣାସ୍ଥଳକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ରାମଚନ୍ଦ୍ରଙ୍କ ସହ ତାଙ୍କ ଗ୍ରାମର ଜଣେ ବ୍ୟକ୍ତି (ଟ୍ରକ ମାଲିକ)ଙ୍କ କୌଣସି କଥାକୁ ନେଇ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗୁରୁବାର ରାତି ପ୍ରାୟ ୯ଟାରେ ସମ୍ପୃକ୍ତ ବ୍ୟକ୍ତି ଓ ତାଙ୍କ ୨ ଭଣଜାଙ୍କ ସହ ଆସି ରାମଚନ୍ଦ୍ରଙ୍କ ଘର ଆଗରେ ଗାଳିଗୁଲଜ କରିଥିଲେ। ଏ ନେଇ ରାମଚନ୍ଦ୍ର ଜଗନ୍ନାଥପ୍ରସାଦ ଥାନାକୁ ଫୋନ କରି ଜଣାଇଥିଲେ। ପୋଲିସ ଆସିବାରେ ବିଳମ୍ବ ହେବାରୁ ରାମଚନ୍ଦ୍ରଙ୍କ ସହ ଅନ୍ୟ ୩ ଜଣ ୨ଟି ବାଇକ୍‌ରେ ଥାନାକୁ ଯିବା ବାହାରି ଥିଲେ। ରାମଚନ୍ଦ୍ର ଓ କୃଷ୍ଣ ଗୋଟିଏ ବାଇକରେ ଆଗରେ ଯାଉଥିବା ବେଳେ ସେମାନଙ୍କ ପଛରେ ଲକ୍ଷ୍ମଣ ଓ ତାଙ୍କ ଗ୍ରାମର ଉଲ୍ଲା ଗୌଡ଼ ଅନ୍ୟ ଏକ ବାଇକ୍‌ରେ ଯାଉଥିଲେ। ରାମଚନ୍ଦ୍ରଙ୍କ ବାଇକ ଚଢ଼େଆପଲ୍ଲୀ ଗ୍ରାମ ପାର ହେଉଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରକ ତାଙ୍କ ଗାଡ଼ିକୁ ଧକ୍କାଦେଇ ପ୍ରାୟ ୧୦୦ ମିଟର ଦୂର ଘୋଷାଡ଼ି ନେଇଥିଲା। ପଛରେ ଆସୁଥିବା ଲକ୍ଷ୍ମଣ ଓ ଉଲ୍ଲା ଏହା ଦେଖି ନିଜ ଜୀବନ ବଞ୍ଚାଇବା ପାଇଁ ବାଇକକୁ ବୁଲାଇ ଅନ୍ୟ ଏକ ଗ୍ରାମକୁ ପଳାଇ ଯାଇଥିଲେ। ପରେ ସେମାନେ ଗାଁକୁ ଆସି ଘଟଣା ସମ୍ପର୍କରେ କହିଥିଲେ। ଅନ୍ୟପଟେ ଗାଁରେ ଗଣ୍ଡଗୋଳ ଚାଲିଥିବା ଖବରପାଇ ଥାନାଧିକାରୀ ଯୁବରାଜ ସ୍ୱାଇଁ ସଦଳବଳ ଚଢ଼େୟାପଲ୍ଲୀ ଅଭିମୁଖେ ଆସୁଥିବା ବେଳେ କୁଶାପଲ୍ଲୀ ରାସ୍ତାରେ ରାମଚନ୍ଦ୍ର ଓ କୃଷ୍ଣ ଗୁରୁତର ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ଦମକଳ ବାହିନୀ ସହାୟତାରେ ପୋଲିସ ସେମାନଙ୍କୁ ଉଦ୍ଧାର କରି ଜଗନ୍ନାଥପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିଚୟ ଜଣାପଡିବା ପରେ ସେମାନଙ୍କ ପରିବାର ଲୋକେ ଡାକ୍ତରଖାନାକୁ ଆସିଥିଲେ। ଖବରପାଇ ଭଞ୍ଜନଗର ଏସ୍‌ଡିପିଓ ମିଶ୍ର ରାତିରେ ଚଢ଼େୟାପଲ୍ଲୀ ଗ୍ରାମକୁ ଯାଇ ପଚରାଉଚୁରା କରିଥିଲେ। ଜଗନ୍ନାଥପ୍ରସାଦ ଡାକ୍ତରଖାନା ପରିସରରେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ପୂର୍ବ ଶତ୍ରୁତାକୁ ନେଇ ଟ୍ରକ ମଡ଼ାଇ ରାମଚନ୍ଦ୍ର ଓ କୃଷ୍ଣଙ୍କୁ ହତ୍ୟା କରାଯାଇଛି ବୋଲି ଶୁକ୍ରବାର ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ କାହାରିକୁ ଗିରଫ କରିପାରିନି।




### ଜାତୀୟ କୃମିନାଶକ ଦିବସ ପାଇଁ ସମନ୍ୱୟ କମିଟି ବୈଠକ

## ଅଗଷ୍ଟ ୮ରେ ପିଲାଙ୍କୁ ଦିଆଯିବ କୃମିନାଶକ ଔଷଧ

**୧୯ବର୍ଷ ବୟସ ପର୍ଯ୍ୟନ୍ତ ୧କୋଟି ୪୨ଲକ୍ଷରୁ ଊର୍ଦ୍ଧ୍ୱ ପିଲା ଖାଇବେ ଔଷଧ**

ଭୁବନେଶ୍ୱର, ୧୨।୭ (ବ୍ୟୁରୋ): ମାଟିରୁ ଶରୀରକୁ କୃମି ସଂକ୍ରମଣ ହୋଇଥାଏ। ବିଶ୍ୱରେ ୨୪୧ ନିୟୁତରୁ ଅଧିକ ଶିଶୁ କୃମିଦ୍ୱାରା ଆକ୍ରାନ୍ତ ହେଉଛନ୍ତି। ଓଡ଼ିଶାରେ ପ୍ରାୟ ୩୬ ପ୍ରତିଶତ ଶିଶୁ ଏଥିରେ ପୀଡ଼ିତ। ଶିଶୁଙ୍କ ଶରୀରରୁ କୃମି ନାଶ ପାଇଁ ଅଗଷ୍ଟ ୮ କୃମିନାଶକ ଦିବସ ପାଳନ ଅବସରରେ ୧୯ବର୍ଷ ବୟସ ପର୍ଯ୍ୟନ୍ତ ରାଜ୍ୟର ମୋଟ୍ ୧କୋଟି ୪୨ଲକ୍ଷ ୯୦ହଜାର ୪୯୧ଜଣ ପିଲାଙ୍କୁ ଏକକାଳୀନ କୃମିନାଶକ ଔଷଧ ଖୁଆଯିବାର ବ୍ୟବସ୍ଥା ହୋଇଛି। ଏଥି ମଧ୍ୟରେ ୧ ରୁ ୫ବର୍ଷ ବୟସ ପର୍ଯ୍ୟନ୍ତ ୩୫ଲକ୍ଷ ୫୪ହଜାର ୨୧୮ଜଣ ଶିଶୁ ରହିଥିବାବେଳେ ୬ରୁ ୧୯ବର୍ଷ ବୟସ ପର୍ଯ୍ୟନ୍ତ ୧କୋଟି ୭ଲକ୍ଷ ୩୬ହଜାର ୨୭୩ ଜଣ ଅଛନ୍ତି। ଏଥିପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା, ମହିଳା ଓ ଶିଶୁ କଲ୍ୟାଣ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ସହାୟତାରେ ଏହି ଅଭିଯାନ କରାଯିବ। ଉକ୍ତ ଦିନ ଯେଉଁ ପିଲାମାନେ ଏହି ଔଷଧ ଖାଇ ପାରିବେ ନାହିଁ ସେମାନଙ୍କୁ ଅଗଷ୍ଟ ୧୬ ତାରିଖରେ ଔଷଧ ଖୁଆଯିବ। ଏ ନେଇ ଶୁକ୍ରବାର ସ୍ୱାସ୍ଥ୍ୟ ଓ ପରିବାର ବିଭାଗର କମିଶନର ତଥା ଶାସନ ସଚିବ ଡା. ପ୍ରମୋଦ କୁମାର ମେହେର୍ଦ୍ଧାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅଭିଯାନ ନିମନ୍ତେ ଆବଶ୍ୟକ ଔଷଧ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗୀୟ ଯୁଗ୍ମ ସଚିବ ଗୁହା ପୁନମ ତାପସ କୁମାର, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା. ଦିଲୀପ ଷଡ଼ଙ୍ଗୀ, ପରିବାର କଲ୍ୟାଣ ନିର୍ଦ୍ଦେଶକ ସରୋଜ ମହାନ୍ତିଙ୍କ ସମେତ ଅନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।



**ଆଜିର ମନ୍ତବ୍ୟ**
"ଆମେରିକା ଅହିଂସା ଆନ୍ଦୋଳନରେ ମହାତ୍ମା ଗାନ୍ଧୀ ଆଧ୍ୟାତ୍ମିକ ନେତା ଥିଲେ।
- ନାନ୍ସି ପେଲୋସି
ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସର ବାଚସ୍ପତି

**କିଛି ତଥ୍ୟ**
ଚଳିତବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ବ୍ୟାଙ୍କଗୁଡ଼ିକ ଦ୍ୱାରା ୨,୨୬,୩୬୩ କୋଟି ଟଙ୍କା ରପ୍ତାନି ଋଣ ପ୍ରଦାନ କରାଯାଇଛି।
-ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରଣାଳୟ

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ: ........................................
ଜନ୍ମ ତାରିଖ: ........................................


ଅଲିଶା
ପରିବାରବର୍ଗ


ଚିତ୍ତରଞ୍ଜନ
ପରିବାରବର୍ଗ


ଜିତ୍
ପରିବାରବର୍ଗ


ଦିବ୍ୟାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଚଣ୍ଡିଖୋଲରେ ପ୍ରସ୍ତାବିତ ଭୂତଳ ତୈଳଭଣ୍ଡାର
# ମିଳିଲା କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ

**ଯାଜପୁର ଅଫିସ, ୧୨।୭**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ ପାଦଦେଶରେ ଚଣ୍ଡିଖୋଲ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବକୁ ଗୁରୁବାର କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ପ୍ରଦାନ କରିଛି। ଦେଶରେ ଅତିରିକ୍ତ ୬.୫ ମିଲିୟନ ମେଟ୍ରିକ ଟନ୍ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ସୁବିଧା ପ୍ରତିଷ୍ଠା ପାଇଁ ଚଣ୍ଡିଖୋଲ ସମେତ କର୍ଣ୍ଣାଟକର ପାଦୁର ଭୂତଳ ତୈଳ ସଂରକ୍ଷଣ ଭଣ୍ଡାରର ପ୍ରକଳ୍ପ ପରିକଳ୍ପନା କରାଯାଇଥିଲା। ୨୦୧୭-୧୮ ବର୍ଷର ସାଧାରଣ ବଜେଟରେ ଏନେଇ ସ୍ଥାନ ପାଇଥିଲା। ଏହାପରେ ଡଙ୍କାରୀରେ କଳାପଥର ଉତ୍ତୋଳନକୁ ନେଇ ବାଦବିବାଦ ଆରମ୍ଭ ହୋଇଥିଲା। ଏହି ପ୍ରକଳ୍ପ ନିର୍ମାଣ ହେଲେ ପଥର ଖାଦାନରୁ ଆଦାୟ ହେଉଥିବା ୧୪୧୩ କୋଟି ୮୬ଲକ୍ଷ ୯୧ହଜାର ୮୩୦ ଟଙ୍କା ସରକାର ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ ହୋଇଥିଲା। ତେଣୁ ଜମି ଯୋଗାଇବା ଦେବାରେ ପ୍ରଶାସନ ପକ୍ଷରୁ ଏଯାଏ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଅନ୍ୟପକ୍ଷେ ୨୦୦୨ମସିହାରୁ ପରିବେଶଗତ ଅନୁମତି ନ ଥାଇ ବେଆଇନ ଭାବେ କୋଟି କୋଟି ଟଙ୍କାର କଳାପଥର ଉତ୍ତୋଳନ ଉପରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ରେ ମାମଲା ରୁଜୁ ହେବା ପରେ ପ୍ରଶାସନ ପକ୍ଷରୁ ସେଠାରେ ୧୪୪ ଧାରା ରୁଜୁ ହୋଇଥିଲା। ପରବର୍ତ୍ତୀ ସମୟରେ ଏନ୍‌ଜିଟି ରାଜ୍ୟ ସରକାରଙ୍କୁ ଦାୟୀ କରି ମଧ୍ୟବର୍ତ୍ତିକାଳୀନ କ୍ଷତିପୂରଣ ବାବଦକୁ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ବିରୋଧରେ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାୟର ହୋଇଛି। ଯେଉଁଥିପାଇଁ ଚଣ୍ଡିଖୋଲ ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା ପ୍ରସଙ୍ଗ ଏକ ପ୍ରକାର ଝୁଲି ରହିଛି। ଏଭଳିସ୍ଥିତିରେ କେନ୍ଦ୍ର କ୍ୟାବିନେଟ ମଞ୍ଜୁରୀ ମିଳିବା ପରେ ତୈଳ ଭଣ୍ଡାର ପ୍ରତିଷ୍ଠା ହେବା ଆଶା ପୁଣି ଉଜ୍ଜୀବିତ ହୋଇଛି।

**ବାଦବିବାଦ ମଧ୍ୟରେ ପୁଣି ସ୍ଥାପନ ଆଶା ଉଜ୍ଜୀବିତ**

ସୂଚନାଯୋଗ୍ୟ, ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀଠାରେ ଦେଶର ୪ର୍ଥ ସର୍ବବୃହତ୍ ୪୪.୪ ମିଲିୟନ ଟନ୍ କ୍ଷମତା ବିଶିଷ୍ଟ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ହେବାକୁ ପ୍ରସ୍ତାବ ରହିଥିଲା। ଏଥିପାଇଁ ପ୍ରାୟ ୫ହଜାର କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଦେଶର ଆନ୍ଧ୍ରପ୍ରଦେଶ, କେରଳ, ରାଜସ୍ଥାନ ପରେ ଓଡ଼ିଶାରେ ଏହି ପ୍ରକଳ୍ପ ପ୍ରତିଷ୍ଠା ହେଉଥିବାରୁ ସ୍ଥାନୀୟ ବେକାର ଯୁବତୀଯୁବକଙ୍କ ମଧ୍ୟରେ ନିଯୁକ୍ତି ଆଶା ସୃଷ୍ଟି ହୋଇଥିଲା। ଏହି ପ୍ରକଳ୍ପ ପ୍ରତିଷ୍ଠା ହେଲେ ପ୍ରାୟ ୫୦୦ଲୋକ ନିଯୁକ୍ତି ସୁଯୋଗ ପାଇବାର ସମ୍ଭାବନା ରହିଛି। ଡଙ୍କାରୀ ପାହାଡ଼ରେ ୪ଟି ଖାଦାନ ଜରିଆରେ ୩୯ଏକର ଜମିରୁ କଳାପଥର ଉତ୍ତୋଳନ ପାଇଁ ୨୦୧୫-୧୬ ରୁ ୨୦୧୯-୨୦ ପର୍ଯ୍ୟନ୍ତ ୫ବର୍ଷିଆ ଲିଜ୍ ଦିଆଯାଇଛି। ଏହାବାଦ ଆଖପାଖ ଅଞ୍ଚଳରେ ଅନ୍ୟ ୧୫ରୁ ଊର୍ଦ୍ଧ୍ୱ ପଥର ଖାଦାନ ରହିଛି। ଲିଜ୍‌ଧାରୀମାନେ ପରିବେଶ ଅନୁମତି, ରୟାଲଟି ଓ ଜିଲା ମିନେରାଲ ଫଣ୍ଡ ବାବଦରେ ପ୍ରାୟ ୧୪ଶହ କୋଟି ଟଙ୍କା ସରକାରଙ୍କ ପାଖରେ ଜମା କରିଛନ୍ତି। ତୈଳ ଭଣ୍ଡାର କାର୍ଯ୍ୟକାରୀ ହେଲେ ଏହିସବୁ ବନ୍ଦ ହୋଇଯିବ। ଏଭଳିସ୍ଥଳେ ପ୍ରକଳ୍ପର ସୁରକ୍ଷା ଦୃଷ୍ଟିରୁ ଡଙ୍କାରୀ, ଗୋବରସର, ନିମୁଟି, ନୂଆବରଡ଼ା ଓ ଚଢେଇଧରା ଗ୍ରାମବାସୀଙ୍କୁ ବିସ୍ଥାପିତ କରାଯାଇପାରେ। ତେବେ ପ୍ରକଳ୍ପକୁ ଅଞ୍ଚଳବାସୀ ସ୍ୱାଗତ କରୁଥିବାରୁ କ୍ୟାବିନେଟ ମଞ୍ଜୁରୀକୁ ନେଇ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

## ପୋଲିସ ଗାଡ଼ି ଦୁର୍ଘଟଣାଗ୍ରସ୍ତ
# ୧୧ ଆହତ, ୨ ଗୁରୁତର



**ଖଇରା, ୧୨।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର-କୁପାରୀ ରାସ୍ତାର ଦାନ୍ତିଆ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୧୧ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୫ଜଣ ପୋଲିସ କର୍ମଚାରୀ ଥିବା ବେଳେ ୨ଜଣ ସାଇକେଲ ଆରୋହୀ, ଅନ୍ୟ ୪ଜଣ ବରଯାତ୍ରୀ ଥିବା ଜଣାପଡିଛି। ଆହତଙ୍କ ମଧ୍ୟରେ ଖଇରା ଥାନା ଏସ୍‌ଆଇ ଶ୍ୟାମସୁନ୍ଦର ବିନ୍ଧାଣି ଓ ଗାଡି ଡ୍ରାଇଭର ଏସ.କେ. ରାଉତଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତଙ୍କୁ ଚିକିତ୍ସା ପାଇଁ ପ୍ରଥମେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ୨ ଗୁରୁତରଙ୍କୁ କଟକ ବଡ ମେଡିକାଲ ପଠାଇ ଦିଆଯାଇଛି। ଅନ୍ୟ ଆହତମାନେ ହେଲେ ବାସିପିଠା ଗ୍ରାମର ବିକାଶ ମହନ୍ତ, ଗୋବିନ୍ଦପୁର ଗ୍ରାମର କାହ୍ନୁଚରଣ ମୁଖୀ, ବବିଲତା ସିଂ, କୋଚିଆକୋଇଲିର ବରେନ୍ଦ୍ର ବାରିକ, ବାରିପଦାର ଦିପୁ ମହାନ୍ତି, ଗଲଗାଁର ରାକେଶ ମୁଖି ଏବଂ ଗୋବିନ୍ଦପୁର ଗ୍ରାମର ଚିତ୍ତରଞ୍ଜନ ମୁଖୀ।

ବୋଲେରୋରେ ଖଇରା ପୋଲିସ ଟିମ୍ ଗଣ୍ଡିବେଡରୁ ବାହୁଡା ଯାତ୍ରା ଡ୍ୟୁଟିସାରି ଫେରୁଥିବା ବେଳେ ଦାନ୍ତିଆ ଛକ ନିକଟରେ ୨ ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ବିପରୀତ ଦିଗରୁ ବରଯାତ୍ରୀ ନେଇ ଆସୁଥିବା ଏକ ବୋଲେରୋ ସହ ଧକ୍କା ହୋଇଥିଲା। ଆହତମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଖଇରା ଅଣାଯାଇଥିଲା। ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତଙ୍କ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି।

# ଆଇକନିକ୍ ଡେଷ୍ଟିନେଶନରୁ ଓଡ଼ିଶା ଗାଏବ

**ଭୁବନେଶ୍ୱର, ୧୨।୭(ବ୍ୟୁରୋ)**

କେନ୍ଦ୍ର ସରକାର ସମଗ୍ର ଦେଶରେ ୧୭ଟି ପର୍ଯ୍ୟଟନ ସ୍ଥଳକୁ ଆଇକନିକ୍ ଡେଷ୍ଟିନେଶନ ମାନ୍ୟତା ଦେଇଛନ୍ତି। ଦୁର୍ଭାଗ୍ୟର ବିଷୟ ଯେ, ୨୦୧୯-୨୦ ବଜେଟରେ ବିଶ୍ୱପ୍ରସିଦ୍ଧ ପୁରୀ ଓ କୋଣାର୍କକୁ ସ୍ଥାନ ଦିଆଯାଇ ନାହିଁ। ଏହାଛଡ଼ା ରାଜ୍ୟର କୌଣସି ସ୍ଥାନକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ ନାହିଁ। କେନ୍ଦ୍ର ସରକାରଙ୍କ ଏହି ନିଷ୍ପତ୍ତିକୁ ଶାସକ ଦଳର ସଦସ୍ୟମାନେ ଶୁକ୍ରବାର ବିଧାନସଭାରେ ବିରୋଧ କରିଛନ୍ତି। ସର୍ବସମ୍ମତି କ୍ରମେ ଏ ନେଇ ଏକ ପ୍ରସ୍ତାବ ଗୃହରେ ପାରିତକରି କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଉ ବୋଲି ସଦସ୍ୟମାନେ ଏକ ସ୍ୱରରେ କହିଛନ୍ତି।

ବିଧାନସଭାର ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିଜେଡି ସଭ୍ୟ ପ୍ରଦୀପ ମହାରଥୀ କହିଥିଲେ ଯେ, କେନ୍ଦ୍ର ସରକାର ଦେଶର ୧୭ଟି ଜାଗାକୁ ଆଇକନିକ୍ ଡେଷ୍ଟିନେଶନ ଘୋଷଣା କଲେ। ପୁରୀ ଭଳି ତୀର୍ଥକ୍ଷେତ୍ର ବିଶ୍ୱରେ ପ୍ରସିଦ୍ଧ। ତୁରନ୍ତ କେନ୍ଦ୍ର ସରକାର ପୁରୀକୁ ଆଇକନିକ୍ ଡେଷ୍ଟିନେଶନ ପରିସରଭୁକ୍ତ କରିବାକୁ ମହାରଥୀଙ୍କ ସମେତ ଅନ୍ୟ ସଦସ୍ୟମାନେ ଦୃଢ଼ ସମର୍ଥନ କରିଥିଲେ।

**ବିଧାନସଭାରେ ଉଦ୍‌ବେଗ**

କେନ୍ଦ୍ର ସରକାର କେଉଁ ପରିସ୍ଥିତିରେ ଏଭଳି ଘୋଷଣା କଲେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ପ୍ରତିବାଦ କରି କେନ୍ଦ୍ରକୁ ଚିଠି ଲେଖିଛନ୍ତି। ରାଜ୍ୟ ଅଭିବୃଦ୍ଧିରେ ପର୍ଯ୍ୟଟନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ପୁରୀ ଓ କୋଣାର୍କ ବ୍ୟତୀତ ଚିଲିକା, ଭିତରକନିକା ଭଳି ଅନେକ ପର୍ଯ୍ୟଟନ କ୍ଷେତ୍ର ରହିଛି। ଏଥିସହିତ ଓଡ଼ିଶାରେ ୬୨ ଶ୍ରେଣୀର ଆଦିବାସୀ ରହିଛନ୍ତି। ଏହା ସତ୍ତ୍ୱେ କେନ୍ଦ୍ର ବଜେଟରେ ଓଡ଼ିଶାରୁ କୌଣସି ସ୍ଥାନକୁ ଆଇକନିକ୍ ଡେଷ୍ଟିନେଶନରେ ସାମିଲ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତିକୁ ବିରୋଧକରି ସର୍ବସମ୍ମତି କ୍ରମେ ଗୃହରେ ଏକ ପ୍ରସ୍ତାବ ପାରିତ କରାଯାଉ। ଏଥିପାଇଁ ଏକ କମିଟି ମଧ୍ୟ ଗଠନ ହେଉ। କମିଟି ଏ ନେଇ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କୁ ସାକ୍ଷାତ କରିବାକୁ ଦାବି କରାଯାଇଛି।

ଅର୍ଥମନ୍ତ୍ରୀ ସୀତାରାମନ୍ ଦେଶର ୧୭ଟି ସ୍ଥାନରେ ଆଦର୍ଶ ପର୍ଯ୍ୟଟନ ସ୍ଥଳ ଚିହ୍ନଟ ହୋଇଥିବା ବିଷୟରେ ଉଲ୍ଲେଖ କରିଥିଲେ। ତେବେ କେଉଁ ପର୍ଯ୍ୟଟନ ସ୍ଥଳକୁ ଚିହ୍ନଟ କରାଯାଇଛି ସେ ବିଷୟରେ କୌଣସି ସୂଚନା ଦେଇ ନ ଥିଲେ। ହେଲେ ୨୦୧୮ ମାର୍ଚ୍ଚରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀ କେ. ଜେ. ଅଲଫନ୍ସ ଲୋକ ସଭାରେ ପର୍ଯ୍ୟଟନସ୍ଥଳ ନାମ ଘୋଷଣା କରିଥିଲେ। ସେହି ପର୍ଯ୍ୟଟନ ସ୍ଥଳଗୁଡିକ ହେଲା ଉତ୍ତରପ୍ରଦେଶର ତାଜମହଲ ଓ ଫତେପୁରସିକ୍ରି, ମହାରାଷ୍ଟ୍ରର ଅଜନ୍ତା-ଏଲୋରା ଗୁମ୍ଫା, ଦିଲୀର ହୁମାୟୁନ ଟମ୍ବ, କୁତବ ମିନାର ଏବଂ ଲାଲକିଲ୍ଲା। ଅନ୍ୟ ପର୍ଯ୍ୟଟନ ସ୍ଥଳଗୁଡିକ ହେଲା ରାଜସ୍ଥାନର ଅମ୍ବରଦୁର୍ଗ, ଗୁଜରାଟର ସୋମନାଥ ଏବଂ ଢୋଲୋଭିରା, ମଧ୍ୟପ୍ରଦେଶର ଖଜୁରାଓ, କର୍ଣ୍ଣାଟକର ହାମ୍ପି, ତାମିଲନାଡୁର ମହାବଳିପୁରମ୍, ଆସାମର କାଜିରଙ୍ଗା, କେରଳର କୁମାରାକୋମ ଏବଂ ବିହାରର ମହାବୋଧି ମନ୍ଦିର।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ ଏବଂ ଅଟକି ରହିଥିବା କାମ ତ୍ୱରାନ୍ୱିତ ହେବ। ପାରିବାରିକ, ପରିବହନ, ନିର୍ମାଣ, ଜମିଜମା ଓ ଆନୁଷ୍ଠାନିକ ଆଲୋଚନାରେ ସଫଳତା ହାସଲ କରିବେ। କର୍ମକ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ, ମାତ୍ର ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା ବଢ଼ିପାରେ। ସାଧାରଣ କଥାରେ ସ୍ୱାମୀଙ୍କ ସହ ଯୁକ୍ତିତର୍କ ହୋଇପାରେ।

**ବୃଷ**
କୌଣସି କାମ ଠିକ୍ ସମୟରେ ନ ହେବା କାରଣରୁ ମନ ଦୁଃଖ ନ କରି ଓ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଭ୍ରମଣହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମିଥୁନ**
ଦୀର୍ଘଦିନରୁ ବହୁ ପ୍ରତୀକ୍ଷିତ ଖବରଟି ଅପରାହ୍ନେ ପାଇପାରନ୍ତି। ବ୍ୟବସାୟକୁ ସଙ୍କୁଚିତ କରିନେଇ ପାରନ୍ତି। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ। ଉଚ୍ଚଶିକ୍ଷା, ସନ୍ତାନଙ୍କ ସମସ୍ୟା,ଯାନ୍ତ୍ରିକ ତ୍ରୁଟି, ଜମିଜମା କାରବାର ପ୍ରଭୃତି ବିଭିନ୍ନ ପ୍ରକାର କାମରେ ମନୋନିବେଶ କରିପାରନ୍ତି।

**କର୍କଟ**
ଦୀର୍ଘଦିନର ପ୍ରତୀକ୍ଷା ପରେ ଅପୂର୍ବ ସଫଳତାରେ ଆନନ୍ଦ ଅନୁଭବ କରିବେ। କିନ୍ତୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ଖଳଲୋକ ମାନଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ ଏବଂ ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ।

**ସିଂହ**
ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବ। ବନ୍ଧୁଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ ଦେବାକୁ ପଡ଼ିପାରେ। ପିଲାଙ୍କ ସହ ଖୁସିଗପ କରିବାର ମଉକା ଜୁଟିବ। ଦୂରଯାତ୍ରା କରିପାରନ୍ତି। ବନ୍ଧୁ ମେଳରେ ଦେବଦର୍ଶନର ସୁଯୋଗ ପାଇବେ।

**କନ୍ୟା**
ଅଟକି ରହିଯାଇଥିବା କାର୍ଯ୍ୟରେ ସଫଳତା ହାସଲ କରିବେ। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷ ସହାୟତା କରିବେ। ଶତ୍ରୁତାର ଅବସାନ ଘଟିବ। ସାଙ୍ଗଙ୍କୁ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ। ଲେଖାପଢ଼ା ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ସ୍ୱାସ୍ଥ୍ୟରେ ଉନ୍ନତି ଘଟିବା ଯୋଗୁ ମନ ଖୁସି ରହିବ।

**ତୁଳା**
ବହୁ ପୂର୍ବରୁ ସ୍ଥିରୀକୃତ କାର୍ଯ୍ୟକ୍ରମ ଅନୁଯାୟୀ ଆଜି ହଠାତ୍ ଘରେ ବନ୍ଧୁମିଳନର ଆୟୋଜନ କରିପାରନ୍ତି। ଆତ୍ମୀୟମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ଓ ଅନୁରକ୍ତି ଲାଭ କରିବେ। ବିବାଦୀୟ ଘଟଣାର ଦିଗ ହଠାତ୍ ବଦଳି ଯାଇପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ବିଛା**
ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥବାଦୀ ହୋଇପଡ଼ିବା ଫଳରେ କେତେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିସ୍ଥିତିବଶତଃ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। ଆକସ୍ମିକ ଭାବରେ ହଠାତ୍ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ।

**ଧନୁ**
ନୂତନ ଭାବେ କରିବାକୁ ଯାଉଥିବା କାମରେ ପ୍ରତିବନ୍ଧକ ଯୋଗୁ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ। ନିଜ ପାରିବାରିକ ଉନ୍ନତି ଦିଗରେ ଚେଷ୍ଟିତ ହେବେ। ଦେବଦର୍ଶନର ସୁଯୋଗ ପାଇ ଖୁସି ରହିବେ।

**ମକର**
ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ସରକାରୀ କ୍ଷେତ୍ରରୁ ଲାଭର ଆଶା କେତେକାଂଶରେ ମନକୁ ହାଲୁକା କରିଦେବ। କେତେକ ସୁଯୋଗ ହରାଇବା ସକାଶେ ବ୍ୟଥିତ ହୋଇପାରନ୍ତି। ପରିବାରରେ କଳହ ଲାଗିପାରେ। ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ସକାଳୁ ସକାଳୁ ସାଧାରଣ ଯୁକ୍ତିତର୍କକୁ କେନ୍ଦ୍ରକରି ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ। ଆଜି ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। କଥା ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଯାତ୍ରାକାଳରେ ଯାନବାହନରେ ସତର୍କତା ରକ୍ଷା କରିବା ଭଲ।

**ମୀନ**
ବନ୍ଧୁଙ୍କ ସହ ସମ୍ପର୍କକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ଅଶାନ୍ତି ସୃଷ୍ଟି ହେବ। ଅସୁସ୍ଥତା କାରଣରୁ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହେବ।

ଆଜି ରଥ ଉପରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁନାବେଶ, ଆଷାଢ଼ ଶୁକ୍ଳପକ୍ଷର ଗରୁଡ଼ ଶୟନ ଦ୍ୱାଦଶୀ ଶନିବାର, ଜୁଲାଇ ୧୩ ତାରିଖ, ରାଶିନକ୍ଷତ୍ର-ଅନୁରାଧା/ବିଛା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୧୧।୪୫ମି. ଗତେ ଘ୧।୨୬ମି. ମଧ୍ୟେ, ଘ୨।୫୮ମି. ଗତେ ଘ୪।୩୫ମି. ମଧ୍ୟେ ଅମୃତବେଳା। ଦିବା ଘ୬।୫୦ମି. ଗତେ ଘ୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୮।୩୫ମି. ଗତେ ଘ୧୦।୧୪ମି. ମଧ୍ୟେ ରାହୁକାଳ।


# classifieds
**Everyday 0674-2580101, 2549302**

**real estate**

**SALE**

ହଂସପାଳଠାରୁ 2k.m Puri Canalକୁ ଲାଗି 30' road, boundary plot ବିକ୍ରିହେବ। 9438056978. D-66711

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-13082

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାକୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs. Contact: 9937059891, 8908292617.** D-13083

Gharabari plot NH Road side at Khordha available for sharing basis. 9439778849. D-64984

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/- housing available at Chakeisiani/ Andharua. 9853289161, 8917267426.** D-66920

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

**4BHK duplex with gated community at Balianta (Land-1400 construction 2200 @ 55lakh and 2600 @ 65lakh) Contact: 9938219397, 9861022055.** D-13388

Bhubaneswar-Pitapalli ଛକଠାରେ possession/ ପାଚେରି ଥାଇ sqft. 550/- Xavier University- 250/-. 8280860015 / 7750068828. D-13342

**Ready to move 4BHK flat near Hotel Mayfair, Jaydev Vihar, price Rs.5500/- per sqft & triplex and duplex at Rangabazar near BJEM English Medium School-II. Price start Rs.45 lakhs. Call: 9040046767, 9040007267.** D-67305

1500sqft. gharabari plot in Chandrasekharpur, Bhubaneswar is for sale. 9937162220. D-66161

**2600 sqft. corner plot sale at CET College (SUM Hospital) 100 meters from 200ft road, Bhubaneswar. Contact Deepak: 9937329999.** D-66257

2BHK, 3BHK ready to move flats at Hitech Heaven near Godiapokhari Chowk, Bhubaneswar. 9437040045, 9861219987. D-13353

**4BHK ready to move duplex independent house at Khandagiri (Aiginia), Bhubaneswar (200 meters from NH-5) for immediate sale. Contact Deepak: 9937329999.** D-66258

Yellowzone gharabari plots 3.166 sqft Badagada Canal road, simplex BJEM-(2), 12,80,000/-. 7735738102. D-13382

Puri plot sale near Lokanath Temple sthitiban patta plot sqft Rs.1000/-. Contact: 9438422888. D-67308

**Commercial plot sale at IIT Bhubaneswar per sqft. 350/- Registration, boundarywall and conversion free. Installment and Bank Finance also available. Contact: 9777219533, 7008918078.** D-65666

Develop gharabari all road 30ft plot sale Bhingarpur (Balianta). 7008492511. D-13389

**LEASE**

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302

**construction**

Prabhakar construction get quality house and timely delivered. 9437025258, 9437484711. D-13006

**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech - 9040008777.** D-13391

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରୋ ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ)। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**to-let**

3BHK OMM NILOY Apartment levelcrossing Shahid Nagar office/ family. 9337555288, 7032925529. D-13322

1200 sqft fully furnished office space available at Bapuji Nagar near Federal Bank, Bhubaneswar, Contact: 7008485542 / 7008482464. D-62192

**healthcare**

Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Kajal ayurvedic massage club fully relaxed by smart lady, home service available. 9937637219. D-66922

Summer special mesmerizing offer expert therapeutic refreshing massage appointment: 9668374480. D-67307

**astrology**

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13392


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବ୍ରଜଧାମରୁ ଐଶ୍ୱର୍ଯ୍ୟଧାମ

ଶେଷ ହୋଇଛି ମହାପ୍ରଭୁଙ୍କ ନବଦିନାତ୍ମକ ଯାତ୍ରା। ବ୍ରଜଧାମ ଅର୍ଥାତ୍ ଆଡପମଣ୍ଡପରେ ଲୀଳାଖେଳା ସାରି ଦାରୁଦିଅଁ ଶୁକ୍ରବାର ଐଶ୍ୱର୍ଯ୍ୟଧାମ୍ ତଥା ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିଛନ୍ତି। ମହାପଥ ବଡ଼ଦାଣ୍ଡରେ ପ୍ରଭୁ ଜଗନ୍ନାଥଙ୍କୁ ପାଖରେ ପାଇ ଧନ୍ୟ ହୋଇଛନ୍ତି ଜଗତଜନ।


ବାହୁଡ଼ା ଯାତ୍ରା ଅବସରରେ ଶୁକ୍ରବାର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିବା ତିନିରଥ।


ଶ୍ରୀସୁଦର୍ଶନଙ୍କୁ ପହଣ୍ଡି କରି ରଥକୁ ନିଆଯାଉଛି।


ଶ୍ରୀବଳଭଦ୍ରଙ୍କ ପହଣ୍ଡି


ଦେବୀ ସୁଭଦ୍ରାଙ୍କୁ ପହଣ୍ଡିରେ ରଥ ଉପରକୁ ନିଆଯାଉଛି।


ଶ୍ରୀଜଗନ୍ନାଥଙ୍କୁ ସେବାୟତମାନେ ପହଣ୍ଡି କରି ନେଉଛନ୍ତି।


ରଥ ସମ୍ମୁଖରେ ବନାଟି ପ୍ରଦର୍ଶନ।


ରଥ ସମ୍ମୁଖରେ କଳାକାରଙ୍କ ମାହାରୀ ନୃତ୍ୟ।


ସାଧୁସନ୍ଥଙ୍କ ଦ୍ୱାରା ବିଶାଳ ଅଗରବତି ପ୍ରଜ୍ୱଳନ।


ବଳଭଦ୍ରଙ୍କ ରଥରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଛେରା ପହଁରା କରୁଛନ୍ତି।


ଶ୍ରୀମଦନମୋହନଙ୍କୁ ସେବାୟତମାନେ ରଥକୁ ନେଉଛନ୍ତି।


ରଥ ଉପରକୁ ରାମ ଓ କୃଷ୍ଣଙ୍କୁ ବିଜେ କରାଯାଉଛି।



ଇସ୍କନ ମନ୍ଦିର ଅଭିମୁଖେ ତିନି ରଥକୁ ଭକ୍ତମାନେ ଟାଣି ନେଉଛନ୍ତି।



ରାଣୀହାଟସ୍ଥିତ ରଥକୁ ମନ୍ଦିର ଅଭିମୁଖେ ଭକ୍ତମାନେ ଟାଣି ନେଉଛନ୍ତି।



ଜାଗୁଲାଇପାଟଣାରେ ରଥାରୂଢ଼ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।
-ଶ୍ରୀମା

# ବାବୁଙ୍କ ଆଇନଗତ ଲଢ଼େଇ

## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେରଳ ସରକାର ନିକଟରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜୁ ନାରାୟଣ ସ୍ୱାମୀଙ୍କୁ ଚାକିରିରୁ ବହିଷ୍କାର କରିଥିବାରୁ ଏହାକୁ ନେଇ ଆଇନଗତ ଲଢ଼େଇ ହୋଇପାରେ। ଦୁର୍ନୀତି-ବିରୋଧୀ ଧର୍ମଯୁଦ୍ଧ ପାଇଁ ଜଣାଶୁଣା ସ୍ୱାମୀ ଏହାକୁ କୋର୍ଟରେ ଚ୍ୟାଲେଞ୍ଜ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେ ଅବସର ନେବାକୁ ଆହୁରି ୧୦ ବର୍ଷ ବାକି ଅଛି। ସରକାର ତାଙ୍କୁ ବହିଷ୍କାର ସମ୍ପର୍କରେ ଆଗରୁ ନୋଟିସ୍ ଦେଇ ନ ଥିବା ସେ ଅଭିଯୋଗ କରିଛନ୍ତି। ସ୍ୱାମୀ ପୂର୍ବରୁ କେନ୍ଦ୍ର ସରକାରରେ ନାରିକେଳ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଥିଲେ। କେନ୍ଦ୍ର ସରକାର ତାଙ୍କୁ ନିଜ ରାଜ୍ୟ କ୍ୟାଡର କେରଳକୁ ପଠାଇଦେବା ବିରୋଧରେ ସେ ଆଇନଗତ ଲଢ଼େଇ ଲଢୁଥିବା ବେଳେ ରାଜ୍ୟ ସରକାର ତାଙ୍କୁ ଚାକିରିରୁ ବହିଷ୍କାର କରିଦେଇଛନ୍ତି। ରାଜ୍ୟ ହାଇକୋର୍ଟ ସ୍ୱାମୀଙ୍କୁ ନାରିକେଳ ଉନ୍ନୟନ ପରିଷଦ ଅଧ୍ୟକ୍ଷ ପଦରୁ ନିଜ ରାଜ୍ୟ କ୍ୟାଡରକୁ ପଠାଇଦେବା ବା ପ୍ରତ୍ୟାବାସନ (ରିପାଟ୍ରିଏଶନ) ଉପରେ ରହିତାଦେଶ ଜାରି କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ସ୍ୱାମୀ ଚାକିରିରୁ ପ୍ରତ୍ୟାବାସନର ତିନିମାସ ପର୍ଯ୍ୟନ୍ତ ନିଜ ରାଜ୍ୟକୁ ଫେରି ନ ଥିବା ନେଇ ରାଜ୍ୟ ସରକାର କେନ୍ଦ୍ରକୁ ଅବଗତ କରାଇଥିଲେ। ତେଣୁ ବିନା ଅନୁମତିରେ ଅନୁପସ୍ଥିତ ରହିଥିବାରୁ ଏବଂ ନାରିକେଳ ଉନ୍ନୟନ ପରିଷଦର ଅଧ୍ୟକ୍ଷ ଭାବେ କାର୍ଯ୍ୟକାଳ ପୂରିବା ପରେ ସେ କେଉଁଠି ଅଛନ୍ତି ଓ କ'ଣ କରୁଛନ୍ତି ସେ ବିଷୟରେ ସରକାରଙ୍କୁ ଜଣାଇ ନ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। କିନ୍ତୁ ଏହି ଅଭିଯୋଗକୁ ସ୍ୱାମୀ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି।

### ବାବୁଙ୍କ କେନ୍ଦ୍ରୀୟ ତାଲିମ

ମୋଦି ସରକାର ବିଭିନ୍ନ କେନ୍ଦ୍ରୀୟ ବିଭାଗରେ ସହକାରୀ ସଚିବ ଭାବେ ୧୬୯ ଜଣ ନୂତନ ଆଇଏଏସ୍ ଅଫିସରଙ୍କୁ ଜୁଲାଇରୁ ତିନିମାସ ପର୍ଯ୍ୟନ୍ତ ନିଯୁକ୍ତି ଦେଇଛନ୍ତି। ନୂତନ ଆଇଏଏସ୍ ଅଫିସରମାନଙ୍କୁ ପ୍ରଥମେ କେନ୍ଦ୍ରରେ କିଛିଦିନ ରଖି ତାଲିମ ଦେବା ଲାଗି କେନ୍ଦ୍ର ସରକାର ଗତବର୍ଷ ନେଇଥିବା ଅଭିନବ ପଦକ୍ଷେପର ଏହା ଅଂଶବିଶେଷ। ଏହି ନୂତନ ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ବାବୁମାନଙ୍କୁ କେନ୍ଦ୍ରୀୟ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ କାର୍ଯ୍ୟ କରିବାର ଅନୁଭୂତି ପ୍ରଦାନ କରିବା। ଏହି ଅଫିସରମାନେ ଲାଲ ବାହାଦୁର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀ, ମସୌରୀଠାରେ ସେମାନଙ୍କର ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଶେଷ କରିଛନ୍ତି। କେନ୍ଦ୍ରୀୟ ଡେପୁଟେଶନରେ ଉକ୍ତ ତିନିମାସିଆ ତାଲିମ ଶେଷ କରିବା ପରେ ସେମାନେ ନିଜ ରାଜ୍ୟ ସରକାରଙ୍କୁ ରିପୋର୍ଟ କରିବେ। ପୂର୍ବରୁ ନୂତନ ଅଫିସରମାନେ ସେମାନଙ୍କ କ୍ୟାଡର ରାଜ୍ୟରେ କ୍ୟାରିୟର ଆରମ୍ଭ କରୁଥିଲେ। ପ୍ରଶାସନିକ ଚାକିରିର ନିୟମ ଅନୁସାରେ ନିଜ ରାଜ୍ୟ କ୍ୟାଡରରେ ନଅବର୍ଷର ଚାକିରି ଶେଷ କରିବା ପରେ ବାବୁମାନେ କେନ୍ଦ୍ରୀୟ ଡେପୁଟେଶନ ପାଇଁ ଯୋଗ୍ୟ ବିବେଚିତ ହେଉଥିଲେ। ପ୍ରାପ୍ତ ସୂତ୍ର ଅନୁସାରେ ନୂତନ କରି ଗଢ଼ାଯାଇଥିବା ସହକାରୀ ସଚିବ ହେଉଛି ଏପରି ପଦବୀ ଯେଉଁଥିରେ ଏହି ନୂତନ ବାବୁମାନେ କେନ୍ଦ୍ରୀୟ ସଚିବାଳୟ ସେବାରେ ବରିଷ୍ଠ ଆଇଏଏସ୍ ବାବୁମାନଙ୍କ ସହ କାର୍ଯ୍ୟ କରିବା ବେଳେ ବରିଷ୍ଠ ବାବୁମାନଙ୍କର ଅହଂକାର ବ୍ୟାହତ ହେବନାହିଁ।

### ପାର୍ଶ୍ୱପ୍ରବେଶରେ ସଂରକ୍ଷଣକୁ ଉପେକ୍ଷା

ଅମଲାତନ୍ତ୍ରରେ ଘରୋଇ କ୍ଷେତ୍ରରୁ ମେଧାବୀମାନଙ୍କୁ ଆଣି ନିଯୁକ୍ତି ଦେବା ଲାଗି କେନ୍ଦ୍ର ସରକାରଙ୍କ ନୀତି ହେଉଛି ସରକାରଙ୍କ ବହୁ-ପ୍ରତ୍ୟାଶିତ ପ୍ରଶାସନିକ ସଂସ୍କାରର ଏକ ଅଂଶ। କିନ୍ତୁ ଏହାକୁ ଦଳିତ ଆଇଏଏସ୍ ଅଫିସରମାନେ ସମାଲୋଚନା କରିବାର ଦେଖାଯାଉଛି କାରଣ ସରକାର ଏଥିରେ ସଂରକ୍ଷଣ ନିୟମକୁ ମାନୁନାହାନ୍ତି। ଏହା ପୂର୍ବରୁ ଗତ ଏପ୍ରିଲମାସରେ ସରକାର ନଅଜଣ ଅଣ-ଆଇଏଏସ୍ ବ୍ୟକ୍ତିଙ୍କୁ ଯୁଗ୍ମ ସଚିବ ପଦରେ ନିଯୁକ୍ତି ଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ହେଲେ ସଂରକ୍ଷିତ ବର୍ଗର ବ୍ୟକ୍ତି ନାହାନ୍ତି। ତେବେ ଅନେକ ହିସାବନିକାଶ କରିବା ପରେ ସରକାର ଏହି ପାର୍ଶ୍ୱପ୍ରବେଶ ବ୍ୟବସ୍ଥା ଲାଗୁ କରିଛନ୍ତି। ଏବେ ଜଣାପଡୁଛି ଯେ, କେନ୍ଦ୍ର ସରକାର ଅତ୍ୟନ୍ତ ଚତୁରତାର ସହ ପାର୍ଶ୍ୱପ୍ରବେଶ କ୍ଷେତ୍ରରେ ଅନୁସୂଚିତ ଜାତି, ଅନୁସୂଚିତ ଉପଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ପ୍ରଭୃତିଙ୍କ ଲାଗି ଉଦ୍ଦିଷ୍ଟ ସଂରକ୍ଷଣ ବ୍ୟବସ୍ଥାକୁ ଏଡ଼ାଇଯାଇଛନ୍ତି। ସରକାରଙ୍କ ଯୁକ୍ତି ହେଉଛି ପାର୍ଶ୍ୱପ୍ରବେଶ ବ୍ୟବସ୍ଥାରେ ସଂରକ୍ଷଣ ନୀତି ଲାଗୁ ହୋଇପାରିବ ନାହିଁ। କାରଣ ଏଥିରେ କେବଳ ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା କରାଯାଇଛି। ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦେବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶାସନିକ ସଂସ୍କାରର ପ୍ରମୁଖ ଅଂଶବିଶେଷ। ନିଜର କ୍ଷେତ୍ରାଧିକାରକୁ ସୁରକ୍ଷିତ କରିବା ଲାଗି ବାବୁମାନେ ପାର୍ଶ୍ୱପ୍ରବେଶକୁ ବିରୋଧ କରି ଆସୁଥିବା ବେଳେ ସରକାର ତାହାକୁ ଉପେକ୍ଷା କରି ଏହାକୁ କାର୍ଯ୍ୟକାରୀ କରିଚାଲିଛନ୍ତି।

Email: dilipcherian@gmail.com

# ନାରୀ ନିର୍ଯାତନା କାହିଁକି

ଡ. ରମେଶଚନ୍ଦ୍ର ପରିଡ଼ା

ଆମ ସଂସ୍କୃତିରେ ନାରୀକୁ ସମ୍ମାନାସ୍ପଦ ସ୍ଥାନ ପ୍ରଦାନ କରାଯାଇ ଆସିଛି। ସେଇଥିପାଇଁ କୁହାଯାଏ ଯେ, ନାରୀ ଯେଉଁଠି ପୂଜାପାଏ ସେଠାରେ ଦେବତା ବିଦ୍ୟମାନ ହୁଅନ୍ତି। ତଥାପି ସେ ଶାରୀରିକ ସାମର୍ଥ୍ୟରେ ନ୍ୟୂନ ଏବଂ ଅଧିକ ଭାବପ୍ରବଣ ଓ କୋମଳମନା ହୋଇଥିବାରୁ ବାସ୍ତବ ଜୀବନର କଠୋରତାର ସମ୍ମୁଖୀନ ହେବାରେ ପୁରୁଷ ନେଇଛି ଅଗ୍ରଣୀ ଭୂମିକା। ସମ୍ଭବତଃ ଏହି କାରଣରୁ ସମାଜରେ ବଢିଆସିଛି ପୁରୁଷ ପ୍ରାଧାନ୍ୟ ଏବଂ ପରବର୍ତ୍ତୀ ଅବସ୍ଥାରେ ତହିଁରୁ ଆରମ୍ଭ ହୋଇଛି ନାରୀ ନିର୍ଯାତନା- ଦ୍ରୌପଦୀ ବା ଅହଲ୍ୟା ଯୁଗରୁ ଆଜି ପର୍ଯ୍ୟନ୍ତ ତାହା ବ୍ୟାପ୍ତ ହୋଇଚାଲିଛି ବିବିଧ ରୂପରେ। ପରିଣାମସ୍ୱରୂପ, ସମାଜକୁ କେତେ ଯେ ମୂଲ୍ୟ ଦେବାକୁ ପଡିଛି ତାହାର ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ମହାଭାରତ ଯୁଦ୍ଧ ତ ଏକ ପୌରାଣିକ କାହାଣୀ, ତେବେ ନିକଟରେ (ମେ'୨୦୧୯) ଏଥିସମ୍ପର୍କରେ ଏକ ସୁନିର୍ଦ୍ଦିଷ୍ଟ ଆକଳନ ପ୍ରସ୍ତୁତ କରିଛି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା।

ବିଶ୍ୱର ୩୫ ପ୍ରତିଶତ ନାରୀ ସେମାନଙ୍କ ଜୀବନକାଳ ମଧ୍ୟରେ ସ୍ୱାମୀ କିମ୍ବା ଅନ୍ୟ କେହି ପୁରୁଷ ଦ୍ୱାରା ଦୈହିକ ନତୁବା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି ବୋଲି ଏଥିରେ ସୂଚିତ କରାଯାଇଛି। ତେବେ, ବଡ଼ ପରିତାପର ବିଷୟ ଯେ, ତନ୍ମଧ୍ୟରୁ ପ୍ରାୟ ୬୮ ପ୍ରତିଶତ ହୋଇଥାଏ ବିବାହ ସମୟରେ ସ୍ତ୍ରୀଙ୍କୁ ସମସ୍ତ ସୁରକ୍ଷା ପ୍ରଦାନ କରିବା ଲାଗି ଅଗ୍ନିକୁ ସାକ୍ଷୀ ରଖି ପ୍ରତିଶ୍ରୁତି ଦେଇଥିବା ସ୍ୱାମୀଙ୍କ ଦ୍ୱାରା। ପୁନଶ୍ଚ ସମୁଦାୟ ନାରୀ ହତ୍ୟାର ୩୮ ଶତାଂଶ ସେହିମାନେ ହିଁ ଘଟାଇଥାନ୍ତି। ଅତଏବ ନାରୀ ନିର୍ଯାତନାର ଏକ ପ୍ରମୁଖ ଭାଗ ହେଲା ସ୍ତ୍ରୀ ନିର୍ଯାତନା। ଏପରି କି ସୁସଭ୍ୟ ବୋଲାଉଥିବା ଏବଂ ମାନବିକ ତଥା ନାରୀ ସ୍ୱାଧୀନତାର ପ୍ରବକ୍ତା ରୂପେ ଦାବି କରୁଥିବା ବିକଶିତ ପାଶ୍ଚାତ୍ୟ ରାଷ୍ଟ୍ରବର୍ଗ ମଧ୍ୟ ଏଥିରୁ ମୁକ୍ତ ନୁହନ୍ତି। ଏଠାରେ ସ୍ତ୍ରୀ ନିର୍ଯାତନା ୨୩.୨ ଶତାଂଶ ହେଲାବେଳେ ପଶ୍ଚିମ ଭୂମଧ୍ୟସାଗରୀୟ ଅଞ୍ଚଳରେ ୨୪.୬ ଶତାଂଶ ଏବଂ ପୂର୍ବ ଭୂମଧ୍ୟସାଗରୀୟ ଅଞ୍ଚଳରେ ୩୭ ଶତାଂଶ। ଆମ ଦେଶ ଏ ଦୃଷ୍ଟିରୁ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ସବୁଠୁଁ ଅଗ୍ରଣୀ, ତାହା ୩୭.୬ ଶତାଂଶ।

ଇତିମଧ୍ୟରେ ପ୍ରକାଶ ପାଇଛି ଇକ୍ୱାଲ୍ ମେଜର୍ସ-୨୦୩୦ ଦ୍ୱାରା ପ୍ରସ୍ତୁତ 'ସଷ୍ଟେନେବଲ୍ ଡେଭେଲପମେଣ୍ଟ ମୋଲସ୍-ଜେଣ୍ଡର୍ ଇଣ୍ଡେକ୍ସ' (ମେ' ୨୦୧୯)। 'ଦ ଆଫ୍ରିକାନ୍ ଓମେନ୍ସ କମ୍ୟୁନିକେଶନ୍ ଆଣ୍ଡ ଡେଭେଲପମେଣ୍ଟ', 'ମିଲ୍ ଆଣ୍ଡ ମାଲିଣ୍ଡା ଗେଟ୍ସ ଫାଉଣ୍ଡେଶନ୍', 'ଓମେନ୍ସ ହେଲ୍ଥ କୋଆଲିଶନ' ଏବଂ 'ପ୍ଲାନ ଇଣ୍ଟରନ୍ୟାଶନାଲ' ଭଳି ସ୍ୱନାମଧନ୍ୟ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡିକର ସହଯୋଗିତା ଏବଂ ସହଭାଗିତାରେ ପ୍ରତିଷ୍ଠିତ ଏହି ସଂସ୍ଥାର ଆକଳନ ଅନୁସାରେ ପୃଥିବୀରେ ଏଭଳି କୌଣସି ଦେଶ ନାହିଁ ଯେଉଁଠି କି ଲିଙ୍ଗଗତ ସମାନତା ରହିଛି। ତେବେ, ଏହି ସୂଚକାଙ୍କରେ ଶୀର୍ଷରେ ଥିବା ଦେଶଗୁଡିକ ହେଲେ ଡେନ୍‌ମାର୍କ, ଫିନ୍‌ଲ୍ୟାଣ୍ଡ, ସ୍ୱିଡେନ, ନରୱେ, ସୁଇଜରଲାଣ୍ଡ, ସ୍ଲୋଭେନିଆ, ଜର୍ମାନୀ, କାନାଡା, ଆୟର୍ଲାଣ୍ଡ, କାନାଡା ଏବଂ ସର୍ବନିମ୍ନରେ ଅଛନ୍ତି ସିରୋଲିଓନେ, ଲାଇବେରିଆ, ନାଇଜେରିଆ, ମାଲି, ମାହରିଟାନିଆ, ନାଇଗର୍, ୟେମେନ୍, କଙ୍ଗୋ, ଡି ଆର୍ କଙ୍ଗୋ ଓ ଚାଡ୍।

ଏହାର ପ୍ରସ୍ତୁତି ଲାଗି ବିଚାରକୁ ନିଆଯାଇଥିବା ୫୧ଟି ସୂଚକ ମଧ୍ୟରେ ଥିଲା 'ସଷ୍ଟେନେବ୍‌ଲ ଡେଭେଲପମେଣ୍ଟ ଗୋଲସ୍'ରେ ଥିବା ୧୪ଟି। ଉକ୍ତ ସୂଚକଗୁଡିକ ମୁଖ୍ୟତଃ ବାଳିକା ଏବଂ ନାରୀମାନଙ୍କ ସମସ୍ୟା ସମ୍ପର୍କିତ ଥିଲା। ଏଥିରେ ଗଣନା ପାଇଁ ବ୍ୟବହୃତ ପରିମାପକରେ ଥିଲା ଶୂନଠାରୁ ୧୦୦ ପର୍ଯ୍ୟନ୍ତ ଅଙ୍କ। ଆମ ଦେଶ ତହିଁରୁ ହାସଲ କରିଛି ୫୬.୨। ଅତଏବ ତାହା ଅଧ୍ୟୟନ ପରିସରଭୁକ୍ତ ହୋଇଥିବା ୧୨୯ଟି ଦେଶ ମଧ୍ୟରେ ୯୫ତମ ସ୍ଥାନ ଅଧିକାର କରି 'ଅତି ନିମ୍ନମାନର' ୪୩ଟି ଦେଶ ତାଲିକାର ଅନ୍ତର୍ଭୁକ୍ତ ହୋଇଛି। ଅନ୍ୟପକ୍ଷରେ ବିଶ୍ୱର ହାରାହାରି ହାସଲ ସଂଖ୍ୟା ହେଉଛି ୬୫.୭ (୧୦୦ରୁ), ଯାହାକି ଅତି ନିମ୍ନମାନର ବୋଲି ବିଚାର କରାଯାଏ। ଅତଏବ ସାରା ଦୁନିଆରେ ପ୍ରାୟ ୧.୪ ହଜାର ନିୟୁତ (୪୦%) ଝିଅ ଏବଂ ନାରୀ ଲିଙ୍ଗୀୟ ସମାନତାର ବହୁମାତ୍ରାରେ ତଳେ ଥିବାବେଳେ ଆହୁରି ୧.୪ ହଜାର ନିୟୁତ (ବିଲିୟନ୍) କେବଳ ଏହା ପାଖାପାଖି ଅଛନ୍ତି।

ପୁରୁଷଠାରେ ନାରୀ ନିର୍ଯାତନାକାରୀ ମନୋଭାବ ଉଦ୍ରେକ ହେବାର କିଛି କାରଣ ମଧ୍ୟ ନିର୍ଦ୍ଧାରଣ କରିଛି ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା। ଅଧିକାଂଶ ସ୍ଥଳେ ନାରୀ କମ୍ ଶିକ୍ଷିତା ବା ଶିକ୍ଷାରହିତା ହେବା ଏବଂ ତା'ର ଶାରୀରିକ ସାମର୍ଥ୍ୟର ସ୍ୱଳ୍ପତାକୁ ଏହା ଏଥିପାଇଁ ଦାୟୀ କରିଛି। ଏହା ବ୍ୟତୀତ ସାଧାରଣତଃ କନ୍ୟାମାନେ ପରିବାର ମଧ୍ୟରେ ଅବହେଳିତ ହୋଇଥାନ୍ତି ଏବଂ ଅନେକ ସ୍ଥଳେ ସେମାନେ ସେମାନଙ୍କ ମା'ମାନେ ବାପାଙ୍କ ଦ୍ୱାରା ନିର୍ଯାତିତା ହେବାର ଦେଖିଆସନ୍ତି। ଏଣୁ ପିଲାଦିନୁ ତାଙ୍କଠାରେ ହୀନମନ୍ୟତା ସୃଷ୍ଟି ହୁଏ ଏବଂ ସେମାନେ ପରବର୍ତ୍ତୀ ଜୀବନରେ ନିର୍ଯାତନାକୁ ବିନା ପ୍ରତିବାଦରେ ଗ୍ରହଣ କରିନିଅନ୍ତି, ଯାହାକି ପୁରୁଷର ଏ ମନୋଭାବକୁ ତ୍ୱରାନ୍ୱିତ କରେ। ତେବେ ଏହାର କୁପରିଣାମ ପ୍ରତିଫଳିତ ହୁଏ ସେମାନଙ୍କ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ। ଉଦାହରଣସ୍ୱରୂପ, (୧) କମ୍ ବୟସରେ ଯୌନ ନିର୍ଯାତନା ପରବର୍ତ୍ତୀ ଜୀବନରେ ତାକୁ ଧୂମପାନ, ମଦ୍ୟପାନ ତଥା ଅନ୍ୟାନ୍ୟ ନିଶାଦ୍ରବ୍ୟ ସେବନ ପ୍ରତି ଆକୃଷ୍ଟ କରେ ଏବଂ ତା'ର ସଙ୍କଟମୟ ଯୌନ ଆଚରଣର କାରଣହୁଏ। (୨) ପ୍ରାୟ ୪୨ ପ୍ରତିଶତ ନିର୍ଯାତିତା ନାରୀଙ୍କଠାରେ କୌଣସି ନା କୌଣସି ପ୍ରକାର ସ୍ଥାୟୀ କ୍ଷତ ସୃଷ୍ଟି ହୋଇଥାଏ, ଯାହାକି ଅନେକସ୍ଥଳେ ତାଙ୍କର ଶାରୀରିକ ସକ୍ରିୟତା ହ୍ରାସ କରେ। (୩) ସ୍ୱାମୀଠାରୁ ନିୟମିତ ଦୈହିକ କିମ୍ବା ଯୌନ ନିର୍ଯାତନା ଭୋଗ କରୁଥିବା ନାରୀର ଏଡ୍‌ସ ସମେତ ବିବିଧ ଯୌନବ୍ୟାଧିର ଶିକାର ହେବାର ସମ୍ଭାବନା ଦେଢ଼ଗୁଣ ଅଧିକ। (୪) ଏହା ତାଙ୍କଠାରେ ମାନସିକ ଚାପ, ଦୁଶ୍ଚିନ୍ତା, ନିଦ୍ରାହୀନତା, ଖାଦ୍ୟ ଗ୍ରହଣରେ ଅନିୟମିତତା ଏବଂ ଆତ୍ମହତ୍ୟା କରିବାର ମନୋଭାବ ସୃଷ୍ଟିକରେ। (୫) ସେମାନେ ଦୀର୍ଘସ୍ଥାୟୀ ମୁଣ୍ଡବ୍ୟଥା, ଅଣ୍ଟାରେ ଯନ୍ତ୍ରଣା, ତଳିପେଟରେ ଯନ୍ତ୍ରଣା, ଜଠରାନ୍ତ୍ରିକ ବିଶୃଙ୍ଖଳା, ଚଳତ୍‌ଶକ୍ତି ହ୍ରାସ ଏବଂ ସାମଗ୍ରିକ ଭାବେ ଅସୁସ୍ଥତା ଅନୁଭବ କରନ୍ତି। (୬) ଏହି ନାରୀମାନଙ୍କ କ୍ଷେତ୍ରରେ ଗର୍ଭପାତର ଏବଂ ଶାରୀରିକ ତଥା ମାନସିକ ରୁଗ୍ଣ ସନ୍ତାନ ଜନ୍ମଦେବାର ସମ୍ଭାବନା ପ୍ରାୟ ଦୁଇଗୁଣ ଅଧିକ।

ଏ ସମସ୍ତ ବିଚାରକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟସଂସ୍ଥା ସତର୍କବାଣୀ ଶୁଣାଇଛି ଯେ ସ୍ତ୍ରୀ ବା ନାରୀଙ୍କ ପ୍ରତି ହିଂସା ଆଚରଣ କେବଳ ତାଙ୍କର ମାନବିକ ଅଧିକାର କ୍ଷୁଣ୍ଣ କରେନା, ସେଥିସହିତ ତାହା ସୃଷ୍ଟି କରେ ଏକ ବୃହତ୍ ଜନସ୍ୱାସ୍ଥ୍ୟ ସମସ୍ୟା। ମାନବସମ୍ବଳ ତଥା ସାମାଜିକ ବ୍ୟବସ୍ଥା ଉପରେ ଏହାର ପ୍ରଭାବ ଆକଳନ କରାଗଲେ ତାହା ଅଜସ୍ର ହେବ। ଏଣୁ ଏହା ଜାତିସଂଘ ଏବଂ ଅନ୍ୟାନ୍ୟ କିଛି ମହିଳା ସ୍ୱେଚ୍ଛାସେବୀ ସଙ୍ଗଠନ ସହଯୋଗରେ 'ରେସ୍‌ପେକ୍ଟ' ନାମକ ଏକ ମାର୍ଗଦର୍ଶକାର ବିକାଶ କରିଛି ଏବଂ ନାରୀ ନିର୍ଯାତନାର ପ୍ରତିକାର ଲାଗି ସରକାରମାନଙ୍କୁ ଏହା ଅନୁସରଣ କରିବା ଲାଗି ସୂଚିତ କରିଛି।

ଉଷା ନିବାସ, ୧୨୪/୨୪୪୫,
ଖଣ୍ଡଗିରି ବିହାର, ଭୁବନେଶ୍ୱର,
ମୋ-୯୯୩୭୯୮୫୭୬୭

# ସୁନାବେଶେ ଉଭା ପ୍ରଭୁ କାଳିଆ ସାଆନ୍ତ

ଡ. କିଶୋର ମହାନ୍ତି

ଶ୍ରୀକ୍ଷେତ୍ରରେ ବାରମାସରେ ତେରପର୍ବ ଅପୂର୍ବ ଓ ଅବର୍ଣ୍ଣନୀୟ, ଯେଉଁଥିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ପ୍ରକାର ବର୍ଣ୍ଣିଳ ଭବ୍ୟ ରୂପ ଶ୍ରଦ୍ଧାଳୁମାନଙ୍କର ମନକୁ ଆକର୍ଷି ନେଇଥାଏ। ସେଇସବୁ ବେଶ ମଧ୍ୟରୁ ଅବକାଶ ବେଶ, ବଡସିଂହାର ବେଶ, ସୁନାବେଶ, ଚନ୍ଦନଲାଗି ବେଶ, ଗଜାନନ ବେଶ, ଘୋଡ଼ଲାଗି ବେଶ, ନବାଙ୍କ ବେଶ, ବନଭୋଜି ବେଶ, କାଳୀୟ ଦଳନ ବେଶ, ପ୍ରଳମ୍ବାସୁର ବଧ ବେଶ, କୃଷ୍ଣବଳରାମ ବେଶ, ରାଧାଦାମୋଦର ବେଶ, ଠିଆକିଆ ବେଶ, ଡାଳିକିଆ ବେଶ, ନାଗାର୍ଜୁନ ବେଶ, ରାଜରାଜେଶ୍ୱର ବେଶ, ବାମନ ବେଶ, ଶ୍ରାଦ୍ଧ ବେଶ, ଚାଚେରୀ ବେଶ ପ୍ରଧାନ।

ମହାପ୍ରଭୁଙ୍କ ସୁନା ବେଶ ଓ ଗଜାନନ ବେଶ ଆକର୍ଷଣୀୟ। ଶହ ଶହ ଭକ୍ତ ଏହି ଭବ୍ୟରୂପକୁ ତୃଷିତ ନୟନରେ ଦର୍ଶନ କରିଥାନ୍ତି। ମହାପ୍ରଭୁଙ୍କର ସୁନାବେଶ ପ୍ରାୟତଃ ବର୍ଷକୁ ପାଞ୍ଚ ଥର ଅନୁଷ୍ଠିତ ହୋଇଥାଏ। ଜଗନ୍ନାଥ ସଂସ୍କୃତିର ଗବେଷକଙ୍କ ମତରେ ୧୨୩୨ ଖ୍ରୀଷ୍ଟାବ୍ଦରୁ ଏହି ରୀତି ପ୍ରଚଳିତ ହୋଇଆସୁଛି। ଏହି ପାଞ୍ଚୋଟି ସୁନାବେଶରୁ କେବଳ ଆଷାଢ଼ ଶୁକ୍ଳ ଏକାଦଶୀରେ ବା ବାହୁଡ଼ା ପରଦିନ ସିଂହଦ୍ୱାର ସମ୍ମୁଖରେ ମହାର୍ହ ସୁବର୍ଣ୍ଣବେଶ ପ୍ରଚଳିତ ହୋଇଆସୁଛି। ବଡ଼ଦାଣ୍ଡରେ ରଥ ଉପରେ ଥିଲା ବେଳେ ପ୍ରଭୁଙ୍କର ଏହି ବେଶ ହୋଇଥାଏ। ବାକି ଚାରୋଟି ବେଶ ଅନ୍ୟାନ୍ୟ ଦିବସରେ ହୋଇଥାଏ, ଯଥା ମାଘ ପୂର୍ଣ୍ଣିମା, ଦଶହରା, କାର୍ତ୍ତିକ ପୂର୍ଣ୍ଣିମା ଏବଂ ପୌଷ ପୂର୍ଣ୍ଣିମା।

କୁହାଯାଇଛି ଜଗନ୍ନାଥ ଷୋଳକଳା- ସେ ଯଥାର୍ଥରେ କଳାର ଠାକୁର। ଏହି ମାଟିର କବି ଜୟଦେବକୃତ ଗୀତଗୋବିନ୍ଦର ପ୍ରାରମ୍ଭରୁ ହିଁ କବି ରାଧାମାଧବଙ୍କୁ ସ୍ମରଣ କରିଛନ୍ତି। ତାଙ୍କ ରୂପ ବର୍ଣ୍ଣନାରେ ସେ ସିଦ୍ଧହସ୍ତ। ରାଧାମାଧବଙ୍କୁ ସେ ନାୟକନାୟିକା ଭାବରେ ଆଖ୍ୟାୟିତ କରିଛନ୍ତି ତାଙ୍କ କାବ୍ୟରେ, କିନ୍ତୁ ପ୍ରେମମୟ ଠାକୁରଙ୍କର ଅନନ୍ୟ କଳା ପ୍ରୀତି ଅନ୍ୟତ୍ର ଶାସ୍ତ୍ରରେ ବର୍ଣ୍ଣିତ ହୋଇଛି-

''କିବା ଚବିଶ ଅବତାର,
କଳ୍ପିତ ବେଶେ ତୋ ପ୍ରଚାର।
ନାହିଁ ସେ ବେଶର ଉପମା,
ବାକ୍ୟେ କେ ବର୍ଣ୍ଣିବ ମହିମା।''

କଳାପ୍ରେମୀ ସେବକ ସିଂହାରୀ ପୁଷ୍ପାଳକଗଣ ମହାପ୍ରଭୁଙ୍କର ଏହି ଭବ୍ୟ ବେଶ ସମ୍ପାଦନ କରିଥାନ୍ତି। ମହାପ୍ରଭୁଙ୍କର ବେଶକର୍ମ ନିର୍ବାହ ନିମନ୍ତେ ସେବା ନିଯୋଗର 'ମେକାପ' ସଂଜ୍ଞକ ସେବକଙ୍କ ସମ୍ପୃକ୍ତି ବାସ୍ତବରେ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ।

ପ୍ରଭୁ ଶ୍ରୀମଧୁସୂଦନଙ୍କର ମଥୁରା ଯାତ୍ରା ହେଉ ଅବା ଶ୍ରୀମନ୍ଦିରରୁ ବାହାରି ରଥରେ ବସି ଶ୍ରୀଗୁଣ୍ଡିଚା ମନ୍ଦିରକୁ ବଡ଼ଦାଣ୍ଡରେ ତାଙ୍କର ନବଦିନାତ୍ମକ ଯାତ୍ରା, ସବୁରି ମୂଳରେ ନିଜର ଅନନ୍ତ ଲୀଳା ପରିପ୍ରକାଶ କରିବା ହେଉଛି ତାଙ୍କର ମୁଖ୍ୟ ଅଭିଳାଷ। ରତ୍ନ ସିଂହାସନରୁ ଓହ୍ଲାଇ ଶହ ଶହ ଭକ୍ତଙ୍କୁ ଭେଟିବାର ଦୁର୍ବାର ପ୍ରୟାସ ଇଏ। ଭକ୍ତ ତାଙ୍କର ପ୍ରାଣଧନ। ସେ ଭାବବିନୋଦିଆ ହରି, ସେମାନଙ୍କ ସହ ଭାବଗତ ସମ୍ପର୍କର ତୁଳନା ନାହିଁ- ଭକ୍ତ ତାଙ୍କ ରୂପକାନ୍ତିରେ ବିମୁଗ୍ଧ ହୋଇ ଗାଇଛି-

''ଚାଲ ସଖୀ ଆମେ ଦର୍ଶନ କରିବା
ନୀଳଗିରି କାଳିଆକୁ,
କେଉଁ ସୁରପତି ବେଶ କରିଅଛି
ଗିରିବର ତୋଳିଆକୁ...।''

ପ୍ରକୃତରେ ଭକ୍ତସମୂହ ବଡ଼ଦାଣ୍ଡରେ ତିନିରଥରେ ବିଜେ ଶ୍ରୀଜୀଉମାନଙ୍କର ସୁନାବେଶ ଦେଖି ଆତ୍ମବିଭୋର ହୋଇଉଠନ୍ତି। ତିନି ମୂର୍ତ୍ତିଙ୍କର ଅଙ୍ଗରେ ସିଂହାରୀ ଶାଢି ଖଣ୍ଡୁଆ ଲାଗି କରାଇବା ପରେ କେବଳ ଶ୍ରୀଜଗନ୍ନାଥ ଓ ବଳରାମଙ୍କର ଶ୍ରୀହସ୍ତରେ ନେତପୁଟ ପରିଧାନ କରାଇଥାନ୍ତି। ପ୍ରଭୁଙ୍କର ଅଙ୍ଗଲାଗି ନିମନ୍ତେ ସୁବର୍ଣ୍ଣ ଆଭୂଷଣ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଗଚ୍ଛିତ ହୋଇ ରହିଥାଏ। ଶ୍ରୀମନ୍ଦିରରୁ ବଡ଼ଦାଣ୍ଡକୁ ବଡ଼ ସତର୍କତା ସହିତ ସ୍ୱର୍ଣ୍ଣ ଆଭୂଷଣଗୁଡ଼ିକ ରଥ ଉପରକୁ ଅଣାଯାଇଥାଏ। ପ୍ରଭୁଙ୍କ ପାଇଁ ଆସିଥିବା ସ୍ୱର୍ଣ୍ଣ ଅଳଙ୍କାର ଶ୍ରୀପୟର, ଶ୍ରୀଭୁଜରେ ଲାଗି କରାଯାଏ। ଆହୁରି ଆଶ୍ଚର୍ଯ୍ୟ ଲାଗେ ସେହି ଅଙ୍ଗୁଳିଗୁଡ଼ିକରେ ସ୍ୱର୍ଣ୍ଣ ଅଙ୍ଗୁରୀୟ ମଧ୍ୟ ଖଞ୍ଜା ଯାଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ହସ୍ତରେ ରୌପ୍ୟ ନିର୍ମିତ ପଞ୍ଚଜନ୍ୟ ଓ ଡାହାଣ ଭୁଜରେ ସ୍ୱର୍ଣ୍ଣନିର୍ମିତ ସୁଦର୍ଶନ ଚକ୍ର ମଧ୍ୟ ଲଗାଯାଇଥାଏ। ମସ୍ତକରେ ମୁକୁଟ ପରିଧାନ ଆହୁରି ଶୋଭାବର୍ଦ୍ଧନ କରେ। ଶ୍ରୀଜଗନ୍ନାଥ ଏବଂ ବଳଦେବଙ୍କ ମୁକୁଟ ଉପରେ ମୟୂରଚୂଳ ନାମକ ସ୍ୱର୍ଣ୍ଣ ଅଳଙ୍କାର ଖଞ୍ଜା ଯାଇଥାଏ। ତାହା ଚନ୍ଦ୍ରିକା ଭାବରେ ପରିଚିତ। ମାତା ସୁଭଦ୍ରାଙ୍କ କର୍ଣ୍ଣରେ ତଡ଼କୀ ନାମକ ସ୍ୱତନ୍ତ୍ର ଅଳଙ୍କାର ଲାଗିଥାଏ। ସେମାନଙ୍କର ଦୁଇ କର୍ଣ୍ଣରେ କର୍ଣ୍ଣକୁଣ୍ଡଳ ଶୋଭା ବର୍ଦ୍ଧନରେ ବିଶେଷ ସହାୟକ ହୋଇଥାଏ। ସୁଦର୍ଶନ ସ୍ୱର୍ଣ୍ଣମୁକୁଟ ପରିଧାନ କରିଥାନ୍ତି।

ବଡ଼ କୌତୂହଳପ୍ରଦ କଥା ହେଲା, ପ୍ରଭୁ ଓଡ଼ିଆଙ୍କ ରୂପରେ ଉଭା ହୋଇଥାନ୍ତି। ପାରମ୍ପରିକ ଢଙ୍ଗରେ ଓଡ଼ିଆ ପରିବାର ଗ୍ରାମ୍ୟବଧୂ କଟିରେ ପିନ୍ଧୁଥିବା ଚନ୍ଦ୍ରହାର, ଗୋଠ, ପାହୁଡ଼, କଟିମେଖଳା ଆଦି ଠାକୁରଙ୍କୁ ବେଶ୍ ମାନୁଥାଏ। ଅନ୍ୟାନ୍ୟ ଅଳଙ୍କାର ମଧ୍ୟରେ ତାବିଜ, ହରିଡ଼ାକଦମ୍ବ ମାଳି, ବାଘନଖୀ ମାଳି, କଦମ୍ବ ମାଳି, ସେବତୀ ମାଳି ପ୍ରଭୃତି ଆଭୂଷଣରେ ସଜାଇ ଦିଆଯାଇଥାଏ। ପୁଷ୍ପନିର୍ମିତ ନାକୁଆସି, ଝୁମ୍ପା, ଅଧରଚୁମ୍ବିତ ମାଳା ବ୍ୟବହୃତ ହୋଇଥାଏ। ଏହିପରି ସକଳ ପରିପାଟୀରେ ଦାରୁବିଗ୍ରହ ଜନମନକୁ ଆକର୍ଷି ନିଅନ୍ତି । ଏହି ଅମୃତମୟ ଦୃଶ୍ୟ ଯେତିକି ମନୋମୋହକର ସେତିକି ଚିତ୍ତବିନୋଦକ। ମହାପ୍ରଭୁଙ୍କର ଏପରି ବିରଳ ବର୍ଣ୍ଣାଢ୍ୟ ଦୃଶ୍ୟ ଦେଖିବାର ସୁଯୋଗ ସମସ୍ତେ ପାଇ ପାରନ୍ତିନି। ପ୍ରଭୁଙ୍କର ଡୋରି ଲାଗିଲେ ଯାଇ ଶ୍ରୀକ୍ଷେତ୍ରରେ ରଥଯାତ୍ରା ଦେଖିହୁଏ। ଦେଖିବାର ଅପୂର୍ବ ସୁଯୋଗ ମିଳେ ପ୍ରଭୁଙ୍କର ରାଜବେଶ। ରଥ ଉପରେ ଏ ବେଶକୁ ବଡ଼ତଡ଼ାଉ ବେଶ କୁହାଯାଏ। ପ୍ରକୃତି ଓ ପୁରୁଷକୁ ଆପଣେଇ ନେଉଥିବା ଜଗତର ନାଥ ଜଗନ୍ନାଥ ଏକ ରହସ୍ୟମୟ ଦେବତା ହେଲେ ହେଁ ସେ ଯେ ସୌନ୍ଦର୍ଯ୍ୟପ୍ରିୟ, ରସିକ, ପ୍ରେମୀ ଓ ଭକ୍ତର ବନ୍ଧୁ ଏହା ତାଙ୍କର ବିଭିନ୍ନ ବେଶ ଓ ରଥଯାତ୍ରାରୁ ପ୍ରମାଣିତ ହୋଇଥାଏ।

ଇ-୫୦, ସେକ୍ଟର-୭, ସିଡିଏ, କଟକ,
ମୋ-୯୪୩୭୭୨୮୪୭୫

## ଏଇ ଭାରତରେ

ବିଲୁପ୍ତପ୍ରାୟ ପକ୍ଷୀଙ୍କ ପାଇଁ ରହିଛି ରେସ୍ତୋରାଁ। ଏ କଥା ଶୁଣିଲେ ଆଶ୍ଚର୍ଯ୍ୟ ଲାଗିବା ସ୍ୱାଭାବିକ। ଆମ ଦେଶର କାନପୁରର ଜୁଲୋଜିକାଲ ପାର୍କରେ ଖୋଲିଛି ଏହି ରେସ୍ତୋରାଁ। କେବଳ ବିଲୁପ୍ତପ୍ରାୟ ପକ୍ଷୀଙ୍କ ପାଇଁ ଖୋଲାଯାଇଛି ଏହି ନିଆରା ରେସ୍ତୋରାଁ। ଏହାଦ୍ୱାରା ୨ଟି ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଗୋଟିଏ ହେଉଛି ମୃତ ପଶୁପକ୍ଷୀଙ୍କୁ ଏଣେତେଣେ ଫୋପାଡି ପରିବେଶ ଦୂଷିତ କରିବା ପ୍ରକ୍ରିୟାକୁ ରୋକିବା ଓ ଅନ୍ୟଟି ହେଉଛି ବିଲୁପ୍ତପ୍ରାୟ ଶାଗୁଣା ଓ ଚିଲଙ୍କ ବଂଶବୃଦ୍ଧି କରିବା। ଶାଗୁଣା ଏକାଠି ହେଲେ ବସା ବାନ୍ଧିବେ। ପରେ ସେମାନଙ୍କ ବଂଶବୃଦ୍ଧି ହୋଇପାରିବ। ଏହା ହେଉଛି ଏକ ଓପନ୍ ରେସ୍ତୋରାଁ। ଚାରିପଟରେ ଗଛ। ମଝିରେ ମଝିରେ କାଠର ବାଡା ଲଗାଯାଇ ଖୋଲା ଆକାଶ ତଳେ ଏହି ରେସ୍ତୋରାଁ ତିଆରି କରାଯାଇଛି। ତେବେ ଚିଲ, ଶାଗୁଣାଙ୍କ ପରି ଅନ୍ୟ ଶିକାରି ପକ୍ଷୀଙ୍କ ଆଗମନକୁ ବାରଣ କରାଯାଇ ନାହିଁ। ମଝିରେ ମଝିରେ ଥିବା କାଠର ବାଡା ଉପରେ ଆରାମରେ ଖାଦ୍ୟ ଖାଇବା ସହ ପୋଖରୀରୁ ପାଣି ପିଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ଏଠାରେ ଥିବା ପ୍ରାଣୀ ଚିକିତ୍ସକଙ୍କ ମତରେ ପୂର୍ବରୁ ମୃତ ପଶୁପକ୍ଷୀଙ୍କୁ ଏଣେତେଣେ ପକାଯାଉଥିଲା। ବର୍ଷା ସମୟରେ ଏଥିରୁ ଦୁର୍ଗନ୍ଧ ବାହାରି ପରିବେଶ ଦୂଷିତ ହେଉଥିଲା। ଏବେ ଏହି ରେସ୍ତୋରାଁ ଖୋଲିବା ଫଳରେ ପକ୍ଷୀ ମୃତ୍ୟୁସଂଖ୍ୟା ହ୍ରାସ ପାଇଛି। ଅନ୍ୟପଟେ ବିଲୁପ୍ତପ୍ରାୟ ପକ୍ଷୀଙ୍କର ସଂରକ୍ଷଣ ବି ହୋଇପାରୁଛି।

## ଚିରନ୍ତନୀ

ଜୀବନ-ସମସ୍ୟା ଯେଣୁ ଦିନୁଁ ଦିନୁଁ ହୁଅଇ ଜଟିଳ
ଆଚାର-ବିଧାନ-ଗ୍ରନ୍ଥି ହେଉଅଛି ଅଧିକ ଶିଥିଳ।
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୩ ଜୁଲାଇ ୧୯୯୪

- ଗୁପ୍ତଚର କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ପାକିସ୍ତାନର ଜଣେ କୂଟନୀତିଜ୍ଞଙ୍କୁ ଭାରତରୁ ବହିଷ୍କାର କରାଯାଇଛି।
- ଚଳିତ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଦେଶରେ ୯୬୧ଟି ହସ୍ତତନ୍ତ ଉନ୍ନୟନ କେନ୍ଦ୍ର ଏବଂ ୧୪୫ଟି ଉନ୍ନତ ଧରଣର ସୂତା ରଙ୍ଗେଇ ୟୁନିଟ୍ ପ୍ରତିଷ୍ଠା ହେବା ନେଇ ନିଷ୍ପତ୍ତି ନିଆଯାଇଛି।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | | | 5 | A | | | | | | | 4 | | | E |
| | | | | 3 | 0 | | 4 | | | | | 6 | | |
| | 6 | 0 | | | | 7 | B | 3 | 1 | | | | | |
| | | 4 | | E | 6 | 5 | 0 | | | | B | 7 | A | D |
| | 5 | | | | | | | | 3 | A | | B | 2 | |
| | 1 | | | | E | | C | | 9 | | | 0 | | |
| | C | | D | | | 1 | 8 | 3 | 7 | | | | | |
| 4 | | 3 | | C | B | | E | | | | D | | | |
| 8 | | | | | | A | | 5 | | B | | | | 2 |
| | | | | | | D | | | | | | | 6 | |
| | | | | 9 | B | 3 | 0 | | | | 1 | | 7 | |
| 3 | | | A | | 2 | 9 | | | | | | | 0 | |
| 7 | 2 | 1 | C | D | | | | | | | | E | | |
| D | | 5 | | 7 | | 4 | | | | 9 | | | | |
| 9 | 8 | | | 1 | | B | | | | 2 | | 4 | | A |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

[illegible]

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରେଣୀ ପରୀକ୍ଷା କଡ଼ା ହେଉ

ମହାଶୟ,

ଏବେ ଗ୍ରାମାଞ୍ଚଳର ସରକାରୀ ବିଦ୍ୟାଳୟଗୁଡିକରେ ଦଶମ ଯାଏ ରୀତିମତ ପଢା ଆଦାୟ ନ ହେବା ସହ ଶ୍ରେଣୀ ପରୀକ୍ଷାଗୁଡିକ ଠିକ୍ ମାର୍ଗରେ ସମ୍ପାଦିତ ହେଉ ନ ଥିବାରୁ ପିଲାମାନେ ଶ୍ରେଣୀ ପରୀକ୍ଷାରେ ଭଲ ନମ୍ବର ରଖିଲେ ମଧ୍ୟ ମାଟ୍ରିକ୍ ପରୀକ୍ଷାରେ ଭଲ ନମ୍ବର ରଖିବାକୁ ଅସମର୍ଥ ହେଉଛନ୍ତି। କିଛି ଅର୍ଥଲୋଭୀ ଟ୍ୟୁଶନ ଶିକ୍ଷକ ବିଭିନ୍ନ ଶ୍ରେଣୀର ବୋଝେ ବୋଝେ ପିଲା ଏକତ୍ର ବସାଇ ପିଲାଙ୍କ ଜ୍ଞାନବୃଦ୍ଧି ଅପେକ୍ଷା ନିଜର ଧନବୃଦ୍ଧିରେ ବେଶି ଧ୍ୟାନ ଦେଇ ପିଲାଙ୍କୁ ଶୋଷଣ କରିଚାଲିଛନ୍ତି। ଫଳତଃ ଅଧିକାଂଶ ପିଲା ମାଟ୍ରିକ ପରୀକ୍ଷାରେ ନୈରାଶ୍ୟ ପ୍ରଦର୍ଶନ କରୁଛନ୍ତି। ଏଣୁ ମୂଳରୁ ଶ୍ରେଣୀ ପରୀକ୍ଷାକୁ କଡ଼ାକଡ଼ି ଭାବେ ସମ୍ପାଦନ କରାଯିବା ଉଚିତ। ଏହାଦ୍ୱାରା ଟ୍ୟୁଶନ କରୁଥିବା ଶିକ୍ଷକଙ୍କ ଶିକ୍ଷାଦାନଗତ ଦକ୍ଷତା, ପିଲାଙ୍କ ପ୍ରକୃତ ପ୍ରାପ୍ତାଙ୍କ ଓ ଅଗ୍ରଗତି ସାମ୍ନାକୁ ଆସିପାରନ୍ତା। ଅଭିଭାବକମାନେ ବି ସଚେତନ ହୁଅନ୍ତେ।

ରାଜକୁମାର ସାମଲ, ଅରେଇ, ଯାଜପୁର

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡ଼ିଶା ପଛୁଆ

ଏବେ ମଧ୍ୟ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ପଛୁଆ ରାଜ୍ୟ। ନୀତି ଆୟୋଗଙ୍କ ଦ୍ୱାରା ୨୦୧୭-୧୮ ବର୍ଷ ପାଇଁ ପ୍ରସ୍ତୁତ ସ୍ୱାସ୍ଥ୍ୟସୂଚୀରେ ଓଡ଼ିଶା ପୂର୍ବବର୍ଷ ସୂଚୀର ୧୮ଶ ସ୍ଥାନରୁ ୧୯ଶ ସ୍ଥାନକୁ ଖସିଆସିଛି। ଏହି ସୂଚୀର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ତାଲିକାରେ ଅଛନ୍ତି ଯଥାକ୍ରମେ କେରଳ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ର। ଚତୁର୍ଥ, ପଞ୍ଚମ ଓ ଷଷ୍ଠ ତାଲିକାରେ ଅଛନ୍ତି ଯଥାକ୍ରମେ ଗୁଜରାଟ, ପଞ୍ଜାବ ଓ ହିମାଚଳପ୍ରଦେଶ। ସୂଚୀର ଶେଷରେ ଅଛନ୍ତି ଉତ୍ତରପ୍ରଦେଶ ଓ ବିହାର। ଏହି ସୂଚୀରୁ ଓଡ଼ିଶାରେ ସ୍ୱାସ୍ଥ୍ୟସେବାରେ ଅବନତିର ସ୍ପଷ୍ଟ ପ୍ରମାଣ ମିଳୁଛି। ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀଙ୍କ ଅଭାବ ଓ ଦୁର୍ବଳ ଭିତ୍ତିଭୂମି ଏଭଳି ଦୁଃସ୍ଥିର ମୂଳକାରଣ। ଓଡ଼ିଶାର ସବୁଠାରୁ ବଡ଼ ମେଡିକାଲ ଏସ୍‌ସିବିରେ ୫୫୯ ଜଣ ବରିଷ୍ଠ ଡାକ୍ତରଙ୍କ ମଧ୍ୟରୁ ୧୭୭ଟି ପଦବୀ ଓ ୧୦୦୦ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ମଧ୍ୟରୁ ୪୮୫ ପଦବୀ ଖାଲିପଡିଛି। ରାଜ୍ୟର ସବୁ ଡାକ୍ତରଖାନାରେ ଏହିଭଳି ଡାକ୍ତର ଓ କର୍ମଚାରୀ ମରୁଡ଼ି। ଏଣୁ ସ୍ୱାସ୍ଥ୍ୟସେବାରେ ରାଜ୍ୟକୁ ଆଗେଇ ନେବା ପାଇଁ ନୂଆ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଦାୟିତ୍ୱ ଯଥେଷ୍ଟ ରହିଛି।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁନାବେଶରେ ଦର୍ଶନ ଦେଲେ ଶ୍ରୀଜୀଉ


ଠାକୁରମାନେ ସୁନାବେଶରେ ଦର୍ଶନ ଦେଉଛନ୍ତି।

- ପହଣ୍ଡିରେ ରଥକୁ ଆସି ରୁପାବେଶ ହେଲେ
- ଆଜି ବାହୁଡ଼ିବେ କାଳିଆ ସାଆନ୍ତ ଓ ଭଉଣୀ ସୁଭଦ୍ରା

ବାରିପଦା ଅଫିସ,୧୨।୭

ମୟୂରଭଞ୍ଜ ଜିଲା ବାରିପଦାଠାରେ ଶୁକ୍ରବାର ବାହୁଡା ଦଶମୀ ଅବସରରେ ମହାପ୍ରଭୁମାନେ ସକାଳେ ଆଡପମଣ୍ଡପରେ ସୁନାବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଥିଲେ। ଶ୍ରୀକ୍ଷେତ୍ର ପୁରୀରେ ଶ୍ରୀଜୀଉଙ୍କ ବାହୁଡାଯାତ୍ରା ପରେ ସୁନା ବେଶ ହେଉଥିବା ବେଳେ ବାରିପଦାରେ ଏଭଳି ନିଆରା ପରମ୍ପରା ପ୍ରଚଳିତ ହୋଇ ଆସୁଛି। ଠାକୁରମାନଙ୍କୁ ସୁନାବେଶ ବେଳେ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କଲେ ସାତଜନ୍ମର ସୁଫଳ ମିଳିଥାଏ ବୋଲି ଲୋକବିଶ୍ୱାସ ରହିଛି। ଏଣୁ ମାଉସୀ ମା' ମନ୍ଦିରରେ ସକାଳେ ସୁନାବେଶ ଦେଖିବାକୁ ଶ୍ରଦ୍ଧାଳୁଙ୍କ ନାହିଁ ନ ଥିବା ଭିଡ଼ ଜମିଥିଲା। ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିସର ଓ ବଡଦାଣ୍ଡରେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସକାଳ ୯ଟାରୁ ୧୧ଟା ପର୍ଯ୍ୟନ୍ତ ଠାକୁର ସୁନାବେଶରେ ଦର୍ଶନ ଦେବା ପରେ ମଙ୍ଗଳ ଆଳତି, ମହାସ୍ନାନ ଓ ଅବକାଶ ନୀତି କରାଯାଇ ଶ୍ରୀଜୀଉଙ୍କ ନିକଟରେ ପାଣିଆ ଖେଚୁଡ଼ିପ୍ରସାଦ ଲାଗି କରାଯାଇଥିଲା। ପରେ ଶ୍ରଦ୍ଧାଳୁମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଏଥିସହ ଠାକୁରଙ୍କୁ ପୁଷ୍ପଭେଟି ଓ ଅତର ଲାଗି ହୋଇଥିଲା। ପରମ୍ପରା ଅନୁଯାୟୀ ଠାକୁରଙ୍କ ପାଖରୁ ଆଜ୍ଞାମାଳ ଆସିବା ପରେ ଘଣ୍ଟ, ଶଙ୍ଖ, ରଣସିଂହାର, କାହାଳି ଓ ସଙ୍କୀର୍ତ୍ତନ କରାଯାଇ ମନ୍ଦିର ବେଢ଼ାକୁ ୫ ଥର ପ୍ରଦକ୍ଷିଣ କରାଯାଇଥିଲା। ଆରତି ଦର୍ଶନ ପରେ ଠାକୁରମାନଙ୍କ ବେଶ ଖୋଲା ଯାଇ ଅଁଳା ଭୋଟି ଲାଗି ଏବଂ ଚକାଛଡା କାର୍ଯ୍ୟ ଶେଷ ହୋଇଥିଲା। ପହଣ୍ଡି ବେଶ ପାଇଁ ଶ୍ରୀଜୀଉମାନେ ନାଟ ମନ୍ଦିରକୁ ବିଜେ କରିଥିଲେ। ପରେ ଗୋଟି ପହଣ୍ଡିରେ ମାଉସୀ ଘରୁ ବାହାରି ଠାକୁର ରଥାରୂଢ଼ ହୋଇଥିଲେ। ଝିପି ଝିପି ବର୍ଷାରେ ଠାକୁରମାନଙ୍କ ପହଣ୍ଡି ହୋଇଥିଲା। ରଥରେ ଶ୍ରୀଜୀଉମାନେ ଭକ୍ତମାନଙ୍କୁ ରୁପା ବେଶରେ ଦର୍ଶନ ଦେଇଥିଲେ। ମହାପ୍ରଭୁ ରଥାରୂଢ଼ ହୋଇ ରହିବା ପରେ ଏଠାରେ ଶନିବାର ଓ ରବିବାର ଦୁଇ ଦିନ ଧରି ବାହୁଡା ରଥ ଟଣାଯିବ। ଶୁକ୍ରବାର ଅପରାହ୍ଣ ୫ଟା ବେଳେ ଶ୍ରୀଜୀଉମାନଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ଘଣ୍ଟଘଣ୍ଟା ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇ ପଡ଼ିଥିଲା। ରାତି ପ୍ରାୟ ୮ଟା ବେଳେ ପହଣ୍ଡି ଶେଷ ହୋଇ ରୁପା ବେଶ ଆରମ୍ଭ ହୋଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ଠାକୁରଙ୍କ ରୁପା ବେଶ ଦର୍ଶନ କରିଥିଲେ। ପ୍ରକାଶଥାଉକି ବାରିପଦା ବାହୁଡା ରଥଯାତ୍ରାର ପ୍ରଥମ ଦିନରେ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ଟଣାଯାଇ ଶ୍ରୀମନ୍ଦିର ସମ୍ମୁଖରେ ପହଞ୍ଚାଇ ଦିଆଯାଉଥିବା ବେଳେ ଦେବୀ ସୁଭଦ୍ରାଙ୍କ ରଥ ଟଣା ହୋଇ ଅଧାବାଟରେ(ଟାଉନ ଥାନା ସମ୍ମୁଖ) ରହିଥାଏ। ଦ୍ୱିତୀୟ ଦିନ ଶ୍ରଦ୍ଧାଳୁମାନେ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣି ଶ୍ରୀମନ୍ଦିର ନିକଟରେ ପହଞ୍ଚାଇବା ପରେ ବଡଭାଇ ବଳଭଦ୍ରଙ୍କ ରଥକୁ ଟାଣିଥାନ୍ତି। ରବିବାର ସନ୍ଧ୍ୟାରେ ଲକ୍ଷ୍ମୀଭେଟ ନୀତି ସରିବା ପରେ ରାତିରେ ଠାକୁରମାନେ ପହଣ୍ଡିରେ ଶ୍ରୀମନ୍ଦିରକୁ ବିଜେ କରିବେ।

## ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

କପ୍ତିପଦା,୧୨।୭(ସ୍ୱ.ପ୍ର)–

କପ୍ତିପଦା ବ୍ଲକ୍ ଶାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ବିଶ୍ୱଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଜନସଚେତନତା କରିବା ଉଦ୍ଦେଶ୍ୟରେ ଆଶା, ଅଙ୍ଗନୱାଡ଼ି କର୍ମୀ, ମହିଳା ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ଏକ ରାଲି ଓ ସଚେତନତା ରଥକୁ କପ୍ତିପଦା ଉପଖଣ୍ଡ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡା. ଶିବାନନ୍ଦ ମହାନ୍ତି ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଆରମ୍ଭ ପ୍ଲାନ୍‌ର ଆଶୀଷ କୁମାର ମଲ୍ଲିକ୍, ଦୀପକ କୁମାର ପାଢ଼ୀ ଏବଂ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ସନତ କୁମାର ନାୟକ, ତପନ କୁମାର ବାରିକ୍, ସୌମ୍ୟସୁଶାନ୍ତ ନାୟକଙ୍କ ତତ୍ତ୍ୱାବଧାନରେ ସଚେତନତା ରଥ ଶାଳଚୁଆ ଅଞ୍ଚଳର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । ଏହି ସଭାରେ ଡ଼ା. ଶିବାନନ୍ଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପରିବାର ନିୟୋଜନରେ ଦମ୍ପତିଙ୍କର ଭୂମିକା ଓ ବିଶ୍ୱର ଭାରତର ଜନସଂଖ୍ୟାର ହାରର ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟବକ୍ତାଭାବେ ଜିଲା ଜନସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରୀ ଭରତ ଚନ୍ଦ୍ର ବେହେରା, ସମ୍ମାନନୀୟ ଅତିଥିଭାବେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଓ ଯୋଗାଯୋଗ ଅଧିକାରୀ ଯୋଗେନ୍ଦ୍ର ଦେହୁରୀ, ଅମ୍ବିକା ମହାପାତ୍ର, ଗୌରାଙ୍ଗ ବିଶ୍ୱାଳ, ଡ଼ା.ଦେବାଶିଷ ଆଚାର୍ଯ୍ୟ ଏବଂ ଡ଼ା. ଅଜୟ କୁମାର ସଲଙ୍ଗୀ, ସମିତିସଭ୍ୟ ଅଙ୍ଗଦ ବିଶ୍ୱାଳ, ଆଇସିଡ଼ିଏସ୍ ସୁପରଭାଇଜର ରୁକ୍ମଣୀ ସାହୁ ଯୋଗଦେଇଥିଲେ । ପିଏଚ୍‌ଇଓ ବୈକୁଣ୍ଠନାଥ ଧାଉଁଡ଼ିଆ ଜନସଂଖ୍ୟା ସ୍ଥିରତା ଦିବସର ଲକ୍ଷ୍ୟ, ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସୁପରଭାଇଜର ସନାତନ ମହାପାତ୍ର ପୁରୁଷ ବନ୍ଧ୍ୟାକରଣ ଉପରେ ଆଲୋଚନା କରିଥିଲେ । ଏହି ଉପଲକ୍ଷେ ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଅନୁଷ୍ଠିତ କୁଇଜ୍ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଏଲ୍.ଟି. ମନୋରଞ୍ଜନ ପୁହାଣ ଧନ୍ୟବାଦ ଅର୍ପଣ କରିଥିଲେ।

## ଏମ୍‌ପିଙ୍କୁ ରଥ ଟାଣିବାକୁ ନ ଛାଡ଼ିବା ଘଟଣା

# ରଥ କର୍ତ୍ତନ ଦାୟିତ୍ୱରୁ ହଟିଲେ କରଞ୍ଜିଆ ଏସ୍‌ଡିପିଓ

ବାରିପଦା ଅଫିସ,୧୨।୭

ବାରିପଦାରେ ଶ୍ରୀଗୁଣ୍ଡିଚା ଯାତ୍ରାର ଦ୍ୱିତୀୟ ଦିନରେ ଜଗନ୍ନାଥଙ୍କ ରଥ ଟଣା ବେଳେ ବିବାଦ ଦେଖାଦେଇଥିଲା। ରଥ ବଡଦାଣ୍ଡର କଲେଜ ଛକରେ ପହଞ୍ଚିବା ବେଳେ ଏମପି ଇଂ. ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ଜିଲା ଭାଜପା ସଭାପତି ଡା.କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଅନ୍ୟ ଭାଜପା ନେତୃବୃନ୍ଦ ରଥ ଟାଣିବା ପାଇଁ ଆସିଥିଲେ। ହେଲେ ରଥ କର୍ତ୍ତନ ଦାୟିତ୍ୱରେ ଥିବା କରଞ୍ଜିଆ ଏସଡିପିଓ ନାରାୟଣ ନାୟକ ସେମାନଙ୍କୁ ରଥ କର୍ତ୍ତନ ଭିତରକୁ ଯିବାକୁ ବାରଣ କରିଥିବା ଅଭିଯୋଗ ହୋଇଥିଲା। ଯାହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ଦେଖା ଦେଇଥିଲା। ପରେ ଏମପି ଓ ଅନ୍ୟ ଭାଜପା ନେତାମାନେ ରଥ ନ ଟାଣି ଫେରିଯାଇଥିଲେ। ସେହିପରି ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ପୋଲିସ ଅଧିକାରୀଙ୍କ ଏତାଦୃଶ କାର୍ଯ୍ୟକୁ ଭାଜପା ସମେତ ବିଜେଡି ଓ କଂଗ୍ରେସ ପକ୍ଷରୁ ସମାଲୋଚନା କରାଯାଇଥିଲା। ଏସଡିପିଓ ନାୟକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହିତ ତାଙ୍କୁ ବାହୁଡା ଯାତ୍ରାରେ ରଥ ଦାୟିତ୍ୱରେ ନ ରଖିବାକୁ ଦାବି ହୋଇଥିଲା। ପଦକ୍ଷେପ ସ୍ୱରୂପ ଏସଡିପିଓ ନାୟକଙ୍କୁ ରଥ କର୍ତ୍ତନ ଦାୟିତ୍ୱରୁ ହଟାଇ ଦିଆଯାଇଛି। ତାଙ୍କ ସ୍ଥାନରେ ଉଦଳା ଏସଡିପିଓ ସ୍ୱପ୍ନ ରଞ୍ଜନ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଜିଲା ପୋଲିସ ମୁଖ୍ୟାଳୟ ପତ୍ର ସଂଖ୍ୟା–୫୨୬୯/୧୧।୭।୨୦୧୯ରେ ଏହି ଅଦେଶ ଦିଆଯାଇଛି। ଡିଏସପି (ଡିଆଇବି) ବାମଦେବ ବାମଦେବ ସିଂ ଏ ନେଇ ସୂଚନା ଦେଇଛନ୍ତି। ତେବେ ଭାଜପା ପକ୍ଷରୁ ଜିଲା ପୋଲିସ ମୁଖ୍ୟଙ୍କ ଏହି ନିଷ୍ପତ୍ତିକୁ ସ୍ୱାଗତ କରାଯାଇଛି।


# ODISHA JOINT ENTRANCE EXAMINATION-2019 (OJEE - 2019)

No: 322/OJEE19 — Date: 12.07.2019

**NOTICE**

**Schedule of Medical Board for Physically Challenged (PC) Candidates of MBA/MCA/LE-MCA/M.TECH/M.ARCH/M.PLAN/ M.PHARM and B.PHARM rank holders of OJEE2019**

The Physically Challenged **(PC)** Category Candidates under MBA/MCA/LE-MCA/M.TECH/M.ARCH/M.PLAN/M.PHARM and B.PHARM of OJEE2019 rank holders, who are interested to take admission in **PC** Category OJEE 2019 Counselling are required to attend the Medical Board at **LT – II, SCB Medical College, Cuttack on 18-07-2019 at 10.00 AM**. Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.

Sd/-
CHAIRMAN, OJEE


# ବାହୁଡ଼ିଲେ ମହାପ୍ରଭୁ

## ପହଣ୍ଡି ସାରି ଫେରିଲେ ଚତୁର୍ଦ୍ଧାମୂର୍ତ୍ତି

**ବିଶୋଇ,୧୨।୭ (ଡି.ଏନ୍.ଏ.)**

ବିଶୋଇରେ ବାହୁଡାଯାତ୍ରା ସମ୍ପର୍ଣ୍ଣ ହୋଇଛି। ମୁଖ୍ୟ ପୂଜକ ଦୁର୍ଗା ପ୍ରସାଦ ଶର୍ମା ଓ ଶ୍ରୀପତି ପଣ୍ଡାଙ୍କ ଦ୍ୱାରା ସମସ୍ତ ରୀତିନୀତି ସମ୍ପର୍ଣ୍ଣ ହୋଇଥିଲା। ଅପରାହ୍ଣ ୪ଟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପହଣ୍ଡିରେ ଆଣି ରଥାରୂଢ କରାଯାଇଥିଲା। ସମାଜସେବୀ ଡ. ପ୍ରଭାସ ଆଚାର୍ଯ୍ୟ ଛେରାପହଁରା କରିବା ପରେ ୫ ଟାରେ ରଥଟଣା ଆରମ୍ଭ କରାଯାଇଥିଲା। ସୁଶୀଲ ମାହାନ୍ତି ରଥ ଯାତ୍ରାକୁ ପରିଚାଳନା କରିଥିଲେ। ଏଥିରେ ଅନ୍ୟତମ ସହଯୋଗୀ ପୂଜକ ଭାବରେ କାଳୀଚରଣ ଶର୍ମା, ଦିବ୍ୟରଞ୍ଜନ ଶର୍ମା, ଶାଶ୍ୱତ ଶର୍ମା, ଅବ୍ୟୟ ଶର୍ମାଙ୍କ ସମେତ ରଥଯାତ୍ରାର ସମସ୍ତ କମିଟି ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ ।

## ଭିଡ ଜମାଇଲେ ଶ୍ରଦ୍ଧାଳୁ

**ରାଇରଙ୍ଗପୁର, (ଡି.ଏନ୍.ଏ.)–**

ରାଇରଙ୍ଗପୁରସ୍ଥିତ ପ୍ରଭୁ ଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ବଡ଼ଠାକୁର ବଳଭଦ୍ରଙ୍କ ସମେତ ଚତୁର୍ଦ୍ଧା ବିଗ୍ରହଙ୍କ ବାହୁଡ଼ା ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ଣ ସାଢ଼େ ୧୧ଟାରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଧାଡ଼ି ପହଣ୍ଡି କରି ସୁସଜ୍ଜିତ ରଥ ଉପରକୁ ଅଣାଯାଇଥିଲା। ସାଢ଼େ ୪ଟା ବେଳେ ଜଗନ୍ନାଥ ମନ୍ଦିର କମିଟି ଅଧକ୍ଷ ତଥା ଉପଜିଲାପାଳ ଧର୍ମାନନ୍ଦ ବେହେରା ଛେରାପହଁରା କରିଥିଲେ। ପରେ ରଥଟଣା ଆରମ୍ଭ ହୋଇ ସ୍ଥାନୀୟ ସାହୁ ଲଜ୍ ସମ୍ମୁଖରେ ରଥ ଅଟକି ରହିଥିଲା। ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଶନିବାର ଅପରାହ୍ଣ ପ୍ରାୟ ସାଢ଼େ ୪ଟାରେ ମହିଳା ଶ୍ରଦ୍ଧାଳୁ ଚତୁର୍ଦ୍ଧା ବିଗ୍ରହଙ୍କ ରଥ ଟାଣିବେ। ବାହୁଡ଼ା ଯାତ୍ରା ପରିପ୍ରେକ୍ଷୀରେ ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରଶାସନ ସମେତ ରଥଯାତ୍ରା ଏବଂ ଜଗନ୍ନାଥ ମନ୍ଦିର କମିଟିର ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।


ବେତନଟୀରେ ବାହୁଡା ଯାତ୍ରା।

## ଶ୍ରୀମନ୍ଦିରରେ ପହଞ୍ଚିଲେ ଠାକୁର

**ବଡ଼ସାହି, (ସ୍ୱ.ପ୍ର)–**

ବଡସାହି ଓ ମାଣଦ୍ରୀରେ ଶ୍ରୀଜୀଉଙ୍କ ବାହୁଡାଯାତ୍ରା ଶେଷ ହୋଇଛି । ଶାନ୍ତିଶୃଙ୍ଖଳା ପାଇଁ ବଡସାହି ଓ ବୈଶିଙ୍ଗା ପୋଲିସବାହିନୀ ଉପସ୍ଥିତ ଥିଲେ। ସେହିପରି ଦେଉଳିଆ, କେନ୍ଦୁଡିହା ଓ ଗଜଡିହିରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇ ଦିଅଁମାନେ ଶ୍ରୀମନ୍ଦିରରେ ପହଞ୍ଚିଛନ୍ତି। କଇଁଫୁଲିଆରେ ବାହୁଡା ଯାତ୍ରା ଆରମ୍ଭହୋଇ ଦିଅଁମାନେ ଅଧାବାଟରେ ଅଟକି ଥିବା ବେଳେ ପ୍ରତାପପୁର, ଛେଳିଆ ଓ ତାଳପଦାରେ ପହଣ୍ଡି କାର୍ଯ୍ୟ ଶେଷ ହୋଇ ଦିଅଁମାନେ ରଥାରୁଢ ହୋଇଛନ୍ତି। ଏଠାରେ ବାହୁଡାଯାତ୍ରା ଶନିବାର ଅନୁଷ୍ଠିତ ହେବ।

## ପୂଜାର୍ଚ୍ଚନା ପରେ ରଥ ଟଣା

**ବେତନଟୀ,(ଡି.ଏନ୍.ଏ.)–**

ବେତନଟୀ ଆନନ୍ଦ ବଜାର ରଥଯାତ୍ରା କମିଟି ଆନୁକୁଲ୍ୟରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମାଉସୀମା ମନ୍ଦିରରେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ସକାଳେ ପୂଜା ଅର୍ଚ୍ଚନା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଅପରାହ୍ଣ ୪ଟାରେ ରଥାରୁଢ କରାଯାଇଥିଲା। ବେତନଟୀ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ୫ଟାରେ ରଥ ଟଣା ଆରମ୍ଭ ହୋଇଥିଲା। ରଥଯାତ୍ରା କମିଟିର ସଭାପତି ରବିନ୍ଦ୍ର ସେନାପତି, ସମ୍ପାଦକ ତପନ ସେନାପତି, ଠାକୁରା ହାଁସଦା, ସତ୍ୟନାରାୟଣ ବେହେରା, ସୟ ଘୋଷ, ଅର୍ନବ ଘୋଷ, ଗୋପୀନାଥ ପଡିଆରୀ,ଦିଲ୍ଲୁ ଘୋଷ, ଚିଙ୍କୁ ସିଂ ପ୍ରମୁଖ କର୍ମକର୍ତ୍ତାମାନେ ପରିଚାଳନାରେ ସହଯୋଗ କରିଥିଲେ।


**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.


# ଅଧା ବାଟରେ ରହିଲା ରଥ


ଶ୍ରଦ୍ଧାଳୁ ରଥ ଟାଣୁଛନ୍ତି।

ବାଙ୍ଗିରିପୋଷି, ୧୨।୭ (ଡି.ଏନ୍.ଏ.) ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷିରେ ଶୁକ୍ରବାର ବାହୁଡାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସଞ୍ଜୟ କୁମାର ଅଗ୍ରୱାଲ ଛେରାପହଁରା କରିବା ପରେ ଅପରାହ୍ଣ ୫ଟାରେ ରଥଟଣା ହୋଇଥିଲା । ବାଙ୍ଗିରିପୋଷି ଦୋଳଗୋବିନ୍ଦ ଜୀଉ ମାଉସୀ ମା' ଘରୁ ହଜାର ହଜାର ଭକ୍ତଙ୍କ ଗହଣରେ ରଥ ଉପରେ ବିରାଜମାନ କରି ୪୯ ନଂ ଜାତୀୟ ରାଜପଥ ଦେଇ ସ୍ଥାନୀୟ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରେ ପହଞ୍ଚିଛନ୍ତି। ବିଧି ଅନୁଯାୟୀ ଶୁକ୍ରବାର ୩ ଦିଅଁ ସେଠାରେ ଅବସ୍ଥାନ କରିବେ। ଶନିବାର ପୁଣି ରଥ ଟଣାହେବ। ବାହୁଡା ଯାତ୍ରାର ପ୍ରଥମ ଦିନରେ ୫ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା । ସେହିପରି ସ୍ଥାନୀୟ ମଣଦା ଓ ଶ୍ୟାମସୁନ୍ଦରପୁରରେ ମଧ୍ୟ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି ।

# ବାହୁଡା ଯାତ୍ରାରେ ମହିଳା ଶ୍ରଦ୍ଧାଳୁ ଟାଣିଲେ ରଥ

ଉଦଳା,୧୨।୭(ଡି.ଏନ୍.ଏ.)

ପ୍ରତିକୂଳ ପାଗ ସତ୍ତ୍ୱେ ମହାଆଡମ୍ବରରେ ଉଦଳାରେ ବାହୁଡାଯାତ୍ରା ଅନୁଷ୍ଠିତ ହୋଇଛି । ପରମ୍ପରା ଅନୁଯାୟୀ ବାହୁଡା ଯାତ୍ରାର ପ୍ରଥମ ଦିବସରେ ମହିଳା ଶ୍ରଦ୍ଧାଳୁମାନେ ମାଉସୀ ମା' ମନ୍ଦିରଠାରୁ ରଥ ଟାଣି ସ୍ଥାନୀୟ ହନୁମାନ ମନ୍ଦିର ଛକଠାରେ ପହଞ୍ଚାଇଥିଲେ । ସକାଳେ ଆଡପ ମଣ୍ଡପରେ ଶ୍ରୀଜୀଉମାନଙ୍କର ପୂଜାର୍ଚ୍ଚନା ଶେଷ ପରେ ଭୋଗଲାଗି କରାଯାଇଥିଲା । କର୍ପୂର ଆଳତୀ ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି ବିଜେ କରାଯାଇ ରଥାରୂଢ କରାଯାଇଥିଲା। ବର୍ଷା ହେବାରୁ ରଥଟଣାରେ ସାମାନ୍ୟ ବିଳମ୍ବ ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁମାନଙ୍କ ଭିଡ ଦେଖିବାକୁ ମିଳିଥିଲା । ଉଦଳାର ବରିଷ୍ଠ ନାଗରିକ ଜୟଚନ୍ଦ୍ର ପତ୍ରୀ ଛେରାପହଁରା କାର୍ଯ୍ୟ ସମ୍ପନ୍ନ କରିଥିଲେ । ବାହୁଡା ଯାତ୍ରା ଅବସରରେ ରଥଦାଣ୍ଡରେ ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କର ସମାବେଶ ହୋଇଥିବା ଦେଖିବାକୁ ମିଳିଥିଲା ଦ୍ୱିତୀୟ ଦିନ ବାହୁଡା ଯାତ୍ରାରେ ପୁରୁଷ ଶ୍ରଦ୍ଧାଳୁମାନେ ରଥ ଟାଣିବେ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଉଦଳାର ସର୍ବପୁରାତନ ମେଣ୍ଢାଖାଇ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଡିହିରାକୁଳଠାରେ ମଧ୍ୟ ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି।


**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହାଟଡିହୀ**

**ସାମାଜିକ ସମୀକ୍ଷା**

ବିଜ୍ଞାପନ ସଂଖ୍ୟା: ୨୪୨୯ — ତାରିଖ: ୧୨।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ ପତ୍ରସଂଖ୍ୟା ୩୪୮୨, ତାରିଖ: ୨୮।୦୬।୨୦୧୯ କ୍ରମେ ୨୦୧୮–୧୯ ଆର୍ଥିକ ବର୍ଷରେ ଜାତୀୟ ସାମାଜିକ ସହାୟତା ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ନିମନ୍ତେ ହାଟଡିହୀ ପଞ୍ଚାୟତ ସମିତି ଅଧୀନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ସଭାରେ ଜାତୀୟ ସାମାଜିକ ସହାୟତା ଯୋଜନା ଓ ମହାତ୍ମା ଗାନ୍ଧୀ ନରେଗା ଯୋଜନାର ୨୦୧୮ ମସିହା ଏପ୍ରିଲ ମାସଠାରୁ ୨୦୧୯ ମସିହା ମାର୍ଚ୍ଚ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯିବ। ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧିକାରୀ, ଗ୍ରାମ ପଞ୍ଚାୟତ ଅଧିକାରୀ, ଭିଆରପି, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସଭାରେ ସାମାଜିକ ସମୀକ୍ଷା କମିଟିର ସଦସ୍ୟା/ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ମେଟ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେବାକୁ ଅନୁରୋଧ କରାଗଲା।

| କ୍ର. | ଗ୍ରା.ପ.ର ନାମ | ସାମାଜିକ ସହାୟତା ଯୋଜନା ନିମନ୍ତେ ସାମାଜିକ ସମୀକ୍ଷା ତାରିଖ | ମନରେଗା କାର୍ଯ୍ୟ ନିମନ୍ତେ ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର) ତଦାରଖ କାର୍ଯ୍ୟ | ଗ୍ରାମ ପଞ୍ଚାୟତ ସ୍ତରର ଜନଶୁଣାଣି ବା ସାମାଜିକ ସମୀକ୍ଷା | ଉପସ୍ଥିତ କର୍ମଚାରୀ |
|---|---|---|---|---|---|
| ୧ | ହାବଳେଶ୍ୱର, ସଡ଼ଙ୍ଗ, ଶାଳନିଆଁ, ଡଅଁର, ଆଇତିପୁର, ଗେଡ଼ମା, ଅଁରା, କଳିଙ୍ଗା, ଓରାଳି, ମରିଗାଁ, ହାଟଡିହୀ | ୧୬।୦୭।୧୯ରୁ ୧୯।୦୭।୧୯ | ୨୦।୦୭।୧୯ରୁ ୩୦।୦୭।୧୯ | ୩୦।୦୭।୧୯, ପୂ. ୧୦.୩୦ମି. | ବ୍ଲକ ସାମାଜିକ ସମୀକ୍ଷକ, VRP, କନିଷ୍ଠ ଯନ୍ତ୍ରୀ, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଜୋଗାଲ ଅଫିସର |
| ୨ | ସଡ଼ା, ଜମ୍ବୀରା, ଡେଙ୍ଗା, ଯୋସୋ, କାଲିବରେଇ, ବାଙ୍ଗୋର, ଧନୁର୍ଜୟପୁର, କେ.ବାଲିପାଳ, ପଡ଼ିଆଗୋପାଳୀ, ହଦଗଡ଼ | ୦୫।୦୮।୧୯ରୁ ୦୮।୦୮।୧୯ | ୦୯।୦୮।୧୯ରୁ ୧୯।୦୮।୧୯ | ୧୯।୦୮।୧୯, ପୂ. ୧୦.୩୦ମି. | |
| ୩ | ଶାସଙ୍ଗ, ଦଂତୋ, ଅକାରୁଆ, ସୁଲଣ, ଫଂଚୁଗୋଛିଆ, ଆମ୍ବୋ, ବଡ଼ଗମାସ, ସମଣା, ଇଂଡୋଳ, ପଦାଡ଼ୋ | ୨୪।୦୮।୧୯ରୁ ୨୭।୦୮।୧୯ | ୨୮।୦୮।୧୯ରୁ ୦୭।୦୯।୧୯ | ୦୭।୦୯।୧୯, ପୂ. ୧୦.୩୦ମି. | |

ଏହି ସଭାରେ ନିମ୍ନଲିଖିତ ବିଷୟ ଉପରେ ସବିଶେଷ ଆଲୋଚନା କରାଯିବ। (୧) ଭତ୍ତାର ମଞ୍ଜୁରପ୍ରାପ୍ତ ଆଦେଶ। (୨) ଭତ୍ତା ବିତରଣ ଖାତା। (୩) କାର୍ଯ୍ୟର ନଥିପତ୍ର। (୪) ମଷ୍ଟରରୋଲ ଅନୁଯାୟୀ କୁଶଳୀ, ଅଣକୁଶଳୀ ଶ୍ରମିକମାନଙ୍କର ନାମ ଠିକ୍ ଅଛି କି ନାହିଁ ଏବଂ ସମପରିମାଣରେ କାମ ହୋଇଛି କି ନାହିଁ। (୫) ଅଣକୁଶଳୀ ଶ୍ରମିକମାନେ ସେମାନଙ୍କର ମଜୁରି ଠିକ୍ ସମୟରେ ପାଉଛନ୍ତି କି ନାହିଁ। (୬) କାର୍ଯ୍ୟର ପରିମାଣ ମାପ ବହି ଅନୁସାରେ ଠିକ୍ ଅଛି କି ନାହିଁ। (୭) ଏହି କାର୍ଯ୍ୟଗୁଡ଼ିକ ଜନହିତକର କି ନୁହେଁ। (୮) ଜବକାର୍ଡ଼ ଓ ପାସବହି ଅଣକୁଶଳୀ ଶ୍ରମିକମାନଙ୍କ ପାଖରେ ଅଛି କି ନାହିଁ।

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ହାଟଡିହୀ, ଜି: କେନ୍ଦୁଝର



**Odisha State PSUs Employees Welfare Society**
1st Floor, IDCOL House, Near IG Park, Bhubaneswar

**Group Health Insurance Scheme – KALYANI**
A boon for State Government and State owned PSU Employees for Better Health care facilities in time of need.

A Group Health Insurance Policy **KALYANI** implemented by **Odisha State PSUs Employees Welfare Society (OSPEWS)** has been a great success for extending health care facilities to more than 10,300 employees, retired employees and members of the OSPEWS since last three years.

For the year 2019-20, Star Health Insurance is the coverage provider to the members of OSPEWS.

**Who are eligible for membership:**
- All serving Government officials/PSU Employees/Outsourced / Contractual Employees/Retired employees
- Onetime fee of Rs.500/- applicable per family.
- Insurance coverage is available till the age of 80 years.

**Policy Highlights with unique features:**
- Coverage from Birth - 80 years
- Coverage for family of 6 persons - Husband + wife, 2 children & parents / Parents in law.
- Annual coverage up to 5 Lakhs per family.
- Coverage from day one.
- Cashless claim settlement with hospitals and reimbursement.
- Pre-hospitalisation for 30 days/post hospitalisation benefit for 60 days.
- Day care treatment in hospitals.
- Maternity benefit for women employees admissible without any waiting period.
- Cataract, hernia and hysterectomy up to Rupees one lakh.

**How the Insurance claims can be made and settled:**
- Star Health Insurance is the Partner Company to settle all medical claims as per procedure.
- Mobile app & SMS facility for communication with Star Health Insurance
- Yearly premium of Rs. 14,500/- per family.
- Bank loan facility is available for payment, if required. Bank will pay your premium up front and recover over one year period.
- 6500 Speciality hospitals of country are currently empanelled.

**For more details please refer policy document.**
**Contact Person:- Sri P.K.Pattanaik, Executive Director, OSPEWS, IDCOL House, Near Indira Gandhi Park, Bhubaneswar, Mob:9776854108**



**କାନାରା ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ଅଞ୍ଚଳ କାର୍ଯ୍ୟାଳୟ, ପ୍ରଥମ ମହଲା, ରେଡକ୍ରସ୍ ଭବନ ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୨ ଫୋନ୍ ନଂ: ୦୬୭୪-୨୩୯୧୫୦୫/୨୩୯୦୮୮୪

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ୫୪)ର ଧାରା ୧୩(୧୨) (ଏହାପରେ ଆକ୍ଟ କୁହାଯିବ) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିକୁ ଦଖଲ କରିଛନ୍ତି ।

ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କ, ସୋରୋ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

**ଏତଦ୍ଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ରାଧାଗୋବିନ୍ଦ ଫିଲିଙ୍ଗ ଷ୍ଟେସନ୍,** ସା.: ଚମ୍ପୁ, ପୋ.: ଆଙ୍ଗୁଳା, ସୋରୋ, ପିନ୍-୭୫୬୦୪୫, **ସ୍ୱତ୍ତ୍ୱାଧିକାରୀ: ସୁରେଶ ଚନ୍ଦ୍ର ଗାୟନ,** ସା.: କୁମାରପୁର, ପୋ/ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଜ୍ଞାନ, ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧ | (କ) **ଶ୍ରୀ ସୁରେଶ ଚନ୍ଦ୍ର ଗାୟନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୨/୨୫, ପ୍ଲଟ୍ ନଂ.: ୨୬୦, କ୍ଷେତ୍ର: ଏକର୦.୪୨ଡିସିମିଲି, ମୌଜା: ତିଳଦା, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚଉହଦିରେ ଉତ୍ତର: ପରେଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ରାସ୍ତା, ପଶ୍ଚିମ: ପରେଶ କୁମାର ଗାୟନ / (ଖ) ୧୦.୧୦.୨୦୧୮ / (ଗ) ୧୧.୦୭.୨୦୧୯ / (ଘ) **୩୦.୦୯.୨୦୧୮ ସୁଦ୍ଧା ଟ. ୩୫,୩୧,୨୨୫.୭୨ (ପଇଁତିରିଶି ଲକ୍ଷ ଏକତିରିଶି ହଜାର ଦୁଇଶହ ପଚିଶ ଟଙ୍କା ବାସ୍ତରୀ ପଇସା ମାତ୍ର)** ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ବିରଜା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବୀଣା ଗାୟନ,** ସ୍ୱାମୀ: ପରେଶ କୁମାର ଗାୟନ, ସା.: ଉତ୍ତରେଶ୍ୱର, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫/ **ଗ୍ୟାରେଣ୍ଟିଦାତା: ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଗାୟନ, ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧ | (କ) **ଶ୍ରୀ ପରେଶ କୁମାର ଗାୟନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ୧) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୭୩, କ୍ଷେତ୍ର: ଏକର୦.୩୫ଡିସିମିଲି, ମୌଜା: ସୋରୋ, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚଉହଦିରେ ଉତ୍ତର: ପରେଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ପରେଶ କୁମାର ଗାୟନ, ପଶ୍ଚିମ: ପରେଶ କୁମାର ଗାୟନ, ୨) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୭୪, କ୍ଷେତ୍ର: ଏକର୦.୬୨ଡିସିମିଲି, ମୌଜା: ସୋରୋ, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚଉହଦିରେ ଉତ୍ତର: ପରେଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ପରେଶ କୁମାର ଗାୟନ, ପଶ୍ଚିମ: ପରେଶ କୁମାର ଗାୟନ / (ଖ) ୧୦.୧୦.୨୦୧୮ /(ଗ) ୧୧.୦୭.୨୦୧୯ / (ଘ) ୩୦.୦୯.୨୦୧୮ **ସୁଦ୍ଧା ଟ. ୩୯,୮୫,୯୯୮/- (ଅଣଚାଳିଶି ଲକ୍ଷ ପଞ୍ଚାଅଶି ହଜାର ନଅଶହ ଅଠାନବେ ଟଙ୍କା ମାତ୍ର)** ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ଗାୟନ କୋଲ୍ଡ ଷ୍ଟୋରେଜ୍ ପ୍ରା. ଲିଃ.,** ସା.: ସରଶଙ୍ଖ, ନାଟପଡା, ଥାନା: ସୋର, ଜିଲ୍ଲା: ବାଲେଶ୍ୱର, **ନିର୍ଦ୍ଦେଶକମାନେ: ୧) ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଗାୟନ, **ଠିକଣା-୧:** ସା.: ଶ୍ରୀକଣ୍ଠପୁର, ଜିଲ୍ଲା: ବାଲେଶ୍ୱର, **ଠିକଣା-୨:** ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦ ମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧, ୨) **ଶ୍ରୀମତୀ ବୀଣା ଗାୟନ,** ସ୍ୱାମୀ: ପରେଶ କୁମାର ଗାୟନ, ସା.: ତେଲିଙ୍ଗିଆଗଞ୍ଜ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ୩) **ଶ୍ରୀ ଚିନ୍ମୟ ସୌରଭ ଗାୟନ,** ପିତା: ପରେଶ କୁମାର ଗାୟନ, ସା.: ଶ୍ରୀକଣ୍ଠପୁର, ସୋରୋ, ବାଲେଶ୍ୱର | (କ) **ମେସର୍ସ ଗାୟନ କୋଲ୍ଡ ଷ୍ଟୋରେଜ୍ ପ୍ରା. ଲିଃ.**ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସରଶଙ୍ଖ, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର ୧) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୫୮, କ୍ଷେତ୍ର: ଏକର୦.୩୦ଡିସିମିଲି, ୨) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୫୯, କ୍ଷେତ୍ର: ଏକର୦.୧୯ଡିସିମିଲି, ୩) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୪, କ୍ଷେତ୍ର: ଏକର୦.୫୮ଡିସିମିଲି, ୪) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୫, କ୍ଷେତ୍ର: ଏକର୦.୪୭ଡିସିମିଲି, ୫) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୪/୨୭୯୭, କ୍ଷେତ୍ର: ଏକର୦.୩୦ଡିସିମିଲି, ୬) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୪/୨୭୯୫, କ୍ଷେତ୍ର: ଏକର୦.୫୨ଡିସିମିଲି, ସମସ୍ତ ସମ୍ପତ୍ତିର ଚଉହଦିରେ ଉତ୍ତର: ପ୍ରକାଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ପରେଶ କୁମାର ଗାୟନ, ପଶ୍ଚିମ: ପରେଶ କୁମାର ଗାୟନ / (ଖ) ୦୧.୦୯.୨୦୧୮ /(ଗ) ୧୧.୦୭.୨୦୧୯ / (ଘ) ୩୧.୦୮.୨୦୧୮ **ସୁଦ୍ଧା ଟ. ୭,୩୬,୦୭,୧୯୬.୮୮ (ସାତ କୋଟି ଛତିଶ ଲକ୍ଷ ସାତ ହଜାର ଏକଶହ ଛୟାନବେ ଟଙ୍କା ଅଠାଅଶି ପଇସା ମାତ୍ର)** ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ବିରଜା ଇଣ୍ଡଷ୍ଟ୍ରିଜ୍,** ସା.: ନାଟପଡା, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଜ୍ଞାନ, **ଠିକଣା-୧:** ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦ ମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧, **ଠିକଣା-୨:** ସା.: ନାଟପଡା, ଥାନା: ସୋରୋ / **ଗ୍ୟାରେଣ୍ଟିଦାତା: ବୀଣା ଗାୟନ,** ସ୍ୱାମୀ: ପରେଶ କୁମାର ଗାୟନ, **ଠିକଣା-୧:** ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦ ମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧, **ଠିକଣା-୨:** ସା.: ତେଲିଙ୍ଗିଆଗଞ୍ଜ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର | (କ) **ଶ୍ରୀ ପରେଶ କୁମାର ଗାୟନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତିଳଦା, ତାଲୁକ: ସୋର, ଜିଲ୍ଲା: ବାଲେଶ୍ୱର ୧) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୯, କ୍ଷେତ୍ର: ଏକର୦.୦୧ଡିସିମିଲି, ୨) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୬, କ୍ଷେତ୍ର: ଏକର୦.୨୪ଡିସିମିଲି, ୩) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୮୦, କ୍ଷେତ୍ର: ଏକର୦.୩୩ଡିସିମିଲି, ୪) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୮, କ୍ଷେତ୍ର: ଏକର୦.୦୫ଡିସିମିଲି, ୫) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୬୧, କ୍ଷେତ୍ର: ଏକର୦.୫୦ଡିସିମିଲି, ୬) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୭୦, କ୍ଷେତ୍ର: ଏକର୦.୨୨ଡିସିମିଲି, ୭) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୬୯, କ୍ଷେତ୍ର: ଏକର୦.୩୩ଡିସିମିଲି, ୮) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୮୧, କ୍ଷେତ୍ର: ଏକର୦.୩୬ଡିସିମିଲି, ୯) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୨, କ୍ଷେତ୍ର: ଏକର୦.୪୧ଡିସିମିଲି, ୧୦) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୬୭, କ୍ଷେତ୍ର: ଏକର୦.୮୭ଡିସିମିଲି, ୧୧) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୫୧, କ୍ଷେତ୍ର: ଏକର୦.୭୫ଡିସିମିଲି, ୧୨) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୭୧, କ୍ଷେତ୍ର: ଏକର୦.୨୯ଡିସିମିଲି, ୧୩) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୭୨, କ୍ଷେତ୍ର: ଏକର୦.୧୧ଡିସିମିଲି, ୧୪) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୮୭, କ୍ଷେତ୍ର: ଏକର୦.୯୨ଡିସିମିଲି, ୧୫) ଖାତା ନଂ.: ୧୪୨/୨୮, ପ୍ଲଟ୍ ନଂ.: ୨୮୮, କ୍ଷେତ୍ର: ଏକର୦.୭୭ଡିସିମିଲି, ସମସ୍ତ ସମ୍ପତ୍ତିର ଚଉହଦିରେ ଉତ୍ତର: ପ୍ରକାଶ ଗାୟନ, ଦକ୍ଷିଣ: ପରେଶ ଗାୟନ, ପୂର୍ବ: ପରେଶ ଗାୟନ, ପଶ୍ଚିମ: ପରେଶ ଗାୟନ, ୧୬) ମୌଜା: ଶ୍ରୀକଣ୍ଠପୁର, ତାଲୁକ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୩୨୯/୧୩୩୭, ପ୍ଲଟ୍ ନଂ.: ୮୯୬/୧୩୦୧/୨୮୬୦, କ୍ଷେତ୍ର: ଏକର୦.୦୪୮ଡିସିମିଲି, ୧୭) ଖାତା ନଂ.: ୩୨୯/୧୩୩୭, ପ୍ଲଟ୍ ନଂ.: ୯୦୨/୧୩୦୦/୨୮୬୧, କ୍ଷେତ୍ର: ଏକର୦.୦୦୨ଡିସିମିଲି, ଉଭୟ ସମ୍ପତ୍ତିର ଚଉହଦିରେ ଉତ୍ତର: ପରେଶ ଗାୟନଙ୍କ ଜମି, ଦକ୍ଷିଣ: ପରେଶ ଗାୟନଙ୍କ ଜମି, ପୂର୍ବ: ପ୍ଲଟ୍ ନଂ.: ୯୨୫, ପଶ୍ଚିମ: ରାସ୍ତା / (ଖ) ୧୮.୦୬.୨୦୧୮ /(ଗ) ୧୧.୦୭.୨୦୧୯ / (ଘ) **୧୭.୦୬.୨୦୧୮ ସୁଦ୍ଧା ଟ. ୩,୦୮,୯୯,୭୫୦.୨୫ (ତିନି କୋଟି ଆଠ ଲକ୍ଷ ଅନେଶୋତ ହଜାର ସାତଶହ ପଚାଶ ଟଙ୍କା ପଚିଶ ପଇସା ମାତ୍ର)** ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୨.୦୭.୨୦୧୯

ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

## ସଂକ୍ଷେପରେ

### ଆଜି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଉତ୍ସବ

**ସମ୍ମାନିତ ହେବେ ବହୁ ବିଶିଷ୍ଟ ପ୍ରତିଭା**

**ବାରିପଦା ଅଫିସ,୧୨।୭:** ମୟୂରଭଞ୍ଜ ଜିଲା ବାରିପଦାର ତକତପୁରସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ୨୨ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହେବ। ଏଥିପାଇଁ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ଏଥିରେ ବହୁ ବିଶିଷ୍ଟ ପ୍ରତିଭାଙ୍କୁ ସମ୍ମାନିତ କରାଯିବ। ଏହି ଅବସରରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ସଭାପତିତ୍ୱ କରିବେ। ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁଦାମ ମାରାଣ୍ଡି, ସମ୍ମାନନୀୟ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଧାକର ପଣ୍ଡା, ଓଡ଼ିଶା ମଣ୍ଡଳର ମୁଖ୍ୟ ଡାକ ପ୍ରବନ୍ଧକ ଡକ୍ଟର ସନ୍ତୋଷ କୁମାର କମିଳା ଯୋଗଦେଇ ବିଶ୍ୱବିଦ୍ୟାଳୟ ନାମାଙ୍କିତ ସ୍ୱତନ୍ତ୍ର ଡାକ ଲଫାପା ଉନ୍ମୋଚନ କରିବେ। ଏହି ଅବସରରେ ମୟୂରଭଞ୍ଜ ଭୂମିପୁତ୍ର ଭାବେ କବି ଓ ଗୀତିକାର ନିମାଇଁ ମହାନ୍ତି ଏବଂ କେନ୍ଦୁଝର ଭୂମିପୁତ୍ର ଭାବେ ସାହିତ୍ୟିକ ଓ ଗବେଷକ ଡକ୍ଟର ବିମ୍ବାଧର ବେହେରାଙ୍କୁ ସମ୍ମାନିତ କରାଯିବ। ସେହିପରି କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ଡ. ଶିଶିର କୁମାର ବେହେରାଙ୍କୁ ପ୍ରଦାନ କରାଯିବ। ଅବସରପ୍ରାପ୍ତ ପ୍ରଫେସର ଅକ୍ଷୟ କୁମାର ଖୁଣ୍ଟିଆ ଓ ଅନାଦି ଚରଣ ଗାଁଣଙ୍କୁ ମଧ ସମ୍ମାନିତ କରାଯିବ। ଶ୍ରେଷ୍ଠ ଅଣ ଶିକ୍ଷକ କର୍ମଚାରୀ ଭାବେ ଅଭିଲାଷା ରାମ ଏବଂ ଓଡ଼ିଆ ବିଭାଗର ଛାତ୍ର ବିଭୂତି ଭୂଷଣ ଆଚାର୍ଯ୍ୟ ଓ ଇଂଲିଶ ବିଭାଗର ଛାତ୍ର ଦିବ୍ୟଜ୍ୟୋତି ଦାସଙ୍କୁ ସମ୍ମାନିତ କରାଯିବ।

### କିଡ୍‌ନୀ ରୋଗରେ ଭିନ୍ନକ୍ଷମ ଶିକ୍ଷକଙ୍କ ମୃତ୍ୟୁ

**କୁଆମରା,୧୨।୭(ଡି.ଏନ.ଏ):** ଗୋପବନ୍ଧୁ ନଗର ବ୍ଲକ ଅନ୍ତର୍ଗତ ପୁରୁଣା ବାରିପଦା ପଞ୍ଚାୟତର ମାଙ୍କଡକେନ୍ଦା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ବହୁଭାଷୀ ଶିକ୍ଷକ ଗୋରା ସିଂ (୫୪)ଙ୍କର ବୁଧବାର ରାତିରେ କିଡ୍‌ନୀ ରୋଗରେ ମୃତ୍ୟୁ ଘଟିଛି। ସେ ଜନ୍ମରୁ ଭିନ୍ନକ୍ଷମ ଥିଲେ। ତାଙ୍କ ଘର ବଡସାହି ବ୍ଲକ ଛେଲିଆ(କ) ଗ୍ରାମରେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶିକ୍ଷକ ମହଲରେ ଶୋକରଛାୟା ଖେଳିଯାଇଛି। ବିଦ୍ୟାଳୟ ପକ୍ଷରୁ ଗୁରୁବାର ଶୋକସଭା ପରେ ଛୁଟି କରାଯାଇଥିଲା। ପ୍ରକାଶ ଥାଉ କି ଉକ୍ତ ଗ୍ରାମରେ ପୂର୍ବରୁ କିଡ୍‌ନୀ ରୋଗରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମାତ୍ର ଏ ପର୍ଯ୍ୟନ୍ତ କୌଣସି ସରକାରୀ ସହାୟତା ମିଳି ନାହିଁ କିମ୍ବା ଚିକିତ୍ସା ଦିଗରେ ବିଭାଗ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଇ ନାହିଁ।

### ବିଧାୟକଙ୍କ ଡାକ୍ତରଖାନା ପରିଦର୍ଶନ

**କୁଆମରା,୧୨।୭(ଡି.ଏନ୍.ଏ.):** ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଗୁରୁବାର ଗୋପବନ୍ଧୁ ନଗର ବ୍ଲକ ସ୍ଥିତ ଖୁଣ୍ଟା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ କରିଥିଲେ। ଏହି ଅବସରରେ ସେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ଖୁଣ୍ଟା ଡାକ୍ତରଖାନା ଉପରେ ଖୁଣ୍ଟା ଓ ଗୋପବନ୍ଧୁ ନଗର ବ୍ଲକର ଲକ୍ଷାଧିକ ଜନସାଧାରଣ ନିର୍ଭରଶୀଳ। ମାତ୍ର ଏହି ଡାକ୍ତରଖାନା ଏବେ ନାନା ଅବ୍ୟବସ୍ଥାରେ ଚାଲିଛି। ଡାକ୍ତର ଅଭାବରୁ ସ୍ୱାସ୍ଥ୍ୟସେବା ଏଠାରେ ବିପର୍ଯ୍ୟସ୍ତ ହୋଇ ପଡିଛି। ୬ଟି ଡାକ୍ତର ପଦବୀରୁ ଦୀର୍ଘ ଦିନ ହେଲା ଜଣେ ମାତ୍ର ଡାକ୍ତର ସ୍ଥାୟୀ ଭାବେ କାର୍ଯ୍ୟ କରୁଛନ୍ତି। ସପ୍ତାହରେ ୨ ଜଣ ଡାକ୍ତରଙ୍କୁ ଡେପୁଟେସନରେ ପଠାଇ ତାଳିପକା କାର୍ଯ୍ୟ ଚାଲିଛି। ଡାକ୍ତର ସମସ୍ୟା ସହ ଅନ୍ୟାନ୍ୟ ଅଭାବ ଅସୁବିଧା ସମ୍ପର୍କରେ ବିଧାୟକ ଆଲୋଚନା କରିଥିଲେ । ଏ ନେଇ ବିଧାୟକଙ୍କୁ ପଚାରିବାରୁ ବିଧାନସଭା ସରିବା ପରେ ସେ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ କିପରି ଡାକ୍ତର ନିଯୁକ୍ତି କରାଯିବ ଚେଷ୍ଟା କରିବେ ବୋଲି କହିଥିଲେ। ପରେ ସେ ଟିଟିଆ, ଭଣ୍ଡଗାଁ, ଟାଙ୍ଗଣ ଓ ସାନ ଖୁଣ୍ଟା ପଞ୍ଚାୟତର ବିଭିନ୍ନ ଗ୍ରାମ ପରିଦର୍ଶନ କରିଥିଲେ।

# ୩ ଦିନ ହେଲା ମେଡିକାଲରୁ ଅଳିଆ ହଟୁନି

## ସଫେଇ ସଂସ୍ଥାକୁ କଳା ତାଲିକାଭୁକ୍ତ କରିବାକୁ ଦାବି କଲା ଭଞ୍ଜସେନା

**ବାରିପଦା ଅଫିସ,୧୨।୭**

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲାର ଅପହଞ୍ଚ ଇଲାକାରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲକ୍ଷ୍ୟ ନେଇ କେନ୍ଦ୍ରୀୟ ଯୋଜନାରେ ବାରିପଦାରେ ପିଆରଏମ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଇଛି। ମାତ୍ର ଏବେ ଏହି ମେଡିକାଲ କଲେଜ ବହୁ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। ବିଭିନ୍ନ ସମୟରେ ଚିକିତ୍ସା ଅବହେଳାରୁ ରୋଗୀଙ୍କ ମୃତ୍ୟୁ, ରୋଗୀଙ୍କୁ ଦୁର୍ବ୍ୟବହାର ଓ ବିଭିନ୍ନ ଅବ୍ୟବସ୍ଥା ଦେଖାଦେଉଥିବା ନେଇ ଅଭିଯୋଗ ହୋଇ ଆସୁଛି। ତେବେ ଗତ ବୁଧବାରଠାରୁ ଚିକିତ୍ସାଳୟ ପରିସରରେ ସଫେଇ ହୋଇନାହିଁ। ଏହାକୁ ନେଇ ମେଡିକାଲ କଲେଜ ପରିସରରେ ଶୁକ୍ରବାର ଉତ୍ତେଜନା ଦେଖା ଦେଇଥିଲା। ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ସଫେଇ କର୍ମଚାରୀଙ୍କୁ ଦରମା ନ ଦେବାରୁ ସେମାନେ ସଫେଇ କାର୍ଯ୍ୟ ବନ୍ଦ କରିଛନ୍ତି। ଫଳରେ ମେଡିକାଲ କଲେଜ ପରିସରରେ କୁଢ଼ କୁଢ଼ ଅଳିଆ ପଡ଼ି ରହିଛି। ସଫେଇ ଦାୟିତ୍ୱରେ ଥିବା ସଂସ୍ଥା ଓ ମେଡିକାଲ କଲେଜ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରିଛି ଅଣ ରାଜନୈତିକ ସଂଗଠନ ଭଞ୍ଜସେନା। ସେନାର ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶୁକ୍ରବାର ସେନାର କର୍ମକର୍ତ୍ତାମାନେ ମେଡିକାଲ କଲେଜର ପ୍ରଶାସନିକ ଅଧିକାରୀ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଘେରିଥିଲେ। ସଫେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ମେଡିକାଲ କଲେଜର ସମସ୍ତ ଅଧିକାରୀଙ୍କ ବଦଳି ସହିତ ମୁଖ୍ୟତଃ ସଫେଇ ଦାୟିତ୍ୱରେ ଥିବା ସଂସ୍ଥାକୁ କଳା ତାଲିକାଭୁକ୍ତ କରିବା ପାଇଁ ଦାବି କରିଥିଲେ। ସେନାର କର୍ମକର୍ତ୍ତା ମେଡିକାଲ କଲେଜ ପରିସରରେ ମଧ ଧାରଣାରେ ବସିଥିଲେ। ଏହା ପ୍ରଥମ ଥର ପାଇଁ ନୁହେଁ ପୂର୍ବରୁ ଅନେକ ଥର ମେଡିକାଲ କଲେଜରେ ସଫେଇ କାର୍ଯ୍ୟ ବନ୍ଦ ରହୁଛି ବୋଲି ଭଞ୍ଜସେନା ସଭାପତି ମାଇତି କହିଛନ୍ତି। ସେନାର ଦାବିକୁ ସଫେଇ କର୍ମଚାରୀମାନେ ମଧ ସମର୍ଥନ କରିଥିଲେ। ପରେ ବାରିପଦା ସଦର ଏସଡିପିଓ କୃଷ୍ଣପ୍ରସାଦ ପଟ୍ଟନାୟକ, ବାରିପଦା ଟାଉନ ଥାନା ଅଧିକାରୀ ଅଶୋକ କୁମାର ନାୟକ ଓ ସଦର ଥାନା ଅଧିକାରୀ ସ୍ୱର୍ଣ୍ଣଲତା ମିଞ୍ଜ ପ୍ରମୁଖ ମେଡିକାଲ କଲେଜକୁ ଆସି ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ସଫେଇ କର୍ମଚାରୀ ମାନଙ୍କୁ ଆସନ୍ତା ମଙ୍ଗଳବାର ସୁଦ୍ଧା ସଂସ୍ଥା ପକ୍ଷରୁ ସମସ୍ତ ବକେୟା ଦରମା ପ୍ରଦାନ କରିବ ଏବଂ ବୁଧବାର ମେଡିକାଲ କର୍ତ୍ତୃପକ୍ଷ ସମସ୍ତ ଅଧିକାରୀଙ୍କୁ ନେଇ ଏକ ବୈଠକ ଡାକିବେ। ଯେଉଁଥିରେ ଭଞ୍ଜସେନାର ପ୍ରତିନିଧି ମଧ ଉପସ୍ଥିତ ରହିବେ ଏବଂ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ପରେ ସେନା ପକ୍ଷରୁ ଧାରଣା ପ୍ରତ୍ୟାହାର କରାଯାଇଥିଲା। ଏହି ଧାରଣାରେ ଭଞ୍ଜସେନାର ରାକେଶ କୁମାର ବେହେରା, ଜ୍ୟୋତିରଞ୍ଜନ ପୃଷ୍ଟି, ସୌମ୍ୟରଞ୍ଜନ ମିଶ୍ର, ସାମନ୍ତ ଶେଖର ପାଲ, ସେଖ ରାଜା ଖାନ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ଭଞ୍ଜସେନାର କର୍ମକର୍ତ୍ତାମାନେ ଧାରଣାରେ ବସିଛନ୍ତି।

# ବର୍ଷକ ଭିତରେ ହୋଇନି ପଞ୍ଚାୟତ ସମିତି ବୈଠକ

**ବନ୍ତ, ୧୨।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ପଞ୍ଚାୟତ ସମିତି ବୈଠକ ପ୍ରାୟ ବର୍ଷେ ହେବ ହୋଇନାହିଁ। ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ଏମ୍‌ପି, ବିଧାୟକଙ୍କ ସମ୍ମତିକୁ ଅପେକ୍ଷା କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି। ପଞ୍ଚାୟତ ସମିତିରେ ପ୍ରତି ଦୁଇ ମାସରେ ଥରେ ବୈଠକ ଡକାଯିବାର ନିୟମ ରହିଛି। ବନ୍ତ ବ୍ଲକରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ୨୦୧୭ ମାର୍ଚ୍ଚଠାରୁ ଅଦ୍ୟାବଧି ୨୭ମାସ ମଧ୍ୟରେ ୬ଟି ବୈଠକ ଅନୁଷ୍ଠିତ ହୋଇଥିବାର ଜଣାଯାଇଛି। ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ୨୦୧୮ ଜୁଲାଇଠାରୁ ଚଳିତବର୍ଷ ଜୁଲାଇ ପର୍ଯ୍ୟନ୍ତ ଥରେ ମଧ ବୈଠକ ହୋଇନାହିଁ। ଯାହାଦ୍ୱାରା ବ୍ଲକର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଛି।

ବ୍ଲକ ପ୍ରଶାସନ ସୂତ୍ରରୁ ପ୍ରକାଶ ଯେ, ଏବେ ଲୋକ ସଭା ଓ ବିଧାନସଭା ଅଧିବେଶନ ଚାଲୁଥିବାରୁ ସମିତି ବୈଠକ ହୋଇପାରୁ ନାହିଁ। ଏମ୍‌ପି, ବିଧାୟକ କେଉଁଦିନ ସମୟ ଦେଇପାରିବେ ତାହା ଉପରେ ଏବେ ସମିତି ବୈଠକ ନିର୍ଭର କରୁଛି। ବୈଠକ ହେବା ନେଇ ବ୍ଲକ ଅଧକ୍ଷ ବହୁବାର ବିଡିଓ ଏବଂ ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଆଲୋଚନା ସରିଥିଲେ ମଧ ଅଟକି ରହିଛି। ତେବେ ଯେଉଁ ସମୟରେ ବିଧାନସଭା, ଲୋକ ସଭା ଅଧିବେଶନ ନାହିଁ ସେହି ସମୟ ମଧ୍ୟରେ ବୈଠକ ଡକାଇବାକୁ ଅଧକ୍ଷ କହୁଛନ୍ତି। ହେଲେ ଏହି ବୈଠକ କେବେ ଓ କେଉଁଦିନ ଧାର୍ଯ୍ୟ ହେବ ସେ ନେଇ ଠିକ୍ ତଥ୍ୟ ଜଣାପଡୁ ନାହିଁ। ଏପରି ସମସ୍ୟା ନେଇ ସରପଞ୍ଚ, ସମିତିସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବିଡିଓ ରେବେକା ବିଲୁଙ୍ଗଙ୍କୁ ପଚାରିବାରୁ ଅଧକ୍ଷ ଆବାହକ ହୋଇଥିବାରୁ ସେ ଏମ୍‌ପି, ବିଧାୟକଙ୍କ ସହ ଯୋଗାଯୋଗ କରି ଜଣାଇଲେ ବୈଠକ ପାଇଁ ଚିଠି କରିବେ ବୋଲି କହିଥିଲେ। ସେହିପରି ଅଧକ୍ଷ ଦେବେନ୍ଦ୍ର କୁମାର ଜେନା ଏମ୍‌ପି, ବିଧାୟକଙ୍କ ସହ ଯୋଗାଯୋଗ କରି ବୈଠକ ତାରିଖ ଠିକ୍ କରିବାକୁ ବିଡିଓଙ୍କୁ କୁହାଯାଇଛି ବୋଲି ପ୍ରକାଶ କରିଛନ୍ତି।

### ତହସିଲ କାର୍ଯ୍ୟାଳୟରେ ହେବ ଅଭିଯୋଗ ଶୁଣାଣି

**ଠାକୁରମୁଣ୍ଡା,୧୨।୭(ଡି.ଏନ.ଏ)–** ପ୍ରତି ସୋମବାର ତହସିଲ କାର୍ଯ୍ୟାଳୟରେ ଜନଶୁଣାଣି ହେବ ବୋଲି ଠାକୁରମୁଣ୍ଡା ତହସିଲଦାର ଘୋଷଣା କରିଛନ୍ତି। ଜମିଜମା ସଂକ୍ରାନ୍ତୀୟ କୌଣସି ଆପତ୍ତି ଅଭିଯୋଗ ଥିଲେ ଦିନ ୧୦.୩୦ ମି.ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରାଯିବ। ଆପତ୍ତି ଅଭିଯୋଗ ଥିଲେ ନିର୍ଘଣ୍ଟ ସମୟ ମଧ୍ୟରେ ଲିଖିତ ଭାବେ ଅଭିଯୋଗ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ଠାକୁରମୁଣ୍ଡା ତହସିଲଦାର ପ୍ରଦ୍ୟୁମ୍ନ କୁମାର ନାୟକ ଏହା ଜଣାଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କି ଘର ଛାଡ଼ିଲି, କି ବର ଛାଡ଼ିଲି;**
**କୁଣ୍ଡାପିଠା ପାଇଁ ଯୋଗିଆଣୀ ହେଲି ।**

କ୍ଷଣିକ ସୁଖର ବଶବର୍ତ୍ତୀ ହୋଇ କିଛି ବ୍ୟକ୍ତି ପରକୀୟା ପ୍ରୀତିରେ ମଜ୍ଜି ଯାଇଥାନ୍ତି। ଦୈହିକ ସୁଖ ଲାଳସାରେ ଅନ୍ଧହୋଇ ନିଜ ଘର ପରିବାରର ମାନ ସମ୍ମାନକୁ ମାଟିରେ ମିଶାଇ ଦେଇଥାନ୍ତି। ଏହା ଯେ କେବଳ ଅନୈତିକ ତାହା ନୁହେଁ ବରଂ ପାପ କହିଲେ ଅତ୍ୟୁକ୍ତି ହେବ ନାହିଁ। ପରକୀୟା ପ୍ରୀତି ପାଇଁ ଘର ପରିବାର ତ୍ୟାଗ କରିଥିବା ବିଟପୀ ନାରୀ ନିଜ କୃତକର୍ମ ପାଇଁ ପଶ୍ଚାତ୍ତାପ ବା ଅନୁଶୋଚନା କରିବସିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କରମ ଲିଖନ,**
**କେ କରିବ ଆନ ।**

କପାଳରେ ଯାହା ଲେଖାହୋଇଥାଏ ତାହା ହିଁ ଘଟିଥାଏ। ପ୍ରାରବ୍ଧ କର୍ମ ଅନୁସାରେ ବ୍ୟକ୍ତି ଫଳଭୋଗ କରିଥାଏ। ଏହାକୁ କାଟିବା ବା ବଦଳାଇବା ସହଜସାଧ୍ୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# 'ବୃକ୍ଷରୋପଣ ଦ୍ୱାରା ବିଶ୍ୱତାପନକୁ ନିୟନ୍ତ୍ରଣ କରାଯାଇପାରିବ'

**ବାରିପଦା ଅଫିସ,୧୨।୭**

ବାରିପଦା ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନସି ଆଣ୍ଡ ମ୍ୟାନେଜମେଣ୍ଟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପିଠାବଟା ବନଖଣ୍ଡର ରେଞ୍ଜର ଲକ୍ଷ୍ମୀଧର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଗଛର ଉପକାରିତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଫରେଷ୍ଟର ସତ୍ୟାନନ୍ଦ ପାଲ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ବୃକ୍ଷରୋପଣ ଦ୍ୱାରା ବିଶ୍ୱତାପନକୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ ବୃକ୍ଷ ମାନବର ଅସଲ ବନ୍ଧୁ ବୋଲି କହିଥିଲେ। ଏହି ଅବସରରେ ଜାତୀୟ ସେବା ଯୋଜନାର ସମସ୍ତ ସ୍ୱେଚ୍ଛାସେବୀ ତଥା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବୃକ୍ଷରୋପଣ କରିବା ପାଇଁ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମୀରା ସେନାପତି ପରିଚାଳନା କରିଥିବା ବେଳେ ଅଧ୍ୟାପକ ମଦନ ମୋହନ ସାହୁ, ଗଣେଶ ଚନ୍ଦ୍ର ପରିଡା, ବିଜୟା ନାୟକ, ରାମଚନ୍ଦ୍ର ଜେନା, କୁମାରେଶ ନାୟକ, ସାଗରିକା ପଣ୍ଡା, ସବିତାରାଣୀ ଦାଶ ଓ ଏନଏସଏସ ସ୍ୱେଚ୍ଛାସେବୀ ଅଭିଷେକ ପାତ୍ର, ସପନ ଦତ୍ତ, ଚନ୍ଦନ ବେହେରା, ଚନ୍ଦ୍ରଶେଖର ପାଲ, ମାନସ ପତି, ଦୀନକୃଷ୍ଣ ମହାପାତ୍ର, ନୀତିଶ ସୀଠ, ବିକାଶ ରଞ୍ଜନ ବାରିକ, ଦିବ୍ୟଜ୍ୟୋତି ଗିରି, ମୋନାଲି ମୋନାଲିସା ଦାସ, ମନଜା ପଣ୍ଡା, ୱାହିଦା କାଦ୍ରୀ, ସୁଭଦ୍ରା ମାରାଣ୍ଡି, ଗାୟତ୍ରୀ ନନ୍ଦୀ, ସଂଗୀତା ସାହୁ, ବବିତା ହେମ୍ବ୍ରମ, ପ୍ରିୟବ୍ରତ ମହାନ୍ତ, ସୌରଭ ରାଉତ, ହିମାଂଶୁ ପାତ୍ର, ମିତାଲି ବାରିକ, କାହ୍ନୁଚରଣ ଗିରି, ରୀତା ଧଳ, ଦେବାଶିଷ ଦାସ, ଦେବରାଜ ଦାସମହାପାତ୍ର, ଗଗନ କୁମାର ମହାନ୍ତ, ଅର୍ଜୁନ ହେମ୍ବ୍ରମ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍‌ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଲୋନ! ଲୋନ! ଲୋନ
BFC FINANCE
୧ ରୁ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-୨୫ ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,୦୦,୦୦୦ ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍‌ଚର ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍+ 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଆଜି କ'ଣ କେଉଁଠି

ଭଦ୍ରକ

▶ରୋଟାରୀ କ୍ଲବ ପକ୍ଷରୁ ବୃକ୍ଷରୋପଣ, ସ୍ଥାନ: ଗେଲପୁର ବାପୁଜୀ ନୋଡାଲ ସ୍କୁଲ ପରିସର, ସମୟ: ସକାଳ ୯ଟା।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ହଇରାଣ ଯୁବକଙ୍କ ନାଁରେ ଥାନାରେ ମାମଲା

**ଭଦ୍ରକ ଅଫିସ, ୧୨।୭:** ଭଦ୍ରକ ପୁରୁଣାବଜାର ଥାନା ଅଧୀନ ଏକ କଲେଜରେ ଯୁକ୍ତ ୨ ପଢୁଥିବା ଜଣେ ଛାତ୍ରୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ଉଦ୍ଦେଶ୍ୟମୂଳକ ଭାବେ ପିଛା କରି କମେଣ୍ଟ ମାରିବା ସହ ନାନା କଟୁ ମନ୍ତବ୍ୟ ଦେଉଥିବା ଗୁରୁବାର ଥାନାରେ ଅଭିଯୋଗ କରାଯାଇଛି। ଛାତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ପୁରୁଣାବଜାର ଛଡ଼ାକମହଲାର ଶେଖ୍ ଆବିଦ୍ ନାମକ ଯୁବକଙ୍କ ନାମରେ ଦଫା ୨୫, ୨୯୪, ୩୫୪-ଡି, ୫୦୯, ୩୪୧, ୫୦୬ ମୂଳେ ମାମଲା(ନଂ.୧୨୨/୧୯) ରୁଜୁ କରି ତଦନ୍ତ ଚଳାଇଛି। ଗତ ୮ ତାରିଖରେ ଛାତ୍ରୀ ଜଣଙ୍କ କଲେଜରେ ପାଠ ପଢୁଥିବା ସମୟରେ ଆବିଦ୍ ସେଠାକୁ ଯାଇ ଶ୍ରେଣୀଗୃହରେ ତାଙ୍କୁ ଦେଖା କରିବାକୁ ଚାହୁଁଥିବା ଅଧାପିକାଙ୍କୁ ଧମକ ଦେଇ କହିଥିଲେ। ଏପରିକି ପିସ୍ତଲ ଦେଖାଇଥିବା ମଧ ଛାତ୍ରୀ ଜଣଙ୍କ ଏତଲାରେ ଦର୍ଶାଇଛନ୍ତି।

### କେନ୍ଦ୍ରାପଡ଼ାରୁ ମୋବାଇଲ ଚୋରି, ଦୋବଲରୁ ଚୋର ଗିରଫ

**ଧାମନଗର, ୧୨।୭(ଡି.ଏନ.ଏ.):** ଧାମନଗର ବ୍ଲକ ଦୋବଲ ବଜାରର ମୋବାଇଲ ଦୋକାନୀ ସେକ୍ ଇଝାରଙ୍କୁ ମୋବାଇଲ ଚୋରି ଅଭିଯୋଗରେ କେନ୍ଦ୍ରାପଡ଼ା ପୋଲିସ ଗୁରୁବାର ରାତିରେ ଗିରଫ କରିଛି। ସୂଚନା ଅନୁସାରେ, ଦୋବଲ ବଜାରରେ ସେକ୍ ଇଝାର ଚୋରା ମୋବାଇଲ କାରବାର କରୁଥିଲେ। ଦୋବଲ ନିକଟସ୍ଥ ଧାମନଗର ନୂଆପଡ଼ା ଗ୍ରାମର କେତେକ ଚୋର ମଧ ଏଥିରେ ସମ୍ପୃକ୍ତ ଥିଲେ। ତିନିଦିନ ତଳେ କେନ୍ଦ୍ରାପଡ଼ାରୁ ଏକ ମୋବାଇଲ ଚୋରି ହୋଇଥିଲା। ଉକ୍ତ ଚୋରି ମୋବାଇଲରୁ ଗୁଗୁଲ ପେ ରେ କିଛି ଟଙ୍କା ଉଠାଣ କରାଯାଇଥିଲା। ଏହାପରେ କେନ୍ଦ୍ରାପଡ଼ା ପୋଲିସ ମୋବାଇଲ ଟ୍ରାକିଂ କରି ଧାମନଗର ଥାନା ସହାୟତାରେ ଦୋବଲରୁ ଇଝାରଙ୍କୁ ଗିରଫ କରି କେନ୍ଦ୍ରପଡ଼ା ନେଇଥିଲା।

### ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବାସୁଦେବପୁର, ୧୨।୭ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଲକ୍ଷ୍ମୀନାରାୟଣ ମନ୍ଦିର ପ୍ରତିଷ୍ଠାର ୧୦ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ଥାନା ପୋଖରୀରେ କଳସ ବୁଡ଼ାଯାଇଥିଲା। ପରେ ଲକ୍ଷ୍ମୀନାରାୟଣ ବିଗ୍ରହଙ୍କ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ମନ୍ଦିର ପରିସରରେ ଅନୁଷ୍ଠିତ ଯଜ୍ଞରେ କର୍ତ୍ତାକର୍ତ୍ତା ଭାବେ ସସ୍ମିତା ବିଶ୍ୱାଳ, ରତିକାନ୍ତ ବିଶ୍ୱାଳ, ସଞ୍ଜୁକ୍ତା ପାଢ଼ୀ, ଦାମୋଦର ପାଢ଼ୀ, ଜ୍ୟୋତିର୍ମୟୀ ବିଶ୍ୱାଳ, ଲକ୍ଷ୍ମଣ ବିଶ୍ୱାଳ, ବୈଦେହୀ ସାମଲ, କୌଶଲ୍ୟା ନାୟକ ବରଣ ହୋଇ ବସିଥିଲେ। ବିଡିଓ ବୀରକିଶୋର ପାଣିଗ୍ରାହୀ, ଏପିଓ ସୂର୍ଯ୍ୟସ୍ନାତା ନାୟକ, ସତୀଶ ଚନ୍ଦ୍ର ନାୟକ, କନିଷ୍ଠଯନ୍ତ୍ରୀ ସତ୍ୟନାରାୟଣ ଭଞ୍ଜରାୟ, ବିଭାଶ ମହାନ୍ତି, ଦାଶରଥି ସାମଲ, ରମେଶ ସାମଲ, ଅଶୋକ ଦାସ, ବିଭୀଷଣ ନାୟକ, ଅମରେନ୍ଦ୍ର ଦାସ, ଶ୍ରୀଧର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ହରିବୋଲ କ୍ଷେତ୍ରକୁ ବାହୁଡ଼ିଲେ ତିନିଠାକୁର



ତିହିଡ଼ିରେ ମହିଳାମାନେ ସୁଭଦ୍ରାଙ୍କ ରଥ ଟାଣୁଛନ୍ତି।

**ତିହିଡ଼ି, ୧୨।୭(ଡି.ଏନ.ଏ.)**

ପବିତ୍ର ବାହୁଡ଼ାଯାତ୍ରାରେ ଶୁକ୍ରବାର ଶ୍ରୀଗୁଣ୍ଡିଚା ମନ୍ଦିରରୁ ହରିବୋଲ କ୍ଷେତ୍ରକୁ ତିନିଠାକୁର ବାହୁଡ଼ିଛନ୍ତି। ତିହିଡ଼ି ବ୍ଲକ ଗୁଆମାଳ ପଞ୍ଚାୟତ ମୋଡ଼ସାହିସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ମହାବାହୁ କେଶପୁରସ୍ଥିତ ହରିବୋଲ କ୍ଷେତ୍ରକୁ ଫେରିଛନ୍ତି। ଭାଇଭଉଣୀଙ୍କ ସହ ୯ ଦିନ ମାଉସୀଘରେ ରହିବା ପରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବାହୁଡ଼ିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଭକ୍ତମାନଙ୍କ ହରିବୋଲ ଓ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଥିଲା।

ଶୁକ୍ରବାର ଭୋର ୪ଟା ବେଳେ ମାଉସୀମା' ମନ୍ଦିରର ଦ୍ୱାରଫିଟା ଓ ମନ୍ଦିର ଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୫ଟାରେ ମଙ୍ଗଳ ଆଳତି ପରେ ସୂର୍ଯ୍ୟପୂଜା ଓ ୬ଟାରେ ସକାଳ ବେଶ ପରେ ଗୋପାଳବଲ୍ଲଭ ବେଶ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୦ଟା ବେଳେ ମଙ୍ଗଳାର୍ପଣ ଏବଂ ପ୍ରସାଦ ସେବନ କରାଯାଇଥିଲା। ସାଢ଼େ ୧୧ଟା ବେଳେ ସୁଦର୍ଶନ, ବଳଭଦ୍ର, ସୁଭଦ୍ରା ଏବଂ ଶ୍ରୀଜଗନ୍ନାଥଙ୍କ ପହଣ୍ଡି କରାଯାଇଥିଲା। ପଣ୍ଡିତ କୁଳମଣି ଉଦ୍‌ଗାତା, ଦେବେନ୍ଦ୍ର ଉଦ୍‌ଗାତା, କଳ୍ପତରୁ ଉଦ୍‌ଗାତା, ସମରେନ୍ଦ୍ର ଉଦ୍‌ଗାତା, ପ୍ରୀତିରଞ୍ଜନ ଉଦ୍‌ଗାତା, ସତ୍ୟବ୍ରତ ମିଶ୍ର, ସତ୍ୟାନନ୍ଦ ତ୍ରିପାଠୀ ପ୍ରମୁଖ ସେବାୟତ ପହଣ୍ଡି ସହ ତିନିଠାକୁରଙ୍କର ନୀତି ସମାପନ କରିଥିଲେ। ପରେ ଜିଲାପାଳ ଜ୍ଞାନ ଦାସ ତିନି ରଥରେ ଛେରାପହଁରା କରିଥିଲେ। ଅପରାହ୍ନ ୧ଟା ବେଳେ ରଥଟଣା ହୋଇଥିଲା। ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ। ଶ୍ରୀଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ରବିନାରାୟଣ ସାମଲ, ଦୋଳଗୋବିନ୍ଦ ପୃଷ୍ଟି, ଭରତ ଚନ୍ଦ୍ର ସାହୁ, ସନାତନ ଜେନା, ପ୍ରକାଶ ଖୁଣ୍ଟିଆ, ଅତୁଲ୍ୟ ବେହେରା, ରାଜକିଶୋର ସାହୁ, ରମେଶ ଚନ୍ଦ୍ର ନାୟକ, ଦୀପ୍ତିକାନ୍ତ ଖୁଣ୍ଟିଆ ଏବଂ ଶ୍ରୀମନ୍ଦିର ପରିଚାଳନା କମିଟି ସଭାପତି ନଗେନ୍ଦ୍ର ପ୍ରସାଦ ଦାସ, ସମ୍ପାଦକ ଶ୍ରୀଧର ପୁହାଣ, ଚନ୍ଦ୍ରକାନ୍ତ ବେହେରା, ସନ୍ତୋଷ କୁମାର ନାୟକ ପ୍ରମୁଖ ବାହୁଡ଼ା ଯାତ୍ରା ପରିଚାଳନା କରିଥିଲେ। ଏହି ଅବସରରେ ସାମାଜିକ ସଙ୍ଗଠନ 'ଚେନାଏ ହସ' ପକ୍ଷରୁ ଭକ୍ତମାନଙ୍କ ପାଇଁ ଟଙ୍କତୋରାଣି ବ୍ୟବସ୍ଥା କରାଯାଇଥିଲା।

## ଶ୍ରୀମନ୍ଦିରକୁ ଫେରିଲେ ମହାବାହୁ

**ଭଦ୍ରକ ଅଫିସ, ୧୨।୭**

ମାଉସୀମା' ଘରେ ୯ ଦିନ ରହିବା ପରେ ସାଙ୍ଗରେ ଭାଇଭଉଣୀଙ୍କୁ ନେଇ ଶ୍ରୀମନ୍ଦିରକୁ ବାହୁଡ଼ିଲେ ମହାବାହୁ। ଭଦ୍ରକ ଜିଲାର ୧୩୪ଟି ସ୍ଥାନରେ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ସହରର କୁଆଁସ, ସନ୍ଥିଆ, ନୂଆବଜାର, ଗରଦପୁର ଅଞ୍ଚଳରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିପରି ବାସୁଦେବପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। କେଉଁଠି ରାଜରାସ୍ତା ତ ଆଉ କେଉଁଠି ଗାଁ ଦାଣ୍ଡ ପାଲଟିଥିଲା ବଡ଼ଦାଣ୍ଡ। ବାସୁଦେବପୁର ବ୍ଲକର ଜଗନ୍ନାଥପ୍ରସାଦ, ବାଲିମେଦ ରାଜଘରପୋଖରୀ, ପଦ୍ମପୁର, ଲକ୍ଷ୍ମୀଦାସପୁର, ଏଡ଼ତାଳ, ଲୁଙ୍ଗା, ବ୍ରାହ୍ମଣଗାଁ, ବିରସ, ନାୟକାଣିଡିହୀ ପଞ୍ଚାୟତର ହଜାର ହଜାର ଭକ୍ତ ରଥଟଣାରେ ସାମିଲ ହୋଇଥିଲେ। ଏଥିଲାଗି ପଦ୍ମପୁର-ବିରସ ରାସ୍ତାରେ ସମସ୍ତ ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ନାୟକାଣିଡିହୀ ଥାନା ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ।

ସେହିପରି ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଥିଲା। ବନ୍ତ ପୁରୁଣାବଜାରସ୍ଥିତ ମାଉସୀମା' ମନ୍ଦିର ପରିସରରେ ଭକ୍ତମାନଙ୍କ ଭିଡ଼ ଜମିଥିଲା। ଅପରାହ୍ନରେ ତିନିଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ରଥଟଣା ଆରମ୍ଭ ହୋଇଥିଲା। ନିଳୋକ, ନିମାପଡାସ୍ଥିତ କପାଳିକ୍ଷେତ୍ର, ଘରପଦା, କୁମ୍ଭାରିଆ, ଫୁଲଗଡିଆ, ଗୋବିନ୍ଦପୁର, ଅଣ୍ଡିଆ, ତରାଗୋ, ଏରେଣ୍ଡେଇ, ଓଡ଼ଙ୍ଗ, ଚାରିଘରିଆ, ଆମ୍ଭୋର ଓ ରାମକୃଷ୍ଣପୁରରେ ବାହୁଡ଼ାଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରିସ୍ଥିତ ବଳଦେବଜୀଉ ପୀଠ, କୁରିଗାଁ, ବଡବନସ୍ତା, ପାଟୁଳି, ଆଖୁଆପଦା, ଜଗନ୍ନାଥପ୍ରସାଦ, ନଗୁଆଁ, ଭଣ୍ଡାରିପୋଖରୀ, ବର୍ଯ୍ୟାଁବନାପୁର, ପିରିପୁର, ଗୁହାଳିଆ, ମଜୁରିଗଡିଆ, ସାତଶୋଳା, ଶଙ୍ଖୁଳା, ମାଳଦା, ନାଆଁମୀ, ସୋଲାପୁର, ବିରୋଳି, ମଞ୍ଜୁରିରୋଡ, ଷୋଳମପୁରଠାରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଐତିହାସିକ ପୀଠ ଗୋହିରାଟିକିରିଠାରେ ମହନ୍ତ ବୀରଭଦ୍ର ଦାସଙ୍କ ତତ୍ତ୍ୱାବଧାନରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଥିଲା। ସେହିପରି ଆଗରପଡ଼ାରେ ବାହୁଡ଼ାଯାତ୍ରା ଚାଲିଥିବା ବେଳେ କିଛି ବାଟ ରଥ ଚାଲିବା ପରେ ରଥ ଅଖରେ ସମସ୍ୟା ଦେଖାଦେଇଥିଲା। ସମସ୍ୟାର ସମାଧାନ କରାଯିବା ପରେ ରଥଟଣା ସ୍ୱାଭାବିକ ହୋଇଥିଲା।



ଭଦ୍ରକ ବାଇପାସ୍‌ଠାରେ ବାହୁଡ଼ା ଯାତ୍ରାରେ ଶ୍ରଦ୍ଧାଳୁଙ୍କ ଭିଡ଼।

## ଶିଶୁ ସାହିତ୍ୟିକ ଅଭୟ ସମ୍ବର୍ଦ୍ଧିତ



ଝାଡ଼ଖଣ୍ଡ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ଇଂ. ଅଭୟ ସୂତାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଭଦ୍ରକ ଅଫିସ, ୧୨।୭**

ଶିଶୁ ସାହିତ୍ୟିକ, ଗୀତିକବି, ପ୍ରାବନ୍ଧିକ ଇଂ. ଅଭୟ ସୂତାରଙ୍କୁ ଓଡ଼ିଆ ଭାଷା ସାହିତ୍ୟ ପ୍ରତି ସାମଗ୍ରିକ ଅବଦାନ ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୧ତମ ପ୍ରତିଷ୍ଠା ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ଉତ୍ସବରେ ଯୋଗ ଦେଇଥିବା ଝାଡ଼ଖଣ୍ଡର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ମଧୁମିତା ଦାସ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱରର ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ଡ. ଅନିଲ କୁମାର ମହାପାତ୍ରଙ୍କ ସହ ରେମୁଣା ବିଧାୟକ, ବିଶ୍ୱବିଦ୍ୟାଳୟର ବହୁ ବୈଜ୍ଞାନିକ ଓ ଗବେଷକ, ପ୍ରଫେସର, ଉଚ୍ଚ ପଦାଧିକାରୀ, ଭଦ୍ରକ ଜିଲାରୁ ଅଧ୍ୟୟନରତ ବହୁ ଛାତ୍ରୀଛାତ୍ର, ସିନେଟ ଓ ସିଣ୍ଡିକେଟ ସଦସ୍ୟ, ସାହିତ୍ୟିକ, ଶିଳ୍ପୋଦ୍ୟୋଗୀ ଇଂ. ଅଭୟଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ଉଲ୍ଲେଖନୀୟ ଯେ, ତିହିଡ଼ି ବ୍ଲକ ନରେନ୍ଦ୍ରପୁର ଗାଁରେ ସାହିତ୍ୟିକ ଅଭୟଙ୍କ ଘର। ୨୦୧୯ରେ ଭଦ୍ରକ ଜିଲାରୁ ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିବା ପରେ ସେ ଜିଲାର ଶିଳ୍ପ, କୃଷି, ସାହିତ୍ୟ ଓ ଶିକ୍ଷାର ଉନ୍ନତି ଲାଗି ଆଶା କରିଥିଲେ। ସେ ଏବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସିନେଟ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ବିଜ୍ଞାନ ଏକାଡେମୀର ବରିଷ୍ଠ ସଦସ୍ୟ ସାଙ୍ଗକୁ ଆକାଶବାଣୀ ଓ ଦୂରଦର୍ଶନର ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ କାର୍ଯ୍ୟରତ ଅଛନ୍ତି। ତାଙ୍କର ୧୫ ଖଣ୍ଡ ପୁସ୍ତକ ପାଠକୀୟ ଶ୍ରଦ୍ଧା ଲାଭ କରିଛି।

## ଯୌତୁକ ନିର୍ଯାତନା ଅଭିଯୋଗ ସ୍ୱାମୀ ସମେତ ୩ ଜଣଙ୍କ ନାଁରେ ମାମଲା

**ଭଣ୍ଡାରିପୋଖରୀ, ୧୨।୭ (ଡି.ଏନ.ଏ.)**

ଅଧିକ ଯୌତୁକ ଦାବି କରି ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ସ୍ୱାମୀ ସମେତ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, କେନ୍ଦୁଝର ଜିଲା ଷଡ଼ଙ୍ଗ ଗ୍ରାମର ମମତା ମଞ୍ଜରୀ ସାହୁ ୭ ବର୍ଷ ତଳେ ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ତେସିଙ୍ଗା ପଞ୍ଚାୟତ ଓଳା ଗ୍ରାମର ମନୋଜ କୁମାର ସାହୁଙ୍କୁ ବିବାହ କରିଥିଲେ। ସେତେବେଳେ ଆବଶ୍ୟକ ଯୌତୁକ ମଧ ଆଣିଥିଲେ। ପରେ ଅଧିକ ଯୌତୁକ ଆଣିବା ପାଇଁ ଦାବିକରି ଶାଶୁଘର ଲୋକେ ମମତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ନିର୍ଯାତନା ଅସହ୍ୟ ହେବାରୁ ଶେଷରେ ମମତା ବୁଧବାର ଏ ନେଇ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତ୍ତିକରି ପୋଲିସ ମମତାଙ୍କ ସ୍ୱାମୀ ମନୋଜଙ୍କ ସମେତ ଶାଶୁ ଓ ଶ୍ୱଶୁରଙ୍କ ନାମରେ ମାମଲା(ନଂ.୧୦୭/୧୯) ରୁଜୁ କରି ତଦନ୍ତ ଚଳାଇଛି।

## ବିଷ ବୋତଲ ଧରି ଧାରଣାରେ ଚାଷୀ

### ମିଳୁନି ଧାନ ବିକ୍ରି ଟଙ୍କା

**ପଦ୍ମପୁର, ୧୨।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ନାୟକାଣିଡିହୀ ସେବା ସମବାୟ ସମିତିରେ ଧାନବିକ୍ରି କରି ୬ ମାସ ହେଲା ଟଙ୍କା ପାଇନାହାନ୍ତି ଚାଷୀ। ଏହାର ପ୍ରତିବାଦରେ ଚାଷୀମାନେ ବିଷ ବୋତଲ ଧରି ଗୁରୁବାରଠାରୁ ସେବା ସମବାୟ ସମିତି ଆଗରେ ଧାରଣାରେ ବସିରହିଛନ୍ତି। ଦୁଇଦିନ ବିତିଯାଇଥିଲେ ମଧ କୌଣସି ସରକାରୀ ଅଧିକାରୀ ଆନ୍ଦୋଳନକାରୀ ଚାଷୀଙ୍କ ନିକଟରେ ପହଞ୍ଚି ନ ଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ସ୍ଥାନୀୟ ଅଞ୍ଚଳର ଶତାଧିକ ଚାଷୀ ଗତ ଫେବୃୟାରୀ ମାସରୁ ସମିତିକୁ ଧାନ ଦେଇଥିଲେ ମଧ ଏଯାଏ ସେମାନଙ୍କୁ ପ୍ରାପ୍ୟ ମିଳୁ ନାହିଁ। ଟଙ୍କା ପାଇଁ ବାରମ୍ବାର ସମିତିକୁ ଦୌଡ଼ି ନିରାଶ ହେବା ପରେ ସେମାନେ ସମିତି କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଛନ୍ତି। ତୁରନ୍ତ ସେମାନଙ୍କ ଧାନବିକ୍ରି ଟଙ୍କା ନ ପାଇଲେ ବିଷ ପିଇ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ ସମବାୟ ସମିତିର ସମ୍ପାଦକ ନରହରି ମାଝିଙ୍କୁ ପଚାରିବାରୁ ୧୫୫ ଚାଷୀଙ୍କର ୩୮୫୦ କୁଇଣ୍ଟାଲ ଧାନର ୬୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପାଇବାର ଅଛି ବୋଲି କହିଛନ୍ତି। ଚାଷୀ ପୀତବାସ ଖିଲାର, କୃପାସିନ୍ଧୁ ବାରିକ, ଅମିୟ ନାୟକ, ଗଦାଧର ସାହୁ, ବୈକୁଣ୍ଠ ପ୍ରଧାନ, ନାରାୟଣ ପ୍ରଧାନ, କୈଳାସ କୁମାର ବଳ ପ୍ରମୁଖ ଧାରଣାରେ ସାମିଲ ହୋଇଛନ୍ତି।



ନାୟକାଣିଡିହୀ ସେବା ସମବାୟ ସମିତି ସାମ୍ନାରେ ଧାରଣାରେ ବସିଥିବା ଚାଷୀ।

# ଦରକାର ବେଳେ ଖୋଜା, ପରେ ଅଲୋଡ଼ା

**ଭଣ୍ଡାରିପୋଖରୀ, ୧୨।୭(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବନ୍ୟା ପ୍ଲାବିତ ଅଞ୍ଚଳ। ବୈତରଣୀ ନଦୀରେ ବନ୍ୟା ଆସିଲେ ବ୍ଲକର ବହୁ ଅଞ୍ଚଳ ଜଳମଗ୍ନ ହୋଇପଡ଼େ। ବୈତରଣୀ ଅବବାହିକାରେ ଥିବା ନଈନାଳ ଘେରା ଏହି ଅଞ୍ଚଳରେ ପ୍ରତ୍ୟେକ ବର୍ଷ ବନ୍ୟା ବିପର୍ଯ୍ୟୟ ଦାଉ ସାଧୁଛି। ଅନେକ ଗାଁଗଣ୍ଡା ବନ୍ୟା ପାଣିଘେରରେ ରହି ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇପଡ଼େ। ଏହି ସମୟରେ ବିପନ୍ନମାନଙ୍କ ନିକଟରେ ରିଲିଫ୍ ପହଞ୍ଚାଇବା ଏବଂ ସେମାନଙ୍କୁ ଉଦ୍ଧାର କରିବା ପ୍ରଶାସନ ଲାଗି ଚ୍ୟାଲେଞ୍ଜ ହୋଇଯାଏ। ନଦୀ ଅବବାହିକା ଅଞ୍ଚଳରେ ବନ୍ୟାପାଣି ଘେରି ରହିଥିବାରୁ ଅନେକ ଜାଗାରେ ପହଞ୍ଚିବା ସମ୍ଭବ ହୁଏ ନାହିଁ। ଏପରିସ୍ଥଳେ ବୋଟ୍ ଏକମାତ୍ର ମାଧ୍ୟମ। ବର୍ଷାଦିନ ଓ ବନ୍ୟା ସମୟ ଆସିଲେ ଖୋଜାପଡ଼େ ବୋଟ୍। ହେଲେ ପରେ ଏହା ଅଲୋଡ଼ା। ଯାହାର ବାସ୍ତବ ଚିତ୍ର ଭଣ୍ଡାରିପୋଖରୀ ବ୍ଲକ କାର୍ଯ୍ୟାଳୟ ପରିସରରେ ଦେଖିବାକୁ ମିଳିଛି।



ବ୍ଲକ କାର୍ଯ୍ୟାଳୟ ପରିସରରେ ବୋଟ୍ ପଡ଼ିଛି।

ବ୍ଲକ କାର୍ଯ୍ୟାଳୟ ପରିସରର ପଛପଟେ ଦୁଇଟି ଯନ୍ତ୍ରଚାଳିତ ବୋଟ୍ ଖରା, ବର୍ଷା, କାକର ଖାଇ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ବନ୍ୟା ସମୟରେ ଲୋକଙ୍କୁ ଉଦ୍ଧାର କରିବା ଓ ବନ୍ୟା ବିପନ୍ନଙ୍କ ପାଖରେ ରିଲିଫ୍ ପହଞ୍ଚାଇବା ଭଳି କାର୍ଯ୍ୟରେ ସହାୟକ ହେଉଥିବା ବୋଟ୍ ଦ୍ୱୟ ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଛି। ଏଥିପ୍ରତି କାହାରି ନିଘା ନାହିଁ। ବନ୍ୟା ବେଳେ ଖୋଜା ପଡୁଥିବା ବୋଟ୍ ଦ୍ୱୟ ପରେ ଅଦରକାରୀ ହୋଇ ପଡ଼ିଛି। ଉଲ୍ଲେଖନୀୟ ଯେ, ଏହି ଦୁଇଟି ବୋଟ୍ ସ୍ପେଶାଲ ରିଲିଫ୍ କମିଶନଙ୍କ ପକ୍ଷରୁ ଭଣ୍ଡାରିପୋଖରୀ ଅଞ୍ଚଳ ଲାଗି ଯୋଗାଇ ଦିଆଯାଇଥିଲା। ବୈତରଣୀ ଓ ଗେଙ୍ଗୁଟି ନଦୀରେ ବନ୍ୟା ସମୟରେ ଏହାକୁ ବ୍ୟବହାର କରାଯାଉଥିଲା। ଦୁଇଟି ବୋଟ୍ ଚଳାଇବା ପାଇଁ ଦୁଇଜଣ ଖଲାସି ରହିଛନ୍ତି। ନଦୀରେ ବନ୍ୟା କମିଯିବା ପରେ ଏହାକୁ ଅଣାଯାଇ ବ୍ଲକ ପରିସର ପଛପଟେ ପକାଯାଇ ରଖାଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଯନ୍ତ୍ରଚାଳିତ ଦୁଇ ବୋଟ୍‌ର ମଟର କଢ଼ାଯାଇ ରଖାଯାଇଥିବା ବେଳେ ବୋଟ୍‌ଗୁଡ଼ିକ ପଡ଼ିରହିଛି। ଏପରି କି ପ୍ରତ୍ୟେକ ବର୍ଷ ରଙ୍ଗ ଟିକେ ମଧ ଦିଆଯାଉନାହିଁ। ବୋଟ୍‌ଗୁଡ଼ିକର ରକ୍ଷଣାବେକ୍ଷଣ କରା ନ ଗଲେ ଏହା ବ୍ୟବହାର ଅନୁପଯୋଗୀ ହୋଇପଡ଼ିବାର ଆଶଙ୍କା ରହିଛି। ଏ ସମ୍ପର୍କରେ ବିଡିଓ ବନମାଳୀ ତରାଇଙ୍କୁ ପଚାରିବାରୁ କହିଛନ୍ତି, ପଦାରେ ପଡ଼ିଥିବା ବୋଟ୍‌କୁ ରଖିବା ଲାଗି ସେଭଳି ଘର କି ଜାଗା ନାହିଁ। ବୋଟ୍‌ର ମଟର ଦୁଇଟି ସୁରକ୍ଷିତ ଅବସ୍ଥାରେ ଅଫିସରେ ରହିଛି।

# ସରକାରୀ ଖାତାକୁ ଫେରିଲା ସେନାପତିଆ ପୋଖରୀଆଡ଼ି ହଡ଼ପ ଜମି

**ଧାମନଗର, ୧୨।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ ମୁସ୍ତାଫାପୁର ପଞ୍ଚାୟତର ମୁକୁନ୍ଦଦେବଙ୍କ ରାଜୁତି ଅମଳର ସେନାପତିଆ ପୋଖରୀଆଡ଼ିର ହଡ଼ପ ୫ ଏକର ୮୮ ଡେସିମିଲ ଜମିକୁ ସରକାରୀ ଖାତାକୁ ଫେରାଇବାକୁ ଭଦ୍ରକ ଜିଲା ଏଡିଏମ୍ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ପରେ ଦୋବଲ, ମୁସ୍ତାଫାପୁରର ଅଭିଯୋଗକାରୀମାନେ ଖୁସିବ୍ୟକ୍ତ କରିଛନ୍ତି। ଏହାସହିତ ପୁଷ୍କରିଣୀ ପୁନରୁଦ୍ଧାର ସକାଶେ ଆସିଥିବା ଅନୁଦାନ ଅର୍ଥରେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବା ପାଇଁ ଗ୍ରାମବାସୀ ଆଶା ବାନ୍ଧିଛନ୍ତି।

ଉଲ୍ଲେଖନୀୟ ଯେ, ମୁକୁନ୍ଦଦେବଙ୍କ ଅମଳରେ ଉକ୍ତ ବିଶାଳ ପୁଷ୍କରିଣୀ ଖୋଳାଯାଇ ସୈନ୍ୟ ସାମନ୍ତଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ଥିଲା। ଗୌଡ଼ବିଶି ବେଲମଳା ଗ୍ରାମର ପଶ୍ଚିମ ଦିଗକୁ ୧୧ ଏକର ୧୩ ଡେସିମିଲ ପୋଖରୀରେ ଜଳଧାରଣ ହେଉଥିବାବେଳେ ପୋଖରୀର ପୂର୍ବ, ଦକ୍ଷିଣ ଓ ଉତ୍ତର ଦିଗକୁ ୫ ଏକର ୮୮ ଡେସିମିଲରେ ପୋଖରୀ ଆଡ଼ି ଥିଲା। ଉକ୍ତ ପୋଖରୀ ପରିତ୍ୟକ୍ତ ହୋଇପଡ଼ିଥିଲା। ୫ ଏକର ୮୮ ଡେସିମିଲ ପୋଖରୀଆଡ଼ି ଜମିକୁ ମୌଲାନା ସୟଦ ଗୁଲାମ ମହମ୍ମଦ କାଦ୍ରି ହବିବି ନିଜ ନାମରେ କରାଇ ନେଇଥିଲେ। ଏ ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଗ୍ରାମବାସୀ ଏହାକୁ ବିରୋଧ କରିବା ସହିତ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାମଧ୍ୟରେ ମହମ୍ମଦ କାଦ୍ରି ସେଥିରୁ ୪୦ ଡେସିମିଲ ଜମି ସାଗରିକା ରାଉତ ନାମ୍ନୀ ଜଣେ ମହିଳାଙ୍କୁ ବିକ୍ରି କରି ଦେଇଥିଲେ। ଏହି ଖବର ପ୍ରକାଶ ପରେ ୨୦୦୮ରେ ତତ୍କାଳୀନ ତହସିଲଦାର ସମ୍ପୂର୍ଣ୍ଣ ଜମିକୁ ନିଜ ଖାତାକୁ ନେଇଯାଇଥିଲେ। ଜବରଦଖଲକାରୀମାନେ ନିଜ ଦଖଲ ଦର୍ଶାଇ କୋର୍ଟ ବଳରେ ଉକ୍ତ ପ୍ଲଟ ଉପରେ ରହିତାଦେଶ ଜାରି କରିଥିଲେ। ଅନ୍ୟପକ୍ଷେ ଗ୍ରାମର ରାଜକିଶୋର ପଢିଆରୀ, ଅଜୟ ସ୍ୱାଇଁ, ନନ୍ଦକିଶୋର ସାହୁ ଏବଂ ସୁଶାନ୍ତ ପାଢ଼ୀ କୋର୍ଟ ଆଶ୍ରୟ ନେଇ ନିଜକୁ ପକ୍ଷଭୁକ୍ତ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। କୋର୍ଟ ୨୦୧୬ରେ ରହିତାଦେଶ ଉଠାଇବା ସହ ଗ୍ରାମବାସୀଙ୍କୁ ପକ୍ଷଭୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ମାମଲା ଭଦ୍ରକ ଏଡିଏମ୍‌ଙ୍କ କୋର୍ଟରେ ବିଚାରାଧୀନ ଥିବାବେଳେ ଗତବର୍ଷ ଜବରଦଖଲକାରୀ ଏବଂ ଗ୍ରାମବାସୀ ମୁହାଁମୁହିଁ ହେବା ସହିତ ଜଳପୋଡ଼ା ମଧ ହୋଇଥିଲା। ଏଡିଏମ୍ ଗତ ଗୁରୁବାର ସମ୍ପୂର୍ଣ୍ଣ ୫ ଏକର ୮୮ ଡେସିମିଲ ଜମିକୁ ସରକାରୀ ଖାତାକୁ ଫେରାଇବା ପାଇଁ ରାୟ ଶୁଣାଣି କରିଛନ୍ତି।

## ସଂକ୍ଷେପରେ

### ରାକେଶଙ୍କୁ ଏନ୍‌ଏସ୍‌ଏସ୍ ପୁରସ୍କାର



**ରୂପ୍‌ସା, ୧୨।୭(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍(ଜାତୀୟ ସେବା ଯୋଜନା) ସ୍ୱେଚ୍ଛାସେବୀ ରାକେଶ କୁମାର ବାରିକଙ୍କୁ ୨୦୧୮-୧୯ ଶିକ୍ଷାବର୍ଷ ପାଇଁ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରଦାନ କରାଯାଇଛି। ଫକୀରମୋହନ ବିଶ୍ୱବିଦ୍ୟାଳୟର ୨୧ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଶୁକ୍ରବାର ଝାଡ଼ଖଣ୍ଡର ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କଠାରୁ ସେ ମାନପତ୍ର ଓ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମଧୁମିତା ଦାସ, କୁଳସଚିବ ଅମର ସିଂହ ସୋରେନ, ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସଚ୍ଚିଦାନନ୍ଦ ଦେହୁରୀ ଓ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ଡ. ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶା ଏନ୍‌ଏସଏସ୍ ସଙ୍ଗଠନର ସଦସ୍ୟ, ସମାଜସେବା ଓ ରାଷ୍ଟ୍ର ନିର୍ମାଣ କ୍ଷେତ୍ରରେ ରାକେଶଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଚଳିତବର୍ଷ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ମନୋନୀତ କରାଯାଇଥିଲା। ତାଙ୍କ ସଫଳତା ପାଇଁ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ସଂଯୋଜକ ଡ. ପବିତ୍ରମୋହନ ନାୟକ, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗୌରାଙ୍ଗ ପଣ୍ଡା, ନୀଳମଣି ମହାବିଦ୍ୟାଳୟ ଅଧକ୍ଷ ଡ. ଜୟନ୍ତ କୁମାର ପଣ୍ଡା ଓ ଭଦ୍ରକ ଜିଲା କାର୍ଯ୍ୟକ୍ରମ ଅଧିକାରୀ ନାରାୟଣ ସେଠୀ ପ୍ରମୁଖ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ



**ବାଲେଶ୍ୱର ଅଫିସ, ୧୨।୭:** ବାଲେଶ୍ୱର ସଦର ବିଧାୟକ ମଦନ ମୋହନ ଦତ୍ତ ଶୁକ୍ରବାର ବ୍ଲକର ବିଭିନ୍ନ ସ୍ଥାନରେ ୭ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଏବଂ ୨ଟି ଗ୍ରାମୀଣ ରାସ୍ତାର ଶିଳାନ୍ୟାସ କରିଛନ୍ତି। ଗ୍ରାମ୍ୟ ଜଳଯୋଗାଣ ବିଭାଗ ଆନୁକୂଲ୍ୟରେ ବାହାବଳପୁର, ଏଣ୍ଡ୍ରି, ଦୁବଲାଗଡ଼ି, ଜୁଆରୀ ଆଲୁମେଦା, ବୁଧିଆମାରୀ ସାର୍ଥା, ପିଞ୍ଛାବଣିଆ ରୂପସା, ଆଙ୍କୋ, ମିରିଗିମୁଣ୍ଡି କଷିପଦାଠାରେ ଘରକୁ ଘର ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭ ଦିଆଯାଇଛି। ସେହିପରି ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୨ଟି ରାସ୍ତା 'ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା-୨' ଅନ୍ତର୍ଗତ ସାର୍ଥାଠାରୁ ପଞ୍ଚୁପଡ଼ା ଏବଂ ସାର୍ଥାଠାରୁ କଷାଫଳ ମୁହାଣ ପର୍ଯ୍ୟନ୍ତ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ ଅଧିକାରୀ ଏସ୍‌ଡିଓ ସମୀର ଦେ ଓ କନିଷ୍ଠଯନ୍ତ୍ରୀ ମୀରାଲିନ ପାତ୍ର ଏବଂ ଏ. ସୁଜାତା, ଗ୍ରାମ୍ୟ ଉନ୍ନୟନ ବିଭାଗର ଏସ୍‌ଡିଓ ଅଶ୍ୱିନୀ କୁମାର ଦଣ୍ଡପାଟ, କନିଷ୍ଠଯନ୍ତ୍ରୀ ଉମାଶଙ୍କର ବେହେରା, ବିଧାୟକ ପ୍ରତିନିଧି ତଥା ସମିତିସଭ୍ୟ ରବିନାରାୟଣ ମହାପାତ୍ର, ଜିଲା ପରିଷଦ ସଭ୍ୟା ସୁମତି ନାୟକ, ସାର୍ଥା ସରପଞ୍ଚ ସାନିଆ ମୁର୍ମୁ, ସମିତିସଭ୍ୟା ଜୟନ୍ତୀ ମୁର୍ମୁ, କଷିପଦା ସରପଞ୍ଚ ଅନିତା ବେହେରା ଓ ସମିତିସଭ୍ୟା ଅଭିପ୍ସା ନାୟକ, ବାହାବଳପୁର ସରପଞ୍ଚ ରଶ୍ମିତା ମଣ୍ଡଳ ଓ ସମିତିସଭ୍ୟା ଅନିମା ଦ୍ୱିବେଦୀ ଉପସ୍ଥିତ ଥିଲେ।

### ବଜ୍ରପାତରେ ଯୁବକ ମୃତ

**ଭୋଗରାଇ, ୧୨।୭(ଡି.ଏନ.ଏ.):** ଭୋଗରାଇ ବ୍ଲକ୍ କୁଲା ଗ୍ରାମର ଚାରୁ ସାହୁ(୪୦) ନାମକ ଯୁବକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଶୁକ୍ରବାର ସନ୍ଧ୍ୟା ୭ଟାରେ ସେ ଭୋଗରାଇ ହାଟରୁ ଫେରୁଥିବା ବେଳେ ସୁବର୍ଣ୍ଣରେଖା ପଟ୍ଟେଇ ଘାଟରେ ବଜ୍ରପାତ ହୋଇଥିଲା। ସେଠାରେ ସେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଜଳେଶ୍ୱରପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

## ■ ପରମିଟ୍ ନ ଫେରାଇବାରୁ
# ତହସିଲଦାରଙ୍କୁ ଅଟକ ରଖିଲେ ଲୋକେ

**ନୀଳଗିରି, ୧୨।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧିନ ମଚ୍ଛୁଆ ଗାଁ ନିକଟରେ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ଶୁକ୍ରବାର ତହସିଲଦାରଙ୍କୁ ପୋଲିସ ଉଦ୍ଧାର କରିଛି। ଘଟଣା ସମ୍ପର୍କରେ ଜାଣିବା ପାଇଁ ସନ୍ଧ୍ୟାରେ ପୋଲିସ ତହସିଲଦାର ଓ ଲୋକଙ୍କୁ ଥାନାକୁ ଡକାଇଛି। ଅପରାହ୍ନରେ ତହସିଲଦାର ସରପ୍ରାଇଜ ଚେକିଂରେ ମିତ୍ରପୁର ଉଦଳା ରାସ୍ତାରେ ଯାଇଥିଲେ। ମଚ୍ଛୁଆ ଛକ ନିକଟରେ ତହସିଲଦାର ବାଲି ବୋଝେଇ କରି ଆସୁଥିବା ଏକ ଟ୍ରକ(ଓଆର୦୧ଟି-୫୬୬୬)କୁ ଅଟକାଇ ଡ୍ରାଇଭରଙ୍କୁ ପରମିଟ ମାଗିଥିଲେ। ଡ୍ରାଇଭର ତହସିଲଦାରଙ୍କୁ ପରମିଟ୍ ଦେଖାଇଥିଲେ। ତହସିଲଦାର ଡୁପ୍ଲିକେଟ୍ ପରମିଟ୍ ଡ୍ରାଇଭରଙ୍କୁ ନ ଦେଇ ଉଭୟ ପରମିଟ୍‌କୁ ନେଇ ଆସିଥିଲେ। ଏନେଇ ଡ୍ରାଇଭର ଜୋରରେ ପାଟି କରିବାରୁ ସ୍ଥାନୀୟ ଲୋକ ରୁଣ୍ଡ ହୋଇଯାଇଥିଲେ। ଅସଲି ପରମିଟ ନେଇ ଡ୍ରାଇଭରଙ୍କୁ ଡୁପ୍ଲିକେଟ ପରମିଟ୍ ଦେବା ପାଇଁ ତହସିଲଦାରଙ୍କ ନିକଟରେ ଲୋକେ ଦାବି କରିଥିଲେ। ତହସିଲଦାର ଲୋକଙ୍କ ଦାବିକୁ ବେଖାତିର କରି ଡ୍ରାଇଭରଙ୍କୁ ଡୁପ୍ଲିକେଟ ପରମିଟ୍ ନ ଦେଇ ଗାଡ଼ିରେ ପଳାଇବାକୁ ଉଦ୍ୟମ କରିଥିଲେ। ଏହାର ପ୍ରତିବାଦ କରି ଲୋକେ ତହସିଲଦାରଙ୍କ ଗାଡ଼ିକୁ ଛାଡ଼ି ନ ଥିଲେ। ପୋଲିସ ପହଞ୍ଚି ଲୋକଙ୍କ ବୁଝାଶୁଝା କରି ତହସିଲଦାରଙ୍କୁ ଉଦ୍ଧାର କରିଥିଲେ। ଏ ସମ୍ପର୍କରେ ତହସିଲଦାରଙ୍କ ମତାମତ ମିଳିପାରିନାହିଁ। ଥାନା ଅଧିକାରୀ ନଳିତା ମୋଦୀଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବାଲି ବୋଝେଇ ଗାଡିର ଡ୍ରାଇଭରଙ୍କୁ ତହସିଲଦାର ଡୁପ୍ଲିକେଟ ପରମିଟ୍ ନ ଦେବାରୁ ଏପରି ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାଯାଇଛି।



ସଚେତନତା ଶିବିରରେ ଉପସ୍ଥିତ 'ମୋନା'ର କର୍ମକର୍ତ୍ତା।

# 'ନିଶା ସେବନ କରିବି ନାହିଁ'
## ଶପଥ ନେଲେ ଛାତ୍ରୀଛାତ୍ର

**ବାଲେଶ୍ୱର ଅଫିସ, ୧୨।୭**

ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ତରଫରୁ ବାଲେଶ୍ୱର ଜିଲା ରେମୁଣା ହାଇସ୍କୁଲଠାରେ ନିଶା ବିରୋଧରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଫକୀରମୋହନ ସେନାପତି ସରକାରୀ ମେଡିକାଲ କଲେଜ ଅଧକ୍ଷ ଡା. ପ୍ରତାପ ଚନ୍ଦ୍ର ରଥ ଯୋଗଦେଇ କିଶୋର ବୟସରୁ ମାଦକ ଦ୍ରବ୍ୟ ସେବନର ଭୟାବହତା ସମ୍ପର୍କରେ ଛାତ୍ରୀଛାତ୍ରମାନେ ସଚେତନ ହେଲେ ଭବିଷ୍ୟତରେ ନିଶାମୁକ୍ତ ସମାଜ ଗଠନ ସମ୍ଭବ ହୋଇପାରିବ ବୋଲି ଅବଗତ କରାଇଥିଲେ। ଭବିଷ୍ୟତରେ 'କେବେ ବି ମୁଁ ନିଶା ସେବନ କରିବି ନାହିଁ' ବୋଲି ଶପଥ ନେବାକୁ ଡା. ରଥ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ।

ସଚେତନତା ଶିବିରରେ ଆଇନଜୀବୀ ପ୍ରଭାକର ସାହୁ ଅଧକ୍ଷତା କରିଥିଲେ। ଜିଲା ସାଧାରଣ ସମ୍ପାଦିକା ମମତା ମହାପାତ୍ର 'ମୋନା'ର କାର୍ଯ୍ୟକ୍ରମ ସମ୍ପର୍କରେ ଓ ମୁଖ୍ୟ ଉପଦେଷ୍ଟା ରୋଟାରିୟାନ୍ ସୁବ୍ରତ କର ସଚେତନତା କାର୍ଯ୍ୟକ୍ରମର ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅନୁପମା ନାୟକ କାର୍ଯ୍ୟକ୍ରମକୁ ଓ 'ମୋନା'ର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନୁଷ୍ଠାନ ତରଫରୁ ଡ. କ୍ଷୀତିଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ହେମଲତା ଦାସ, ଗୀତାଞ୍ଜଳି ସିଂ, ସୀତାନାଥ ଦାସ, ତ୍ରିଦୀପ ନାୟକ, ପ୍ରଦୀପ ଦାସ, ଗୌରାଙ୍ଗ ପାଣିଗ୍ରାହୀ, ଅକ୍ଷୟ ତ୍ରିପାଠୀ, ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ସମେତ ଶିକ୍ଷକ ହରିଶ୍ଚନ୍ଦ୍ର ପଣ୍ଡା, ଛାତ୍ରୀ ସଙ୍ଗୀତା ମହାନ୍ତି, ସହିଦା ଖାତୁନ୍, ଛାତ୍ର ଦେବବ୍ରତ ପରିଡ଼ା ପ୍ରମୁଖ ସେମାନଙ୍କ ବକ୍ତବ୍ୟରେ ନିଶାମୁକ୍ତ ସମାଜ ପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷକ ତପନ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଯୁବ ପ୍ରତିଭା ଆବିଷ୍କାର ପ୍ରକ୍ରିୟା ଆରମ୍ଭ

**ବାଲେଶ୍ୱର ଅଫିସ, ୧୨।୭**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଦ୍ୱାରା ଜିଲାରେ ଥିବା ଯୁବକ ସଂଘମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ, କ୍ରୀଡ଼ା ପ୍ରତିଯୋଗିତା ମାଧ୍ୟମରେ ପ୍ରତିଭାମାନଙ୍କୁ ଅନ୍ୱେଷଣ କରିବା ପାଇଁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଲାଗି ଦରଖାସ୍ତ ଆହ୍ୱାନ କରାଯାଇଛି। ଏଥିପାଇଁ ଆବେଦନ ସମୟସୀମାକୁ ବୃଦ୍ଧି କରାଯାଇଛି। ଜିଲାରେ ଥିବା ଇଚ୍ଛୁକ ଯୁବକ ସଂଘ ୨୦୧୯ ଜୁଲାଇ ୩୧ ତାରିଖ ସୁଦ୍ଧା ବାଲେଶ୍ୱର ଜିଲା କ୍ରୀଡ଼ା ଅଧିକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିପାରିବେ। ଆବେଦନ କରିବା ପାଇଁ ନିର୍ଦ୍ଧାରିତ ଦରଖାସ୍ତ ଫର୍ମ ସମସ୍ତ ବ୍ଲକ ଏବଂ ପୌରପରିଷଦ କାର୍ଯ୍ୟାଳୟଗୁଡ଼ିକରେ ଉପଲବ୍ଧ ରହିଛି। ଏତଦ୍‌ବ୍ୟତୀତ ଏହି ଫର୍ମ ଜିଲା ୱେବ୍‌ସାଇଟରୁ ମଧ୍ୟ ଡାଉନଲୋଡ଼ କରାଯାଇପାରିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଶୁକ୍ରବାର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

### ମଙ୍ଗଳପୁରରେ ବାରମ୍ବାର ଚୋରି

**ସୋର, ୧୨।୭(ଡି.ଏନ.ଏ.):** ସୋର ଥାନା ମଙ୍ଗଳପୁର ଅଞ୍ଚଳରେ ବାରମ୍ବାର ଚୋରି ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୧୫ଦିନ ତଳେ ସ୍ଥାନୀୟ କଲେଜରୁ ଚୋରି ହୋଇଯାଇଥିଲା। ପୋଲିସ ଚୋରି ସାମଗ୍ରୀକୁ ଉଦ୍ଧାର କରି ହସ୍ତାନ୍ତରିତ କରିଥିଲା। ପୁଣି ଗୁରୁବାର ରାତିରେ ଏହି କଲେଜ କାର୍ଯ୍ୟାଳୟ ଓ ବିଭିନ୍ନ ବିଭାଗର ଥିବା ଆଲମିରା ଚାବି ଭାଙ୍ଗି କାଗଜପତ୍ରକୁ ଚିରି ଦିଆଯାଇଛି। ସ୍ଥାନୀୟ ବଜାରରେ ଥିବା ୪ଟି ଦୋକାନର ତାଲା ଭାଙ୍ଗି ଚୋରି ହୋଇଥିବା ଜଣାପଡ଼ିଛି। ମନୋରଞ୍ଜନ ରଣାଙ୍କ ଗହଣା ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନାଗହଣା, ବିଦ୍ୟାଧର ବେହେରାଙ୍କ ତେଜରାତି ଦୋକାନରୁ ବିଭିନ୍ନ ସାମଗ୍ରୀ ସହିତ କ୍ୟାଶ୍ ବାକ୍ସରୁ ୧୦ହଜାର ଟଙ୍କା, ପ୍ରହ୍ଲାଦ ବେହେରାଙ୍କ ତେଜରାତି ଦୋକାନ, ଶୁକଦେବ ପଣ୍ଡାଙ୍କ ତେଜରାତି ଦୋକାନରୁ ବିଭିନ୍ନ ସାମଗ୍ରୀ ଓ ୧୦ହଜାର ଟଙ୍କା ଚୋରି ହୋଇଯାଇଛି। ଶୁକ୍ରବାର ସୋର ପୋଲିସ ପହଞ୍ଚି ତଦନ୍ତ କରିଛି।

## ■ ବ୍ୟାଙ୍କ ଡକାୟତି ଘଟଣା
# ସାଇଣ୍ଟିଫିକ୍ ଟିମ୍‌ର ତଦନ୍ତ ଆରମ୍ଭ
## ଗଠନ ହେଲା ସ୍ୱତନ୍ତ୍ର ପୋଲିସ ଟିମ୍

**ରୂପ୍‌ସା, ୧୨।୭(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଶ୍ରୀରାମପୁର ଶାଖାରୁ ଗୁରୁବାର ୩୨ଲକ୍ଷ ୪୨ହଜାର ଟଙ୍କା ଡକାୟତି ହୋଇଥିବା ଫିଲ୍ଡ଼ ଅଫିସର ଲିଙ୍ଗରାଜ ସାହୁ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା (ନଂ. ୧୮୭/୧୯) ରୁଜୁ କରି ପୋଲିସ ଡକାୟତଙ୍କୁ ଧରିବା ପାଇଁ ଜାଲ ବିଛାଇଛି। ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଗୁରୁବାର ସନ୍ଧ୍ୟାରେ ଏସ୍‌ପିଙ୍କ ସମେତ ସଦର ଏସ୍‌ଡ଼ିପିଓ ପ୍ରଭାସ ଚନ୍ଦ୍ର ପାଲ, ବସ୍ତା ଏସ୍‌ଡ଼ିପିଓ ରଣଜିତ ପୃଷ୍ଟି, ବସ୍ତା ଆଇଆଇସି ଧନେଶ୍ୱର ସାହୁ, ରୂପ୍‌ସା ଓଆଇସି ସୁଚନ୍ଦ୍ର ମହାଳିକ ପ୍ରମୁଖ ବ୍ୟାଙ୍କରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଅପରପକ୍ଷରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

ଗୁରୁବାର ଅପରାହ୍ନ ୧ଟା ୨୦ମିନିଟ୍ ସମୟରେ ୨ଟି ପଲସର୍‌ରେ ୬ଜଣ ଦୁର୍ବୃତ୍ତ ଆସି ବ୍ୟାଙ୍କରେ ଲୁଟ୍‌ପାଟ୍ କରିଥିଲେ। ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ମାରଣାସ୍ତ୍ର ସହ ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ମାତ୍ର ୧୦ମିନିଟ୍ ମଧ୍ୟରେ ଷ୍ଟ୍ରଙ୍ଗରୁମ୍ ଓ କ୍ୟାଶ୍ କାଉଣ୍ଟରରେ ଥିବା ୩୨ଲକ୍ଷ ୪୨ହଜାର ଟଙ୍କା ନେଇ ବ୍ୟାଙ୍କ ବାହାରୁ ତାଲା ପକାଇ ଚମ୍ପଟ ମାରିଥିଲେ। ଫିଲ୍ଡ଼ ଅଫିସର ଓ ୨ଜଣ ଗ୍ରାହକଙ୍କଠାରୁ ୩ଟି ମୋବାଇଲ ନେଇ ଯାଇଥିଲେ। ପୋଲିସ ଗାନ୍ଧୀଛକ-ମଥାନୀ ରାସ୍ତାରେ ପଡ଼ିଥିବା ଫିଲ୍ଡ଼ ଅଫିସରଙ୍କ ମୋବାଇଲ ଉଦ୍ଧାର କରିଛି। ବ୍ୟାଙ୍କ ପରିସରରୁ ୪ଟି ବୋମା ଓ ଗୋଟିଏ କଟର ମେଶିନ୍ ଜବତ କରାଯାଇଥିଲା। ତେବେ ଦୁର୍ବୃତ୍ତମାନେ ପଶ୍ଚିମବଙ୍ଗ ଅଞ୍ଚଳର ହୋଇଥାଇ ପାରନ୍ତି ବୋଲି ପୋଲିସ ଅନୁମାନ କରିବା ପରେ ଶୁକ୍ରବାର ଆଇଆଇସି ସାହୁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ପଶ୍ଚିମବଙ୍ଗରେ ଛାନଭିନ୍ ଆରମ୍ଭ କରିଛି।

# ରତ୍ନସିଂହାସନରେ ବିଜେ ଶ୍ରୀଜୀଉ
## ସରିଲା ବାହୁଡ଼ା ଯାତ୍ରା

**ବାଲେଶ୍ୱର ଅଫିସ, ୧୨।୭**

ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀନଗରରେ ଶ୍ରୀଜୀଉଙ୍କ ବାହୁଡାଯାତ୍ରା ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଶେଷ ହୋଇଛି। ଶୁକ୍ରବାର ପ୍ରଭାତରୁ ଶ୍ରୀଜୀଉମାନେ ବିଜେ କରିଥିବା ଗୁଣ୍ଡିଚା ମନ୍ଦିରରେ ସମସ୍ତ ରୀତିନୀତି ଓ ପୂଜାର୍ଚ୍ଚନା ପରେ ରତ୍ନବେଦିରୁ ଶ୍ରୀଜୀଉଙ୍କୁ ପହଣ୍ଡି କରାଯାଇ ଘଣ୍ଟ, ଘଣ୍ଟା, ମୃଦଙ୍ଗର ତାଳେ ତାଳେ ବିରାଟ ପଟୁଆରରେ ରଥ ଉପରକୁ ଅଣାଯାଇଥିଲା। ରଥ ଉପରେ ଛେରାପହଁରା କରାଯିବା ପରେ ଲକ୍ଷାଧିକ ଶ୍ରଦ୍ଧାଳୁ ରଥ ଦଉଡ଼ି ଟାଣି ଟାଣି ଶ୍ରୀମନ୍ଦିରକୁ ନେଇଯାଇଥିଲେ। ରଥ, ପଥ ଓ ଭକ୍ତ ସମସ୍ତେ ଏକାକାର ହୋଇଯାଇଥିଲେ। ରଥ ଜଗନ୍ନାଥ ମନ୍ଦିରରେ ପହଞ୍ଚିବା ପରେ ଠାକୁରଙ୍କୁ ରତ୍ନ ସିଂହାସନକୁ ନିଆଯାଇଥିଲା। ରଥଟଣା ଉତ୍ସବରେ ଇମାମୀ ଗ୍ରୁପ୍‌ର ଅନ୍ୟତମ ନିର୍ଦ୍ଦେଶକ ତଥା ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋୟେଙ୍କାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



ଇମାମୀ ମନ୍ଦିରରେ ବାହୁଡ଼ା ଯାତ୍ରା।

ଇମାମୀ ପେପର ମିଲ୍‌ସର ନିର୍ଦ୍ଦେଶକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶୀଲ କୁମାର ଖୈତାନଙ୍କ ସମେତ ମନ୍ଦିର ପ୍ରଶାସନର ବହୁ ପଦାଧିକାରୀ, କର୍ମଚାରୀ ଓ ସେମାନଙ୍କର ପରିବାରବର୍ଗ, ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତି ତଥା ପ୍ରଶାସନିକ ଅଧିକାରୀବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ରେମୁଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ସ୍ୱାସ୍ଥ୍ୟସେବା ଓ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ପାନୀୟଜଳ, ଡ୍ରୋନ୍ କ୍ୟାମେରା, ସୁଗନ୍ଧିତ ଜଳ ସିଞ୍ଚନ ସାଙ୍ଗକୁ ସ୍ଥାନୀୟ ରେମୁଣା ପୋଲିସ୍ ପ୍ରଶାସନ ପକ୍ଷରୁ ଟ୍ରାଫିକ୍ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ସୁଚାରୁ ରୂପେ କରାଯାଇଥିଲା। ବାହୁଡ଼ା ଯାତ୍ରାରେ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ସ୍ଥାନୀୟ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୀଳଗିରି ଏସ୍‌ଡିପିଓ ସୁଦାମ ଚରଣ ପାତ୍ର, ରେମୁଣା ଥାନାଧିକାରୀ ରଣଜିତ୍ କୁମାର ସାହୁ ଯୋଗଦେଇଥିଲେ। ଅଭିନେତ୍ରୀ ଜିନା ସାମଲ୍, ରୁଦ୍ର ପାଣିଗ୍ରାହୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଶ୍ରୀଜଗନ୍ନାଥ ମନ୍ଦିରର ମୁଖ୍ୟ ପୁରୋଧା ସୁଶୀଲ କୁମାର ଗୋୟେଙ୍କା, ଇମାମୀ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ଅଧିକାରୀ ପି.ଏସ୍. ପଟୱାରୀ, ସ୍ଥାନୀୟ ନିର୍ଦ୍ଦେଶକ ଏମ୍.ବି.ଏସ୍. ନାୟାର, ବରିଷ୍ଠ ସଭାପତି ସୁଶୀଲ କୁମାର ଖୈତାନ, ବରିଷ୍ଠ ଉପସଭାପତି ଆଶିଷ୍ ଏ. ଗୁପ୍ତା, ମହାପ୍ରବନ୍ଧକ ରଞ୍ଜନ କୁମାର ଜେନା, ଆର.କେ. ମିତ୍ତଲ୍, ଓମ୍ ପ୍ରକାଶ ଶର୍ମା, ନିଖିଳ ରଞ୍ଜନ ଦାସସାମନ୍ତରାୟ, ରମେଶ ଚନ୍ଦ୍ର ଖୁଣ୍ଟିଆ, ଦେବବ୍ରତ ହୋତା, ରାଜୁ ମୁଦ୍ରା ମନ୍ଦିର ପ୍ରଶାସନ ଅଧିକାରୀ ପ୍ରସନ୍ନ କୁମାର ସିଂହସାମନ୍ତ, ମୁଖ୍ୟ ପୂଜକ ପ୍ରଦୀପ୍ତ କୁମାର ମିଶ୍ର, ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶନିବାର ପୂର୍ବାହ୍ନ ୮ଟା ୩୦ମିନିଟ୍‌ରେ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ ବୋଲି ସ୍ଥିର ହୋଇଛି।

## ବାହୁଡ଼ିଲେ ତିନି ଠାକୁର

**ରୂପ୍‌ସା, ୧୨।୭(ଡି.ଏନ.ଏ.):** ମାଉସୀ ମା' ମନ୍ଦିରରେ ଲୀଳାଖେଳା ସରିବା ପରେ ତିନିଠାକୁର ପୁଣି ନିଜ ମନ୍ଦିରକୁ ଶୁକ୍ରବାର ବାହୁଡ଼ି ଆସିଛନ୍ତି। ବାହୁଡ଼ା ନୀତି ସମ୍ପନ୍ନ ହେବା ପରେ ତିନି ଠାକୁରଙ୍କ ରଥ ଆଜ୍ଞାମାଳ ପାଇ ଜନ୍ମବେଦିରୁ ରତ୍ନବେଦିକୁ ଭକ୍ତଙ୍କ ଗହଣରେ ଫେରିଛନ୍ତି। ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କସିପଦା, ବାହାବଳପୁର, ଛାନୁଆ, କଷାଫଳ, ଶ୍ରୀରାମପୁର, ସାର୍ଥା, ହଳଦୀପଦା ଆଦି ପଞ୍ଚାୟତ ସମେତ ରୂପ୍‌ସା ଥାନା ନିଳବାଡ଼ି, ରାଉତପଡ଼ା, ନୂଆଗାଁ, ବାଲିଗୁହିରୀ ଓ ଲଛମନଖୁଣ୍ଟା ଗ୍ରାମରେ ଶୁକ୍ରବାର ମହାଆଡ଼ମ୍ବରରେ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ମାଉସୀମା' ମନ୍ଦିରରୁ ପ୍ରଭୁ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରଥାରୂଢ଼ କରାଯାଇଥିଲା। ଖୋଳ, ଝାଞ୍ଜର ତାଳେ ତାଳେ ହରିନାମ ସଂକୀର୍ତ୍ତନ, ହୁଳହୁଳି ଓ ବେଦପାଠରେ ଏଠାକାର ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା। ବିପୁଳ ଉତ୍ସାହ, ଉଦ୍ଦୀପନା ମଧ୍ୟରେ ମହିଳା, ପୁରୁଷ ଭକ୍ତମାନେ ରଥ ଟାଣି ମହାପ୍ରଭୁଙ୍କଠାରେ ଭାବଭକ୍ତିରେ ମଜ୍ଜି ଯାଇଥିଲେ।

## ଭକ୍ତିମୟ ଭୋଗରାଇ

**ଭୋଗରାଇ,(ଡି.ଏନ.ଏ.):** ଭୋଗରାଇର ବିଭିନ୍ନ ସ୍ଥାନରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ଚନ୍ଦନେଶ୍ୱର, ଶଙ୍ଖାରୀ, ଶ୍ରଦ୍ଧାପୁର, କୀର୍ତ୍ତନିଆ, ଆଉସା, ନିମାତ୍‌ପୁର, ଜୟରାମପୁର, ଜଗନ୍ନାଥପୁର, ହାଟସରିଷା, ନେଗୁଆଁ, ଜଳସୋହରିଆ, ଚୌକି, ବେଲା, ହରିପୁର ସମାଜ, ଦେଉଳାହାଟ, ଅନଳିଆ ହାଟ, ଭୋଗରାଇ ହାଟ, ରସିଦପୁର, ଥାନାଛକ, ବାଉଁଶଡ଼ିହା, କମର୍ଦ୍ଦା, ମହାଗବ ଆଦି ସ୍ଥାନରେ ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ପ୍ରଭୁ ଜଗନ୍ନାଥଙ୍କ ବାହୁଡ଼ା ରଥ ମାଉସୀମା' ମନ୍ଦିରରୁ ମୁଖ୍ୟ ମନ୍ଦିରକୁ ବିଜେ କରିଛନ୍ତି। ଏଥିନିମନ୍ତେ ଚନ୍ଦନେଶ୍ୱର, ଚୌକି, ରସିଦ୍‌ପୁର କୃପାକ୍ଷେତ୍ର ଓ କମର୍ଦ୍ଦାରେ ଜଗନ୍ନାଥ ଭକ୍ତଙ୍କ ସନ୍ଧ୍ୟାରେ ପ୍ରବଳ ଗହଳି ଲାଗିଛି। ଭଜନ, କୀର୍ତ୍ତନ, ପ୍ରବଚନ ସହ ଆଧ୍ୟାତ୍ମିକ ପରିବେଶରେ ଭୋଗରାଇ ଭକ୍ତିମୟ ହୋଇଛି। ଜଳସୋହରିଆ ଡାକ୍ତରଖାନା ପଡ଼ିଆରେ ୮ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି।

## ଚନ୍ଦନପୋଖରୀଠାରେ ଅଟକିଲେ ଗୁଡ଼ବଳଦେବଜୀଉ



ଚନ୍ଦନପୋଖରୀଠାରେ ଅଟକିଛନ୍ତି ଗୁଡ଼ବଳଦେବଜୀଉ।

**ସୋର, (ଡି.ଏନ.ଏ.):** ସୋର ବ୍ଲକ ଗୁଡ଼ ଗ୍ରାମରେ ପ୍ରସିଦ୍ଧ ଲାଭ କରିଥିବା ଗୁଡ଼ବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଛି। ପରମ୍ପରାନୁସାରେ ଜୀଉଙ୍କ ରଥ ବାହୁଡ଼ା ଯାତ୍ରାରେ ଦୁଇଦିନରେ ମନ୍ଦିରରେ ପହଞ୍ଚିବେ। ପରମ୍ପରା ଅନୁସାରେ ମାଉସୀମା' ମନ୍ଦିରରେ ସମସ୍ତ ପୂଜା ନୀତି ଶେଷ ପରେ ଅପରାହ୍ନ ସାଢ଼େ ୪ଟାରେ ଜୀଉଙ୍କୁ ରଥାରୂଢ଼ କରାଯାଇଥିଲା। ରଥରେ ଭକ୍ତଙ୍କୁ ଦର୍ଶନ ଦେବା ସହିତ ଭୋଗ ଲଗାଯାଇଥିଲା। ପରେ ରଥ ଟଣା ଯାଇ ଚନ୍ଦନ ପୋଖରୀ ନିକଟରେ ଅଟକିଥିଲା। ଶନିବାର ଦ୍ୱିତୀୟ ଦିନରେ ରଥଟଣା ଆରମ୍ଭ ହେବ। ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ତଥା ସ୍ଥାନୀୟ ଗ୍ରାମବାସୀ ଓ ସୋର ପୋଲିସ ଉପସ୍ଥିତିରେ ବାହୁଡ଼ା ଯାତ୍ରା ଆରମ୍ଭ ହୋଇଛି। ବିଭିନ୍ନ ଅଞ୍ଚଳରୁ ପାଖାପାଖି ୧୦ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା।

## ବାହାନଗାରେ ବାହୁଡ଼ା

**ବାହାନଗା, (ଡି.ଏନ.ଏ.):** ବାହାନଗା ବ୍ଲକର ତାଳକୁରୁଣିଆଁ, ବଡଗାଁ, ଗୋପାଳପୁର, ଷଠୀ, ପଣପଣା, ଖନ୍ତାପଡ଼ା, ଦୋଳପୁର, ପଣ୍ଡାଶୁଣି, ଶ୍ରୀଜଙ୍ଗ ଓ ତାଳପଦା ଗ୍ରାମରେ ମହାପ୍ରଭୁଙ୍କ ବାହୁଡାଯାତ୍ରା ଶୁକ୍ରବାର ମହାଆଡମ୍ବରରେ ଅନୁଷ୍ଠିତ ହୋଇଛି। ଗୋପାଳପୁର ଜଗନ୍ନାଥଙ୍କ ବାହୁଡା ଯାତ୍ରାରେ ପହଣ୍ଡି ବେଳେ ଲମ୍ବୋଧର ମିଶ୍ର ଛେରାପହଁରା କରିଥିଲେ। ଗୋପାଳପୁର ନିଗମାନନ୍ଦ ମନ୍ଦିର ପରିସରରେ ପ୍ରଭୁଙ୍କ ମାଉସୀ ମା' ମନ୍ଦିର ନିର୍ମାଣ କରାଯାଇ ଠାକୁରଙ୍କ ବିଭିନ୍ନ ବେଶ କରାଯାଇଥିଲା। ତାଳକୁରୁଣିଆଁରେ ୩ଟି ରଥରେ ବିଜୟ କୁମାର ସାହୁ ଛେରାପହଁରା କରିଥିଲେ। ଗୋଟିଏ ରଥ ଦଧିବାମନଙ୍କ ସହିତ ସୁଦର୍ଶନ ଓ ଦେବୀ ସୁଭଦ୍ରାଙ୍କୁ ଅଧିଷ୍ଠିତ କରାଯାଇଥିବା ବେଳେ ଅନ୍ୟ ଦୁଇଟି ରଥରେ ବଳଭଦ୍ର ଓ ବଡ଼ଠାକୁର ଜଗନ୍ନାଥଙ୍କୁ ଅଧିଷ୍ଠିତ କରାଯାଇଥାଏ। ତାଳକୁରୁଣିଆଁ ବଜାରରେ ଠାକୁରଙ୍କ ଅସ୍ଥାୟୀ ମାଉସୀ ମା' ମନ୍ଦିର କରାଯାଇ ମହାପ୍ରଭୁଙ୍କ ବିଭିନ୍ନ ବେଶ କରାଯାଇଥିଲା। ଅସ୍ଥାୟୀ ମାଉସୀ ମା' ମନ୍ଦିରରୁ ଠାକୁରଙ୍କୁ ଅପରାହ୍ନରେ ପହଣ୍ଡି କରି ୩ଟି ରଥରେ ଅଧିଷ୍ଠିତ କରି ଶ୍ରଦ୍ଧାଳୁଙ୍କ ଦ୍ୱାରା ରଥକୁ ଟଣାଯାଇ ଶ୍ରଦ୍ଧାଳୁଙ୍କ ଦର୍ଶନ ନିମନ୍ତେ ନିକଟସ୍ଥ ରଥପଡ଼ିଆରେ ରାତି ୧୦ଟା ପର୍ଯ୍ୟନ୍ତ ରଖାଯାଇଥିଲା। ପରେ ଉଭୟ ରଥକୁ ଟାଣି ମନ୍ଦିରକୁ ନିଆଯାଇଥିଲା। ରଥ ପରିଚାଳନା କମିଟିର ନାରାୟଣ ସାହୁ, ଶ୍ୟାମସୁନ୍ଦର ସାହୁ, ସୁଧାକର ସାହୁ, ଅନିରୁଦ୍ଧ ଦାସ, ସତ୍ୟନାରାୟଣ ମହାପାତ୍ର, ଦେବକାନ୍ତ ମଲିକ, ପଙ୍କଜ ପଣ୍ଡା, ଲକ୍ଷ୍ମୀଧର ସାହୁ ପ୍ରମୁଖ ଗ୍ରାମବାସୀଙ୍କ ସହାୟତା କରିଥିଲେ।

# ଖରିଫ ଚାଷ କାର୍ଯ୍ୟ ନିର୍ଦ୍ଧାରଣ
## ସଫଳ ରୂପାୟନ ଉପରେ ଗୁରୁତ୍ୱ

**ବାଲେଶ୍ୱର ଅଫିସ, ୧୨।୭**

ବାଲେଶ୍ୱର ଜିଲା ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଜିଲା କୃଷି ବିଭାଗ ପକ୍ଷରୁ ଚଳିତବର୍ଷ ଖରିଫ-୨୦୧୯ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ନିର୍ଦ୍ଧାରଣ କରାଯାଇଛି। ଜିଲାପାଳ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଅଧକ୍ଷତା କରିଥିଲେ। ୨୦୧୮-୧୯ ରବି ଋତୁର ଲକ୍ଷ୍ୟ ହାସଲ, ଚଳିତ ଖରିଫ ଋତୁ ପାଇଁ ବିଭିନ୍ନ ଫସଲ ଏବଂ ନିର୍ଦ୍ଧାରିତ କୃଷି କାର୍ଯ୍ୟକ୍ରମର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ଖରିଫ ଋତୁ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ କୃଷି ଅଧିକାରୀମାନେ ସୂଚନା ଦେଇଥିଲେ। ଲକ୍ଷ୍ୟ ହାସଲ ଲାଗି କ୍ଷେତ୍ର ଅଧିକାରୀମାନେ ନିଷ୍ଠାପର ଉଦ୍ୟମ କରିବା ଉପରେ ଅତିରିକ୍ତ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। କୃଷି ଉପନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପରିଡ଼ା, ବିବିସିସି ବ୍ୟାଙ୍କର ଡିଜିଏମ୍ ଜଳଧର ପଣ୍ଡା, ଏଲଡ଼ିଏମ ସୁଦୀପ ଡାକୁଆ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁନୀଲ କୁମାର ମହାପାତ୍ର, ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ କଲ୍ୟାଣ କୁମାର ଡନ ପ୍ରମୁଖ ଉପସ୍ଥିତ ରହି ବିଭାଗୀୟ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ୨୦୧୯ ଖରିଫ ଋତୁରେ ଚାଷୀମାନଙ୍କୁ ଠିକ୍ ସମୟରେ ତଥା ସୁଲଭ ମୂଲ୍ୟରେ ସାର, କୀଟନାଶକ ଓ ବିହନ ଯୋଗାଣ, ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା, ସବସିଡ଼ି ପ୍ରଦାନ, ଚାଷ ପାଇଁ ଖର୍ଚ୍ଚ ହ୍ରାସ କରିବା, ସଏଲ ହେଲ୍‌ଥ କାର୍ଡ଼ ବଣ୍ଟନ, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର କାର୍ଯ୍ୟକାରିତା, ୨୦୨୨ସୁଦ୍ଧା ଚାଷୀମାନଙ୍କର ଆୟକୁ ଦ୍ୱିଗୁଣିତ କରିବା, ଜୈବିକ କୃଷି ଉପରେ ପ୍ରାଧାନ୍ୟ, ସାରର ଉପଯୁକ୍ତ ବ୍ୟବହାର ଏବଂ ବିକ୍ରିର ସଠିକ୍ ପରିଚାଳନା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ବନ୍ଧୀୟ ନିୟମାବଳୀ ଓ ତା'ର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଚଳିତ ଖରିଫ ଋତୁରେ କୃଷି ବିଭାଗ ତରଫରୁ ୧ଲକ୍ଷ ୯୯ହଜାର ୩୬୯ ହେକ୍ଟର ଜମିରେ ଧାନ ଫସଲ ଏବଂ ୧୯,୩୬୮ ହେକ୍ଟର ଜମିରେ ଅଣଧାନ ଫସଲ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ନିର୍ଦ୍ଧାରଣ କମିଟି ବୈଠକ ପରେ ୨୧ତମ ଆତ୍ମା ପରିଚାଳନା ମଣ୍ଡଳୀ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବୈଠକରେ ୨୦୧୯-୨୦ ବର୍ଷ ପାଇଁ ପ୍ରଥମ ପର୍ଯ୍ୟାୟରେ ଦିଆଯାଇଥିବା ଅନୁଦାନ ଖର୍ଚ୍ଚ କରିବା ଲାଗି ସ୍ଥିର କରାଯାଇଥିଲା। ଏଥିରେ କୃଷି ଓ ଆନୁଷଙ୍ଗିକ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ।

## PARADIP PORT TRUST

**CORRIGENDUM-II TO TENDER CALL NOTICE NO. EM/MM/P/STEEL/07/ 2018(Pt)/1906TDR112, DT. 11/06/2019 FOR SUPPLY OF STEEL MATERIALS**

The due date of submission of Tender & opening of Technical Bid is hereby further extended as below. (1) Last Date of submission of tender up to 13.30 PM of Dt. 24.07.2019. (2) Opening of Technical Bid at 15.30 PM of Dt. 26.07.2019. All other terms and conditions in the original tender remained unaltered. For details of the tender interested bidders may log on to our website **www.paradipport.gov.in** or contact the office of the undersigned.

**PPT/PR/185/19-20 Date 12.07.2019**

**Sr. Dy. Materials Manager**

## PARADIP PORT TRUST

### e-AUCTION NOTICE

Paradip Port Trust intent to **Disposal of Old Damaged Steel Cord Conveyor Belt and Cut Pieces of Iron Ballard** on "as is where is basis" by e-auction through M/s. MSTC. For details, interested bidders may log on to MSTC website www.mstcindia.co.in/ www.mstcecommerce.com

**Sr. Dy. Materials Manager**

PPT/PR/182/19-20, Dt.12/07/2019

## 'e' - Procurement Notice

No. 53-C

**Tender Reference No.TCRM-76/2019-20**

**Bid Identification No.2019_ORULB_ 55394**

**No. 2059 / Dt. 11.07.2019**

Bid documents consisting of works with their estimated cost, cost of tender paper, EMD, time of completion, Class of Contractor and the set of terms & conditions of Contract and other necessary documents can be seen in Govt. website i.e. www.tendersorissa.gov.in

1) Name of the Work :- Civil work as mentioned in the website.
2) No. of works :- 03 Nos.
3) Estimated Cost :- Rs.13.13 lakhs to 20.00 lakhs
4) Period of Completion :- As per DTCN
5) Date & time of availability of Bid document in the portal :- from dt.15.07.2019 to dt.24.07.2019 upto 5.00 PM
6) Last date & time for receipt of Bid in the portal :- upto 5.00 PM of dt.24.07.2019
7) Last date for receipt of financial document. :- upto 1.00 PM of dt.25.07.2019
8) Bid received on line shall be opened on :- dt.25.07.2019 at 3.00 PM
9) Name & Address of the Officer inviting the bid :- Executive Officer, Talcher Municipality

Further details can be seen from the procurement portal i.e. www.tendersorissa.gov.in

13077/11/0003/1920 Sd./- Executive Officer Talcher Municipality

## THE ODISHA MINING CORPORATION LIMITED

OMC House, Bhubaneswar-751001,Odisha

CIN: U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

CAD-190

### E-auction Notice (18.07.2019 – 60th E-auction)

### Sub-Grade IRON ORE Fines

The Odisha Mining Corporation Ltd. intends to sell various grades of Sub-Grade Iron ore Fines produced at different iron ore mines at Gandhamardan Region in Keonjhar District & Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00AM to 2.00PM on 18.07.2019.**

For details, please visit the website of MSTC i.e. www.mstcecommerce.com

C.G.M. (Min.)

30005/11/0022/1920


See Career Appointment on every **Wednesday & Saturday**


## MARKFED - ODISHA

## AREA OFFICE, CUTTACK

### SEALED TENDER CALL NOTICE

Area Office, MARKFED, Cuttack invites sealed Tender Call Notice in two Bid System from adhok Rake Clearing & Transport Contractor in Odisha Cuttack Rake point for clearing of 50 Kg/45 Kg. weight fertilizer in HDPE bags received from Rail Rakes at Cuttack Railhead. Reputed and Financially Sound Contractor with minimum 5 (five) years experience in Fertilizer Rake Clearing are required to submit tender. The details terms & conditions along with tender paper may be obtained from MARKFED, Cuttack to submit the tender on or before Dtd.22.7.2019 upto 11 A.M. in the area office, MARKFED, Cuttack. The sealed tender will be opened on 22.7.2019 at 3 P.M. in the Office of the Area Manager, MARKFED, Area Office, Cuttack.

N.B.: The Selection Committee for Selection of Transport Contractor reserves the right to cancel/reject the tender at any time without assigning any reason thereof.

**By order of the Committee**

**Sd./- Area Manager, MARKFED, Cuttack**

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦିଗପହଣ୍ଡି

ପତ୍ର ସଂଖ୍ୟା: ୧୪୧୦ ତାରିଖ: ୧୧।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରକଳ୍ପ ନିର୍ଦ୍ଦେଶକ, ଗ୍ରାମ୍ୟ ଉନ୍ନୟନ ସଂସ୍ଥା, ଗଞ୍ଜାମ, ଛତ୍ରପୁର ପତ୍ର ସଂଖ୍ୟା ୫୭୯୦ ତା.୨୭।୦୫।୨୦୧୯ଙ୍କ ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ୨୦୧୮-୨୦୧୯ ଆର୍ଥିକ ବର୍ଷରେ ୧ ଅପ୍ରେଲ ୨୦୧୮ଠାରୁ ୩୧ ମାର୍ଚ୍ଚ ୨୦୧୯ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅନୁଦାନରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ମଷ୍ଟର ରୋଲ ଯାଞ୍ଚ, କାର୍ଯ୍ୟସ୍ଥଳ ପରିଦର୍ଶନ ଓ ଯାଞ୍ଚ ଏବଂ NSAP ର ସାମାଜିକ ସମୀକ୍ଷା କରାଯିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ସାମାଜିକ ସମୀକ୍ଷା OSSAAT ତତ୍ତ୍ୱାବଧାନରେ BSA ଏବଂ VRPSଙ୍କ ଦ୍ୱାରା ଅନୁଷ୍ଠିତ ହେବ। ପ୍ରତ୍ୟେକ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଦିବା ୧୧ ଘଣ୍ଟା ସମୟରେ ଗ୍ରାମସଭା ଅନୁଷ୍ଠିତ ହେବ। ସରପଞ୍ଚ ମହାଶୟ/ମହାଶୟାମାନେ ଉକ୍ତ କାର୍ଯ୍ୟସୂଚୀ ସମ୍ବନ୍ଧରେ ବିଜ୍ଞାପନ ଓ ଧେଣ୍ଡୁରା ମାଧ୍ୟମରେ ବହୁଳ ଭାବେ ପ୍ରଚାର କରିବା ପାଇଁ ଅନୁରୋଧ କରାଗଲା। ଏହି ସଭାରେ ପୁନର୍ବାର ଅବଗତ କରାଯାଉଛି ଯେ ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ/ ସଦସ୍ୟା, ପଞ୍ଚାୟତିରାଜ ଅନୁଷ୍ଠାନର ନିର୍ବାଚିତ ପ୍ରତିନିଧି, ଜନସାଧାରଣ, ମେଟ୍, କୁଶଳୀ ଓ ଅଣକୁଶଳୀ ଶ୍ରମିକମାନେ ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା। ଏହି ବୈଠକରେ ସରପଞ୍ଚ, NGO, SARDHA, ସମ୍ପୃକ୍ତ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ରହି ଦରକାରୀ ରେକର୍ଡ ଉପସ୍ଥାପିତ କରାଇବେ।

| କ୍ର.ନଂ. | ଗ୍ରାମ ପଞ୍ଚାୟତ | ସାମାଜିକ ସମୀକ୍ଷା NSAP (ନଥିପତ୍ର ଓ କ୍ଷେତ୍ର ଯାଞ୍ଚ) | ସାମାଜିକ ସମୀକ୍ଷା MGNREGS (ନଥିପତ୍ର ଓ କ୍ଷେତ୍ର ଯାଞ୍ଚ) | ଗ୍ରାମ ପଞ୍ଚାୟତ ଜନ ଶୁଣାଣି/ ସାମାଜିକ ସମୀକ୍ଷା ଗ୍ରାମ ସଭା ତାରିଖ | ନୋଡାଲ ଅଧିକାରୀଙ୍କ ନାମ |
|---|---|---|---|---|---|
| ୧ | ଆଙ୍କୋରଡା, କୁଶପଡା, କଇଠଖଣ୍ଡି, ଖମ୍ବାରୀଗାଁ, ନିମଖଣ୍ଡି ପେଣ୍ଠ | ୧୫।୦୭।୨୦୧୯ଠାରୁ ୧୮।୦୭।୨୦୧୯ | ୧୯।୦୭।୨୦୧୯ଠାରୁ ୨୮।୦୭।୨୦୧୯ | ୨୯।୦୭।୨୦୧୯ | IPO, WEO, AE, PA, GPEO |
| ୨ | ଚଷାନିମଖଣ୍ଡି, ସିଦ୍ଧେଶ୍ୱର, କୋଟିନଡା, ପଦ୍ମନାଭପୁର, ବାସୁଦେବପୁର | ୩୦।୦୭।୨୦୧୯ଠାରୁ ୦୨।୦୮।୨୦୧୯ | ୦୩।୦୮।୨୦୧୯ଠାରୁ ୧୨।୦୮।୨୦୧୯ | ୧୩।୦୮।୨୦୧୯ | APO, IPO, AE, PA, GPEO |
| ୩ | ଜକର, କଇଠଡା, ଚୌଧୁରୀଟିକରପଡ଼ା, ଗୌଡ ଗାଁ, ଭ୍ରମରପୁର | ୧୬।୦୮।୨୦୧୯ଠାରୁ ୧୯।୦୮।୨୦୧୯ | ୨୦।୦୮।୨୦୧୯ଠାରୁ ୨୯।୦୮।୨୦୧୯ | ୩୦।୦୮।୨୦୧୯ | GPEO, WEO, APO, PA, AE |
| ୪ | ବମୋକେଇ, ବି.ଏଲ୍.ଏନ୍.ପୁର, ଗଡଗୋବିନ୍ଦପୁର, ଗୋକର୍ଣ୍ଣପୁର, ବି.ତୁରୁବୁଡି | ୦୪।୦୯।୨୦୧୯ଠାରୁ ୦୭।୦୯।୨୦୧୯ | ୦୮।୦୯।୨୦୧୯ଠାରୁ ୧୭।୦୯।୨୦୧୯ | ୧୮।୦୯।୨୦୧୯ | WEO, PA, APO, IPO, BSA |
| ୫ | କରପଡା, ଫାସିଗୁଡା, ସହଦେବ ଟିକରପଡ଼ା, ଭୀଷ୍ମଗିରି, ବଡ ଡୁମୁଳା | ୨୦।୦୯।୨୦୧୯ଠାରୁ ୨୩।୦୯।୨୦୧୯ | ୨୪।୦୯।୨୦୧୯ଠାରୁ ୦୩।୧୦।୨୦୧୯ | ୦୪।୧୦।୨୦୧୯ | GPEO, IPO, APO, AE, BSA |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଦିଗପହଣ୍ଡି ପଞ୍ଚାୟତ ସମିତି

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଣ୍ଡାରିପୋଖରୀ

ପତ୍ରସଂଖ୍ୟା: ୨୧୪୭ ତା୧୧।୦୭।୧୯

ଏତଦ୍ୱାରା ଭଣ୍ଡାରିପୋଖରୀ ପଞ୍ଚାୟତ ସମିତି ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଦ୍ୱାରା ପ୍ରତ୍ୟେକ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮-୧୯ ଅବଧି (୦୧।୦୪।୨୦୧୮ରୁ ୩୧।୦୩।୨୦୧୯ ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଏବଂ ସହାୟତା କାର୍ଯ୍ୟକ୍ରମ ଗୁଡ଼ିକର ଶତପ୍ରତିଶତ (୧୦୦%) ମଷ୍ଟରରୋଲ ଯାଞ୍ଚ ଏବଂ ନଥିପତ୍ର, ଭାଉଚର ବିଲ୍ ଗୁଡ଼ିକର ସମୀକ୍ଷା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀମତେ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ଜବ୍‌କାର୍ଡ଼ଧାରୀ, ଶ୍ରମିକ, ସମସ୍ତ ହିତାଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ଓ ମନିଟରିଂ କମିଟିର ସଭ୍ୟ/ସଭ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗ୍ରାମରୋଜଗାର ସେବକ, ମେଟ୍, ବୈଷୟିକ ପରାମର୍ଶଦାତା ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ ରହିଲା।

| କ୍ର.ନଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମସଭା ତାରିଖ | ବିଷୟ | ସ୍ଥାନ | ଯୋଗଦେବାକୁ ଥିବା ଅଧିକାରୀ | ବ୍ଲକ ଜନଶୁଣାଣି |
|---|---|---|---|---|---|---|---|
| ୧ | ନପଙ୍ଗ, ମାଲଦା, ଷୋଳମପୁର, ସରସଦା, ରହଣିଆ | ୧୫।୦୭।୨୦୧୯ରୁ ୧୮।୦୭।୨୦୧୯ | ୨୯।୦୭।୨୦୧୯ | NSAP | ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | WEO, PA, NREGS ASST, BSSO, BDO | ୧୮।୧୦।୨୦୧୯ |
| | | ୧୯।୦୭।୨୦୧୯ରୁ ୨୯।୦୭।୨୦୧୯ | | MGNREGS | | | |
| ୨ | କୁରିଗାଁ, ପାଟୁଳି, ଦକ୍ଷିଣବାଡ଼, ବର୍ଯ୍ୟାଁବନାପୁର, ନିର୍ଗୁଣ୍ଡି | ୩୦।୦୭।୨୦୧୯ରୁ ୦୨।୦୮।୨୦୧୯ | ୧୩।୦୮।୨୦୧୯ | NSAP | ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | AEE, APO, GPEO, BSSO, PA | ୧୮।୧୦।୨୦୧୯ |
| | | ୦୩।୦୮।୨୦୧୯ରୁ ୧୩।୦୮।୨୦୧୯ | | MGNREGS | | | |
| ୩ | ବିଷ୍ଣୁପୁର, ଜଳମଣ୍ଡୁଆ, ରାଜେନ୍ଦ୍ରପୁର, ନାଆଁମୀ, ସାନଶାସନ | ୧୬।୦୮।୨୦୧୯ରୁ ୧୯।୦୮।୨୦୧୯ | ୩୧।୦୮।୨୦୧୯ | NSAP | ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | APO, ACP, BDO, PA, BDO | ୧୮।୧୦।୨୦୧୯ |
| | | ୨୦।୦୮।୨୦୧୯ରୁ ୩୧।୦୮।୨୦୧୯ | | MGNREGS | | | |
| ୪ | ବନ୍ଦାଲୋ, ମଡ଼ିଆଳି, ତେସିଙ୍ଗା, ଝୁଟୁଣା, ରଞ୍ଜିତ, ରାମଚନ୍ଦ୍ରପୁର | ୦୪।୦୯।୨୦୧୯ରୁ ୦୭।୦୯।୨୦୧୯ | ୧୮।୦୯।୨୦୧୯ | NSAP | ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | AEE, NREGS ASST (2 GP), GPEO | ୧୮।୧୦।୨୦୧୯ |
| | | ୦୮।୦୯।୨୦୧୯ରୁ ୧୮।୦୯।୨୦୧୯ | | MGNREGS | | | |
| ୫ | ବାଲିପୋଖରୀ, ନେରଡ଼ା, ନଗୁଆଁ | ୧୯।୦୯।୨୦୧୯ରୁ ୨୨।୦୯।୨୦୧୯ | ୦୩।୧୦।୨୦୧୯ | NSAP | ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ | APO, BDO, PA | ୧୮।୧୦।୨୦୧୯ |
| | | ୨୩।୦୯।୨୦୧୯ରୁ ୦୩।୧୦।୨୦୧୯ | | MGNREGS | | | |

ସ୍ୱା./- ମଣ୍ଡଳ ଉନ୍ନୟନ ଅଧିକାରୀ, ଭଣ୍ଡାରିପୋଖରୀ

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାସୁଦେବପୁର

ପତ୍ର ସଂଖ୍ୟା: ୧୦୯୨ ତା.୧୨।୦୭।୨୦୧୯

ଏତଦ୍ୱାରା ବାସୁଦେବପୁର ପଞ୍ଚାୟତ ସମିତି ଅଧୀନସ୍ଥ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA) ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ (NSAP) ଦ୍ୱାରା ପ୍ରତ୍ୟେକ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ୱାରା ୨୦୧୮-୧୯ ଅବଧି (୦୧।୦୪।୨୦୧୮ରୁ ୩୧।୦୩।୨୦୧୯) ଆର୍ଥିକ ବର୍ଷରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପ ଏବଂ ସହାୟତା କାର୍ଯ୍ୟକ୍ରମଗୁଡ଼ିକର ଶତ ପ୍ରତିଶତ (୧୦୦%) ମଷ୍ଟର ରୋଲ ଯାଞ୍ଚ ଏବଂ ନଥିପତ୍ର, ଭାଉଚର, ବିଲ୍‌ଗୁଡ଼ିକର ସମୀକ୍ଷା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ନିମ୍ନ କାର୍ଯ୍ୟସୂଚୀ ମତେ ଅନୁଷ୍ଠିତ ହେବ।

ଏହି କାର୍ଯ୍ୟକ୍ରମରେ ଗ୍ରାମପଞ୍ଚାୟତର ଜବ୍‌କାର୍ଡଧାରୀ, ଶ୍ରମିକ, ସମସ୍ତ ହିତାଧିକାରୀ, ସମସ୍ତ ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ଓ ମନିଟରିଂ କମିଟିର ସଭ୍ୟ-ସଭ୍ୟା, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା, ଗ୍ରାମ ରୋଜଗାର ସେବକ, ମେଟ୍, ବୈଷୟିକ ପରାମର୍ଶଦାତା ଉପସ୍ଥିତ ରହି ସାମାଜିକ ସମୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା।

| କ୍ର.ନଂ. | ଗ୍ରାମ ପଞ୍ଚାୟତନ୍‌ଗୁଡ଼ିକର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମସଭା ତାରିଖ | ବିଷୟ | ସ୍ଥାନ | ଯୋଗ ଦେବାକୁ ଥିବା ଅଧିକାରୀ | ବ୍ଲକ୍ ଜନ ଶୁଣାଣି |
|---|---|---|---|---|---|---|---|
| ୧ | ଇରମ, ଚୂଡ଼ାମଣି, ଶାଶୁ ଭୁଆଶୁଣି, ସୁଦର୍ଶନପୁର, ଆର୍ଡ୍ଡ, ଜଗନ୍ନାଥପୁର, ପଦୁଆ, ଅଢୁଆ, କୁମାରପୁର | ୧୫।୦୭।୨୦୧୯ରୁ ୧୮।୦୭।୨୦୧୯ / ୧୯।୦୭।୨୦୧୯ରୁ ୨୯।୦୭।୨୦୧୯ | ୨୯।୦୭।୨୦୧୯ | NSAP / MGN-REGA | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| ୨ | ନୂଆଗାଁ, ବାଲିମୁଣ୍ଡା, ବିଦେଇପୁର, ବିନୋବାଭାବେ ନଗର, ଗୋପବନ୍ଧୁନଗର, ବିରସ, ନାୟକାଣୀଡିହି, କରଞ୍ଜଆଡିଆ, ଗୋବିନ୍ଦପୁର | ୩୦।୦୭।୨୦୧୯ରୁ ୦୨।୦୮।୨୦୧୯ / ୦୩।୦୮।୨୦୧୯ରୁ ୧୩।୦୮।୨୦୧୯ | ୧୩।୦୮।୨୦୧୯ | NSAP / MGN-REGA | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| ୩ | ଆନ୍ଦୋଳା, ରାଜଘରପୋଖରୀ, ବାଲିମେଦ, ଲକ୍ଷ୍ମୀଦାସପୁର, ଜଗନ୍ନାଥପ୍ରସାଦ, ଲୁଙ୍ଗା, ସୁଗୋ, ଏଡତାଳ, ପଦ୍ମପୁର | ୧୬।୦୮।୨୦୧୯ରୁ ୧୯।୦୮।୨୦୧୯ / ୨୦।୦୮।୨୦୧୯ରୁ ୩୧।୦୮।୨୦୧୯ | ୩୧।୦୮।୨୦୧୯ (ପଦ୍ମପୁର) ୨୮।୦୮।୨୦୧୯ | NSAP / MGN-REGA | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |
| ୪ | ଗୁଆଗଡିଆ, ବ୍ରାହ୍ମଣଗାଁ, ଖରିଦା ବିନାୟକପୁର, ଅରଣ୍ଡୁଆ, ନରସିଂହପୁର, ବରଣ୍ଡୁଆ, ଆରୁହା, ସାନକୃଷ୍ଣପୁର, କିସ୍ମତ କୃଷ୍ଣପୁର | ୦୪।୦୯।୨୦୧୯ରୁ ୦୭।୦୯।୨୦୧୯ / ୦୮।୦୯।୨୦୧୯ରୁ ୧୮।୦୯।୨୦୧୯ | ୧୮।୦୯।୨୦୧୯ | NSAP / MGN-REGA | ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ | ପ୍ରାଧିକୃତ ଅଧିକାରୀ | |

ସ୍ୱା./- ଗୋଷ୍ଠୀ ଉନ୍ନୟନ ତଥା କାର୍ଯ୍ୟକ୍ରମ ଅଧିକାରୀ, ବାସୁଦେବପୁର

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଖପ୍ରାଖୋଲ

Tel. Phone: 06658-271025, E-mail ID: ori-khaprakhol@nic.in

ପତ୍ର ସଂଖ୍ୟା: ୨୬୬୫ ତାରିଖ: ୧୧।୦୭।୧୯

### ବିଜ୍ଞାପନ

ଏତଦ୍ୱାରା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ତା୦୧।୦୪।୨୦୧୮ଠାରୁ ତା୩୧।୦୩।୨୦୧୯ରିଖ ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକ ସହିତ **ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ** ସାମାଜିକ ସମୀକ୍ଷା ଗ୍ରାମସଭା ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଦିନ ଧାର୍ଯ୍ୟ ହୋଇଥିବା ପ୍ରତ୍ୟେକ ଗ୍ରାମ ପଞ୍ଚାୟତର ଗ୍ରାମ ଗୁଡ଼ିକରେ ସକାଳ ୧୦.୦୦ ଘଟିକାଠାରୁ ଆରମ୍ଭ ହେବ। ତେଣୁ ସର୍ବସାଧାରଣ, ସମସ୍ତ ପଞ୍ଚାୟତ ଲୋକପ୍ରତିନିଧି, ନାଗରିକ, କୁଶଳୀ, ଅର୍ଦ୍ଧକୁଶଳୀ ଓ ଅଣକୁଶଳୀ ଶ୍ରମିକ, ସ୍ୱେଚ୍ଛାସେବୀ ସଂଗଠନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟ/ସଭ୍ୟା, ଜାତୀୟ ସହାୟତା କାର୍ଯ୍ୟକ୍ରମ ହିତାଧିକାରୀ ଆଦିଙ୍କୁ ବହୁ ସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଗ୍ରାମସଭା ଦିନ ନିଜ ନିଜ ଗ୍ରାମ ପଞ୍ଚାୟତରେ ଉପସ୍ଥିତ ରହିବାକୁ ଆହ୍ୱାନ କରାଯାଉଛି।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

**ସମୟ: ଦିବା ୧୦ ଘଟିକାରୁ ଶେଷ ପର୍ଯ୍ୟନ୍ତ, ସ୍ଥାନ: ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ**

| ସାମାଜିକ ସମୀକ୍ଷା ପର୍ଯ୍ୟାୟ | ଗ୍ରାମପଞ୍ଚାୟତ ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ଶେଷ ତାରିଖ | ଗ୍ରାମସଭା ତାରିଖ | ଜନଶୁଣାଣି (ବ୍ଲକ ସ୍ତରୀୟ) | ନୋଡ଼ାଲ ଅଫିସର |
|---|---|---|---|---|---|---|
| ପ୍ରଥମ | ୧. ଘୁନସର ୨. ଦମେଇପାଲି ୩. ଧଣ୍ଡାମୁଣ୍ଡା ୪. ରେଙ୍ଗାଲି ୫. ତେଲେନପାଲି | ୧୬।୦୭।୧୯ | ୨୯।୦୭।୧୯ | ୩୧।୦୭।୧୯ | ୧୮।୧୦।୧୯ | 1. BPM 2. RWSS JE-I 3. RWSS JE-II 4. CDPO 5. CEO |
| ଦ୍ୱିତୀୟ | ୬. ଡୁଙ୍ଗରିଆ ୭. ପଡ଼ିଆବାହାଲ ୮. ଖପ୍ରାଖୋଲ ୯. ଲାଠୋର ୧୦. ସାହାଜପାଣି | ୦୨।୦୮।୧୯ | ୧୬।୦୮।୧୯ | ୨୦।୦୮।୧୯ | | 6. BPM 7. RWSS JE-I 8. RWSS JE-II 9. CDPO 10. CEO |
| ତୃତୀୟ | ୧୧. ଲୁହାସିଂହା ୧୨. ଓଡ଼ିଆପାଲି | ୨୧।୦୮।୧୯ | ୦୫।୦୯।୧୯ | ୦୬।୦୯।୧୯ | | 11. BPM 12. RWSS JE-I |
| | ୧୩. ନାନ୍ଦୁପଲା | ୨୧।୦୮।୧୯ | ୦୧।୦୯।୧୯ | ୦୫।୦୯।୧୯ | | 13. RWSS JE-II |
| | ୧୪. ଭାନପୁର ୧୫. ଟଙ୍କପାଣି | ୨୧।୦୮।୧୯ | ୦୫।୦୯।୧୯ | ୦୬।୦୯।୧୯ | | 14. CDPO 15. CEO |
| ଚତୁର୍ଥ | ୧୬. ବେନ୍ଦେର ୧୭. କରୁଆଁଝର ୧୮. ବାଘମୁଣ୍ଡ ୧୯. ମାଲପଡ଼ା ୨୦. ମହରାପଦର ୨୧. ମାଟିଆଭଟା | ୦୬।୦୯।୧୯ | ୨୦।୦୯।୧୯ | ୨୩।୦୯।୧୯ | | 16. BPM 17. RWSS JE-I 18. RWSS JE-II 19. CDPO 20. DEO 21. AO |

ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ-ତଥା-ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଖପ୍ରାଖୋଲ

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ

## ODISHA POWER TRANSMISSION CORPORATION LIMITED

(A Government of Odisha Undertaking)

OFFICE OF THE DEPUTY GENERAL MANAGER (ELECT.) E.H.T. (O&M) DIVISION, JODA

P.O.- BONEIKALA, DIST.- KEONJHAR, PIN: 758038 (ODISHA), PHONE NO.: 7328829375, E-mail: ehtm.div.jod@optcl.co.in

CIN: U40102OR2004SGC007553

Letter No.: 255 Dated: 11.07.2019

### TENDER CALL NOTICE NO.- 05/2019-2020

Sealed tenders are invited from the Civil & HT Contractors having valid "C" & "D" Class Civil Contractor licence issued by Govt. of Odisha/Military/Railways & having valid IT PAN Card/GST registration for the work of "SUPPLY, FITTING & FIXING OF PARKING TILES OUTSIDE OF DIVISION OFFICE, JODA" under EHT(O&M) Division, Joda. Cost of tender paper Rs.2240/-, EMD = Rs.5000/-. Sale of tender documents from Dt.16.07.2019 to 26.07.2019. Last date of submission of tender - 27.07.2019 upto 1.00 P.M. Date of opening of tender - 27.07.2019 at 3.00 P.M. For details visit our website: **www.optcl.co.in**.

Corrigendum if any will be published in the OPTCL website only.

**Sd./- Dy. General Manager (Elect.), EHT (O&M) Division, Joda**

## RITES ରାଇଟ୍‌ସ ଲିଃ

THE INFRASTRUCTURE PEOPLE

(ଭାରତ ସରକାରଙ୍କ ଏକ ଉଦ୍ୟୋଗ)

ସିଆଇଏନ୍ ନଂ.: ଏଲ୍‌୭୪୮୯୯ଡିଏଲ୍‌୧୯୭୪ଜିଓଆଇ୦୦୭୨୨୭

### ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି

**ଏନ୍‌ଆଇଟି ନଂ.: ଆର୍‌ଆଇଟିଇଏସ୍/ଡବ୍ଲ୍ୟୁଏସ୍/ଇସିଓଆର୍/ଏସ୍‌ଏଆର୍‌ଏଲ୍‌ଏ/ଡବ୍ଲ୍ୟୁଟି/୨୦୧୯**

ଜିଜିଏମ୍ (ଡବ୍ଲ୍ୟୁଏସ୍), ରାଇଟ୍‌ସ ଲିମିଟେଡ୍ **ପୂର୍ବତଟ ରେଳପଥ, ଭୁବନେଶ୍ୱର ତରଫରୁ** ନିମ୍ନଲିଖିତ କାର୍ଯ୍ୟ ପାଇଁ ଟେଣ୍ଡର କାଗଜପତ୍ରରେ ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ଠିକାଦାରମାନଙ୍କଠାରୁ ଦୁଇ ପ୍ୟାକେଟ୍ ପ୍ରଣାଳୀରେ **ଇ-ଟେଣ୍ଡରିଂ ପ୍ରଣାଳୀ ମାଧ୍ୟମରେ** ଅନ୍‌ଲାଇନ୍ ଶତକଡ଼ା ଦର ବିଡ୍ **ଆହ୍ୱାନ କରୁଛନ୍ତି: କାର୍ଯ୍ୟର ନାମ:** ସର୍ଲା ଷ୍ଟେଶନ ୟାର୍ଡ, ସମ୍ବଲପୁର, ଓଡ଼ିଶାଠାରେ ଫ୍ରେଟ୍ ୱାଗନ୍‌ଗୁଡ଼ିକ ପାଇଁ ଆର୍‌ଓଏଚ୍ ସୁବିଧା ସହିତ ଫ୍ରେଟ୍ ଟ୍ରେନ୍ ରକ୍ଷଣାବେକ୍ଷଣ ସୁବିଧା ସ୍ଥାପନ। ଅଟକଳ ମୂଲ୍ୟ: ଟ.୫୦.୯୩ କୋଟି, ଅମାନତ ରାଶି: ଟ.୨୫.୦୦ ଲକ୍ଷ, ସମାପ୍ତି ଅବଧି: ୧୮ ମାସ, **ଅନ୍‌ଲାଇନ୍ ଟେଣ୍ଡର ଦାଖଲର ଶେଷ ତାରିଖ:** ତା୦୫।୦୮।୨୦୧୯ରିଖ ୧୧.୦୦ ଘଟିକା। ଯୋଗ୍ୟତା ମାନଦଣ୍ଡ ସମେତ ସମ୍ପୂର୍ଣ୍ଣ ଟେଣ୍ଡର କାଗଜପତ୍ର ଟ.୧୫,୦୦୦/- ମୂଲ୍ୟରେ **https://etenders.gov.in/eprocure/app**ରୁ କ୍ରୟ/ହାସଲ କରାଯାଇପାରିବ।

**ଯୋଗପତ୍ର/ଶୁଦ୍ଧିପତ୍ର, ଯଦି ଥାଏ, କେବଳ ଅନ୍‌ଲାଇନ୍‌ରେ ସ୍ଥାନିତ କରାଯିବ।**

## The Odisha Small Industries Corporation Ltd.

( A Government of Odisha Undertaking) )

(An ISO:9001:2008 certified Govt.Company)

Industrial Estate, Madhupatna, CUTTACK – 753 010. Odisha.

Tel No. : 0671-2341204 ,2342816 Fax : 0671-2341875/2342561

e-mail: osicltd@gmail.com,osicmd@gmail.com, website: osicltd.in

### SHORT TENDER CALL NOTICE

Ref No. 2493 /OSIC Dt. 11.07.2019

The Managing Director, OSIC Ltd. invites percentage rate tender from experienced MSMEs duly empanelled with OSIC for the work, "Up-gradation of Conductor from 55 mm2 AAAC to 100 mm2 AAAC of 33 KV Feeder from Borigumma PSS to Sasahandi Tapping with Intermediate pole and line AB switch 400 Amp 3 pole 4 nos. DP with all accessories=13 Km amounting Rs. 57,00,000/- and Up-gradation of Conductor from 55 mm2 AAAC to 100 mm2 AAAC of 33 KV Feeder from Sasahandi Tapping to Kotpad PSS with Intermediate pole and line AB switch 400 Amp 3 pole 4 nos. DP with all accessories=15 Km amounting Rs. 60,00,000/-. The tender documents shall be available in OSIC website www.osicltd.in for above works

| | |
|---|---|
| Period of availability of tender documents | 16.07.2019 to 23.07.2019 up to 2.00 PM |
| Last date of submission of tender | 23.07.2019 at 3.00 PM |
| Date of opening of tender | 23.07.2019 at 3.15 PM |
| OSIC Service Charge | 5% of BID Value |
| Validity of Tender | 90 Calender days |

The detailed tender call notice can be downloaded from the OSIC website www.osicltd.in . The tender for the work is to be dropped in the tender box kept in the office of the MD, OSIC Ltd, Cuttack by the schedule date and time. Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto.

Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/-

(ER.Ranjan Kumar Kar)

**CHIEF GENERAL MANAGER**

## NANDANKANAN ZOOLOGICAL PARK

### TENDER NOTICE

**No.: 10 of 2019-20 Date: 12.07.2019**

Deputy Director, Nandankanan Zoological Park invites sealed tender in prescribed form from interested individuals/firms/entrepreneurs/agencies/authorized dealers from eligible reputed manufacturers having experience in selling and installation of Animal Carcass Incinerator and Sewerage Treatment Plants for

1. **Supply and Installation of Animal Carcass Incinerator (2 Nos.)** of 100 Kg./Hour and 50 Kg./ Hour Capacity (Last date of submission of tender - **25.07.2019 upto 5.30 P.M.**) and
2. **Supply and Installation of 5 Nos. of Sewerage Treatment Plants** (Last date of submission of Tender - **26.07.2019 upto 5.30 P.M.**) at Nandankanan Zoological Park.

Detailed terms and conditions along with prescribed Formats and Technical Specifications will be available separately for Incinerator and STP in the website of Nandankanan Zoological Park (**www.nandankanan.org**) from **15.07.2019**. The downloaded tender papers must be accompanied with a Bank Draft of **Rs.5900/-** (Rupees five thousand nine hundred) only (inclusive of 18% GST) in favour Deputy Director, Nandankanan Zoological Park payable at Bhubaneswar.

**Sd./- Deputy Director**

**Nandankanan Zoological Park**

## OFFICE OF THE MUNICIPAL COUNCIL, SONEPUR

### "e" Procurement Notice

### BID IDENTIFICATION No.SNP-MUN-1/2019-20

**No.1737** **Tender Call Notice** **Date: 11.07.19**

Bid documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract & other necessary documents can be seen in Govt. website i.e www.tendersodisha.gov.in.

1. Name of the Work : As per DTCN
2. No. of Works : 9 Nos.
3. Amount put to Tender : As per DTCN
4. Period of Completion : As per DTCN
5. Starting Date & Time of Bidding : From Dt. 13.07.2019 from 11.00 A.M
6. Last date & time for receipt of tenders through online : upto dt. 25.07.2019 upto 05.00 PM
7. Submission of Original Document : On or Before Dt.26.07.2019 within 05.00 P.M
8. Bids received online shall be opened on : On Dt: 27.07.2019 at 11.00 A.M
9. Name and Address of the Officer Inviting Bid : Executive Officer, Sonepur Municipality

Further details can be seen from the procurement portal i.e. www.tendersodisha.gov.in

**Sd./-Executive Officer**

**Sonepur Municipality**

## DISTRICT PROJECT OFFICE

## SAMAGRA SHIKSHA, MALKANGIRI

**E-mail: dpcmalkanssa.opepa@nic.in, Phone: 06861-230481(O)**

**No.: 2100 Dated: 11.07.2019**

### NOTIFICATION

It is brought to the notice of all concerned that the draft list of candidates applied for the Post of Warden, Accountant, Part Time Teacher (English), Part Time Teacher (Math/Science), Part Time Teacher (Sanskrit), Peon-cum-Attendant, Head Cook, Asst. Cook, Watch Man for newly opened residential School at Niladrinagar UP School of Malkangiri district in response to advertisement No. 419 dated 21.01.2019 is hereby published and the details can be downloaded from the website i.e. **www.malkangiri.nic.in** for submitting objection if any by 22.07.2019.

By the Order of Collector-cum-Chairman

**Sd./- District Project Coordinator**

**Samagra Shiksha, Malkangiri**

## GOVERNMENT OF ODISHA

## DEPARTMENT OF ODIA LANGUAGE LITERATURE AND CULTURE, ODISHA, BHUBANESWAR

**No.Est-VIII-1/2019 /OLL&C, dt.**

### ADVERTISEMENT

No.: 11-RR: Applications are invited from the eligible candidates with complete Bio-Data along with self attested photocopies of all mark sheets and certificates relating to age & educational qualifications for empanelment of Guest Faculties in S.V. Govt. School of Art & Crafts, Jeypore, Koraput functioning under the Odia Language Literature and Culture Department during the academic session 2019-20 in the subject mentioned below:-The Guest Faculties shall be paid honorarium @ of Rs. 300/- per classes subject to maximum ceiling of Rs.9,300/- per month.

1. **Guest faculties:-** (1) Instructor ,Graphic Art - 1
   (2) Instructor, Oil Painting - 1
   (3) Craft Teacher - 1
2. **Qualification:-**

Guest Faculties - Bachelor's Degree in Fine Art / Graphic Art & Traditional Art & Crafts in the concerned subject from the recognised Govt. Art Colleges.

The engagement of above Guest Faculties is purely temporary and may be terminated at any time without giving any notice or without assigning any reason thereof.

The selection of the Expert/ Selection Committee is final.

The engagement will not confirm any right of claiming regular appointment in future since regular appointment in future can only be given to the candidates duly selected and sponsored by OSSC/ OSSSC, Odisha.

The date & time of Interview will be notified in the Notice Board of S.V. Govt. School of Art & Crafts, Jeypore, Koraput and also communicated to the candidates over his/her Mobile Phone . Accordingly, the applicant will attend the interview in the office of the undersigned with their original certificates and mark sheets.

Applications complete in all respect should reach the office of the Instructor, S.V. Govt. School of Art & Crafts, Jeypore, Koraput, PIN Code- 764001 on or before **Dated 27/07/2019 by Speed/Registered Post** only. The applicants will have to mention on the body of the Envelop, the name of the post applied for i.e **(Application for the post of Instructor , Graphic Art /Oil Printing/ Crafts Teacher)**. No application will be received after due date or the institution will not be responsible for any postal delay.

For further details, the candidates will have to contact with the Instructor, S.V. Govt. School of Art & Crafts, Jeypore, Koraput in **Mob. No. 9078994830 / 9438221159**.

The undersigned reserve the right to cancel any or all application without assigning any reason thereof.

Director

& Additional Secretary to Govt.

03001/11/0011/1920

## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବୋଲଗଡ଼

No. 11-i

**ପତ୍ର ସଂଖ୍ୟା : ୧୯୩୦ / ତାରିଖ: ୦୮.୦୭.୨୦୧୯**

ଏତଦ୍ୱାରା ବୋଲଗଡ ପଞ୍ଚାୟତ ସମିତିର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୦୧ ଏପ୍ରିଲ,୨୦୧୮ ଠାରୁ ୩୧ ମାର୍ଚ୍ଚ,୨୦୧୯ ପର୍ଯ୍ୟନ୍ତ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ଅନ୍ତର୍ଗତ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଅନ୍ୟାନ୍ୟ ବିଭାଗ ମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ କାର୍ଯ୍ୟ ଏବଂ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା ଗ୍ରାମସଭା ମାଧ୍ୟମରେ ନିମ୍ନ କାର୍ଯ୍ୟସୂଚୀ ମତେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ । ଏଣୁ ଏହି ଗ୍ରାମସଭାରେ ସମସ୍ତ ଜବ କାର୍ଡଧାରୀ ତଥା ଅଣକୁଶଳୀ ଶ୍ରମିକ ଓ ସମସ୍ତ ଜନସାଧାରଣ ତଥା ସମ୍ପୃକ୍ତ ହିତାଧିକାରୀ ବହୁଳ **ଭାବରେ ଯୋଗଦେଇ** କାର୍ଯ୍ୟଗୁଡିକରେ ବ୍ୟବହୃତ ମଷ୍ଟର ରୋଲ ଏବଂ ଭଉଚ ସମ୍ବନ୍ଧୀୟ ଅନ୍ୟାନ୍ୟ କାର୍ଯ୍ୟର ସତ୍ୟାସତ୍ୟ ପ୍ରତିପାଦନ କରିବାକୁ **ଅନୁରୋଧ** ।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| କ୍ର.ନ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ଆରମ୍ଭ ତାରିଖ | ସାମାଜିକ ସମୀକ୍ଷା ଶେଷ ତାରିଖ | ପଞ୍ଚାୟତ ସ୍ତରୀୟ ସାମାଜିକ ସମୀକ୍ଷା ଗ୍ରାମସଭା ତାରିଖ | ସମୟ | ଗ୍ରାମସଭା ସ୍ଥାନ | ଗ୍ରାମସଭାରେ ଯୋଗଦେବାକୁ ଥିବା କ୍ଷମତା ସମ୍ପର୍ଣ୍ଣ ଅଧିକାରୀ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|---|
| ୧ | ବୋଲଗଡ | ୨୫.୦୭.୨୦୧୯ | ୦୮.୦୮.୨୦୧୯ | ୦୮.୦୮.୨୦୧୯ | ଦିବା ୧୦ ଘଟିକା | ଗ୍ରା.ପ. କାର୍ଯ୍ୟାଳୟ | ଜେ.ଇ. / ଜି.ପି.ଟି.ଏ / ନୋଡ଼ାଲ ଅଫିସର / ପି.ଇ.ଓ. / ଜି.ଆର.ଏସ. / ଭି.ଆର.ପି. | ୨୫.୧୦.୨୦୧୯ |
| ୨ | ଖଙ୍ଗୁରିଆ | | | | | | | |
| ୩ | କଳାଙ୍ଗ | | | | | | | |
| ୪ | ଦଳେଇସାହି | | | | | | | |
| ୫ | ଫାସିଓଦା | | | | | | | |
| ୬ | ଡାବରଧୁଆପାଟଣା | | | | | | | |
| ୭ | ବଡକୁମାରୀ | | | | | | | |
| ୮ | ବଙ୍କୋଇଦେଶ | ୧୩.୦୮.୨୦୧୯ | ୨୭.୦୮.୨୦୧୯ | ୨୭.୦୮.୨୦୧୯ | | | | |
| ୯ | ସାଗରଗୁଆଁ | | | | | | | |
| ୧୦ | ଆରିକମା | | | | | | | |
| ୧୧ | ପାଟପୁରଶାସନ | | | | | | | |
| ୧୨ | ଧଳାପଥର | | | | | | | |
| ୧୩ | ଗେଡିଆପଲ୍ଲୀ | | | | | | | |
| ୧୪ | ପିଟୁକୁଳି | ୩୧.୦୮.୨୦୧୯ | ୧୦.୦୯.୨୦୧୯ | ୧୦.୦୯.୨୦୧୯ | | | | |
| ୧୫ | ମାଣିବନ୍ଧ | ୨୯.୦୮.୨୦୧୯ | ୧୨.୦୯.୨୦୧୯ | ୧୨.୦୯.୨୦୧୯ | | | | |
| ୧୬ | ଅସରଳାଦଳ | | | | | | | |
| ୧୭ | ସାନପଦର | | | | | | | |
| ୧୮ | ଗୋପାଳପୁର | | | | | | | |
| ୧୯ | କଡବ | | | | | | | |

24051/11/0001/1920

ମଣ୍ଡଳ ଉନ୍ନୟନ ଅଧିକାରୀ, ବୋଲଗଡ଼

## ନୋଟିସ

### ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

### (ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଉପବିଭାଗ)

**ବାଙ୍କ ବିହାରୀ ଜେନା**

ପିତା: ଫକିର ଚରଣ ଜେନା

ଗ୍ରାମ: ଭଗବାନପୁର

ପୋଷ୍ଟ: କାଙ୍କଡ଼ପାଳ

ଥାନା: ଟାଉନ ଥାନା, ଢେଙ୍କାନାଳ

ଜିଲ୍ଲା: ଢେଙ୍କାନାଳ

ପିନକୋଡ୍: ୭୫୯୦୧୩

No.: 16-V: ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ବଦଳି ହୋଇଥିବା ଭେଜିଆ ସେବାଶ୍ରମରେ ଯୋଗଦାନ ନ କରି ବିନାଅନୁମତିରେ ଗତ ତା୨୦।୦୬।୨୦୧୮ରିଖ ଠାରୁ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉଦ୍ଦେଶ୍ୟମୂଳକ ଭାବେ ଅନଧିକାର ଛୁଟିରେ ରହିଛନ୍ତି। ଇତିମଧ୍ୟରେ ବାରମ୍ବାର ଆପଣଙ୍କୁ ଜିଲ୍ଲା ମଙ୍ଗଳ କାର୍ଯ୍ୟାଳୟ, ଢେଙ୍କାନାଳରୁ ଯେଉଁ ଠିକଣାରୁ ଆପଣ ଛୁଟି ବର୍ଦ୍ଧିତ କରିବା ପାଇଁ ଦରଖାସ୍ତ ପ୍ରେରଣ କରୁଛନ୍ତି, ଉକ୍ତ ଠିକଣାରେ ରେଜିଷ୍ଟ୍ରି ଡାକ ଦ୍ୱାରା ଆପଣଙ୍କ ଛୁଟି ବାତିଲ କରାଯାଇଥିବା ଓ ମେଡ଼ିକାଲ ବୋର୍ଡ଼ଙ୍କ ସମ୍ମୁଖରେ ଉପସ୍ଥିତ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଏବଂ ଜିଲ୍ଲାପାଳଙ୍କ ନିକଟରେ ବ୍ୟକ୍ତିଗତ ଶୁଣାଣି ପାଇଁ ହାଜର ହେବା ସମ୍ବନ୍ଧରେ ଜିଲ୍ଲା କାର୍ଯ୍ୟାଳୟରୁ ପ୍ରେରିତ ଚିଠିଗୁଡ଼ିକ ଆପଣ ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରୁଥିବା ମନ୍ତବ୍ୟ ଥାଇ ଫେରସ୍ତ ଆସିଛି।

ଆପଣଙ୍କର ଏତାଦୃଶ୍ୟ ଅନାଧିକାର ଛୁଟି ତଥା ଆପଣଙ୍କର କାର୍ଯ୍ୟକଳାପ ଓ ଆଚରଣବିଧିରେ ଅସନ୍ତୁଷ୍ଟ ହୋଇ ଜିଲ୍ଲାପାଳ, ଢେଙ୍କାନାଳ ଜିଲ୍ଲା କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୧୩୧୫ ତା୦୧।୦୭।୨୦୧୯ରିଖରେ ଆପଣଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଜିଲ୍ଲା କାର୍ଯ୍ୟାଳୟର ଚପରାସି ଓ ସମ୍ପୃକ୍ତ ସହାୟକ ଉକ୍ତ ନିଲମ୍ବନ ଆଦେଶକୁ ଆପଣଙ୍କୁ ହସ୍ତାନ୍ତର କରିବାକୁ ଆପଣଙ୍କ ଗୃହକୁ ଯାଇଥିଲେ ମଧ୍ୟ ଆପଣ ତାହା ଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିଦେଲେ। ତେଣୁ ସେମାନେ ବାଧହୋଇ ଉକ୍ତ ନିଲମ୍ବନ ଆଦେଶକୁ ଆପଣଙ୍କ ବାସଗୃହ କାନ୍ଥରେ ଲଟକାଜାରି କରିଛନ୍ତି। ଆପଣଙ୍କ ନିଲମ୍ବନ ସଂକ୍ରାନ୍ତ ସୂଚନା ମଧ୍ୟ ବିଭିନ୍ନ ଟି.ଭି. ଚାନେଲରେ ଓ ସମ୍ବାଦପତ୍ରରେ ପୂର୍ବରୁ ପ୍ରକାଶ ପାଇଛି।

ଏଣୁ ଆପଣଙ୍କୁ ଏହି ପ୍ରକାଶନ ମାଧ୍ୟମରେ ଜଣାଇ ଦିଆଯାଉଅଛି ଯେ, ଆପଣ ଗତ ତା୦୧।୦୭।୨୦୧୯ରିଖ ଠାରୁ ସରକାରୀ କାର୍ଯ୍ୟରୁ ନିଲମ୍ବିତ ହୋଇଅଛନ୍ତି ଏବଂ ଆପଣଙ୍କର ମୁଖ୍ୟ ଦପ୍ତର ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ହିନ୍ଦୋଳରେ ଅବସ୍ଥାପିତ କରାଯାଇଅଛି। ତେଣୁ ଆପଣ ତୁରନ୍ତ ଉପଜିଲ୍ଲାପାଳ, ହିନ୍ଦୋଳଙ୍କ ନିକଟରେ ଉପସ୍ଥିତ ହୋଇ ସେଠାରେ ଯୋଗଦାନ କରିବେ, ଏଥିରେ ବ୍ୟତିକ୍ରମ କଲେ ଆପଣ ଶୃଙ୍ଖଳା ଭଙ୍ଗ ପାଇଁ ବ୍ୟକ୍ତିଗତ ଭାବେ ଦାୟୀ ରହିବେ।

**ସ୍ୱା./- ଜିଲ୍ଲା ମଙ୍ଗଳ ଅଧିକାରୀ, ଢେଙ୍କାନାଳ**

24066/11/0001/1920


Your classified advertisement published in Dharitri will be listed free in Dharitri online edition :

**www.dharitri.com**

## ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

# ପ୍ରଶ୍ନକାଳରେ ଜୋରଦାର ହେଲା କ୍ରୀଡ଼ା, ଶିଳ୍ପ ବିଭାଗର ଆଲୋଚନା

- ନିର୍ଦ୍ଦିଷ୍ଟ ଉତ୍ତର ମିଳୁ ନ ଥିବାରୁ ସଭ୍ୟଙ୍କ କ୍ଷୋଭ
- ଶିଳ୍ପମନ୍ତ୍ରୀଙ୍କୁ ଘେରିଲେ ମୋହନ, ତାରା

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ଷୋଡ଼ଶ ବିଧାନସଭା ପ୍ରଥମ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଶ୍ନକାଳ ମଧ୍ୟ ବିନା ବାଧାରେ ଏକଘଣ୍ଟା ଧରି ଚାଲିଥିଲା। କ୍ରୀଡା ଓ ଯୁବ ସେବା , ଶିଳ୍ପ ଏବଂ ଶକ୍ତି ବିଭାଗ ପରି ପ୍ରମୁଖ ବିଷୟରେ ବିଭାଗୀୟ ମନ୍ତ୍ରୀମାନେ ଉତ୍ତର ରଖିଥିଲେ। ଶିଳ୍ପ ବିଭାଗ ସମ୍ପର୍କିତ ପ୍ରଶ୍ନର ଉତ୍ତର ନ ରଖୁଥିବା ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର କେତେକ ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ନ ରଖିବାରୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ଏବଂ କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ। ସେହିଭଳି କ୍ରୀଡ଼ା ବିଭାଗ ସମ୍ପର୍କିତ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉପରେ ବିଭାଗୀୟ ମନ୍ତ୍ରୀ ତୁଷାରକାନ୍ତି ବେହେରା ଉତ୍ତର ରଖିଥିଲେ।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ପ୍ରଶ୍ନ ସଂଖ୍ୟା-୧୮୩ର ଉତ୍ତର ରଖି ମନ୍ତ୍ରୀ ତୁଷାରକାନ୍ତି କହିଛନ୍ତି ଯେ, ରାଜ୍ୟର ୩୧୪ ବ୍ଲକସ୍ତରୀୟ ଓ ୧୪୯ଟି ସହରାଞ୍ଚଳ ମିନିଷ୍ଟାଡିୟମ ସମ୍ପୂର୍ଣ୍ଣ ହୋଇଛି। ତନ୍ମଧ୍ୟରୁ ୨୧୭ ମିନିଷ୍ଟାଡିୟମ ସମ୍ପୂର୍ଣ୍ଣ ହୋଇଛି। ୧୨୮ର କାର୍ଯ୍ୟ ଚାଲୁ ରହିଥିବା ବେଳେ ୧୧୮ଟିର କାର୍ଯ୍ୟ ଆରମ୍ଭ କରାଯିବ। ସେହିପରି ଫୁଟବଲ ଖେଳର ପ୍ରସାରପ୍ରଚାର ନିମିତ୍ତ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ଉପରେ ମନ୍ତ୍ରୀ ତୁଷାରକାନ୍ତି ଉତ୍ତର ରଖିଥିଲେ। ଏହା ପରେ ପ୍ରଶ୍ନକର୍ତ୍ତା ସୁରେଶ ପୂର୍ବ ସରକାର ସମୟରେ କ୍ରୀଡାର ଭିତ୍ତିଭୂମି ଉନ୍ନତି ନେଇ କରାଯାଇଥିବା କାର୍ଯ୍ୟର ଅବତାରଣା କରିଥିଲେ। ସେହିପରି ରାଜ୍ୟରେ ଏକ ସଙ୍ଗରେ ୫ଟି ସ୍ଥାନରେ ବଡ ଫୁଟବଲ ଟୁର୍ନାମେଣ୍ଟ ଆୟୋଜନ ହୋଇ ପାରିବ କି ନାହିଁ, ସେ ନେଇ ପ୍ରଶ୍ନ ପଚାରିଥିଲେ। ଏହା ଉପରେ ବିଜେଡି ବିଧାୟକ ଭୂପିନ୍ଦର ସିଂ ଅତିରିକ୍ତ ପ୍ରଶ୍ନ କରିବା ସହ ଅଶୀ ଦଶକରେ ରାଜ୍ୟ କ୍ରୀଡା ଭିତ୍ତିଭୂମି ନେଇ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। କ୍ରୀଡାର ଉନ୍ନତି ଆଥଲେଟିକ୍ସ ଉପରେ ନିର୍ଭରଶୀଳ, ତେଣୁ ସବୁସ୍ତରରେ ଆଥଲେଟିକ୍ସକୁ ଗୁରୁତ୍ୱ ଦେବାକୁ ପ୍ରସ୍ତାବ ଦେଇଥିଲେ। ଖେଳ ଇଣ୍ଡିଆ ଯୋଜନାରେ କେନ୍ଦ୍ର ସରକାର ଯୋଗାଇ ଦେବାକୁ ସହାୟତା ନେଇ ବିବରଣୀ ମାଗିଥିଲେ। ମନ୍ତ୍ରୀ ସଭ୍ୟଙ୍କୁ ତଥ୍ୟ ଯୋଗାଇବା ନେଇ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ରେଢାଖୋଲ ବିଧାୟକ ରୋହିତ ପୂଜାରୀ ପଶ୍ଚିମ ଓଡ଼ିଶାରେ କ୍ରୀଡା ଏକାଡେମୀ ପ୍ରସ୍ତାବ ସମ୍ପର୍କରେ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ହେଲେ ଏକାଡେମୀ ନେଇ କୌଣସି ବିଧିବଦ୍ଧ ପ୍ରସ୍ତାବ ଆସି ନ ଥିବା କ୍ରୀଡାମନ୍ତ୍ରୀ ଉତ୍ତର ରଖିଥିଲେ। ପରେ କଂଗ୍ରେସ ବିଧାୟକ ସୁରେଶ ରାଜ୍ୟରେ କୁସ୍ତି କସରତ ଭିତ୍ତିଭୂମି ଉନ୍ନୟନ ନେଇ ଅତିରିକ୍ତ ପ୍ରଶ୍ନ କରିଥିଲେ। ମୋହନ ମାଝୀଙ୍କ ପ୍ରଶ୍ନ ସଂଖ୍ୟା ୧୮୪ର ଉତ୍ତର ଦେଇ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର କହିଥିଲେ ଯେ, କେନ୍ଦୁଝର ଜିଲା ପଳାଶପଙ୍ଗାଠାରେ ଥିବା ଓଡ଼ିଶା ସ୍ପଷ୍ଟ ଆଇରନ ଆଣ୍ଡ ଷ୍ଟିଲ ଲିଃ ଅକ୍ଟୋବର ୧୪, ୨୦୧୨ଠାରୁ ଉତ୍ପାଦନ ବନ୍ଦ ରହିଛି। ଏହା ଦ୍ୱାରା ୪୦୦ ଚୁକ୍ତିଭିତ୍ତିକ କର୍ମଚାରୀ ଛଟେଇ ହୋଇଛନ୍ତି। ୪୫୪ ଜଣ ନିୟମିତ କର୍ମଚାରୀଙ୍କ ମଧ୍ୟରୁ ୨୪୭ ଜଣ ଅବସର/ମୃତ୍ୟୁବରଣ କରିଛନ୍ତି ବୋଲି ମନ୍ତ୍ରୀ କହିଥିଲେ। ହେଲେ ଏଥିରେ ଭାଜପା ସଭ୍ୟ ମୋହନ କ୍ଷୋଭ ପ୍ରକାଶ କରିଥିଲେ। ରାଜ୍ୟର ବିଭିନ୍ନ ଶିଳ୍ପସଂସ୍ଥା ବନ୍ଦ ହେବା ଏବଂ ତଦ୍ୱାରା ଛଟେଇ ନେଇ ପ୍ରଶ୍ନ କରିଥିଲେ ବି ଚଞ୍ଚକତା କରି ସରକାର ଉତ୍ତର ଦେଉ ନ ଥିବା ଅଭିଯୋଗ କରିଥିଲେ। ଛଟେଇ ପରେ ନିଯୁକ୍ତି ପାଇଁ ଅନଶନ ସମୟରେ ମୃତ୍ୟୁ ହୋଇଥିବା ଶ୍ରମିକଙ୍କ ସମ୍ପର୍କରେ ସରକାର ତଥ୍ୟ ରଖି ନ ଥିବା କହିଥିଲେ। ଏହା ପରେ ସ୍ପଞ୍ଜ ଆଇରନ ପୁନରୁଦ୍ଧାର କରାଯିବାକୁ ପିଏସ୍‌ୟୁ ସହ ଆଲୋଚନା ହୋଇଥିବା ମନ୍ତ୍ରୀ ଗୃହକୁ ଜଣାଇଥିଲେ। ଏହା ପରେ ଶାସକ ସଭ୍ୟ ବଦ୍ରି ପାତ୍ର ଅତିରିକ୍ତ ପ୍ରଶ୍ନ ପଚାରିବା ସହ କେଉଁ ପିଏସ୍‌ୟୁ ବନ୍ଦ ହୋଇଥିବା କାରାଖାନାକୁ ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ନିର୍ଦ୍ଦିଷ୍ଟ ଉତ୍ତର ଚାହିଁଥିଲେ। ଏହା ପରେ ମୋହନ ମାଝୀ ଯୁରିଆ ଶିଳ୍ପ ନେଇ ପ୍ରଶ୍ନ କରିବା ସହ ମନ୍ତ୍ରୀ ଗୃହକୁ ନିର୍ଦ୍ଦିଷ୍ଟ ଉତ୍ତର ନ ଦେଇ ବିଭ୍ରାନ୍ତି କରୁଥିବା ଅଭିଯୋଗ କରିଥିଲେ।

ଏହା ପରେ କଂଗ୍ରେସ ସଭ୍ୟ ତାରାପ୍ରସାଦ ବାହିନୀପତିଙ୍କ ପ୍ରଶ୍ନ ଉପରେ ଶିଳ୍ପମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉତ୍ତର ରଖିଥିଲେ। ତାରା କୋରାପୁଟରେ ନାଲ୍‌କୋକୁ ଦୃଷ୍ଟିରେ ରଖି ଗଢି ଉଠିଥିବା ଆନୁଷଙ୍ଗିକ ଶିଳ୍ପ ନେଇ ୧୦ ବର୍ଷର ବିବରଣୀ ନେଇ ପ୍ରଶ୍ନ କରିଥିଲେ। ହେଲେ ମନ୍ତ୍ରୀ ଗୃହରେ ପ୍ରଦାନ କରିଥିବା ଉତ୍ତରରେ ତାରା ସନ୍ତୁଷ୍ଟ ହୋଇ ନ ଥିଲେ। ତାରା କହିଥିଲେ ଯେ, ଶିଳ୍ପ ଗଢି ଉଠିଥିବା ଅଞ୍ଚଳ ଉପରେ ଆଦିବାସୀଙ୍କ ଅଧିକାର ରହିଛି। ଜମି, ଜଳ, ଜଙ୍ଗଲ ସବୁ ତାଙ୍କର ହେଲେ ବି ନିଯୁକ୍ତି ନାହିଁ। କୌଣସି ପ୍ରଶ୍ନର ନିର୍ଦ୍ଦିଷ୍ଟ ଉତ୍ତର ଦିଆଯାଉନାହିଁ। ଜୟପୁର ପିସ୍ ପେପଲ ମିଲ୍ ପ୍ରସଙ୍ଗ ଉଠାଇଥିଲେ। ବହୁ ପରିମାଣରେ କଞ୍ଚାମାଲ ନଷ୍ଟ ହେଉଥିବା ନେଇ ଗୃହର ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପାଇଁ ଶିଳ୍ପ ସଚିବ, ମୁଖ୍ୟ ଶାସନ ସଚିବ ପ୍ରମୁଖଙ୍କ ଦୃଷ୍ଟିଆକର୍ଷଣ କରିଥିବା କଥା ପ୍ରକାଶ କରିଥିଲେ। ମେକ୍ ଇନ୍ ଇଣ୍ଡିଆ ଭଳି କାର୍ଯ୍ୟକ୍ରମ ପାଇଁ କୋଟି କୋଟି ଟଙ୍କା ରାଜ୍ୟ ସରକାର ଖର୍ଚ୍ଚ କରୁଛନ୍ତି। ହେଲେ ବଡ ବଡ ଶିଳ୍ପ ସ୍ଥାନୀୟ ନିଯୁକ୍ତି ନେଇ କ'ଣ କରୁଛନ୍ତି, ସେ ନେଇ ସମୀକ୍ଷା କରୁ ନ ଥିବା ତାରା ଅଭିଯୋଗ କରିଛନ୍ତି। ତେଣୁ ଏନେଇ ତୁରନ୍ତ ଉଚ୍ଚସ୍ତରୀୟ ବୈଠକ ଡକାଯାଉ ବୋଲି ତାରା ଏବଂ ସୁରେଶ ରାଉତରାୟ କହିଥିଲେ। ଏହା ପରେ ଏସ୍‌ଟି,ଏସ୍‌ସି ବିଭାଗୀୟ ଉନ୍ନୟନ ମନ୍ତ୍ରୀ ନିଜ ବିଭାଗ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ରଖିଥିଲେ। ସେହିପରି ବରିଷ୍ଠ ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ ଭଦ୍ରକ ଜିଲା କ୍ରୀଡା ଭିତ୍ତିଭୂମି ବିକାଶ ନେଇ ପ୍ରଶ୍ନ କରିଥିଲେ। କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହାର ଉତ୍ତର ରଖିଥିଲେ।

## ଜିଲା ଟିଠି
### ବୌଦ୍ଧ



## ସବୁଜ ବିଷବଳୟ

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ବୌଦ୍ଧ ଜିଲା। ଆଜି ପର୍ଯ୍ୟନ୍ତ ଏହି ଜିଲାରେ କୌଣସି ଶିଳ୍ପ ପ୍ରତିଷ୍ଠା ହୋଇପାରିନାହିଁ। ସେଥିପାଇଁ କୃଷିଭିତ୍ତିକ ଜିଲା ଭାବେ ମାନ୍ୟତା ପାଇଛି ବୌଦ୍ଧ। ଜିଲାବାସୀଙ୍କ ମୁଖ୍ୟ ଆୟ ଚାଷ ଉପରେ ନିର୍ଭର କରିଥାଏ। ଚାଷ ପାଇଁ ଜଳସେଚନର ସେପରି କୌଣସି ବ୍ୟବସ୍ଥା ନାହିଁ। ବର୍ଷାଜଳ ଉପରେ ଚାଷୀ ନିର୍ଭର କରେ। ନିଜ ରକ୍ତ ନିଗାଡ଼ି ସେ ଫସଲ ଫଳାଏ। ହେଲେ ଅଧିକାଂଶ ସମୟରେ ତା'ପରିଶ୍ରମ ମୂଲ୍ୟ ମିଳେନାହିଁ। ଏହା ସହିତ ଧୋଇ ମରୁଡ଼ି ବି ଅଛି। ଏପରି ପରିସ୍ଥିତିରେ ଚାଷୀମାନେ ଚାଷକୁ ଛାଡିବାକୁ ବସିଛନ୍ତି। ଯୁବପିଢିଙ୍କ କଥା ନ କହିବା ଭଲ। ଅଳ୍ପ ପରିଶ୍ରମରେ ଅଧିକ ଲାଭ ପାଇବା ପାଇଁ ସେମାନେ ଚାହିଁ ବସିଛନ୍ତି। ସମୟର ପରିବର୍ତ୍ତନ ସହିତ ସବୁ ଯେମିତି ବଦଳିବାରେ ଲାଗିଛି। ଚାଷରୁ ମୁହଁ ଫେରାଇ ଆଣିଥିବା କେତେଜଣ ଚାଷୀ ଏବେ ଗଞ୍ଜେଇ ଚାଷ କରିବାକୁ ମନ ବଳାଇଛନ୍ତି। ଅଳ୍ପ ସମୟରେ ଅମଳ ଓ କମ୍ ପରିଶ୍ରମରେ ଅଧିକ ଲାଭ ପାରିବାର ଲୋଭ ସେମାନଙ୍କୁ ଏଥିରେ ବାନ୍ଧି ରଖିଛି। ଏଥିପାଇଁ ପ୍ରତିବର୍ଷ ଗଞ୍ଜେଇ ଚାଷୀଙ୍କ ସଂଖ୍ୟା ବୃଦ୍ଧିପାଇବାରେ ଲାଗିଛି। ସେଥିପାଇଁ ୩ଟି ବ୍ଲକ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳକୁ ନେଇ ଗଠିତ ଏହି ଜିଲା ଏବେ ସବୁଜ ବିଷବଳୟ ଭିତରକୁ ଚାଲି ଯାଇଛି। ପ୍ରତିବର୍ଷ ସବୁଜ ବଳୟ କଟାଯାଇ ଗଞ୍ଜେଇ ଚାଷ କରାଯାଉଛି। ଗଞ୍ଜେଇ ଚାଷ ଉପରେ ରୋକ୍ ଲଗାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ବିଭାଗୀୟ କର୍ମଚାରୀମାନେ ପ୍ରତିବର୍ଷ ଶହ ଶହ ଗଞ୍ଜେଇ ଗଛ କାଟି ନଷ୍ଟ କରୁଛନ୍ତି। କୋଟି କୋଟି ଟଙ୍କାର ଗଞ୍ଜେଇ ଜବତ କରାଯାଉଛି। ହେଲେ କିଛି ଲାଭ ହେଉନି। ଭୌଗୋଳିକ ଦୃଷ୍ଟିକୋଣରୁ ରାଜ୍ୟର ମଧ୍ୟସ୍ଥଳରେ ଥିବା ଏହି ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ସଂରକ୍ଷିତ ଜଙ୍ଗଲ, ସରକାରୀ ଜାଗା ଓ ନାଳକୂଳ ରହିଛି। ମାଫିଆମାନେ ଉପରୋକ୍ତ ଅଞ୍ଚଳରେ ଗରିବ, ନିରୀହ ଆଦିବାସୀମାନଙ୍କୁ ଅଳ୍ପ ପଇସା ଦେଇ ଗଞ୍ଜେଇ ଚାଷ କରୁଛନ୍ତି। ଜିଲା ଶିକ୍ଷା କ୍ଷେତ୍ରରେ ପଛୁଆ ଥିବା ବେଳେ ଯୁବପିଢି ଅଧିକ ରୋଜଗାର ଆଶାରେ ଗଞ୍ଜେଇ ଚାଷ ଓ ବେପାରକୁ ଆଦରି ନେଉଛନ୍ତି। ଜିଲାରେ ବର୍ଷକୁ ବର୍ଷ ଗଞ୍ଜେଇ ଚାଷ ଓ କାରବାର ବୃଦ୍ଧି ଘଟୁଛି। ପ୍ରତ୍ୟହ ଅବକାରୀ ଓ ପୋଲିସ ହାତରେ ଗରିବ ଲୋକମାନେ ଧରାପଡି ଜେଲ ଯାଉଛନ୍ତି। ଏସବୁ ସତ୍ତ୍ୱେ ଗଞ୍ଜେଇ ବେପାର କମିବାର ନା ନେଉନି। ଏହି ଚାଷ ପଛରେ କୁଆଡ଼େ ସ୍ଥାନୀୟ ପୋଲିସ, ବନ ବିଭାଗ, ରାଜସ୍ୱ ବିଭାଗ ଓ ଅବକାରୀ ବିଭାଗର ଭିତିରି ସମ୍ମତି ରହିଛି। କାରଣ ସେମାନଙ୍କୁ ହାତ ନ କଲେ ଗଞ୍ଜେଇ ଚାଷ କରିବା ଅସମ୍ଭବ। ଜିଲାରେ ଉତ୍ପାଦିତ ଗଞ୍ଜେଇର ଚାହିଦା ରାଜ୍ୟ ଓ ରାଜ୍ୟ ବାହାରେ ଥିବାରୁ ତାହା ସ୍ଥାନୀୟ ବେପାରୀମାନଙ୍କୁ ଉତ୍ସାହିତ କରିଛି। ଏଣେ ଗଞ୍ଜେଇ କାରବାରଜନିତ ମାମଲା ଜିଲାର ବିଭିନ୍ନ ଥାନାରେ ବଢ଼ି ଚାଲିଛି। ନିରୀହ ଲୋକ ପୋଲିସ ଓ ଅବକାରୀ କର୍ମଚାରୀଙ୍କ ଦ୍ୱାରା ଶୋଷିତ ହେଉଛନ୍ତି। ହେଲେ ଅସଲ ମାଫିଆମାନେ ବାରମ୍ବାର ଖସି ଯାଉଛନ୍ତି। ସେମାନଙ୍କ ପ୍ରତି ଯଦି ପ୍ରଶାସନିକ ଅଧିକାରୀମାନେ କଠୋର ହୁଅନ୍ତେ ଜିଲାବାସୀ ଏହି ବିଷବଳୟରୁ ମୁକ୍ତି ପାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

– ଅଜିତ କୁମାର ବାରିକ

## 'ଗଣିତ କଳିକା' କାର୍ଯ୍ୟକ୍ରମ ସମ୍ପ୍ରସାରିତ ହେବ

**ଭୁବନେଶ୍ୱର, ୧୨।୭ (ବ୍ୟୁରୋ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଅକ୍ଷରା ଫାଉଣ୍ଡେଶନ ସହଯୋଗରେ 'ଗଣିତ କଳିକା' କାର୍ଯ୍ୟକ୍ରମ ଆଉ ୨୮ଜିଲାକୁ ସମ୍ପ୍ରସାରିତ ହେବ। ରାଜ୍ୟର ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ଗଣିତ ପାଠ୍ୟକ୍ରମରେ ଶ୍ରେଣୀ ଉପଯୋଗୀ ଦକ୍ଷତା ହାସଲ ପାଇଁ ପ୍ରଥମରୁ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ନିମନ୍ତେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହାକୁ ପ୍ରଥମେ ବଲାଙ୍ଗୀର ଓ ରାୟଗଡ଼ା ଜିଲାରେ ପରୀକ୍ଷାମୂଳକ ଭାବେ ପ୍ରଚଳନ କରାଯାଇଥିଲା। ଏହି ଦୁଇ ଜିଲାର ୪୨୦୦ ପ୍ରାଥମିକ ବିଦ୍ୟାଳୟକୁ ଏହି ଯୋଜନାରେ ଗଣିତ କିଟ୍ ଯୋଗାଇ ଦିଆଯାଇଥିଲା। ଏଥିରେ ଶିକ୍ଷାଦାନ ନିମନ୍ତେ ୩୫୦ଜଣଙ୍କୁ ପ୍ରଧାନ ସାଧନ ଶିକ୍ଷକ ଭାବେ ଢେଙ୍କାନାଳ ଓ ପୁରୀ ଜିଲା ସମେତ ବାଙ୍ଗାଲୋରଠାରେ ପର୍ଯ୍ୟାୟକ୍ରମେ ତାଲିମ ପ୍ରଦାନ କରାଯାଇଥିଲା।

## ବିରୋଧୀ ଦଳ ନେତା ପଦକୁ ନେଇ ଅଡୁଆ

# ଦଳରୁ ନେବା ନୁହେଁ ଦେବା ଶିଖିଛି: ଜୟନାରାୟଣ

ଭୁବନେଶ୍ୱର,୧୨।୭(ବ୍ୟୁରୋ)

ରାଜ୍ୟ ରାଜନୀତିରେ ଭାଜପାର ପୂର୍ବାପେକ୍ଷା ଶକ୍ତି ବୃଦ୍ଧି ଘଟିଛି। ନିକଟରେ ଶେଷ ହୋଇଥିବା ନିର୍ବାଚନରେ ଏହାର ପ୍ରମାଣ ମିଳିସାରିଛି। ପ୍ରଥମ ଥର ଲାଗି ରାଜ୍ୟରେ ଦଳ ଦ୍ୱିତୀୟ ସ୍ଥାନ ଅକ୍ତିଆର କରିବା ସାଙ୍ଗକୁ ମୁଖ୍ୟ ବିରୋଧୀ ଦଳ ଭୂମିକା ହାତେଇ ପାରିଛି। ଲୋକଙ୍କ ଏଭଳି ଆସ୍ଥାଭାଜନ ହୋଇପାରିଥିବା ବିରୋଧୀ ଭାଜପାରେ କିନ୍ତୁ ବର୍ତ୍ତମାନ ଦାୟିତ୍ୱ ବଣ୍ଟନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ବିରୋଧୀ ଦଳ ଆସନକୁ ନେଇ ଦଳର ଦୁଇ ବରିଷ୍ଠ ନେତା ଜୟନାରାୟଣ ମିଶ୍ର ଏବଂ ପ୍ରଦୀପ୍ତ ନାଏକଙ୍କ ମଧ୍ୟରେ ମତଭେଦ ଥିବା ନେଇ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଦୀର୍ଘଦିନର ନୀରବତା ପରେ ବିରୋଧୀ ଦଳ ନେତା ପଦ ତାଙ୍କୁ କାହିଁକି ମିଳିଲା ନାହିଁ ବୋଲି ଶୁକ୍ରବାର ଜୟନାରାୟଣ କ୍ଷୋଭ ପ୍ରକାଶ କରିଛନ୍ତି। ଏପରି କି ସେ ଦଳରୁ ସେ କିଛି ନେବା ନୁହେଁ ବରଂ ଦେବା ଶିଖିଛନ୍ତି ବୋଲି କହିଛନ୍ତି।

ଜୟନାରାୟଣ କହିଛନ୍ତି ଯେ, ବିରୋଧୀ ଦଳ ନେତା ଚୟନ ସମୟରେ ବହୁ ବିଧାୟକ ସ୍ପଷ୍ଟ ମତ ଦେଇସାରିଥିଲେ। ତାଙ୍କୁ ଏହି ପଦବୀ ମିଳିବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଥିଲା। କେନ୍ଦ୍ରୀୟ ନେତୃତ୍ୱଙ୍କ କହିବାନୁଯାୟୀ ସେ କାମ ମଧ୍ୟ ଆରମ୍ଭ କରିଦେଇଥିଲେ। ବିଧାୟକମାନଙ୍କୁ ଶପଥ ଗ୍ରହଣ କାର୍ଯ୍ୟକ୍ରମକୁ ଆଣିବାଠାରୁ ବିଧାନସଭାରେ ଦଳର ରଣନୀତି ଉପରେ ନିଷ୍ପତ୍ତି ନେଉଥିଲେ। ତାଙ୍କୁ ବିରୋଧୀ ଦଳ ନେତା କରିବାକୁ ସମସ୍ତ ବିଧାୟକମାନେ ମଧ୍ୟ ଚାହୁଁଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ଦଳ ନିଷ୍ପତ୍ତିରେ ପରିବର୍ତ୍ତନ କରିଥିଲା ବୋଲି ଜୟନାରାୟଣ କହିଛନ୍ତି। ଅପରପକ୍ଷରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ କହିଛନ୍ତି, କେନ୍ଦ୍ରୀୟ ନେତୃତ୍ୱ ତାଙ୍କୁ ଏହି ପଦରେ ବସାଇଛନ୍ତି । ତେଣୁ ସେମାନେ ଏହାର ଉତ୍ତର ଦେଇପାରିବେ। ଯେଉଁଠାରେ ଯାହା ଆବଶ୍ୟକ ପଡ଼ିବ ସେହି ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ରାଜ୍ୟ ସରକାରଙ୍କୁ ସେ ଘେରିବାକୁ ପ୍ରସ୍ତୁତ ଅଛନ୍ତି। ଯଦି ସେ ଏଥିରେ ବିଫଳ ହୁଅନ୍ତି ତେବେ ଦଳ ତାଙ୍କ ବଦଳରେ ଆଉ କାହାକୁ ଏହି ପଦବୀରେ ବସାଇ ପାରିବେ ବୋଲି ପ୍ରଦୀପ୍ତ କହିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୯ ସାଧାରଣ ନିର୍ବାଚନ ଫଳାଫଳ ଗତ ମେ ୨୩ ତାରିଖରେ ପ୍ରକାଶ ପାଇଥିଲା। ଦଳ ୨୩ ବିଧାନସଭା ଆସନରେ ସଫଳତା ପାଇ ଦୁଇ ନମ୍ବର ସ୍ଥାନ ପାଇଲା। ହେଲେ ଏହାପରେ ବିରୋଧୀ ଦଳ ନେତା ଚୟନ ପାଇଁ ଦଳୀୟ ନେତୃବୃନ୍ଦଙ୍କୁ ଗୋଟିଏ ମାସ ସମୟ ଲାଗିଗଲା। ଚଳିତ ବଜେଟ୍ ଅଧିବେଶନ ଆରମ୍ଭର ପୂର୍ବଦିନ ହିଁ ଦଳ ଏହି ପଦରେ ପ୍ରଦୀପ୍ତ ନାଏକଙ୍କୁ ବସାଇଲା। ଏହାର ଦିନକ ପୂର୍ବରୁ ବିଧାୟକମାନଙ୍କୁ ନେଇ ଏକ ବୈଠକ ବସିଥିଲା, ହେଲେ ନେତା ଚୟନ ହୋଇପାରି ନ ଥିଲା। ଦଳ ଏହି ଦାୟିତ୍ୱ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହଙ୍କ ହାତରେ ନ୍ୟସ୍ତ କରିଥିଲା। ଫଳରେ ଦୀର୍ଘଦିନ ଧରି ଜୟନାରାୟଣଙ୍କୁ ଏହି ପଦ ମିଳିବ ବୋଲି କୁହାଯାଉଥିଲେ ମଧ୍ୟ ସେପରି ହେଲା ନାହିଁ। ତେଣୁ ଏହାକୁ ନେଇ ଜୟନାରାୟଣ ଅସନ୍ତୁଷ୍ଟ ଥିବା ଚର୍ଚ୍ଚା ଚାଲିଥିଲା।

## ୧୫ରୁ ଓଟିଇଟି ଫର୍ମ ପୂରଣ

**କଟକ ଅଫିସ,୧୨।୭:** ୧୫ତାରିଖରୁ ଆରମ୍ଭ ହେବ ଓଡ଼ିଶା ଟିଚର୍ ଇଲିଜିବିଲିଟି ଟେଷ୍ଟ (ଓଟିଇଟି) ନିମନ୍ତେ ଅନ୍‌ଲାଇନରେ ଫର୍ମପୂରଣ। ଉକ୍ତଦିନ ପୂର୍ବାହ୍ନ ୧୦ଟାରୁ ଆସନ୍ତା ୨୬ତାରିଖ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ର ୱେବସାଇଟ୍‌ରେ ଫର୍ମପୂରଣ ଲିଙ୍କ୍ ଉପଲବ୍ଧ ରହିବ। ଫର୍ମପୂରଣ ନିମନ୍ତେ ଦେୟ କେବଳ ଅନ୍‌ଲାଇନ ମାଧ୍ୟମରେ କରାଯିବ। ଜୁଲାଇ ୨୯ତାରିଖ ଅପରାହ୍ନ ୪ଟା ସୁଦ୍ଧା ଦେୟ ପ୍ରଦାନ କରିବାର ସମୟ ସୀମା ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ ଗତ ୨୦୧୮ ଓଟିଇଟି ପରୀକ୍ଷାରେ ଯେଉଁମାନେ ବୋର୍ଡ ପକ୍ଷରୁ ରୋଲ୍ ନମ୍ବର ପାଇଛନ୍ତି ସେମାନେ ବିନା ଦେୟରେ ଫର୍ମପୂରଣ କରିବେ ବୋଲି ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।

# ଦୁର୍ଘଟଣା ପରେ ପିକ୍‌ଅପ୍ ଭ୍ୟାନକୁ ଜାଳିଦେଲେ

## ବାଇକ୍ ଆରୋହୀ ମୃତ, ମା'ଗୁରୁତର



ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ପୋଡି ଦେଇଛନ୍ତି।

**ବଲାଙ୍ଗୀର ଅଫିସ/କଣ୍ଟାବାଞ୍ଜି,୧୨।୭(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁରେକେଲା ଥାନା ଅନ୍ତର୍ଗତ ଲର୍କି ଗାଁ ନିକଟରେ ଶୁକ୍ରବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ତାଙ୍କ ମା' ଗୁରୁତର ହୋଇଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ଧକ୍କା ଦେଇଥିବା ପିକ୍‌ଅପ୍ ଭ୍ୟାନ୍‌କୁ ଜାଳି ଦେଇଛନ୍ତି । ପରେ ସେମାନେ କଣ୍ଟାବାଞ୍ଜି-ତୁରେକେଲା ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିବା ସହ କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ତୁରେକେଲା ଥାନା ଲର୍କି ଗାଁ ନିକଟରେ ଶୁକ୍ରବାର ଅପରାହ୍ନ ପ୍ରାୟ ୨ଟାରେ କଣ୍ଟାବାଞ୍ଜି ଆସୁଥିବା ଏକ ପିକଅପ୍ ଭ୍ୟାନ୍ (ନଂ.ସିଜି୦୪ଏଲଏଚ୍ ୮୨୭୯) ଏକ ନମ୍ବର ବିହୀନ ବାଇକକୁ ଧକ୍କା ଦେଇଥିଲା। ଫଳରେ ବାଇକ୍ ଚାଳକ ସମୀର ପାତ୍ର (୧୮)ଙ୍କ ମୃତ୍ୟୁ ଘଟିଥିଲା । ବାଇକ୍ ପଛରେ ବସିଥିବା ସମୀରଙ୍କ ମା' ପ୍ରେମଲତା ଛିଟିକି ପଡି ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ଘଟାଇବା ପରେ ଡ୍ରାଇଭର ଭ୍ୟାନ୍ ଛାଡି ନିକଟସ୍ଥ ଜଙ୍ଗଲକୁ ଖସି ପଳାଇ ଥିଲେ। ସ୍ଥାନୀୟ ଲୋକେ ଗୁରୁତର ପ୍ରେମଲତାଙ୍କୁ ବଲାଙ୍ଗୀର ଭୀମଭୋଇ ମେଡିକାଲକୁ ପଠାଯାଇଥିଲେ । ଏ କଥା ଜଣାପଡିବା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍ ଭ୍ୟାନ୍‌ରେ ନିଆଁ ଲଗାଇ ଦେଇଥିଲେ । ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ଦାବି କରି ଆନ୍ଦୋଳନକାରୀ ମୃତଦେହକୁ ରାସ୍ତା ଉପରେ ରଖି ଅପରାହ୍ନ ୫ଟା ଯାଏଁ ଧାରଣାରେ ବସିଥିଲେ । ତୁରେକେଲା ଓ କଣ୍ଟାବାଞ୍ଜି ଥାନା ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ । କଣ୍ଟାବାଞ୍ଜି ପୋଲିସ ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, କଣ୍ଟାବାଞ୍ଜି ତହସିଲଦାର ଅଶୋକ କୁମାର ମାଝି, ତୁରେକେଲା ବିଡିଓ ପ୍ରଭାସ କୁମାର ସାହୁ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲେ । ମୃତକଙ୍କ ପରିବାରକୁ ବିଜୁ ପକ୍କା ଘର, ୪ ଡିସମିଲ ଜମି ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା ।

**ରୋଷେୟା ଆବଶ୍ୟକ**
ସୁକିନ୍ଦାରେ ଥିବା ଏକ ଘରୋଇ କମ୍ପାନୀରେ ରୋଷେଇ କରିବା ନିମନ୍ତେ ପୁରୁଷ ଆବଶ୍ୟକ। ଉପଯୁକ୍ତ ଦରମା ସହିତ ରହିବା ଓ ଖାଇବାର ସୁବିଧା ସୁଯୋଗ ଦିଆଯିବ। ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:
Room no. 929, 9th Floor, DLF Cybercity, Patia, Bhubaneswar.
Ph. No. : 6370703557, 0674-7107783 / 7107777

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25,000/-. (Part Time/Full Time)
Mob: 9938676412

**କୁଏତ୍ ତେଲ କମ୍ପାନୀରେ ଶୀଘ୍ର ଆବଶ୍ୟକ**
ଡ୍ରାଇଭର, ଅପରେଟର, ୱେଲ୍‌ଡର, ଇଲେକ୍ଟ୍ରିସିଆନ୍, ହେଲପର, ଫିଟର, ପେଣ୍ଟର, ପ୍ଲମ୍ବର, ସିକ୍ୟୁରିଟି ଗାର୍ଡ
ଦରମା ୩୫,୦୦୦/-, ୨ ବର୍ଷ କଣ୍ଟ୍ରାକ୍ଟ, ଆଡଭାନ୍ସ ଟଙ୍କା ନାହିଁ
କମଲ ପ୍ଲେସ୍‌ମେଣ୍ଟ, ରଙ୍ଗିଲାପାର୍କ, ଦିନ୍ଦୋଲି, ସୁରଟ, ଗୁଜୁରାଟ୍ — ଶିଘ୍ର ଯିବେ ପାସ୍‌ପୋଟ ଜରୁରୀ
9157312448, 9157012447

**REQUIRE ADMINISTRATOR**
for Liaisoning Job. Experience knowledge of English, Computer Literate some past experience of Liaisoning with Govt. authorities, travel dept. etc.
Please Contact
9830876020, 9090292242

**ଚେନ୍ନାଇ ପାଇଁ ଆବଶ୍ୟକ**
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9437886614 / 8249083251

**Ceragem India Pvt. Ltd.**
Is a South Korean Company which is largest provider of high quality "Thermal Massagers", Machines.
**Staff for Bhubaneswar Bapuji Nagar and C.S pur Branch**
10 Nos.- Sales (male/female), 2 Nos. - Account assistant (Male/Female), 2 After service (male), Graduate, good looking, good communication skill, one year experience or fresher candidate can also walk.
Salary :- 6000+ other perks
**At Ceragem, Plot No.- 7 & 8, Chaudhury Market Complex Bapuji Nagar, Bhubaneswar, behind Andhra Bank on Dt.10.07.19 to till vacancy full. between 9 to 2 clock**
Ph No.- 9861574456

**ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା**
BRANCH MANAGER -30 NOS,
ASSISTANCE MANAGER - 20 NOS
OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

**OFFICE STAFF ଆବଶ୍ୟକ**
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

**WALK- IN INTERVIEW**
**GHANASHYAM HEMALATA VIDYAMANDIR, PURI**
Estd: 1995
**(A CBSE Affiliated Co-educational Residential School)**
**A walk- in interview** will be held at **Ghanashyam Hemalata Vidyamandir Campus, at: Bhuan, Po. : Chhaitana. Dist : Puri on 14.7.2019, 10.30 am** for the following posts.
**PGT** - Math, Physics, Chemistry & Biology
**TGT** - English, SST & PCM.
**PRT** - English, SST & Computer
**PET** - (Male & Female)
**NTT** - (Female)
**Qualification:** As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. **Free Accommodation, Fooding & Laundry for all the above posts**
**Kindly attend the interview with original certificates and mark sheets .**
Contact Nos. : 9437943924 / 7377148406 / 7873480470 / 7735629062

**ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି**
ଦରମା-30,000 ପର୍ଯ୍ୟନ୍ତ
ଯୋଗ୍ୟତା-9th, 10th, +2, +3, ITI, ବୟସ-(18-35)
9668051710

**WANTED**
For Pre-School and Kid School at Malkangiri and Jeypore.
**Female Teacher Wanted.**
Contact- Mob No.-
7750893821
7894796759

**REQUIRED DIRECTLY**
Front Office(F), Civil Engineer(M/F), PA (B.Tech. Lady), Supervisor, Architect, Marketing Executive, Car Driver.
Contact: 9238482524
9090732020, 9090964245

**MAHARAJA POLYTECHNIC**
**BHUBANESWAR**
At/Po-Gamai,Gangapada,Jatani,Khurda-752054
Ph. No.- 0674-2384608, Mob.No.- 9861464114, 8658744161
Mail Id.- Info.mp09@gmail.com
**WALK-IN INTERVIEW**
Maharaja Polytechnic, Bhubaneswar is seeking the service of professionally sound, energetic and dynamic candidates for the post of **Asst. Professors, Lecturers and Laboratory Asst.**

| Designation | Branch | Qualification |
| --- | --- | --- |
| Asst. Professor | Mechanical, Civil, Electrical, ETC, Physics, Mathematics | As per AICTE norms |
| Lecturer | | |
| Laboratory Asst. | Mechanical, Electrical, ETC | |

**Venue : City Office: 2/2 Barabhuja Market Complex, 2ND floor Khandagiri Square Bhubaneswar-751030**
**Date :10 / July / 2019 (Wednesday),**
**Time : 10.00 A.M to 4.00 P.M**

**TICKET CLERK**
ଦରକାର
ଭୁଟାନ ଦେଶ ପାଇଁ GHA DEN Cinema କୁ ୬ ଜଣ Ticket Clerk ଦରକାର । ରହିବା, ଖାଇବା ଫ୍ରୀ, ଦରମା ମାସକୁ 40,000/- ଭାରତୀୟ ଟଙ୍କା । ପାସପୋର୍ଟ ଥିବା ଏବଂ ହିନ୍ଦୀ କହି ପାରୁଥିବା ବ୍ୟକ୍ତି ବାୟୋଡାଟା Email କରନ୍ତୁ
ghadencinema@gmail.com
(କୌଣସି ଏଜେଣ୍ଟ ବ୍ୟକ୍ତି ସମ୍ପର୍କ କରନ୍ତୁ ନାହିଁ ।)

**REQUIRE**
Medical Representative **(MR)**, in Orissa, Experience **5-8 years** in Pharmaceutical, having good relationship with Doctors. Salary **Rs 1.8 Lakhs to 2.2 Lakhs** per annum + conveyance + performance incentive.
**Apply at info@bhupine.com (or) bhupine.healthcare@gmail.com**
www.bhupine.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See CAREER APPOINTMENT on every Wednesday & Saturday



❝ ଗୋଟିଏ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ହ୍ରାସ ଯୋଗୁ ଅର୍ଥନୀତି ଧିମା ପଡିଯାଇଛି ବୋଲି ଭାବିବା ଅତ୍ୟଧିକ ନୈରାଶ୍ୟବାଦର ପରିଚୟ ଦିଏ।
– ଆଦିତ୍ୟ ପୁରୀ, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସିଇଓ ତଥା ଏମ୍‌ଡି



❝ ଆର୍ଥିକ ବର୍ଷ ୨୦୨୦ରେ ଇନ୍‌ଫୋସିସ୍ ଅଭିବୃଦ୍ଧି ଆଡକୁ ଦୃଢ଼ ଭାବେ ଅଗ୍ରସର ହେଉଛି। ଗ୍ରାହକଙ୍କ ଚାହିଦା ଉପରେ କମ୍ପାନୀ ଫୋକସ୍ କରି ଏହା ହାସଲ କରିବା।
– ସଲିଲ ପାରେଖ, ଇନ୍‌ଫୋସିସ୍ ସିଇଓ ତଥା ଏମ୍‌ଡି

## ସଂକ୍ଷେପରେ

### ମୁଦ୍ରାସ୍ଫୀତି ଜୁନ୍‌ରେ ୩.୧୮%କୁ ବୃଦ୍ଧି

**ନୂଆଦିଲ୍ଲୀ,୧୨-୭:** ଖାଦ୍ୟଶସ୍ୟ, ଡାଲି, ମାଂସ, ମାଛ ଆଦି ପ୍ରୋଟିନ୍‌ଯୁକ୍ତ ଖାଦ୍ୟପଦାର୍ଥର ଦର ବୃଦ୍ଧି ଯୋଗୁ ଜୁନ୍‌ରେ ଖୁଚୁରା ମୁଦ୍ରାସ୍ଫୀତି ୩.୧୮ ପ୍ରତିଶତକୁ ବୃଦ୍ଧି ପାଇଛି। ସରକାରୀ ତଥ୍ୟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ଗତବର୍ଷ ଜୁନ୍‌ରେ ୪.୯୨ ପ୍ରତିଶତ ରହିଥିଲା। ଚଳିତବର୍ଷ ମେ'ରେ ଏହା ୩.୦୫% ରହିଥିଲା। ଖୁଚୁରା ମୁଦ୍ରାସ୍ଫୀତି ଚଳିତବର୍ଷ ଜାନୁୟାରୀରୁ କ୍ରମାଗତ ବୃଦ୍ଧି ପାଇଚାଲିଛି। ଜାନୁୟାରୀରେ ଏହା ୧.୯୭% ରହିଥିଲା। ଶୁକ୍ରବାର କେନ୍ଦ୍ରୀୟ ପରିସଂଖ୍ୟାନ କାର୍ଯ୍ୟାଳୟ(ସିଏସ୍‌ଓ) ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ପରିସଂଖ୍ୟାନ ଅନୁସାରେ ଖାଦ୍ୟ ମୁଦ୍ରାସ୍ଫୀତି ଜୁନ୍‌ରେ ୨.୧୭% ରହିଛି, ଯାହାକି ମେ'ରେ ୧.୮୩% ରହିଥିଲା। ଅଣ୍ଡା, ମାଂସ, ମାଛ ଭଳି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସାମଗ୍ରୀ ମୁଦ୍ରାସ୍ଫୀତି ଜୁନ୍‌ରେ ୯.୦୧% ରହିଛି। ଫଳର ମୁଦ୍ରାସ୍ଫୀତି ଧିମା ହୋଇଛି। ଏହା ଜୁନ୍‌ରେ ଶୂନ୍ୟରୁ ୪.୧୮% ତଳକୁ ରହିଛି। ଅନ୍ୟପକ୍ଷରେ ପନିପରିବା ମୁଦ୍ରାସ୍ଫୀତି ହ୍ରାସ ପାଇ ୪.୬୬% ରହିଛି।

### ମେ'ରେ ଔଦ୍ୟୋଗିକ ଉତ୍ପାଦନ ହାର ୩.୧%କୁ ହ୍ରାସ

**ନୂଆଦିଲ୍ଲୀ,୧୨-୭:** ଖଣି ଖନନ ଓ ବିନିର୍ମାଣ କ୍ଷେତ୍ରରେ ପ୍ରଦର୍ଶନ ଦୁର୍ବଳ ହେବା କାରଣରୁ ଔଦ୍ୟୋଗିକ ଉତ୍ପାଦନ(ଆଇଆଇପି) ବୃଦ୍ଧି ହାର ମେ'ରେ ହ୍ରାସ ପାଇ ୩.୧% ହୋଇଛି। ଶୁକ୍ରବାର ଜାରି ସରକାରୀ ପରିସଂଖ୍ୟାନ ଅନୁଯାୟୀ, ଗତବର୍ଷ ମେ'ରେ ଔଦ୍ୟୋଗିକ ଉତ୍ପାଦନ ବୃଦ୍ଧି ହାର ୩.୮% ରହିଥିଲା। ଚଳିତବର୍ଷ ଏପ୍ରିଲରେ ଏହା ୪.୩% ଓ ମାର୍ଚ୍ଚରେ ୦.୪% ରହିଥିଲା। ସମୀକ୍ଷାଧୀନ ମାସରେ ଖଣି ଖନନ କ୍ଷେତ୍ରରେ ବୃଦ୍ଧି ହାର ୩.୨% ରହିଛି। ଗତବର୍ଷ ଏହି ସମୟରେ ଏହା ୫.୮% ରହିଥିଲା। ସେହିଭଳି ବିନିର୍ମାଣ କ୍ଷେତ୍ରରେ ବୃଦ୍ଧି ହାର ହ୍ରାସ ପାଇ ୨.୫% ହୋଇଛି। ଗତବର୍ଷ ଏହି ଅବଧିରେ ଏହା ୩.୬% ରହିଥିଲା।

### ଫ୍ଲିପକାର୍ଟ ଆଣିଲା କ୍ରେଡିଟ କାର୍ଡ

**ମୁମ୍ବାଇ,୧୨-୭:** ଅନ୍‌ଲାଇନ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଗ୍ରାହକଙ୍କ ଲାଗି ନିଜସ୍ୱ କ୍ରେଡିଟ କାର୍ଡ ଲଞ୍ଚ କରିଛି। ଗ୍ରାହକ ନିଜ ପାଖରେ ଅର୍ଥ ନ ଥିଲେ ମଧ ଏହି କାର୍ଡ ଜରିଆରେ ଫ୍ଲିପକାର୍ଟରୁ କିଣାକିଣି କରିପାରିବେ। ଆକ୍ସିସ୍ ବ୍ୟାଙ୍କ ଓ ମାଷ୍ଟରକାର୍ଡ ସହିତ ମିଶି କମ୍ପାନୀ ଏହି କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଆଣିଛି। କୋ-ବ୍ରାଣ୍ଡେଡ କ୍ରେଡିଟ କାର୍ଡ ଲଞ୍ଚ କରିବାରେ ଆମାଜନ, ପେଟିଏମ୍ ଓ ଓଲା ଭଳି ଇଣ୍ଟରନେଟ କମ୍ପାନୀଙ୍କ ଗ୍ରୁପ୍‌ରେ ଫ୍ଲିପକାର୍ଟ ସାମିଲ ହୋଇଛି। ଏହି କ୍ରେଡିଟ କାର୍ଡ ମାମଲାରେ ରିସ୍କ ଆନାଲିସିସ୍, କାର୍ଡ ଜାରି କରିବା, ପେମେଣ୍ଟ ପ୍ରୋସେସ୍ କରିବା, କେୱାଇସି, ଅଣ୍ଡରରାଇଟିଂ ଏବଂ ଡିସ୍‌କାଉଣ୍ଟ-କ୍ୟାଶବ୍ୟାକ ମ୍ୟାନେଜ କରିବା କାମ ଆକ୍ସିସ୍ ବ୍ୟାଙ୍କ କରିବ।

# ୨୦୨୫ରେ ଜାପାନକୁ ଟପିବ ଭାରତ

ନୂଆଦିଲ୍ଲୀ,୧୨-୭

ଚଳିତ ବର୍ଷ ବ୍ରିଟେନକୁ ଟପି ଭାରତ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ହେବ। ସେହିଭଳି ୨୦୨୫ରେ ଏହା ଜାପାନକୁ ଟପି ତୃତୀୟ ବୃହତ ଅର୍ଥବ୍ୟବସ୍ଥା ହେବାକୁ ଯାଉଛି ବୋଲି ଶୁକ୍ରବାର ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି। କେନ୍ଦ୍ରରେ ଭାଜପା ଶାସନାଧୀନ ସରକାର ପୁଣିଥରେ କ୍ଷମତାକୁ ଫେରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାର ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦେଶର ଅର୍ଥନୈତିକ ରୋଡମ୍ୟାପ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ୨୦୧୯ରେ ୩ ଟ୍ରିଲିୟନ ଡଲାର ଏବଂ ୨୦୨୫ ସୁଦ୍ଧା ୫ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏଥିରେ କୁହାଯାଇଛି। ଭାରତକୁ ଉଚ୍ଚ ମଧ୍ୟମ ଆୟକାରୀ ବର୍ଗର ଦେଶ ଭାବେ ରୂପାନ୍ତରିତ କରିବା ଲାଗି ରୂପରେଖ ପ୍ରସ୍ତୁତ ହୋଇଛି। ଭାରତ ଚଳିତ ବର୍ଷ ବ୍ରିଟେନକୁ ଟପିବ ବୋଲି ରିପୋର୍ଟରେ ଆକଳନ କରାଯାଇଛି। ସେହିଭଳି ୨୦୨୫ ବେଳକୁ ଭାରତର ଜିଡିପି ଜାପାନକୁ ଅତିକ୍ରମ କରିବାର କ୍ଷମତା ରଖିଛି ବୋଲି ଆଇଏଚ୍‌ଏସ୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



- ତୃତୀୟ ବୃହତ ଅର୍ଥନୀତି ହେବ
- ଚଳିତ ବର୍ଷ ବ୍ରିଟେନକୁ ଟପିବ
- ୨୦୧୯-୨୩ ଜିଡିପି ଅଭିବୃଦ୍ଧି ୭% ଆକଳନ

ରିପୋର୍ଟରେ କୁହାଯାଇଛି ଯେ, ୨୦୧୯ରେ ଭାରତର ଖାଉଟି ବଜାର ୧.୯ ଟ୍ରିଲିୟନ ଡଲାରରୁ ବୃଦ୍ଧି ଘଟି ୨୦୨୫ ବେଳକୁ ୩.୬ ଟ୍ରିଲିୟନ ଡଲାର ଛୁଇଁବ। ଭାରତର ଜିଡିପି ଅଭିବୃଦ୍ଧି ଧାରା ତ୍ୱରାନ୍ୱିତ ହେଉଥିବା ବେଳେ ଏହା ବିଶ୍ୱ ଜିଡିପି ଅଭିବୃଦ୍ଧିକୁ ମଧ ଯୋଗଦାନ ରଖୁଛି। ଏହାବାଦ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ଏକ ପ୍ରମୁଖ ଅଭିବୃଦ୍ଧି ଇଞ୍ଜିନ ଭାବେ କାର୍ଯ୍ୟ କରିବ। ଏହି ଅଞ୍ଚଳରେ ବାଣିଜ୍ୟ ଏବଂ ନିବେଶ ଆଗମନକୁ ତ୍ୱରାନ୍ୱିତ କରିବାରେ ଭାରତ ସହାୟତା କରିବ ବୋଲି ଆଇଏଚ୍‌ଏସ୍ ପକ୍ଷରୁ କୁହାଯାଇଛି। ଏହି ଲକ୍ଷ୍ୟ ହାସଲ ଲାଗି ଆଗାମୀ ୫ ବର୍ଷରେ ଦେଶରେ ନିବେଶ ବୃଦ୍ଧି, ସଞ୍ଚୟ ଏବଂ ରପ୍ତାନି ବଢ଼ାଇବା ଉପରେ ଧାନ ଦେବାକୁ ହେବ। ଉଦ୍ଭାବନ, ତ୍ୱରିତ ଉତ୍ପାଦକତା ବୃଦ୍ଧି, ନୂଆ ଟେକ୍ନୋଲୋଜି ଆପଣାଇବା, ନିଯୁକ୍ତି ବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲାଗି ନିବେଶର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଦେଶରେ ନୂଆ ଇକୋନୋମୀ ଷ୍ଟାର୍ଟଅପ ସୃଷ୍ଟି ସହ ମୂଲ୍ୟଯୁକ୍ତ ଏବଂ କୁଶଳୀ ନିଯୁକ୍ତି ଭିତ୍ତିକ ଅଭିବୃଦ୍ଧି ଉପରେ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ମୋଦି ସରକାରଙ୍କ ପ୍ରଥମ ପାଳିରେ ନୂଆ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ବନ୍ଦର, ଶକ୍ତି କ୍ଷେତ୍ର, ନିୟାମକ ବୋଝ ହ୍ରାସ, ସରକାରୀ ନାଲିଫିତାର ପ୍ରଭାବ ହ୍ରାସ ଭଳି ପ୍ରସଙ୍ଗକୁ ଧାନରେ ରଖି ନୂଆ ନୀତି ଉପରେ କାର୍ଯ୍ୟ କରିବାକୁ ରିପୋର୍ଟରେ କୁହାଯାଇଛି। ୨୦୧୯ରେ ପ୍ରକାଶିତ ବିଶ୍ୱ ବ୍ୟାଙ୍କ ଇଜ ଅଫ୍ ଡୁଇଙ୍ଗ ବିଜନେସ ର୍‍ୟାଙ୍କିଙ୍ଗରେ ଭାରତ ୧୯୦ ଦେଶ ମଧ୍ୟରୁ ୭୭ତମ ସ୍ଥାନରେ ରହିଛି। ଚଳିତ ବର୍ଷର ଅର୍ଥନୈତିକ ସର୍ଭେରେ ଆଇନ ବ୍ୟବସ୍ଥାରେ ସଂସ୍କାର, ଡୁଇଙ୍ଗ ବିଜନେସ ର୍‍ୟାଙ୍କିଙ୍ଗରେ ଉନ୍ନତିକୁ ଗୁରୁତ୍ୱ ଦିଆଯାଇଛି। କଣ୍ଟ୍ରାକ୍ଟ ଲାଗୁ କରିବା କ୍ଷେତ୍ରରେ ଭାରତ ବର୍ତ୍ତମାନ ୧୬୩ ତମ ସ୍ଥାନରେ ରହିଛି। ଏହା ଏକ ଚିନ୍ତାରବିଷୟ ବୋଲି ଉଲ୍ଲେଖ କରାଯାଇଛି। ନ୍ୟାୟିକ ବ୍ୟବସ୍ଥାରେ ମାମଲାଗୁଡ଼ିକୁ ତ୍ୱରିତ ଫଇସଲା କରିବା ଲାଗି ଅତିରିକ୍ତ ବିଚାରପତି ନିଯୁକ୍ତି, ଶ୍ରମ ଆଇନରେ ସଂସ୍କାର ଉପରେ ରିପୋର୍ଟରେ ଗୁରୁତ୍ୱ ଦିଆଯାଇଛି। ଏହି ସବୁ ପ୍ରସଙ୍ଗ କ୍ଷେତ୍ରରେ ଭାରତ ତୁର୍କୀ (୪୩ତମ), ଚାଇନା (୪୬ତମ) ଏବଂ ମେକ୍ସିକୋ (୫୪ତମ) ଠାରୁ ବହୁ ନିମ୍ନ ର୍‍ୟାଙ୍କରେ ରହିଛି।

୨୦୧୫ରୁ ୨୦୫୦ ମଧ୍ୟରେ ଦେଶର ଜନସଂଖ୍ୟା ୩୫୦ ନିୟୁତକୁ ବୃଦ୍ଧି ଘଟିବ ବୋଲି ଆକଳନ କରାଯାଇଛି। ଆବଶ୍ୟକତା ମୁତାବକ ଭିତ୍ତିଭୂମି ସୁବିଧା ଯୋଗାଣ, ବିଦ୍ୟୁତ, ପରିମଳ,ସୁଲଭ ବାସଗୃହ ଏବଂ ସରକାରୀ ପରିବହନ ସେବା ଯୋଗାଇବା ସରକାରଙ୍କ ଲାଗି ବିତ୍ତୀୟ ଚ୍ୟାଲେଞ୍ଜ ସୃଷ୍ଟି କରିବ। ସେହିଭଳି ଜନସଂଖ୍ୟା ଅଭିବୃଦ୍ଧି ଆଗାମୀ ୨ ଦଶନ୍ଧିରେ ଧିମା ହେବା ନେଇ ଆକଳନ କରାଯାଇଛି। ବୟସ୍କଙ୍କ ସଂଖ୍ୟା ବଢ଼ିବାରୁ ଏହି ବର୍ଗର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଣ, ପେନସନ ଏବଂ ସାମାଜିକ ନିରାପତ୍ତା ଯୋଗାଇବା ସରକାରଙ୍କ ଲାଗି ଚ୍ୟାଲେଞ୍ଜ ହେବ। ଦେଶ ସାମ୍ନାରେ ବିଭିନ୍ନ ଅର୍ଥନୈତିକ ଚ୍ୟାଲେଞ୍ଜ ରହିଥିଲେ ମଧ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନାଧୀନ ସରକାର ପାଇଁ ଇକୋନୋମିକ ଆଉଟଲୁକ ସକାରାତ୍ମକ ରହିଛି। ୨୦୧୯-୨୩ ପର୍ଯ୍ୟନ୍ତ ଦେଶର ଅଭିବୃଦ୍ଧି ୭% ରହିବ ବୋଲି ଆଇଏଚ୍‌ଏସ୍ ମାର୍କିଟ ପକ୍ଷରୁ କୁହାଯାଇଛି।

# ଆଇଏମ୍‌ପିଏସ୍‌କୁ ଶୁଳ୍କମୁକ୍ତ କଲା ଏସ୍‌ବିଆଇ

ନୂଆଦିଲ୍ଲୀ,୧୨-୭




ଦେଶର ସବୁଠାରୁ ବଡ଼ ବ୍ୟାଙ୍କ ଏସ୍‌ବିଆଇ ଇମିଡିଏଟ୍ ପେମେଣ୍ଟ ସର୍ଭିସ୍ (ଆଇଏମ୍‌ପିଏସ୍) ଉପରେ ଲାଗୁଥିବା ଚାର୍ଜ ଅଥବା ଶୁଳ୍କକୁ ସମ୍ପୂର୍ଣ୍ଣ ଛାଡ କରିଦେଇଛି। ଏବେ ଗ୍ରାହକ ଅନ୍‌ଲାଇନରେ ଆଇଏମ୍‌ପିଏସ୍ ମାଧ୍ୟମରେ ଟଙ୍କା ପଠାଇବା ଉପରେ କୌଣସି ଶୁଳ୍କ ଦେବେ ନାହିଁ। ଏହି ନୂଆ ନିୟମ ଅଗଷ୍ଟ ପହିଲାରୁ ଲାଗୁ ହେବ। ଏଥିପୂର୍ବରୁ ଏସ୍‌ବିଆଇ ସମେତ ଦେଶର ସମସ୍ତ ବ୍ୟାଙ୍କ ଜୁଲାଇ ପହିଲାରୁ ଆର୍‌ଟିଜିଏସ୍ ଏବଂ ଏନ୍‌ଇଏଫ୍‌ଟି ମାଧ୍ୟମରେ ଅନ୍‌ଲାଇନରେ ଟଙ୍କା ପଠାଇବା ଉପରେ ଶୁଳ୍କ ଆଦାୟକୁ ପ୍ରତ୍ୟାହାର କରିନେଇଥିଲେ। ଏସ୍‌ବିଆଇ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି ଯେ, ଏହା ସାରା ଦେଶରେ ଡିଜିଟାଲ ପ୍ଲାଟଫର୍ମ ୟୋନୋ, ଇଣ୍ଟରନେଟ ବ୍ୟାଙ୍କିଙ୍ଗ ଏବଂ ମୋବାଇଲ ବ୍ୟାଙ୍କିଙ୍ଗ ଗ୍ରାହକଙ୍କ ଲାଗି ଜୁଲାଇ ପହିଲାରୁ ଉକ୍ତ ଦୁଇଟି ପେମେଣ୍ଟ ବ୍ୟବସ୍ଥାକୁ ଶୁଳ୍କମୁକ୍ତ କରିଛି। ଜୁଲାଇ ପୂର୍ବରୁ ଏସ୍‌ବିଆଇ ଏନ୍‌ଇଏଫ୍‌ଟି ପାଇଁ ୧ରୁ ୫ ଟଙ୍କା ଏବଂ ଆର୍‌ଟିଜିଏସ୍ ପାଇଁ ୫ରୁ ୫୦ ଟଙ୍କା ଶୁଳ୍କ ଆଦାୟ କରୁଥିଲା। ଚଳିତବର୍ଷ ମାର୍ଚ୍ଚ ସୁଦ୍ଧା ୬ କୋଟି ଏସ୍‌ବିଆଇ ଗ୍ରାହକ ଇଣ୍ଟରନେଟ ବ୍ୟାଙ୍କିଙ୍ଗ୍ ଏବଂ ୧.୪୧ କୋଟି ମୋବାଇଲ ଫୋନ ବ୍ୟାଙ୍କିଙ୍ଗ ସେବା ବ୍ୟବହାର କରୁଛନ୍ତି। ମୋବାଇଲ ବ୍ୟାଙ୍କିଙ୍ଗ ନେଣଦେଣରେ ଏସ୍‌ବିଆଇର ବଜାର ଅଂଶ ୧୮ ପ୍ରତିଶତ ରହିଛି। ସେହିପରି ୟୋନୋ(ୟୁ ଓନ୍‌ଲି ନିଡ୍ ୱାନ୍)ରେ ୧ କୋଟି ଗ୍ରାହକ ଟ୍ରାଞ୍ଜାକସନ୍ କରୁଛନ୍ତି।

# ୮% ଜିଡିପି ବୃଦ୍ଧି ଜରୁରୀ: ରଙ୍ଗରାଜନ୍

ହାଇଦ୍ରାବାଦ,୧୨-୭

**୫ ଲକ୍ଷ କୋଟି ଡଲାର ଅର୍ଥନୀତି**



ଆସନ୍ତା ୫ ବର୍ଷରେ ଭାରତକୁ ୫ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚାଇବାକୁ ହେଲେ ଦେଶକୁ ୮% ହାରରେ ବାର୍ଷିକ ଅଭିବୃଦ୍ଧି ହାସଲ କରିବାକୁ ହେବ। ଏଥିସହିତ ଏ ଦିଗରେ ସ୍ପଷ୍ଟ ରୂପରେଖ ଜାରି କରିବା ମଧ ଜରୁରୀ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ସି.ରଙ୍ଗରାଜନ୍ ଶୁକ୍ରବାର ପ୍ରକାଶ କରିଛନ୍ତି।

ଏଠାରେ ଆଇସିଏଫ୍‌ଏଆଇର ଫାଉଣ୍ଡେଶନ ଫର୍ ଏଜୁକେଶନର ୯ମ ଦୀକ୍ଷାନ୍ତ ସମାରୋହରେ ଯୋଗଦେଇ ରଙ୍ଗରାଜନ କହିଛନ୍ତି ଯେ, ଆର୍ଥିକ ଅଭିବୃଦ୍ଧିକୁ ଦ୍ରୁତ ଗତିରେ ଆଗେଇ ନେବା ଲାଗି ନିବେଶ ଏକ ଡ୍ରାଇଭର ଭାବେ କାମ କରିବ। ଏଥିଲାଗି ନୀତିନିର୍ଦ୍ଧାରକଙ୍କୁ ନିବେଶ ବୃଦ୍ଧି ଲାଗି ଏକ ଅନୁକୂଳ ବାତାବରଣ ତିଆରି କରିବାକୁ ହେବ। ସେ କହିଛନ୍ତି ଯେ, ଦେଶ ନିକଟରେ ଉଚ୍ଚ ଜୀବନଯାପନ ମାନଦଣ୍ଡ ହାସଲ କରିବା ଏବେ ସବୁଠାରୁ ବଡ଼ ଆହ୍ୱାନ ହେଲାଣି। ଆସନ୍ତା କିଛିବର୍ଷ ଭିତରେ ଆମ ସମ୍ମୁଖରେ ୫ ଲକ୍ଷ ଡଲାର ଅର୍ଥନୀତିରେ ପହଞ୍ଚିବାର ଲକ୍ଷ୍ୟ ରହିଛି। ୮% ହାରରେ କିପରି ଅଭିବୃଦ୍ଧି ହାସଲ ସମ୍ଭବ ହେବ ସେଥିପାଇଁ ଆମ ନିକଟରେ ଏକ ସ୍ପଷ୍ଟ ରୂପରେଖ ରହିବା ଆବଶ୍ୟକ ବୋଲି ସେ କହିଛନ୍ତି।

**PARADIP PORT TRUST**

CORRIGENDUM-II TO E-TENDER CALL NOTICE No. EM/MM/P/IOHP/18/2019/1906TDR118 Dt. 20/06/2019 FOR SUPPLY OF SKID STEER LOADER WITH BACKHOE ATTACHMENT

In addition with above tender the specification of skid steer loader with bucket may be read as follow : (1) Rated operating capacity (ROC) = min 1250 kg. (2) Engine capacity = minimum 72 HP. All other terms and conditions in the original tender remained unaltered. For details, log on to our website : https://eprocure.gov.in/eprocure/app or contact the office of the undersigned.

Sr. Dy. Materials Manager
PPT/PR/180/19-20 Dt : 12.07.19

# ଓଡ଼ିଶା ବଜାରରେ ରେନୋର ନୂଆ ଡଷ୍ଟର

ଭୁବନେଶ୍ୱର,୧୨-୭(ବ୍ୟୁରୋ)




ରେନୋ ଇଣ୍ଡିଆ ପକ୍ଷରୁ ନୂଆ ଡଷ୍ଟର ମଡେଲ ଯାନ ଓଡ଼ିଶା ବଜାରରେ ପ୍ରବେଶ କରିଛି। ସ୍ଥାନୀୟ ପାହାଲସ୍ଥିତ ରେନୋ ଭୁବନେଶ୍ୱରର ନର୍ଥ ଶୋ'ରୁମଠାରେ ଏହାକୁ ସୁପରସେଲ୍‌ସ ଅଟୋମୋବାଇଲସ୍ ପ୍ରାଇଭେଟ ଲିମିଟେଡର ସ୍ୱତ୍ୱାଧିକାରୀ ବିଶାଲ ଧାୱନ, ଏସ୍‌ବିଆଇ ଡିଜିଏମ୍ ରବୀନ୍ଦ୍ର କୁମାର ତ୍ରିବେଦୀ ଉନ୍ମୋଚନ କରିଥିଲେ। ଏଥିରେ ୨୫ ନୂଆ ଫିଚର ଏବଂ ଟେକ୍ନୋଲୋଜି ରହିଛି। ମଡେଲଟିରେ ଆକର୍ଷଣୀୟ ଏକ୍ସଟେରିୟର, ମନଲୋଭା ଇଣ୍ଟେରିୟର ଏବଂ ଉନ୍ନତ ଉପକରଣକୁ ସ୍ଥାନିତ କରାଯାଇଛି। ଏଥିରେ ୧୭.୬୪ ସେମିର ଟଚ୍ ସ୍କ୍ରିନ ମିଡିଆ ନାଭ୍, ଆପଲ କାର୍ ପ୍ଲେ, ଆଣ୍ଡ୍ରଏଡ ଅଟୋ, ଭଏସ ରିକଗନିଶନ, ଇକୋ ଗାଇଡ ଗ୍ରାହକ ପାଇପାରିବେ। ମଡେଲଟି ପେଟ୍ରୋଲ ସିଭିଟି, ଡିଜେଲ ଏଏମ୍‌ଟି ଏବଂ ଡିଜେଲ ଏଡବ୍ଲ୍ୟୁଡି ବିକଳ୍ପରେ ଆସୁଛି। କାସ୍ପିଆନ ବ୍ଲୁ, ମାହୋଗାନି ବ୍ରାଉନ ରଙ୍ଗରେ ଏହା ଉପଲବ୍ଧ । ଏଥିରେ ପରିବର୍ଦ୍ଧିତ ନିରାପତ୍ତା ଫିଚରକୁ ସାମିଲ କରାଯାଇଛି। ଏହାର ମୂଲ୍ୟ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଥିବା ଶୋ'ରୁମ ପକ୍ଷରୁ ସୂଚନା ରହିଛି।

## ■ ପାର୍ଲାମେଣ୍ଟରେ ହେଲା ନୂଆ ରେକର୍ଡ

# ମଧ୍ୟରାତ୍ରି ଯାଏ ଚାଲିଲା ରେଳ ବଜେଟ ଆଲୋଚନା

ନୂଆଦିଲ୍ଲୀ,୧୨-୭



ବଜେଟରେ ରେଳୱେକୁ ମିଳିବାକୁ ଥିବା ଅନୁଦାନ ଉପରେ ଗୁରୁବାର ଲୋକ ସଭାରେ ଦୀର୍ଘ ୧୨ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଆଲୋଚନା ହୋଇଥିଲା। ଏହା ଏକ ନୂଆ ରେକର୍ଡ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ କହିଛନ୍ତି। ରେଳୱେକୁ ମିଳିବାକୁ ଥିବା ଅନୁଦାନ ନେଇ ଆଲୋଚନା ଗୁରୁବାର ରାତ୍ର ୧୧.୫୮ ପର୍ଯ୍ୟନ୍ତ ଚାଲିଥିଲା। ପ୍ରତ୍ୟେକ ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଚାହୁଁଥିଲେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଶୁକ୍ରବାର କହିଛନ୍ତି। ଦୀର୍ଘ ୧୮ ବର୍ଷ ପରେ ପ୍ରଥମ ଥର ନିମ୍ନ ସଦନରେ ଆଲୋଚନା ଦୀର୍ଘସମୟ ଧରି ଚାଲିଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ସାଂସଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ସେ କହିଛନ୍ତି। ରେଳ ସେବାରେ ଉନ୍ନତି ଆଣିବା ପରିବର୍ତ୍ତେ ସରକାର ଏହାର ସମ୍ପତ୍ତିକୁ ବିକ୍ରି କରିବାକୁ ଉଦ୍ୟମ କରୁଛନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ଆଲୋଚନା କାଳରେ ଅଭିଯୋଗ ଆଣିଥିଲେ। ତେବେ ଏନ୍‌ଡିଏ ସରକାର ସମୟରେ ରେଳୱେ ଭିତ୍ତିଭୂମି ନିର୍ମାଣ ଏବଂ ସୁରକ୍ଷା ଦୃଷ୍ଟିରୁ ଦୈନିକ ରେକର୍ଡ କରିଚାଲିଛି ବୋଲି ସରକାରଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। କଂଗ୍ରେସ, ତୃଣମୂଳ କଂଗ୍ରେସ, ଏନ୍‌ସିପି, ଡିଏମ୍‌କେ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ରେଳୱେର ଘରୋଇକରଣ କରାଯାଉଥିବା ଅଭିଯୋଗ ଆଣିଥିଲେ। ଏନ୍‌ଡିଏ ସରକାର ଲୋକଙ୍କୁ ବୁଲେଟ ଟ୍ରେନ୍‌ର ସ୍ୱପ୍ନ ଦେଖାଉଛନ୍ତି, ଯାହାକି ବାସ୍ତବଯୋଗ୍ୟ ନୁହେଁ। ରେଳ ରାଷ୍ଟ୍ରମନ୍ତ୍ରୀ ସୁରେଶ ଅଙ୍ଗଦି ଆଲୋଚନାରେ ହସ୍ତକ୍ଷେପ କରି ସରକାରଙ୍କ ସପକ୍ଷରେ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ସମୟରେ ରେଳୱେର ସୁରକ୍ଷା, ଭିତ୍ତିଭୂମି ନିର୍ମାଣ ଓ ସ୍ୱଚ୍ଛତା ବଢ଼ିଛି।

### ରେଳୱେରେ ନିବେଶ ଜରୁରୀ: ଗୋୟଲ

**ନୂଆଦିଲ୍ଲୀ,୧୨-୭:** ରେଳୱେର ଘରୋଇକରଣ କରାଯିବ ନାହିଁ। ଏଥିରେ ସୁବିଧା ବୃଦ୍ଧି, ଉନ୍ନତ ସେବା ଯୋଗାଇବା ଲାଗି ନିବେଶ ଜରୁରୀ ବୋଲି ରେଳମନ୍ତ୍ରୀ ପୀୟୁଷ ଗୋୟଲ ଶୁକ୍ରବାର କହିଛନ୍ତି। ଲୋକ ସଭାରେ ଆର୍ଥିକ ବର୍ଷ ୨୦୧୯-୨୦ ଲାଗି ରେଳ ମନ୍ତ୍ରଣାଳୟର ଅନୁଦାନ ଉପରେ ଆଲୋଚନାର ଉତ୍ତର ଦେଇ ରେଳମନ୍ତ୍ରୀ କହିଛନ୍ତି ଯେ, ରେଳୱେର ଘରୋଇକରଣ କରାଯିବ ନାହିଁ ବୋଲି ସେ ବାରମ୍ବାର କହିସାରିଛନ୍ତି। ସୁବିଧା ବଢ଼ାଇବା, ପ୍ରଯୁକ୍ତି ଆଣିବା, ନୂଆ ଷ୍ଟେଶନ ତିଆରି କରିବା, ହାଇସ୍ପିଡ୍, ସେମି ହାଇସ୍ପିଡ୍ ଟ୍ରେନ ଚଳାଇବା, ଷ୍ଟେଶନରେ ଅଧିକ ସୁବିଧା ପ୍ରଦାନ କରିବା ଆଦି ଲାଗି ନିବେଶ ଆହ୍ୱାନ କରିବାକୁ ହେବ। ରେଳୱେରେ ସୁବିଧା ବଢ଼ାଇବା, ଗାଁଗଣ୍ଡା ସହ ଦେଶର ସମସ୍ତ ଅଞ୍ଚଳକୁ ରେଳ ସହ ଯୋଡିବା ଲାଗି ଅଧିକ ନିବେଶର ଆବଶ୍ୟକତା ରହିଛି। ଅଧିକ ସୁବିଧା, ସୁରକ୍ଷା, ହାଇସ୍ପିଡ୍ ଟ୍ରେନ ପ୍ରଚଳନ ଆଦି ପାଇଁ ପିପିପି ମୋଡ୍‌କୁ ପ୍ରୋତ୍ସାହିତ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

**ODISHA HYDRO POWER CORPORATION LIMITED**
OHPC
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT, POST : BALIMELA : DIST : MALKANGIRI (ODISHA), PIN : 764051
Phones : 06861-232581 (O) / 232641 (R) : FAX : 06861-232541, E-mail : <unit.head_balimela@yahoo.com>
REGD. OFFICE : ODISHA HYDRO POWER CORPORATION LIMITED
(A Government of Odisha Undertaking)
Odisha State Police Housing & Welfare Corporation Building, Vanivihar Chouk, Janapath, Bhubaneswar-22
Tel. : 91-0674-2542983, 2542802, 25425526, 2542826, Fax : 254102, GRAM : HYDROPOWER
Email : ohpc.co@gmail.com/ md@ophcltd.com, Web : www.ohpcltd.com

**NOTICE INVITING TENDER NO. P-13 (H)-C/16/19-20 DATED 11.07.2019**

No. CAD-187: Sealed tenders are invited from the reputed Printing Press/ Agencies / Firms / Reputed suppliers of supply of the following printing & Stationery materials as mentioned below.

| Group | Description of materials | Cost of tender paper (Non-refundable) in Rs. | EMD in shape of DD /Bankers cheque only in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of bid. |
|---|---|---|---|---|---|---|
| A | Supply of Stationery materials | Rs. 2360/- (2000/- + GST@ 18% = Rs. 360/-) | Rs. 2400/- | 15.07.2019 to 29.07.2019 | 30.07.2019 at 12.00 PM | 30.07.2019 at 12.30 PM |
| B | Supply of Printing Materials | Rs. 708/- (Rs. 600/- + GST@ 18%= Rs. 108/-) | Rs. 1600/- | | | |

N.B. : The tenderer can participate either one of the group or both of the groups separately.
For details of the tender documents, terms & conditions please visit our website: www.ohpcltd.com 04019/11/0020/1920
Sd./- Unit head, BHEP, Balimela

**BHUBANESWAR MUNICIPAL CORPORATION**

No.19567 **TENDER CALL NOTICE** Dt.11/07/2019

Sealed Tenders, in conformity to tender schedule, are invited from intending authorised registered firms, Suppliers & Manufactures having eligibility criteria as noted below, for supply of Printing forms for CHO Office under Bhubaneswar Municipal Corporation, so as to reach the undersigned through registered post/speed post only up to 3.30 PM on 02.08.2019. The tender documents to be obtained from the Cashier on deposit of the non-refundable cost of the tender paper, in shape of cash by 31.07.2019 subject to the fulfillment of eligibility criteria. The tenders will be opened at 5.00 PM on 02.08.2019 in presence of the bidders/their authorised representatives in Mini Conference Hall of BMC. BMC will in no way, be responsible for any delay in receipt of the tender documents. The tender envelop should be superscribed as **"Tender for supply of Printing forms for CHO Office".**

| Name of the Work | Cost of Tender Documents | E. M. D |
|---|---|---|
| Supply of Printing forms for CHO Office | Rs. 1000/- | 2% of the quoted value |

The tender must be accompanied with the required EMD in shape of Bank Draft / Pay Order / Bankers Cheque from any Nationalized Bank drawn in favour of the BMC, failing which the tender shall be rejected out-rightly. The tender should also be accompanied with xerox copy of valid and up-to date ITCC or PAN Card and VAT/GST clearance certificate issued by Taxing Officer, without which the tender are liable for outright rejection. Mere procurement of Tender Document does not guarantee for fulfillment of the eligibility criteria.

The authority reserves the right to accept or reject any tender without assigning any reason thereof.

By order,
Deputy Commissioner
Bhubaneswar Municipal Corporation

Progress Through Partnership for a Better Bhubaneswar

**COLLECTORATE, SUNDARGARH**
(ST & SC Dev. Section)
No. 2452 SSD/ Date 12.07.19

**TENDER CALL NOTICE**

Sealed tenders are invited from Registered / Reputed firms / suppliers having PAN Card, Income Tax Clearance, GST Registration Certificate, Last three year audit report (Financial year 2015-16, 2016-17 and 2017-18) & IT returns of last 03 years 2016-17, 2017-18, 2018-19 (Assessment Year) etc. to quote the rate to supply the School Uniform to the students of Class-IX & XII under ST & SC Development Department. The tender papers along with EMD should reach to the District Welfare Office, Sundargarh on or before 22.07.2019 at 1.00PM through Regd. Post / Speed Post only. The detail is available in the District website i.e. www.sundargarh.nic.in.

*By Order of the Collector, Sundargarh*
***Sd./- District Welfare Officer, Sundargarh***

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଜୁନାଗଡ଼**

ବିଜ୍ଞାପନ ସଂଖ୍ୟା: ୧୩୪୩ ତାରିଖ: ୧୨।୦୭।୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଜୁନାଗଡ଼ ପଞ୍ଚାୟତ ସମିତି ଦ୍ୱାରା ୨୦୧୮-୧୯ ଆର୍ଥିକ ବର୍ଷର (୦୧।୦୪।୨୦୧୮ରୁ ୩୧।୦୩।୨୦୧୯ ପର୍ଯ୍ୟନ୍ତ) ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍.) ଆନୁକୂଲ୍ୟରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ମଷ୍ଟରରୋଲର ଶତପ୍ରତିଶତ ଯାଞ୍ଚ, **ଜାତୀୟ ସାମାଜିକ ସହାୟତା ଯୋଜନା (ଏନ୍.ଏସ୍.ଏ.ପି.)** ଏବଂ ସାମାଜିକ ସମୀକ୍ଷା ନିମନ୍ତେ ଗ୍ରାମସଭା କରାଯିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମପଞ୍ଚାୟତଗୁଡ଼ିକରେ ଗ୍ରାମ୍ୟ ସାଧନ କର୍ମୀମାନଙ୍କ ଦ୍ୱାରା ଅନୁଷ୍ଠିତ ହେବ। ଏଣୁ ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଏନ୍.ଜି.ଓ. ଏବଂ ଗ୍ରାମପଞ୍ଚାୟତର ଜବକାର୍ଡ଼ଧାରୀ ଶ୍ରମିକମାନେ ବହୁଳ ସଂଖ୍ୟାରେ ଯୋଗଦାନକରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା।

| ପର୍ଯ୍ୟାୟ | ଗ୍ରାମପଞ୍ଚାୟତର ନାମ | ଏନ୍.ଏସ୍.ଏ.ପି. | | ଏମ୍.ଜି.ଏନ୍.ଆର୍.ଇ.ଜି.ଏସ୍. | | ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି ତାରିଖ |
|---|---|---|---|---|---|---|---|
| | | ଆରମ୍ଭ | ଶେଷ | ଆରମ୍ଭ | ଶେଷ | | |
| ୧ | ଆଟିଗାଁ, ଛୋରିଆଗଡ଼, ତଳମଲା, ନକଟିଗୁଡ଼ା, ବିଚୈଗୁଡ଼ା, ପଲାସ, କଲିଆକୁଣ୍ଡଳ, ବଲଧିଆମାଲ, ଚାରବାହାଲ, ପିଲିକିଆ, ହାବସପୁର, ଗୌଡ଼ଛେଣ୍ଡିଆ | ୨୫।୦୭।୨୦୧୯ | ୨୮।୦୭।୨୦୧୯ | ୨୯।୦୭।୨୦୧୯ | ୩୦।୦୭।୨୦୧୯ | ୩୧।୦୭।୨୦୧୯ | ୨୭।୧୧।୨୦୧୯ |
| ୨ | ସ.କୁଣ୍ଡାମାଲ, କାଲୋପଲା, ମହିଚଲା, ମାଲିଗୁଡ଼ା, ଭଇଁରୀଗୁଡ଼ା, ଦେଦର, ଦୁନ୍ଦେକମାଳ, ଚାରଭାଟି, କଲେଇଗାଁ, ମେରିଆବନ୍ଧଲି, ବକ୍ସିତୁଲସିପାଲି | [illegible] | [illegible] | [illegible] | [illegible] | [illegible] | |
| ୩ | ନାନ୍ଦୋଳ, ତଳଜାରିଙ୍ଗ, କେନ୍ଦୁପାଟି, ଚିଙ୍ଗୁଡ଼ିସର, ବଣିଜରା, ବାଙ୍କପଳାସ, ବୁଢ଼ିଦର, ଦାସିଗା, ମାଟିଗାଁ, ରାଜପୁର | [illegible] | [illegible] | [illegible] | [illegible] | [illegible] | |
| ୪ | ମୁଣ୍ଡରାପୁଡ଼ା | [illegible] | [illegible] | [illegible] | [illegible] | [illegible] | |

ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଜୁନାଗଡ଼

# କ୍ରିକେଟ ମହାକୁମ୍ଭ

**ଚଳିତ ଆଇସିସି ବିଶ୍ୱକପର ଶେଷ ପର୍ଯ୍ୟାୟ ଉପନୀତ। ଲିଗ୍ ପର୍ଯ୍ୟାୟରୁ ପାକିସ୍ତାନ, ଶ୍ରୀଲଙ୍କା, ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ୱେଷ୍ଟଇଣ୍ଡିଜ ଓ ଆଫଗାନିସ୍ତାନ ବିଦାୟ ନେଇଥିବାବେଳେ ସେମିଫାଇନାଲରୁ ବିଦାୟ ପଥ ଦେଖିଛନ୍ତି ଭାରତ ଓ ଅଷ୍ଟ୍ରେଲିଆ। ରବିବାର ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେବ। ପୂର୍ବରୁ ଇଂଲଣ୍ଡ ୩ ଥର ଏବଂ ନ୍ୟୁଜିଲାଣ୍ଡ ଥରେ ବିଶ୍ୱକପ ଫାଇନାଲ ଖେଳିବାର ଅଭିଜ୍ଞତା ରଖିଛି। ମାତ୍ର ସବୁଥର ଦଳକୁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଏଥର ଦୁଇ ଦଳ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛନ୍ତି। ତେଣୁ ୧୨ତମ ସଂସ୍କରଣରେ ଏକ ନୂଆ ଦଳ ଚାମ୍ପିୟନ ହେବାପଥ ପରିଷ୍କାର ହୋଇଛି।**

## ଇଂଲଣ୍ଡ ୧୯୭୯ ବନାମ ୱେଷ୍ଟଇଣ୍ଡିଜ

କ୍ରିକେଟର ଜନ୍ମଦାତା ଇଂଲଣ୍ଡ କ୍ରିକେଟ ମହାକୁମ୍ଭର ଦ୍ୱିତୀୟ ସଂସ୍କରଣ ଅର୍ଥାତ୍ ୧୯୭୯ରେ ପ୍ରଥମଥର ପାଇଁ ଫାଇନାଲ ଖେଳିଥିଲା। ସେତେବେଳେ ଏକଦିବସୀୟ କ୍ରିକେଟ ୬୦ ଓଭର ବିଶିଷ୍ଟ ହୋଇଥିବାବେଳେ ଇଂଲଣ୍ଡ ସମ୍ମୁଖରେ ପ୍ରତିଦ୍ୱନ୍ଦ୍ୱୀ ଥିଲା ଶକ୍ତିଶାଳୀ ୱେଷ୍ଟଇଣ୍ଡିଜ। ପୂର୍ବ ସଂସ୍କରଣରେ ଚାମ୍ପିୟନ ହୋଇଥିବାରୁ ଏହି ସଂସ୍କରଣ ପାଇଁ ମଧ୍ୟ ୱେଷ୍ଟଇଣ୍ଡିଜ ଟାଇଟଲ ଦାବିଦାର ଥିଲା। ଇଂଲଣ୍ଡ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ୱେଷ୍ଟଇଣ୍ଡିଜ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ଭିଭିଆନ ରିଚାର୍ଡ୍ସଙ୍କ ଶତକ ସହାୟତାରେ ନିର୍ଦ୍ଧାରିତ ୬୦ ଓଭରରେ ୯ ଉଇକେଟ ହରାଇ ୨୮୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରିଚାର୍ଡ୍ସ ସର୍ବାଧିକ ୧୩୮(୧୫୭ ବଲ, ୧୧ ଚୌକା, ୩ ଛକା) ଏବଂ କୋଲିସ କିଙ୍ଗ୍ ୮୬(୬୬ ବଲ, ୧୦ ଚୌକା, ୩ ଛକା) ରନ କରି ଦଳକୁ ସମ୍ମାନଜନକ ସ୍କୋର ପ୍ରଦାନ କରିଥିଲେ। ୬ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଇଆନ ବୋଥାମ, ମାଇକ ହେଣ୍ଡ୍ରିକ, କ୍ରିସ୍ ଓଲ୍ଡ, ଫିଲ୍ ଏଡମଣ୍ଡ୍ସ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୮୭ ରନ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଇଂଲଣ୍ଡ ଭଲ ଆରମ୍ଭ ସତ୍ତ୍ୱେ ମିଡଲ୍ ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୫୧ ଓଭରରେ ୧୯୧ ରନ କରି ଅଲଆଉଟ ହୋଇ ଯାଇଥିଲା। ଫଳରେ ଦଳ ୯୨ ରନରେ ପରାଜିତ ହୋଇଥିଲା। ଓପନର ତଥା ଅଧିନାୟକ ବ୍ରାର୍ଲେ (୬୪ ରନ, ୧୩୦ ବଲ, ୭ ଚୌକା) ଓ ଜିଓଫ୍ ବୟକଟ(୫୭ ରନ, ୧୦୫ ବଲ, ୩ ଚୌକା)ଙ୍କ ଅର୍ଦ୍ଧଶତକ ବୃଥା ହୋଇଥିଲା। ମଧ୍ୟଭାଗରେ କେବଳ ଗ୍ରାହାମ ଗୁଚ୍ ୩୨ ରନ କରିବାକୁ ସକ୍ଷମ ହୋଇଥିଲେ। ୱେଷ୍ଟଇଣ୍ଡିଜ ପକ୍ଷରୁ ଜୋଏଲ ଗାର୍ନର ୧୧ ଓଭରରେ ୩୮ ରନ ବିନିମୟରେ ୫ଟି ଉଇକେଟ ନେଇ ଇଂଲଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। କଲିନ କ୍ରଫ୍ଟ ୩ଟି ଓ ମାଇକେଲ ହୋଲ୍ଡିଂ ୨ଟି ଉଇକେଟ ନେଇଥିଲେ। ରିଚାର୍ଡ୍ସ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ କ୍ଲାଇବ ଲୟଡଙ୍କ ୱେଷ୍ଟଇଣ୍ଡିଜ ଦ୍ୱିତୀୟଥର ପାଇଁ ଚାମ୍ପିୟନ ହୋଇଥିଲା।


ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ଭିଭ୍ ରିଚାର୍ଡ୍ସ।

## ୧୯୮୭ ବନାମ ଅଷ୍ଟ୍ରେଲିଆ

ମଝିରେ ୧୯୮୩ ବିଶ୍ୱକପକୁ ଛାଡ଼ିଦେଲେ ୧୯୮୭ରେ ଇଂଲଣ୍ଡ ପୁଣି ଫାଇନାଲରେ ପ୍ରବେଶ କରିଥିଲା। ଏଥର ପ୍ରତିଦ୍ୱନ୍ଦ୍ୱୀ ଥିଲା ଅଷ୍ଟ୍ରେଲିଆ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ଡେଭିଡ୍ ବୁନ୍‌ଙ୍କ ୭୫(୧୨୫ ବଲ, ୭ ଚୌକା), ଡିନ୍ ଜୋନ୍ସଙ୍କ ୩୩, ଅଧିନାୟକ ଆଲାନ ବର୍ଡରଙ୍କ ୩୧ ଏବଂ ମାଇକ ଭେଲେଟାଙ୍କ ଅପରାଜିତ ୪୫(୩୧ ବଲ, ୬ ଚୌକ) ସହାୟତାରେ ୫୦ ଓଭରରେ ୫ ଉଇକେଟ ହରାଇ ୨୫୩ ରନ କରିଥିଲା। ଇଂଲଣ୍ଡ ପକ୍ଷରୁ ଇଡି ହେମିଙ୍ଗ୍ସ ୨ଟି ଏବଂ ନେଲ ଫଷ୍ଟର ଓ ଗ୍ରାହାମ ଗୁଚ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୫୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଇଂଲଣ୍ଡ କଡ଼ା ଟକ୍କର ଦେଇଥିଲେ ହେଁ ୫୦ ଓଭରରେ ୮ ଉଇକେଟ ହରାଇ ୨୪୬ ରନ କରିବାକୁ ସକ୍ଷମ ହୋଇ ମାତ୍ର ୮ ରନରେ ପରାଜିତ ହୋଇଥିଲା। ଦଳ ପକ୍ଷରୁ ବିଲ୍ ଆଥେ ସର୍ବାଧିକ ୫୮(୧୦୩ ବଲ, ୨ ଚୌକା), ଆଲାନ ଲ୍ୟାମ୍ବ ୪୫(୫୬ ବଲ, ୪ ଚୌକା), ଅଧିନାୟକ ମାଇକ୍ ଗ୍ୟାଟିଂ ୪୧(୪୫ ବଲ, ୩ଚୌକା, ୧ ଛକା) ଓ ଗ୍ରାହାମ ଗୁଚ୍ ୩୫ ରନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଷ୍ଟିଭ୍ ୱ ଓ ଆଲାନ ବର୍ଡର ୨ଟି ଲେଖାଏ ଏବଂ କ୍ରେଗ୍ ମ୍ୟାକଡର୍ମଟ ଓ ସାଇମନ ଓଡୋନେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବୁନ୍ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ଏବଂ ଅଷ୍ଟ୍ରେଲିଆ ପ୍ରଥମଥର ପାଇଁ ବିଶ୍ୱକପ ସ୍ୱାଦ ଚାଖିଥିଲା।


ଡେଭିଡ ବୁନ୍

## ୧୯୯୨ ବନାମ ପାକିସ୍ତାନ

ଇଂଲଣ୍ଡ କ୍ରମାଗତ ଦ୍ୱିତୀୟ ଥରପାଇଁ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଥିଲା। ଏଥର ପ୍ରତିଦ୍ୱନ୍ଦ୍ୱୀ ଥିଲା ପାକିସ୍ତାନ। ମେଲବୋର୍ନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚରେ କିନ୍ତୁ ଇଂଲଣ୍ଡ ୨୨ ରନରେ ପରାଜିତ ହୋଇ ପୁଣି ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ପାକିସ୍ତାନ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୪୯ ରନ କରିଥିଲା। ଅଧିନାୟକ ଇମ୍ରାନ ଖାଁ ସର୍ବାଧିକ ୭୨(୧୧୦ ବଲ, ୫ ଚୌକା, ୧ ଛକା), ଜାଭେଦ ମିଆଁଦାଦ ୫୮(୯୮ ବଲ, ୪ ଚୌକା), ଇଞ୍ଜାମାମ ଉଲ୍ ହକ୍ ୪୨(୩୫ ବଲ, ୪ ଚୌକା) ଏବଂ ୱାସିମ ଆକ୍ରମ ଦ୍ରୁତ ୩୩(୧୮ ବଲ, ୪ ଚୌକା) ରନ ସଂଗ୍ରହ କରି ପାକିସ୍ତାନକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ଇଂଲଣ୍ଡ ପକ୍ଷରୁ ଡେରେକ ପ୍ରିଙ୍ଗଲ ୩ଟି ଏବଂ ଇଆନ ବୋଥାମ ଓ ରିଚାର୍ଡ ଇଲିଂୱର୍ଥ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିଜୟ ଲକ୍ଷ୍ୟ ବଡ଼ ନ ଥିଲେ ହେଁ ଇଂଲଣ୍ଡ ଗୋଟିଏ ହେଲେ ବଡ଼ ପାର୍ଟନରଶିପ୍ କରି ନ ପାରି ୪୯.୨ ଓଭରରେ ୨୨୭ ରନ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ନେଲ ଫେୟାରବ୍ରଦର ସର୍ବାଧିକ ୬୨(୭୦ ବଲ, ୩ ଚୌକା) ରନ କରିଥିବାବେଳେ ଆଲାନ ଲ୍ୟାମ୍ବ ୩୧, ଅଧିନାୟକ ଗ୍ରାହାମ ଗୁଚ୍ ୨୯ ରନ କରିବାକୁ ସକ୍ଷମ ହୋଇଥିଲେ। ପାକିସ୍ତାନ ପକ୍ଷରୁ ୱାସିମ ଆକ୍ରମ ଓ ମୁସ୍ତାକ ଅହମଦ ୩ଟି ଲେଖାଏ ଏବଂ ଆକ୍ୱିବ ଜାଭେଦ ୨ଟି ଓ ଇମ୍ରାନ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଆକ୍ରମ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ ଏବଂ ପାକିସ୍ତାନ ପ୍ରଥମଥର ପାଇଁ ଚାମ୍ପିୟନ ହୋଇଥିଲା। ଏହାପରେ ଇଂଲଣ୍ଡ ଆଉ କେବେହେଲେ ଏହି ସ୍ତର ପର୍ଯ୍ୟନ୍ତ ପହଞ୍ଚି ପାରି ନ ଥିଲା।


ଶ୍ରେଷ୍ଠ ଖେଳାଳି ୱାସିମ ଆକ୍ରମ

# ଇଂଲଣ୍ଡ ୩, ନ୍ୟୁଜିଲାଣ୍ଡ ଥରେ ଖେଳିଛି ଫାଇନାଲ

## ନ୍ୟୁଜିଲାଣ୍ଡ ୨୦୧୫ ବନାମ ଅଷ୍ଟ୍ରେଲିଆ

ବିଶ୍ୱକପ ଇତିହାସରେ ନ୍ୟୁଜିଲାଣ୍ଡ ଏହା ପୂର୍ବରୁ ଥରେ ମାତ୍ର ଫାଇନାଲ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଥିଲା। ୨୦୧୫ ମାର୍ଚ୍ଚ ୨୯ରେ ଅଷ୍ଟ୍ରେଲିଆ ସହିତ ହୋଇଥିଲା ଏହି ଦଳର ଟାଇଟଲ ମୁକାବିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଟପ୍ ଅର୍ଡର ଏବଂ ଲୋୟର ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଯୋଗୁ ୪୫ ଓଭରରେ ମାତ୍ର ୧୮୩ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଗ୍ରାଣ୍ଟ ଇଲିଅଟ ସର୍ବାଧିକ ୮୩(୮୨ ବଲ, ୭ ଚୌକା, ୧ ଛକା) ଓ ରସ ଟେଲର ୪୦(୭୨ ବଲ, ୨ ଚୌକା) ରନ କରିବାକୁ ସକ୍ଷମ ହୋଇଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଜନସନ ଓ ଜେମ୍ସ ଫକନର ୩ଟି ଲେଖାଏ ଏବଂ ମିଚେଲ ଷ୍ଟାର୍କ ୨ଟି ଓ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଉଇକେଟ ନେଇଥିଲେ। ୧୮୪ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ଅଷ୍ଟ୍ରେଲିଆ ୩୩.୧ ଓଭରରେ ମାତ୍ର ୩ ଉଇକେଟ ହରାଇ ୧୮୬ ରନ ସଂଗ୍ରହ କରି ନେଇଥିଲା। ଦଳ ପକ୍ଷରୁ ଅଧିନାୟକ ମାଇକେଲ କ୍ଲାର୍କ ସର୍ବାଧିକ ୭୪(୭୨ ବଲ, ୧୦ ଚୌକା, ୧ ଛକା), ଷ୍ଟିଭେନ ସ୍ମିଥ ୫୬*(୭୧ ବଲ, ୩ ଚୌକା) ଏବଂ ଡେଭିଡ ୱାର୍ନର ୪୫(୪୬ ବଲ, ୭ ଚୌକା) ରନ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନରୀ ୨ଟି ଓ ଟ୍ରେଣ୍ଟ ବୋଲ୍ଟ ଗୋଟିଏ ଉଇକେଟ ନେଇଥିଲେ। ଫକନର ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ ଏବଂ ଅଷ୍ଟ୍ରେଲିଆ ରେକର୍ଡ ୫ମଥର ପାଇଁ ଚାମ୍ପିୟନ ହୋଇଥିଲା। କ୍ରମାଗତ ଦ୍ୱିତୀୟ ଥରପାଇଁ ନ୍ୟୁଜିଲାଣ୍ଡ ଫାଇନାଲରେ ପ୍ରବେଶ କରିଥିବାରୁ ବିଶ୍ୱକପ ଜିତିବା ସ୍ୱପ୍ନକୁ ସାକାର କରିବା ଲକ୍ଷ୍ୟରେ ରହିଛି।


ଜେମ୍ସ ଫକନର


ଇଂଲଣ୍ଡ ବିପକ୍ଷ ଫାଇନାଲ ପୂର୍ବରୁ ଶୁକ୍ରବାର ଅଭ୍ୟାସ ଅବସରରେ ନ୍ୟୁଜିଲାଣ୍ଡ ଅଧିନାୟକ କେନ ୱିଲିୟମସନ (ବାମ)

## ଇଂଲଣ୍ଡ ଫେଭରାଇଟ୍

ଜ୍ୟାକ କାଲିସ୍

ବିଶ୍ୱକପରେ ସବୁ ଫେଭରାଇଟ୍ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ତେବେ ଏହା ପରେ କିଛି ବି ହୋଇପାରେ ବୋଲି କୁହାଯାଉଥିଲା। ଦୁର୍ଭାଗ୍ୟବଶତଃ ଭାରତ ସେମିରେ ପରାସ୍ତ ହୋଇଥିଲା। ଏହା ସତ୍ତ୍ୱେ ମଧ୍ୟ ଏହି ଦଳ ନିଜର ପ୍ରଦର୍ଶନ ନେଇ ଗର୍ବ କରିବା ଉଚିତ। ବ୍ୟକ୍ତିଗତ ଭାବେ ଟିମ୍ଇଣ୍ଡିଆ ତରଫରୁ କେତେଜଣ ଖେଳାଳି ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ବିଭିନ୍ନ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ନ୍ୟୁଜିଲାଣ୍ଡଠାରୁ ଭାରତ ଅପେକ୍ଷାକୃତ ଭଲ ଦଳ। ତେବେ ଯେକୌଣସି ଦଳ ଆକସ୍ମିକ ଭାବେ ଫାଇନାଲକୁ ଉଠିବ, ଏହାକୁ ଆଦୌ ଗ୍ରହଣ କରିପାରିବି ନାହିଁ। ସେମିଫାଇନାଲରେ ନ୍ୟୁଜିଲାଣ୍ଡ ଉଚ୍ଚକୋଟୀର ପ୍ରଦର୍ଶନ କରିଥିଲା। ୩୦ ରନ କମ୍ ସଂଗ୍ରହ କରିଥିଲେ ମଧ୍ୟ ୨୩୯ ରନର ସ୍କୋରକୁ ନ୍ୟୁଜିଲାଣ୍ଡ ସଫଳତାର ସହ ଡିଫେଣ୍ଡ କରିଥିଲା। ଏହାର ଅର୍ଥ ନୁହେଁ ଯେ, ଭାରତଠାରୁ ନ୍ୟୁଜିଲାଣ୍ଡ ଦଳ ଅପେକ୍ଷାକୃତ ଭଲ। କିନ୍ତୁ ଫାଇନାଲରେ ପହଞ୍ଚିବା ପାଇଁ ନ୍ୟୁଜିଲାଣ୍ଡର ହକ୍ ରହିଛି ବୋଲି କୁହାଯାଇପାରେ। ୫ ରନରେ ମୂଲ୍ୟବାନ ୩ ଉଇକେଟ ହରାଇ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଏଭଳି ପରିସ୍ଥିତର ବହୁତ କମ୍ ଦଳ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଦ୍ୱିତୀୟ ସେମିଫାଇନାଲରେ ମଧ୍ୟ ଅଷ୍ଟ୍ରେଲିଆ ୧୪ ରନରେ ୩ ଉଇକେଟ ହରାଇ ଭାରତ ଭଳି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଯେଉଁଭଳି ବଡ଼ ଓପନିଂ ପାର୍ଟନରଶିପ୍ ପୂରା ମ୍ୟାଚ୍‌ରେ ପ୍ରଭାବ ପକାଇଥାଏ, ଠିକ୍ ସେହିଭଳି ପ୍ରାରମ୍ଭିକ ବିପର୍ଯ୍ୟୟର ପ୍ରଭାବ ମ୍ୟାଚ୍‌ରେ ପଡିଥାଏ।

ଗତ ୩ଟି ମ୍ୟାଚ୍‌ରେ ଇଂଲଣ୍ଡ ଜବରଦସ୍ତ ପ୍ରଦର୍ଶନ କରିଛି। ଅର୍ଥାତ ଇଂଲଣ୍ଡ କ୍ରମାଗତ ୩ଟି ନକ୍‌ଆଉଟ୍ ମ୍ୟାଚ୍ ବା ସେମିଫାଇନାଲ ଖେଳିଛି କହିଲେ ଭୁଲ ହେବ ନାହିଁ। ପ୍ରତିମ୍ୟାଚ୍‌ରେ ଦଳର ପ୍ରଦର୍ଶନରେ ଉନ୍ନତି ହୋଇଛି। ଇଂଲଣ୍ଡ ଏବେ ପ୍ରଥମ ବିଶ୍ୱକପ୍ ଜିତିବ ଓ ଏଥିପାଇଁ ଏହି ଦଳ ଫେଭରାଇଟ୍। ଫାଇନାଲରେ ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ହରାଇବ ବୋଲି କୁହାଯାଇପାରେ। ବିଭିନ୍ନ ଦୃଷ୍ଟିକୋଣରୁ ଇଂଲଣ୍ଡ ନ୍ୟୁଜିଲାଣ୍ଡଠାରୁ ଯଥେଷ୍ଟ ଆଗରେ ରହିଛି।

ଫାଇନାଲରେ ନ୍ୟୁଜିଲାଣ୍ଡ ଭିନ୍ନ ରଣନୀତି ସହ ପଡିଆକୁ ଓହ୍ଲାଇବ। ସତର୍କତାର ସହ ଚତୁର ହୋଇ ଖେଳିଲେ ନ୍ୟୁଜିଲାଣ୍ଡ ସଫଳ ହୋଇପାରେ। ନ୍ୟୁଜିଲାଣ୍ଡ ଦଳରେ ଏକାଧିକ ବିସ୍ଫୋରକ ତଥା କ୍ୱାଲିଟି କ୍ରିକେଟର ରହିଛନ୍ତି। ଏହି ଖେଳାଳିମାନେ ଉଭୟ ବ୍ୟାଟ ଓ ବଲ୍‌ରେ ଦମ୍ ଦେଖାଇପାରିବେ। ତେବେ ବିସ୍ଫୋରକ କ୍ରିକେଟ ନ ଖେଳି ନ୍ୟୁଜିଲାଣ୍ଡ ସ୍ମାର୍ଟ କ୍ରିକେଟ ଖେଳିବ ବୋଲି ଆଶା କରୁଛି।

ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କଲେ ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋ କିଭଳି ଖେଳିବେ ତାହା ଦେଖିବାକୁ ବାକି ରହିଲା। ସାରା ଟୁର୍ନାମେଣ୍ଟରେ ଏହି ଓପନିଂ ଯୋଡି ବେଶ୍ ଭଲ ଓ ଆକ୍ରମଣାତ୍ମକ ପ୍ରଦର୍ଶନ କରିଛି। ଅଷ୍ଟ୍ରେଲିଆ ବିପକ୍ଷ ସେମିରେ ଏମାନେ ସୁନ୍ଦର ପ୍ରଦର୍ଶନ କରିଥିଲେ। ତେବେ ୨୨୪ ରନ ଚେଜ୍ କରିବା ସେତେଟା ଚ୍ୟାଲେଞ୍ଜପୂର୍ଣ୍ଣ ନୁହଁ। କିନ୍ତୁ ଫାଇନାଲରେ ଏହି ଯୋଡି ପରୀକ୍ଷାର ସମ୍ମୁଖୀନ ହେବେ। ସାହସିକ କ୍ରିକେଟ ପ୍ରଦର୍ଶନ କରି ଗତ ୨/୩ ବର୍ଷରେ ଇଂଲଣ୍ଡ ଏକ ଶ୍ରେଷ୍ଠ ଦିନିକିଆ ଦଳରେ ପରିଣତ ହୋଇଛି। ତେବେ ଫାଇନାଲ ମ୍ୟାଚ୍‌ରେ ଚାପ ରହିବ।

ଇଂଲଣ୍ଡ ଦ୍ରୁତ ବୋଲର ଜୋଫ୍ରା ଆର୍ଚର ଆଶାନୁରୂପ ପ୍ରଦର୍ଶନ କରିଛନ୍ତି। ଆଗାମୀ ବର୍ଷର ସେ ଇଂଲଣ୍ଡ ପାଇଁ ବୋଲିଂରେ ମୁଖ୍ୟ ସମ୍ପତ୍ତି ବନିଯିବେ। ସେ ବିଶ୍ୱର ଜଣେ ଆଗଧାଡିର ଦ୍ରୁତ ବୋଲର ହୋଇ ବାହାରିବେ। ପ୍ରଶଂସକମାନେ ଫାଇନାଲ ମ୍ୟାଚ୍‌କୁ ଉପଭୋଗ କରିବେ। ଯେଉଁ ଦଳ ବିଜୟୀ ହେଲେ ମଧ୍ୟ ଇତିହାସ ସୃଷ୍ଟି ହେବ। ରବିବାର ଏହି ଫାଇନାଲ ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରୁଛି।

(ଗେମ୍‌ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)






## ଫାଇନାଲରେ ଅମ୍ପାୟରିଂ କରିବେ ଧର୍ମସେନା, ମାରିଅସ

ଲଣ୍ଡନ,୧୨।୭(ପି.ଟି.)

ରବିବାର ଆଇକନିକ୍ ଲର୍ଡ୍ସ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଆୟୋଜକ ଇଂଲଣ୍ଡ ମଧ୍ୟରେ ଖେଳାଯିବାକୁ ଥିବା ଚଳିତ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଲାଗି ଶ୍ରୀଲଙ୍କା ଅମ୍ପାୟର କୁମାର ଧର୍ମସେନା ଓ ଦକ୍ଷିଣ ଆଫ୍ରିକାର ମାରିଆସ ଇରାମୁସଙ୍କୁ ଅନ୍‌ଫିଲ୍ଡ ଅମ୍ପାୟର ଭାବେ ନିଯୁକ୍ତ କରାଯାଇଛି। ଅଷ୍ଟ୍ରେଲିଆର ରଡ୍ ଟକର ୩ୟ ଅମ୍ପାୟର ଓ ପାକିସ୍ତାନର ଅଲିମ ଦାର ଚତୁର୍ଥ ଅଫିସିଆଲ ଭାବେ କାର୍ଯ୍ୟ କରିବେ ବୋଲି ଆଇସିସି ପକ୍ଷରୁ କୁହାଯାଇଛି। ଶ୍ରୀଲଙ୍କାର ରଞ୍ଜନ ମଦୁଗଲେ ମ୍ୟାଚ୍ ରେଫରି ଦାୟିତ୍ୱ ତୁଲାଇବେ। ଉପରୋକ୍ତ ଅଫିସିଆଲମାନେ ବିଶ୍ୱକପ୍‌ର ଦୁଇ ସେମିଫାଇନାଲର ବିଭିନ୍ନ ପରିଚାଳନା ଦାୟିତ୍ୱରେ ଥିଲେ। ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲରେ ଇଂଲିଶ ଓପନର ଜାସନ ରୟ ଅମ୍ପାୟର ଧର୍ମସେନାଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଶତକ ହାତଛଡ଼ା କରିଥିଲେ। ଆଉଟ୍ ହେବା ପୂର୍ବରୁ ସେ ୬୫ ବଲରୁ ୮୫ ରନ୍ କରିଥିଲେ। ଇଂଲଣ୍ଡ ୨୨୪ ରନ୍‌ର ବିଜୟଲକ୍ଷ୍ୟର ପିଛା କରୁଥିବାବେଳେ ଇନିଂସର ୨୦ତମ ଓଭରରେ ପାଟ୍ କୁମିନ୍ସଙ୍କ ବଲରେ ରୟ ଉଇକେଟକିପର ଆଲେକ୍ସ କାରିଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିବା ଅପିଲ ହୋଇଥିଲା। ଧର୍ମସେନା ଦ୍ୱନ୍ଦ୍ୱରେ ପଡ଼ିଯାଇଥିଲେ। ପରେ ଅଷ୍ଟ୍ରେଲିଆନ ଖେଳାଳିଙ୍କ କ୍ରମାଗତ ଅପିଲ ଯୋଗୁ ରୟଙ୍କୁ ଆଉଟ୍ ଦେଇଥିଲେ। ବ୍ୟାଟ୍‌ଠାରୁ ବଲ ବହୁ ଦୂରରେ ଥିବାରୁ ରୟ ଆପତ୍ତି ଉଠାଇବା ସହ କିଛି ସମୟ ଯୁକ୍ତିତର୍କ କରିଥିଲେ। ଏଥିଯୋଗୁ ତାଙ୍କ ମ୍ୟାଚ୍ ଫି'ର ୩୦ ପ୍ରତିଶତ କାଟ୍ କରାଯାଇଛି।

## ସିଓଏ ବୈଠକରେ ଯୋଗଦେବେ କୋହଲି, ଶାସ୍ତ୍ରୀ

ଲଣ୍ଡନ,୧୨।୭(ପି.ଟି.)

ବିସିସିଆଇ ପରିଚାଳନା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ପ୍ରଶାସକ କମିଟି (ସିଓଏ) ଭାରତୀୟ ଦଳର ବିଶ୍ୱକପ୍ ପ୍ରଦର୍ଶନକୁ ରିଭ୍ୟୁ କରିବ। ଏଥିରେ ଅଧିନାୟକ ବିରାଟ କୋହଲି ଓ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀ ଯୋଗଦେବେ। ଏହି ବୈଠକରେ ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ରୋଡ୍‌ମ୍ୟାପ ମଧ୍ୟ ପ୍ରସ୍ତୁତ ହେବ। ବିନୋଦ ରାଇଙ୍କ ଅଧ୍ୟକ୍ଷତାରେ ସିଓଏ ସଦସ୍ୟ ଡାଇନା ଇଡୁଲଜି ଓ ଅବସରପ୍ରାପ୍ତ ଲ୍ୟୁଟ୍‌ନାଣ୍ଟ ଜେନେରାଲ ରବି ଥୋଡ୍‌ଗେ ଚୟନ କମିଟି ମୁଖ୍ୟ ଏମ୍‌ଏସ୍‌କେ ପ୍ରସାଦଙ୍କ ସହ ଆଲୋଚନା କରିବେ। କୋହଲି, ଶାସ୍ତ୍ରୀ ଓ ପ୍ରସାଦଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନର ସମ୍ମୁଖୀନ ହେବାକୁ ପଡ଼ିବ। ପ୍ରଥମତଃ ଅମ୍ବାତି ରାୟୁଡୁ ଯଦି ୪ର୍ଥ କ୍ରମର ବ୍ୟାଟ୍ସମ୍ୟାନ ଲାଗି ବିକଳ୍ପ ନ ଥିଲେ, ତାଙ୍କୁ କେଉଁ କାରଣରୁ ବିଶ୍ୱକପ୍ ପୂର୍ବ ସିରିଜ ପର୍ଯ୍ୟନ୍ତ ଦଳରେ ଚୟନ କରାଯାଉଥିଲା। ଦ୍ୱିତୀୟଟି ହେଉଛି, ଦଳରେ କ'ଣ ପାଇଁ ୩ ଉଇକେଟକିପର ଖେଳିଥିଲେ। ତୃତୀୟ ହେଲା ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ମହେନ୍ଦ୍ର ସିଂ ଧୋନୀଙ୍କୁ ୭ନଂ କ୍ରମ ପୂର୍ବରୁ କାହିଁକି ବ୍ୟାଟିଂ କରିବାକୁ ଛଡ଼ାଗଲା ନାହିଁ। ମିଳିଥିବା ସୂଚନା ମୁତାବକ ବ୍ୟାଟିଂ କୋଚ ସଞ୍ଜୟ ବାଙ୍ଗରଙ୍କ ପରାମର୍ଶକ୍ରମେ ଧୋନୀଙ୍କୁ ବିଳମ୍ବରେ ଛଡ଼ାଗଲା।

## ସଂକ୍ଷେପରେ

### ଅଜୟ୍ ସିଂଙ୍କ ରାଜ୍ୟଗୋଷ୍ଠୀ ରେକର୍ଡ

ଆପିଆ(ସାମୋଆ),୧୨।୭(ପି.ଟି.): ଭାରତୀୟ ଭାରୋତ୍ତୋଳନକାରୀ ଅଜୟ୍ ସିଂ ଶୁକ୍ରବାର ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍‌ରେ କ୍ଲିନ୍ ଓ ଜର୍କ ଇଭେଣ୍ଟରେ ନୂଆ ରେକର୍ଡ କରିଛନ୍ତି। ୨୨ ବର୍ଷୀୟ ଭାରୋତ୍ତୋଳକ ୮୧ କି.ଗ୍ରା. ବର୍ଗର କ୍ଲିନ୍ ଓ ଜର୍କ ଇଭେଣ୍ଟରେ ୧୯୦ କି.ଗ୍ରା. ଭାର ଉଠାଇଥିଲେ, ଯାହାକି ତାଙ୍କ ଓଜନର ଦୁଇଗୁଣରୁ ଅଧିକ। ଏସିଆନ ୟୁଥ୍ ଓ ଜୁନିୟର ରାଜ୍ୟଗୋଷ୍ଠୀ ଚାମ୍ପିୟନଶିପ୍ ବ୍ରୋଞ୍ଜ ପଦକଧାରୀ ସ୍ନାଚ୍ ଇଭେଣ୍ଟରେ ୧୪୮ କି.ଗ୍ରା. ଭାର ଉଠାଇଥିଲେ। ମୋଟରେ ସେ ୩୩୮ କି.ଗ୍ରା. (୧୯୦+୧୪୮ କି.ଗ୍ରା.) ଉତ୍ତୋଳନ କରିଥିଲେ। ଏହା ଅଜୟ୍‌ଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ସମାନ ଓଜନ ବର୍ଗରେ ଅଜୟ୍‌ଙ୍କ ପଛକୁ ଆଉ ଜଣେ ଭାରତୀୟ ପାପୁଲ ଚାଙ୍ଗ୍‌ମାଇ ରୌପ୍ୟ ପଦକ ହାତେଇଛନ୍ତି।

### ସ୍ନାଇଡରଙ୍କ ସହ ଲଢ଼ିବେ ବିଜେନ୍ଦର

ନ୍ୟୁୟର୍କ, ୧୨।୭ (ପି.ଟି.): ଏକ ବର୍ଷ ପରେ ପ୍ରଫେଶନାଲ ବକ୍ସିଂକୁ ଫେରିବେ ଭାରତୀୟ ବକ୍ସିଂ ଷ୍ଟାର ବିଜେନ୍ଦର ସିଂ। ଶନିବାର ସେ ଏଠାରେ ଆମେରିକାର ମାଇକ୍ ସ୍ନାଇଡରଙ୍କ ସହିତ ୮ ରାଉଣ୍ଡ ବିଶିଷ୍ଟ ସୁପରମିଡଲୱେଟ୍ ମୁକାବିଲା କରିବେ। ଡବ୍ଲ୍ୟୁବିଓ ଓରିଏଣ୍ଟାଲ ଏବଂ ଏସିଆ ପ୍ୟାସିଫିକ୍ ସୁପର ମିଡଲୱେଟ୍ ଚାମ୍ପିୟନ ବିଜେନ୍ଦରଙ୍କର ୧୦-୦ (୭ ନକ୍‌ଆଉଟ୍) ରେକର୍ଡ ରହିଛି। ମୁକାବିଲା ପୂର୍ବରୁ ବିଜେନ୍ଦର କହିଛନ୍ତି, ସ୍ନାଇଡରଙ୍କ ସହିତ ଲଢେଇ ପାଇଁ ମୁଁ ପ୍ରସ୍ତୁତ। ମୁଁ ଇତିମଧ୍ୟରେ ଟ୍ରେନର ଲି' ବିୟର୍ଡଙ୍କ ସମେତ ମୋ ଟିମ୍ ସହିତ ରଣକୌଶଳ ସମ୍ପର୍କରେ ଆଲୋଚନା କରିସାରିଛି। ଆମେରିକୀୟ ବକ୍ସରଙ୍କୁ ପ୍ରାରମ୍ଭିକ ରାଉଣ୍ଡରେ ମୁଁ ନକ୍‌ଆଉଟ୍ କରିବା ଲାଗି ଯୋଜନା କରିଛି। ଅନ୍ୟପକ୍ଷରେ ଭାରତୀୟ ବକ୍ସରଙ୍କୁ ପରାସ୍ତ କରିବାରେ ସେ ସଫଳ ହେବେ ବୋଲି ସ୍ନାଇଡର ଦମ୍ଭୋକ୍ତି ପ୍ରକାଶ କରିଛନ୍ତି।

### ଜାତୀୟ ଉଡ୍‌ବଲ୍‌ରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୧୨।୭(କ୍ରୀଡ଼ା ପ୍ରତିନିଧି): ମହାରାଷ୍ଟ୍ରର ନାଗପୁରଠାରେ ଚଳିତମାସ ୧୪ରୁ ୧୭ ପର୍ଯ୍ୟନ୍ତ ୧୭ତମ ଜାତୀୟ ସିନିୟର ଉଡ୍‌ବଲ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଓଡ଼ିଶା ଦଳ ଶୁକ୍ରବାର ନାଗପୁର ଯାତ୍ରା କରିଛି। ଜି. ପ୍ରକାଶ ରାଓ(ଅଧିନାୟକ), ଉଲ୍ଲାସ ପରିଡ଼ା, ଶ୍ରୀକାନ୍ତ ସିଂ, ମହମ୍ମଦ ସାହିଲ କମାଲ, ସୁନୀଲ କୁମାର ଜେନା, ଦିବ୍ୟଜ୍ୟୋତି ନାୟକ, କୋଚ୍ ମହମ୍ମଦ ଅନସାର ଉଲ୍ ହକ୍, ଉପସଭାପତି ବିକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଦଳସହ ନାଗପୁର ଯାତ୍ରା କରିଛନ୍ତି। ଓଡ଼ିଶା ରାଜ୍ୟ ଉଡ୍‌ବଲ ଆସୋସିଏଶନ ସଭାପତି ଚିନ୍ମୟ କୁମାର ଦାସ, ସାଧାରଣ ସମ୍ପାଦକ ମହମ୍ମଦ ଆଜାମ ଓ ବାସୁଦେବ ଓଝା ପ୍ରମୁଖ ଓଡ଼ିଶା ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

### ଇଣ୍ଡିଜ ଗସ୍ତରୁ କୋହଲି, ବୁମରା ବାଦ୍ ପଡ଼ିପାରନ୍ତି

ନୂଆଦିଲ୍ଲୀ,୧୨।୭- ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରାଙ୍କୁ ସମ୍ଭବତଃ ସମ୍ପୂର୍ଣ୍ଣ ୱେଷ୍ଟଇଣ୍ଡିଜ ଗସ୍ତରୁ ବିଶ୍ରାମ ଦିଆଯାଇପାରେ। ଅଗଷ୍ଟ ୩ ତାରିଖଠାରୁ ଆରମ୍ଭ ହେବାକୁ ଥିବା ଗସ୍ତରେ ଭାରତୀୟ ଦଳ ୩ ଲେଖାଏ ଟି୨୦ ଓ ଦିନିକିଆ ପରେ ଦୁଇ ଟେଷ୍ଟ ମ୍ୟାଚ୍ ଖେଳିବ। ଟେଷ୍ଟ ସିରିଜ୍ ଆଇସିସି ଟେଷ୍ଟ ଚାମ୍ପିୟନଶିପ୍‌ର ଅଂଶବିଶେଷ, ଯାହାକି ୨୦୧୯ରୁ ୨୧ ପର୍ଯ୍ୟନ୍ତ ଖେଳାଯିବ। ଏହାର ଫାଇନାଲ ୨୦୨୧ରେ ଇଂଲଣ୍ଡଠାରେ ହେବ। କୋହଲି ଓ ବୁମରା ଗତ ଏକ ବର୍ଷ ହେଲା କ୍ରମାଗତ କ୍ରିକେଟ ଖେଳିଆସୁଛନ୍ତି। ଦେଶର ଦୁଇ ଶ୍ରେଷ୍ଠ କ୍ରିକେଟରଙ୍କୁ ଲମ୍ବା ଘରୋଇ ସିଜନ ଲାଗି ଆହତ ସମସ୍ୟାରୁ ଦୂରେଇ ରଖିବା ପାଇଁ ଚୟନ କମିଟି ବିଶ୍ରାମ ଦେଇପାରେ। କୋହଲିଙ୍କ ଅନୁପସ୍ଥିତିରେ ଉପଅଧିନାୟକ ଅଜିଙ୍କ୍ୟ ରାହାନେ ଟେଷ୍ଟ ଫର୍ମାଟରେ ଦଳର ନେତୃତ୍ୱ ନେବେ। ସେହିଭଳି ଦିନିକିଆ ଓ ଟି୨୦ରେ ରୋହିତ ଶର୍ମା ଅଧିନାୟକ ଦାୟିତ୍ୱ ତୁଲାଇବେ। ଜାତୀୟ ଚୟନ କମିଟି ଖୁବ୍ ଶୀଘ୍ର ୱେଷ୍ଟଇଣ୍ଡିଜ ଗସ୍ତ ଲାଗି ବୈଠକ ଆୟୋଜନ କରିବ। ପୂର୍ବରୁ କୋହଲି ଓ ବୁମରାଙ୍କୁ ଦିନିକିଆ ଓ ଟି୨୦ ଫର୍ମାଟରୁ ବିଶ୍ରାମ ଦିଆଯିବା ନେଇ ବିସିସିଆଇ ପକ୍ଷରୁ ସୂଚନା ଦିଆଯାଇଥିଲା।

# ଫାଇନାଲରେ ଜୋକୋଭିଚ୍

**ୱିମ୍ବଲଡନ ଟେନିସ୍**

ଲଣ୍ଡନ, ୧୨।୭(ପି.ଟି.)

ଗତଥରର ଚାମ୍ପିୟନ ସର୍ବୀୟ ତାରକା ନୋଭାକ ଜୋକୋଭିଚ୍ ଏଥର ମଧ୍ୟ ୱିମ୍ବଲଡନ ଟେନିସ ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ବର୍ଷର ଏହି ତୃତୀୟ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ସେମିଫାଇନାଲରେ ଶୁକ୍ରବାର ସେ ସ୍ପେନର ରୋବେର୍ଟୋ ବଟିସ୍ତା ଅଗୁଟଙ୍କୁ ୬-୨, ୪-୬, ୬-୩, ୬-୨ ସେଟରେ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ଏଥିସହିତ ଜୋକୋଭିଚ୍ ଷଷ୍ଠଥର ପାଇଁ ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଫାଇନାଲ ଟିକେଟ ହାସଲ କରିଛନ୍ତି। ବିଶ୍ୱର ୧ ନମ୍ବର ଖେଳାଳି ଜୋକୋଭିଚ୍‌ଙ୍କୁ ଏହି ମ୍ୟାଚ୍ ଜିତିବା ପାଇଁ ବେଶ୍ କଷ୍ଟ କରିବାକୁ ପଡିଥିଲା। ରବିବାର ଫାଇନାଲରେ ସେ ସ୍ପେନ୍‌ର ରାଫାଲ ନାଡ଼ାଲ କିମ୍ବା ସ୍ୱିଜରଲାଣ୍ଡର ରୋଜର ଫେଡେରରଙ୍କୁ ଭେଟିବେ। ଦ୍ୱିତୀୟ ସେମିରେ ନାଡ଼ାଲ ଓ ଫେଡେରର ମୁହାଁମୁହିଁ ହେବାର କାର୍ଯ୍ୟକ୍ରମ ରହିଛି। ମୋଟ ଉପରେ ୩୨ ବର୍ଷୀୟ ଜୋକୋଭିଚ୍ କ୍ୟାରିୟରରେ ୨୫ତମ ଗ୍ରାଣ୍ଡସ୍ଲାମ ଫାଇନାଲରେ ପ୍ରବେଶ କରିଛନ୍ତି। ଏଥର ସଫଳ ହେଲେ ସେ ପଞ୍ଚମ ୱିମ୍ବଲଡନ ଟାଇଟଲ ଜିତିବେ।



ଶୁକ୍ରବାର ସେମିଫାଇନାଲ ମ୍ୟାଚ୍ ଅବସରରେ ନୋଭାକ ଜୋକୋଭିଚ୍।

**Birthday Wish**



Jayjeet (Jeet)
Wish you a magical Birthday
May this day bring you tons of Happiness and joy into your life.
Birthday wish from: Papa, Mama, Chachu, Chachi, Mausa, Mausi, Maa, Aae, Chintu, Pinu, Juhi, Rishi.
D-13387

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



Dibyanshu Parida (Joy)
ପବିତ୍ର ସୁନାବେଶ ତିଥି ରେ ମୋର ସାନ ନାତି ଆୟୁଷ୍ମାନ Dibyanshu (Joy) ର ଉଜ୍ଜ୍ୱଳ ଭବିଷ୍ୟତ ଦିର୍ଘାୟୁ କାମନା କରି ପ୍ରଥମ ସ୍ୱନକ୍ଷତ୍ର ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କାମନା କରୁଛି।
'ଇତି' ଜେଜେମା: ଶ୍ରୀମତୀ ଶାନ୍ତିଲତା ପରିଡ଼ା, ସାନଜେଜେ, ସାନ ମା, ଅଜା, ଆଈ, ବଡ଼ବାପା, ବଡ଼ବୋଉ, ବାପା, ମା, ଭାଇ ଓ ଭଉଣୀ ମାନେ ଏବଂ ବନ୍ଧୁ ଓ ପରିବାରବର୍ଗ।
ଧ-୧୩୩୮୧

**୨୫ ତମ ବିବାହ ରୋପ୍ୟ ବାର୍ଷିକରେ ଶୁଭେଚ୍ଛା**



ଜଗତ୍‌ସିଂହପୁର, ବାଲିକୁଦା, ନାଗପୁର ନିବାସୀ ଶ୍ରୀଯୁକ୍ତ ଶୈଳେନ୍ଦ୍ର କୁମାର ବିଶ୍ୱାଳ (ଇଂ) ଏବଂ ସସ୍ମିତା ସ୍ୱାଇଁ (ଶିକ୍ଷୟିତ୍ରୀ) ଙ୍କ ୨୫ ତମ ଶୁଭ ବିବାହ ବାର୍ଷିକୀ ଉତ୍ସବରେ ସେମାନଙ୍କ ଜୀବନଧାରା ଈଶ୍ୱରଙ୍କ କୃପାରୁ ମଙ୍ଗଳମୟ ହେଉ, ଏହି ଶୁଭକାମନା ସହ: ନୃସିଂହ, ସୋନିଆ, ପ୍ରାଚୀ, ଓମ୍, ସତ୍ୟମ୍।
ଧ-୧୨୯୧୬

### ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ

# ପ୍ରସ୍ତୁତି ଅନୁଧ୍ୟାନ କଲେ କ୍ରୀଡ଼ାମନ୍ତ୍ରୀ

କଟକ ଅଫିସ,୧୨।୭

ଆଉ ୪ ଦିନ ପରେ ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ା ଆରମ୍ଭ ହେବ । ଏ ନେଇ ଶୁକ୍ରବାର ଅପରାହ୍ନରେ ପ୍ରସ୍ତୁତି ଅନୁଧ୍ୟାନ କରିଛନ୍ତି ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା । ବଡ଼ଧରଣର ଏହି ଟୁର୍ନାମେଣ୍ଟ ନିମନ୍ତେ ସମସ୍ତ କାର୍ଯ୍ୟ ଠିକ ଭାବରେ ଚାଲିଛି ବୋଲି ମନ୍ତ୍ରୀ ବେହେରା ଅନୁଧ୍ୟାନ ଶେଷ କରି କହିଛନ୍ତି । ଅନ୍ୟପକ୍ଷରେ ୧୫ ତାରିଖରେ ଦଳ ଗୁଡ଼ିକ ଓଡ଼ିଶାରେ ପହଞ୍ଚିବା କାର୍ଯ୍ୟ ସୂଚୀ ରହିଥିବା ବେଳେ ଏବେ ସୁଦ୍ଧା ଉଗାଣ୍ଡା ଓ ଜର୍ସି ଦଳ ଭିଜା ସମସ୍ୟା ଭିତରେ ରହିଛନ୍ତି । ଉଭୟ ଦଳ ଆସିବା ନେଇ ପୂର୍ବରୁ ସ୍ପଷ୍ଟ କରିଥିଲେ ମଧ୍ୟ ଏବେ ସୁଦ୍ଧା ସେମାନଙ୍କୁ ଭିଜା ମିଳି ପାରିନାହିଁ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି ।



ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି କ୍ରୀଡାମନ୍ତୀ ତୁଷାରକାନ୍ତି ବେହେରା।

# ରଶିଦ ଆଫଗାନିସ୍ତାନ କ୍ରିକେଟ ଦଳର ନୂଆ ଅଧିନାୟକ



କାବୁଲ, ୧୨।୭ (ପି.ଟି.)

ଷ୍ଟାର ସ୍ପିନର ରଶିଦ ଖାଁଙ୍କୁ ଶୁକ୍ରବାର ଆଫଗାନିସ୍ତାନ କ୍ରିକେଟ ଦଳର ସମସ୍ତ ଫର୍ମାଟ ପାଇଁ ନୂଆ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ବିଶ୍ୱକପ୍ ପୂର୍ବରୁ ଅଧିନାୟକ ପଦବୀରୁ ବହିଷ୍କୃତ ହୋଇଥିବା ଅସଘର ଆଫଗାନଙ୍କୁ ତାଙ୍କ ଡେପୁଟି କରାଯାଇଛି। ଆଫଗାନିସ୍ତାନ କ୍ରିକେଟ ବୋର୍ଡ (ଏସିବି) ବିଶ୍ୱକପ୍ ପୂର୍ବରୁ ତିନୋଟି ଫର୍ମାଟ ପାଇଁ ପୃଥକ୍ ପୃଥକ୍ ଅଧିନାୟକ ମନୋନୀତ କରିଥିଲା। ରହମତ୍ ଶାହଙ୍କୁ ଟେଷ୍ଟ, ଗୁଲ୍‌ବଦିନ ନାଇବ୍‌ଙ୍କୁ ଅନ୍ତର୍ଜାତୀୟ ଦିନିକିଆ ଏବଂ ରଶିଦଙ୍କୁ ଟି୨୦ ଅଧିନାୟକ ଭାବେ ମନୋନୀତ କରିଥିଲା। ମାତ୍ର ଏହା କାର୍ଯ୍ୟାକାରୀ ହୋଇପାରିଲା ନାହିଁ। ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ତାନ ଭଳି ଦଳକୁ ହରାଇବା ଭଳି ପରିସ୍ଥିତି ସୃଷ୍ଟି କରିଥିବା ଅଫଗାନିସ୍ତାନ ୭ଟି ଗେମ୍‌ରୁ ଗୋଟିଏ ହେଲେ ଜିତିପାରି ନ ଥିଲା। ୧୦ଟି ଦଳକୁ ନେଇ ପଏଣ୍ଟ ଟେବୁଲରେ ଅନ୍ତିମ ସ୍ଥାନ ସହ ଅଭିଯାନ ଶେଷ କରିଥିଲା। ସୂଚନାଯୋଗ୍ୟ, ଷ୍ଟାର ଅସଘର ଏବଂ ୨୦ ବର୍ଷୀୟ ରଶିଦ ଏବଂ ପୁରୁଖା ଖେଳାଳି ମହମ୍ମଦ ନବି ଦୁଇ ଆଇପିଏଲ ଖେଳାଳି ବିଶ୍ୱକପ୍ ପୂର୍ବରୁ ଅସଘରଙ୍କ ବହିଷ୍କାର ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ରଶିଦ ଏପର୍ଯ୍ୟନ୍ତ ଦୁଇଟି ଟେଷ୍ଟ, ୬୮ ଅନ୍ତର୍ଜାତୀୟ ଦିନିକିଆ ଏବଂ ୩୮ ଟି୨୦ ଖେଳିସାରିଛନ୍ତି। ୟୁନାଇଟେଡ୍ କିଙ୍ଗଡମ୍ (ୟୁକେ)ରେ ଦଳର ବିଜୟହୀନ ଅଭିଯାନ ପାଇଁ ମୁଖ୍ୟ ଚୟନକର୍ତ୍ତା ଦୌଲତ ଖାଁ ଅହମ୍ମଦଜାଇ ଏବଂ ସିଓଇ ଅସାଦୁଲ୍ଲା ଖାଁ ବହିଷ୍କୃତ ହୋଇଛନ୍ତି। ପୂର୍ବତନ ଏସିବି ମିଡିଆ ମ୍ୟାନେଜର ଲୁତ୍‌ଫୁଲ୍ଲା ଷ୍ଟାନିକ୍‌ଜାଇଙ୍କୁ ନୂଆ ସିଇଓ ଭାବେ ମନୋନୀତ କରାଯାଇଛି।

## ୧୪ରେ ମୁମ୍ବାଇ ଫେରିବ ଟିମ୍ ଇଣ୍ଡିଆ

ଲଣ୍ଡନ,୧୨।୭(ପିଟି)

ଚଳିତ ବିଶ୍ୱକପ୍ ସେମିଫାଇନାଲରେ ପରାସ୍ତ ହୋଇଥିବା ଭାରତୀୟ ଦଳ ଆସନ୍ତା ରବିବାର ସ୍ୱଦେଶ ଫେରିବେ। ଦୁଇ ଦିନ ଧରି ମାଞ୍ଚେଷ୍ଟରଠାରେ ଖେଳାଯାଇଥିବା ସେମିଫାଇନାଲରେ ଭାରତୀୟ ଦଳ ୧୮ ରନ୍‌ରେ ନ୍ୟୁଜିଲାଣ୍ଡଠାରୁ ପରାଜୟ ବରଣ କରିଥିଲା। ଭାରତୀୟ ଦଳର ଖେଳାଳିମାନେ ଅଲଗା ଅଲଗା ହୋଇଯାଇଛନ୍ତି। ସେମାନେ ଶନିବାର ଲଣ୍ଡନଠାରେ ଏକାତ୍ରିତ ହେବେ। ୧୪ ତାରିଖରେ ସମସ୍ତେ ଏକାସଙ୍ଗେ ଲଣ୍ଡନରୁ ମୁମ୍ବାଇ ଆସିବେ ବୋଲି ବିସିସିଆଇ ସୂତ୍ରରୁ ଜଣାପଡ଼ିଛି। ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ସମାନ ଦିନ ଖେଳାଯିବାର ଅଛି। ପୂର୍ବରୁ ଭାରତୀୟ ଖେଳାଳିମାନେ ଭିନ୍ନ ଭିନ୍ନ ସ୍ଥାନକୁ ଯିବା ନେଇ ଆଲୋଚନା ହେଉଥିଲା। ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ଉପରେ ସଭିଙ୍କ ନଜର ରହିବ। ସେ ମୁମ୍ବାଇରେ ପହଞ୍ଚିବା ପରେ ନିଜ ଭବିଷ୍ୟତ ଯୋଜନା ସ୍ପଷ୍ଟ କରିପାରନ୍ତି। ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ମଧ୍ୟ ନେଇପାରନ୍ତି। ୩୮ ବର୍ଷୀୟ କ୍ରିକେଟର ମୁମ୍ବାଇରୁ ରାଞ୍ଚି ଯିବେ। ଉଇକେଟକିପର ବ୍ୟାଟ୍ସମ୍ୟାନଙ୍କ ବିଶ୍ୱକପ୍ ଆଭରେଜ ଥିଲା। ସେ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ୫୦ ରନ୍ କରିଥିଲେ। ଏହା ତାଙ୍କ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇପାରେ ବୋଲି ଆଶା କରାଯାଉଛି। ୨୦୦୭ ବିଶ୍ୱ ଟି୨୦ ଓ ୨୦୧୧ ଆଇସିସି ବିଶ୍ୱକପ୍ ଦଳର ଅଧିନାୟକଙ୍କୁ ଧିମା ବ୍ୟାଟିଂ ଲାଗି ଏବେ ପ୍ରବଳ ସମାଲୋଚନାର ଶିକାର ହେବାକୁ ପଡ଼ିଛି।

# କୋହଲି, ଶାସ୍ତ୍ରୀ ଫେରିବା ପରେ ପ୍ରଦର୍ଶନ ନେଇ ତର୍ଜମା ହେବ

ଲଣ୍ଡନ,୧୨।୭(ପି.ଟି.)

ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା କ୍ରିକେଟ ପ୍ରଶାସକ କମିଟି (ସିଓଏ) ବିଶ୍ୱକପ୍‌ରେ ଭାରତର ପ୍ରଦର୍ଶନ ନେଇ ତର୍ଜମା କରିବ। ଅଧିନାୟକ କୋହଲି ଓ ହେଡ୍ କୋଚ୍ ରବି ଶାସ୍ତ୍ରୀ ସ୍ୱଦେଶ ଫେରିବା ପରେ ସିଓଏ ଭାରତର ଖେଳାଳିମାନଙ୍କ ପ୍ରଦର୍ଶନ ନେଇ ଆଲୋଚନା କରିବ। ବିଶ୍ୱକପ୍ ଭଳି ବଡ଼ ଟୁର୍ନାମେଣ୍ଟରେ ଦଳ ଚୟନ ଉପରେ ଫୋକସ କରାଯିବ।

ଅଧ୍ୟକ୍ଷ ବିନୋଦ ରାଏଙ୍କ ନେତୃତ୍ୱରେ ସିଓଏର ଅନ୍ୟ ସଦସ୍ୟା ଯଥା ଡାଏନା ଇଦୁଲଜୀ ଓ ଅବସରପ୍ରାପ୍ତ ଲ୍ୟୁଟନାଣ୍ଟ ଜେନେରାଲ ରବି ଥୋଡଗେ ମୁଖ୍ୟ ଚୟନକର୍ତ୍ତା ଏମ୍.ଏସ୍.କେ. ପ୍ରସାଦଙ୍କ ସହ ଆଲୋଚନ କରିବେ। ଖାସ୍ କରି ଆସନ୍ତାବର୍ଷ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ର ରୋଡମ୍ୟାପ୍ ତଥା ଯୋଜନା ସମ୍ପର୍କରେ ଏହି ଆଲୋଚନା କରାଯିବ ବୋଲି କୁହାଯାଇଛି। କୋହଲି ଓ ଶାସ୍ତ୍ରୀ ସ୍ୱଦେଶ ଫେରିଲେ ତାଙ୍କ ସହ ଆଲୋଚନା କରାଯିବ ବୋଲି ବିନୋଦ କହିଛନ୍ତି। ତେବେ ଏନେଇ ତାରିଖ ବା ସମୟ ଧାର୍ଯ୍ୟ କରାଯାଇ ନାହିଁ। କେବେଳ ସେତିକି ନୁହେଁ ମୁଖ୍ୟ ଚୟନକର୍ତ୍ତାଙ୍କ ସହ ମଧ୍ୟ ଆଲୋଚନା କରାଯିବ ବୋଲି ବିନୋଦ କହିଛନ୍ତି।

ଗତ ବୁଧବାର ଭାରତ ପ୍ରଥମ ସେମିଫାଇନାଲରେ ନ୍ୟୁଜିଲାଣ୍ଡଠାରୁ ୧୮ ରନରେ ପରାସ୍ତ ହୋଇ ବିଶ୍ୱକପ୍‌ରୁ ବାଦ୍ ପଡିଥିଲା। ରବିବାର କୋହଲିଙ୍କ ସମେତ ଅନ୍ୟ ଭାରତୀୟ ଖେଳାଳି ବିମାନ ଯୋଗେ ମୁମ୍ବାଇରେ ଅବତରଣ କରିବେ। ଲିଗ୍ ପର୍ଯ୍ୟାୟରେ ଭାରତ ମାତ୍ର ଗୋଟିଏ ମ୍ୟାଚ୍‌ରେ ପରାସ୍ତ ହୋଇଥିଲା ଓ ପଏଣ୍ଟ ତାଲିକାର ଶୀର୍ଷରେ ରହି ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ରିଭ୍ୟୁ ମିଟିଂ ବା ତର୍ଜମା ବୈଠକ ସମ୍ପର୍କରେ ସିଓଏ ମୁଖ୍ୟ ଅଧିକ କିଛି ସୂଚନା ଦେଇନାହାନ୍ତି। ବିଶ୍ୱକପ୍‌ରେ ଭାରତର ଅଭିଯାନ ଶେଷ ହୋଇଛି। ତେବେ କିଭଳି, କାହିଁକି ଓ କେତେବେଳେ ସେ ସମ୍ପର୍କରେ ଅଧିକ କିଛି କହିବି ନାହିଁ ବୋଲି ବିନୋଦ କହିଛନ୍ତି। ତେବେ କୋହଲି, ଶାସ୍ତ୍ରୀ ଓ ଚୟନ କମିଟି ମୁଖ୍ୟଙ୍କୁ କିଛି ପ୍ରଶ୍ନ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଶେଷ ମୁହୂର୍ତ୍ତରେ ବିଶ୍ୱକପ୍ ଦଳରୁ ବାଦ୍ ପଡିଥିବା ଅମ୍ବାତି ରାୟୁଡୁଙ୍କ ସମ୍ପର୍କରେ ମଧ୍ୟ ଆଲୋଚନା କରାଯିବ। ଯଦି ୪ ନମ୍ବର ସ୍ଥାନ ପାଇଁ ରାୟୁଡୁ ଯୋଗ୍ୟ ନ ଥିଲେ ତେବେ ତାଙ୍କୁ ବିଶ୍ୱକପ୍‌ର ଠିକ୍ ପୂର୍ବରୁ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ଘରୋଇ ସିରିଜରେ କାହିଁକି ଖେଳାଯାଇଥିଲା। ଏ ନେଇ ମଧ୍ୟ ପ୍ରଶ୍ନ କରାଯିବ। ବିଶ୍ୱକପ୍ ଦଳରେ ରାୟୁଡୁ ରିଜର୍ଭ ଖେଳାଳି ଭାବେ ସାମିଲ ହୋଇଥିଲେ। କେତୋଟି ଆଘାତ ସମସ୍ୟା ପରେ ତାଙ୍କୁ ଦଳରେ ସାମିଲ କରାଯାଇ ଖେଳାଯାଇ ପାରିଥାନ୍ତା। କିନ୍ତୁ ଶେଷରେ ତାଙ୍କୁ ସାମିଲ କରାଗଲା ନାହିଁ। ଯାହା ଫଳରେ ସେ ଅଭିମାନରେ କ୍ରିକେଟର ସବୁ ଫର୍ମାଟରୁ ଅବସର ଘୋଷଣା କରିଥିଲେ।

ସେହିପରି ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କ ସମେତ ଦଳରେ ୩ଜଣ ଉଇକେଟକିପରଙ୍କୁ ଖେଳାଯିବା ନେଇ ମଧ୍ୟ ପ୍ରଶ୍ନ କରାଯିବ। ବହୁଦିନ ଧରି ଦୀନେଶ କାର୍ତ୍ତିକ ଦିନିକିଆରେ ଭଲ ପ୍ରଦର୍ଶନ କରି ନ ଥିଲେ। ଏପରିକି ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ମଧ୍ୟ ସେ ଭଲ ପ୍ରଦର୍ଶନ କରି ନ ଥିଲେ। ଏପରିସ୍ଥଳେ ତାଙ୍କୁ ଦଳରେ ସାମିଲ କରାଯିବା ନେଇ ମଧ୍ୟ ପ୍ରଶ୍ନ ହେବ। ଧୋନୀ, କାର୍ତ୍ତିକଙ୍କ ସମେତ ଯୁବ ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ମଧ୍ୟ ଦଳରେ ସାମିଲ ହୋଇଥିଲେ। ସେମିଫାଇନାଲରେ ଧୋନୀଙ୍କୁ ବ୍ୟାଟିଂ କ୍ରମରେ ପରିବର୍ତ୍ତନ କରି ତାଙ୍କୁ ନିମ୍ନକ୍ରମରେ ଖେଳାଇବା ମଧ୍ୟ ଆଶ୍ଚର୍ଯ୍ୟଜନକ ଥିଲା। ୫ ରନରେ ୩ ଉଇକେଟ ହରାଇ ଭାରତ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ବେଳେ ଧୋନୀଙ୍କୁ ୪ ନମ୍ବରରେ ଖେଳା ନ ଯାଇ ୭ ନମ୍ବରରେ ଖେଳାଯିବା ନେଇ ପ୍ରଶ୍ନ କରାଯିବ। ବ୍ୟାଟିଂ କୋଚ୍ ସଞ୍ଜୟ ବାଙ୍ଗର ଧୋନୀଙ୍କ ବ୍ୟାଟିଂ କ୍ରମ ନେଇ ନିଷ୍ପତ୍ତି ନେଇଥିଲେ। ଶାସ୍ତ୍ରୀଙ୍କୁ ମଧ୍ୟ ଏ ନେଇ ପ୍ରଶ୍ନ ପଚରାଯିବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଆଗାମୀ ବାର୍ଷିକ ସାଧାରଣ ବୈଠକ (ଏଜିଏମ୍) ପର୍ଯ୍ୟନ୍ତ ଏବେକାର ୫ଜଣିଆ ଚୟନ କମିଟି କାର୍ଯ୍ୟ କରିବ। ଅନ୍ୟ ଚୟନକର୍ତ୍ତା ସରନଦୀପ ସିଂ ଓ ଦେବାଙ୍ଗ ଗାନ୍ଧୀ ମଧ୍ୟ ବୈଠକରେ ନିଜ ଆଡୁ ପର୍ଯ୍ୟାପ୍ତ ମତାମତ ଦେଇ ନ ଥିଲେ। ତେଣୁ ସବୁ ଦୃଷ୍ଟିକୋଣରୁ ବିଚାର ଆଲୋଚନା ହେବ ବୋଲି ସିଓଏ ତରଫରୁ କୁହାଯାଇଛି।

# ଆୟୁଷ୍ମାନ, ପ୍ରତ୍ୟୁଷା ଟପ୍‌ସିଡ

**ରାଜ୍ୟ ୯ବର୍ଷରୁ କମ୍ ଚେସ ଆରମ୍ଭ**



ପ୍ରଥମ ଦିବସ ଖେଳ ଅବସରରେ ପ୍ରତିଯୋଗୀମାନେ।

କଟକ ଅଫିସ,୧୨।୭

ପୂର୍ବତଟ ରେଲୱେ ପ୍ରତିଷ୍ଠାନ ପରିସରରେ ରାଜ୍ୟ ୯ବର୍ଷରୁ କମ୍ ଚେସ ଚାମ୍ପିୟନଶିପ ଶୁକ୍ରବାର ଆରମ୍ଭ ହୋଇଛି। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଓପନ ବର୍ଗରେ ୮୩ ଓ ବାଳିକା ବର୍ଗରେ ୩୭ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ୧୦ଟି ଜିଲାରୁ ମୋଟ ୧୨୦ଜଣ ପ୍ରତିଯୋଗୀ ଭାଗ ନେଇଥିବା ବେଳେ ଏମାନଙ୍କ ମଧ୍ୟରେ ୧୫ଜଣ ଅନ୍ତର୍ଜାତୀୟ ମାନ୍ୟତାପ୍ରାପ୍ତ ଖେଳାଳି ଅଛନ୍ତି। ଓପନ ବର୍ଗରେ ପୁରୀର ଆୟୁଷ୍ମାନ ମହାନ୍ତି ଓ ବାଳିକା ବର୍ଗରେ କଟକର ପ୍ରତ୍ୟୁଷା ଜେନା ଟୁର୍ନାମେଣ୍ଟର ଟପସିଡ ଖେଳାଳି ଅଛନ୍ତି। କଟକ ଜିଲା ଚେସ୍ ସଂଘ ଓ ନିଖିଳ ଓଡ଼ିଶା ଚେସ୍ ସଂଘର ମିଳିତ ଆନୁକୂଲ୍ୟରେ ହେଉଥିବା ଏହି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେବ। ଶୁକ୍ରବାର ଖେଳାଯାଇଥିବା ୨ ରାଉଣ୍ଡ ଶେଷ ସୁଦ୍ଧା ଓପନ ବର୍ଗରେ ଆୟୁଷ୍ମାନ ମହାନ୍ତି, ପ୍ରତ୍ୟୁଷ ନାୟକ, ଶ୍ରୀୟାଂଶ ଦେ, ଆୟୁଷ ଆର୍ଯ୍ୟନ ମହାପାତ୍ର, ସ୍ୱସ୍ତିକ ଶୁଭମ ପଟ୍ଟନାୟକ, ତନ୍ମୟ ତଲିନ ବେହେରା, ଆଦିତ୍ୟ ବିକ୍ରମ ମିଶ୍ର, ସାଇ ଅମ୍ରିତ ପରିଜା, ବାଳିକା ବର୍ଗରେ ସାଇ ସମ୍ପ୍ରଦା ମହାନ୍ତି, ସାନିଧ୍ୟା ସ୍ୱାଇଁ, ଶ୍ରୁତି ସ୍ନେହି, ଶୁଭଶ୍ରୀ ରାଉତ, ଆୟୁଷି ଦାସ, ଜ୍ୟୋତିକା ସାହୁ, ଶ୍ରଦ୍ଧା ସ୍ମରଣିକା ନନ୍ଦ, ଶ୍ରଦ୍ଧା ମିଶ୍ର ୨ ପଏଣ୍ଟ ଲେଖାଏ ପାଇ ଅଗ୍ରଣୀ ଅଛନ୍ତି। ରାଜେନ୍ଦ୍ର କୁମାର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନ୍ତର୍ଜାତୀୟ ଆର୍ବିଟର ତାପସ ମହାନ୍ତି, ନିହାର ରଞ୍ଜନ ସାସମଲ ଖେଳ ପରିଚାଳନା କରୁଛନ୍ତି। ସେକ ମନସୁର ଅଲ୍ଲୀ, ସାହେବ ଅଖତାର ସହାୟତା କରୁଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତଟ ରେଳବାଇ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ଡା. ସେକ ରହେମତୁଲ୍ଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ଚେସ ସଂଘ ସଭାପତି ବିବେକ ତିବେରୱାଲ, ସମ୍ପାଦକ ରଞ୍ଜନ ମହାନ୍ତି, ଉପସଭାପତି ସନ୍ତୋଷ କୁମାର ପୃଷ୍ଟି, ଫନୀନ୍ଦ୍ର ମହାନ୍ତି ଉପସ୍ଥିତ ଥିଲେ।

## ମନେ ପଡ଼ନ୍ତି

**ଦ୍ୱାଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ବିମଳିନୀ ଦାଶ (କୁନି)
C/o: ନବକିଶୋର ଦାଶ
ପ୍ଲଟ୍: ୨୧, ଭୌମନଗର, ୟୁନିଟ୍-୪, ଭୁବନେଶ୍ୱର
ମହାପ୍ରୟାଣ: ଆଷାଢ ଶୁକ୍ଳପକ୍ଷ, ଦ୍ୱାଦଶୀତିଥି (ତା: ୨୭।୦୭।୨୦୦୭)
ବୋଉ, ଆପଣଙ୍କର ପାର୍ଥିବ ଶରୀରର ଅନୁପସ୍ଥିତି ଦୀର୍ଘ ବାରବର୍ଷକୁ ପଛରେ ପକାଇ ସାରିଲାଣି, କିନ୍ତୁ, ଆପଣ ଏ ଘରେ ଯେ ସର୍ବଦା ଅଛନ୍ତି ଏକଥା ଅନୁଭବୀ ଅନୁଭବ କରିପାରେ। ସଦା ଜୀବନ୍ତ ପରି ଆମମାନଙ୍କ ପାଖେ ଆପଣ ରହିଥାଆନ୍ତୁ ଏତିକି ପ୍ରାର୍ଥନା।
ଆପଣଙ୍କର ଚିରଋଣୀ:
ରଜନୀ-ରାନ୍ଟୁ, ଯାମିନୀ-ଜ୍ୟୋସ୍ନା, ଲିନା, ରିନା, ନିନା, ବାଦଲ ଓ ୟୁରି ତଥା ସମସ୍ତ ପ୍ରିୟଜନ।
ଧ-୧୩୩୬୬

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ଇଂ କୈଳାସ ଚନ୍ଦ୍ର ପଣ୍ଡା
ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ: ୨୮।୦୧।୧୯୫୦
ତିରୋଧାନ: ୧୦।୦୭।୨୦୦୩
ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆନ୍ତର ପ୍ରାର୍ଥନା।
ଶୋକସନ୍ତପ୍ତ:
ପତ୍ନୀ, ପୁଅ, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ଆତ୍ମୀୟସ୍ୱଜନ।
ଧ-୫୨୮୯

**ପଞ୍ଚମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତା ସୁଧାଂଶୁବାଳା ପାଇକରାୟ
ଶିଶୁପାଳଗଡ଼, ଭୁବନେଶ୍ୱର
ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ପରୋପକାରିତା ଆମ ପ୍ରେରଣା ର ଉତ୍ସ। ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ
ଧ-୬୬୯୨୫

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶନିବାର, ଜୁଲାଇ ୧୩/୨୦୧୯ Balasore, Saturday, July 13/2019

## ସଂକ୍ଷେପରେ

### ସମବାୟ ସମିତିରୁ ୫ ଲକ୍ଷ ହଡ଼ପ ଅଭିଯୋଗ ପୂର୍ବତନ ସମ୍ପାଦକ ଗିରଫ

**ତିହିଡ଼ି, ୧୨।୭(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ଗୁଆମାଳ ସେବା ସମବାୟ ସମିତିରୁ ୫ ଲକ୍ଷ ଟଙ୍କା ହଡ଼ପ ହୋଇଛି। ସମିତିର ଉପସଭାନେତ୍ରୀ ଚୁମାରାଣୀ ଜେନା ଗୁରୁବାର ଏ ସମ୍ପର୍କରେ ତିହିଡ଼ି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଏକ ମାମଲା(ନଂ.୩୦୬/୧୯) ରୁଜୁ କରି ଶୁକ୍ରବାର ସମିତିର ପୂର୍ବତନ ସମ୍ପାଦକ ଆର୍ତ୍ତବନ୍ଧୁ ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ସମବାୟ ସମିତିରେ ଆର୍ତ୍ତବନ୍ଧୁ ସମ୍ପାଦକ ଥିଲାବେଳେ ବିଭିନ୍ନ ଆର୍ଥିକ ଅନିୟମିତତା କରିଥିବା ନେଇ ଅଭିଯୋଗ ହୋଇଥିଲା। ପରେ ସମ୍ପାଦକ ଜେନାଙ୍କୁ ନିଲମ୍ବନ କରାଯାଇଥିଲା। ଉପସଭାନେତ୍ରୀ ଜେନା ସମିତିରୁ ଆର୍ତ୍ତବନ୍ଧୁ ୫ ଲକ୍ଷ ଟଙ୍କା ହଡ଼ପ କରିଥିବା ଅଭିଯୋଗ କରିବା ପରେ ପୋଲିସ ଏହି ପଦକ୍ଷେପ ନେଇଛି।

### ଯୁବତୀଙ୍କୁ ବଳାତ୍କାର ଘଟଣା ଜେଲ ଗଲେ ଅଭିଯୁକ୍ତ

**ନୀଳଗିରି, ୧୨।୭(ଡି.ଏନ.ଏ.):** ନୀଳଗିରି ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଶୁକ୍ରବାର କଲ୍ୟାଣୀ ଗାଁର ମୃତ୍ୟୁଞ୍ଜୟ ଦାସ (୩୫)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେଠାରୁ ଜେଲ ହାଜତକୁ ପଠାଇଦିଆଯାଇଛି। ଚଳିତମାସ ୧ତାରିଖରେ ଏହି ଘଟଣା ଘଟିଥିଲା। ମୃତ୍ୟୁଞ୍ଜୟ ଉକ୍ତ ଯୁବତୀଙ୍କୁ ବାଲେଶ୍ୱରରେ ରଖି ବଳାତ୍କାର କରିଥିଲେ। ୧୧ତାରିଖରେ ଯୁବକଜଣକ ତାଙ୍କୁ ଛାଡି ଦେବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ମାମଲା (ନଂ. ୧୫୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

### ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ସିମୁଳିଆ, ୧୨।୭(ଡି.ଏନ.ଏ.):** ସିମୁଳିଆ ଥାନାଠାରୁ ୧୦୦ ମିଟର ଦୂର ଜାତୀୟ ରାଜପଥର ମାର୍କୋଣା ବଜାରସାହି ନିକଟରେ ଶୁକ୍ରବାର ଅପରାହ୍ନରେ ସଡ଼କ ଦୁର୍ଘଟଣା ଘଟି ରାଧାବଲ୍ଲଭପୁର ଅଞ୍ଚଳର ଦିବାକର ମିଶ୍ର (୪୦) ନାମକ ଯୁବକଙ୍କର ମୃତ୍ୟୁ ଘଟିଛି। ସେ ମନ୍ଦିର ପୂଜକ ଭାବେ କାର୍ଯ୍ୟ କରନ୍ତି। ଦିବାକର ସାଇକେଲ ଯୋଗେ ଘରକୁ ଫେରୁ ଥିବାବେଳେ ପଛପଟୁ ଏକ ଟ୍ରକ୍ (ନଂ. ଡବ୍ଲ୍ୟୁବି୩୩ଡି-୧୬୩୮) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଦୁର୍ବୃତ୍ତଙ୍କ ଆକ୍ରମଣରେ କନଷ୍ଟେବଲଙ୍କ ହାତ ଭାଙ୍ଗିଲା



**ପାଟଣା,୧୨।୭(ସ୍ୱ.ପ୍ର.):** ଶୁକ୍ରବାର ସନ୍ଧ୍ୟାରେ କେନ୍ଦୁଝର ଜିଲା ମଲ୍ଲୀପଶି ରଥଯାତ୍ରା ଲାଗି ଟ୍ରାଫିକ ନିୟନ୍ତ୍ରଣ କରୁଥିବା ବେଳେ ଦକ୍ଷିଣପଶି ନିକଟରେ ପାଟଣା ଥାନାର କନଷ୍ଟେବଲ ଦୟାନିଧି ସାହୁଙ୍କୁ ଦୁଇଜଣ ଯୁବକ ବାଉଁଶ ଲାଠିରେ ଆକ୍ରମଣ କରିବାରୁ ତାଙ୍କ ବାମ ହାତ ଭାଙ୍ଗି ଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଘଟଣା ସ୍ଥଳରେ ପାଟଣା ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। ଆକ୍ରମଣର ଠିକ୍ କାରଣ ଜଣାପଡି ନାହିଁ। ତଦନ୍ତ ପରେ କାରଣ ଜଣାପଡିବ ଓ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

## ■ ନିର୍ବାଚନ ପରବର୍ତ୍ତୀ ହିଂସା ନେଇ ୨ ପୃଥକ ମାମଲା

# ଯୁବନେତା ବେଣୁମାଧବ ଗିରଫ

**ସିମୁଳିଆ, ୧୨।୭(ଡି.ଏନ.ଏ.)**

■ ୨ଦିନ ଧରି ଚାଲିଥିବା ଧାରଣା ପ୍ରତ୍ୟାହୃତ

■ ଦୁଇ ଗୋଷ୍ଠୀରୁ ୩ ଗିରଫ

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ କାଞ୍ଚପଡ଼ା ପଞ୍ଚାୟତ ଅଧୀନ ଡିଆଁପୁରୁଷୋତ୍ତମପୁର ଗାଁରେ ବୁଧବାର ବିବାହ ଚତୁର୍ଥୀ ଭୋଜି ବେଳେ ଘଟିଥିବା ଗଣ୍ଡଗୋଳ ଘଟଣା ନେଇ ପୋଲିସ ୨ଟି ପୃଥକ ମାମଲା ରୁଜୁ କରିଛି। ଘଟଣାର ଦିନକ ପରେ ଶୁକ୍ରବାର ପୋଲିସ ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡାଙ୍କ ପୁଅ ବେଣୁମାଧବଙ୍କ ସମେତ ଦୁଇ ପକ୍ଷର ୩ଜଣଙ୍କୁ ଗିରଫ କରି ଅଧିକ ତଦନ୍ତ ଚଳାଇଛି। ନିର୍ବାଚନ ସମୟର ବିଦ୍ୱେଷ ଗଣ୍ଡଗୋଳର କାରଣ ବୋଲି ଚର୍ଚ୍ଚା ହେଉଛି। ବୁଧବାର ରାତିରେ ଗଣ୍ଡଗୋଳ ଘଟିବା ପରେ ପୋଲିସ ଗୋଟିଏ ଗୋଷ୍ଠୀର ଦୁଇଜଣଙ୍କୁ ଥାନାକୁ ଧରିନେଇ ଅଟକ ରଖିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସର ଏକତରଫା କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଶତାଧିକ ଗ୍ରାମବାସୀ ଗୁରୁବାର ଥାନା ଆଗରେ ଧାରଣା ଦେଇଥିଲେ।

ସିମୁଳିଆ ଥାନା ପୋଲିସ ପକ୍ଷରୁ କୁହାଯାଇଛି ଯେ, ବିବାହ ଭୋଜିରେ ଗଣ୍ଡଗୋଳ ଘଟଣା ନେଇ ବନିତା ପଣ୍ଡାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଦଫା ୪୫୭, ୨୯୪, ୩୨୩, ୩୫୪(ବି), ୫୦୬, ୩୪ଆଇପିସିରେ ମାମଲା (ନଂ. ୧୮୨/୧୯) ରୁଜୁ କରି ବେଣୁମାଧବଙ୍କୁ ଶୁକ୍ରବାର ବାଲେଶ୍ୱରରୁ ଗିରଫ କରିଛି। ସେହିପରି ଗଙ୍ଗାଧର ଦଳାଇଙ୍କ ଅଭିଯୋଗ ଅନୁଯାୟୀ ଦଫା ୨୯୪, ୩୨୩, ୫୦୬ ଓ ୩୪ ଆଇପିସିରେ ପୋଲିସ ଅନ୍ୟ ଏକ ମାମଲା (ନଂ. ୧୮୧/୧୯) ରୁଜୁ କରି ଲକ୍ଷ୍ମୀକାନ୍ତ ପଣ୍ଡା ଓ ଭୀମସେନ ପଣ୍ଡାଙ୍କୁ ଗିରଫ କରିଛି। ଗତ ୧୦ତାରିଖ ରାତିରେ ଡିଆଁପୁରୁଷୋତ୍ତମପୁରରେ ଆୟୋଜିତ ଏକ ବିବାହ ଚତୁର୍ଥୀ ଭୋଜିକୁ ଯୁବନେତା ବେଣୁମାଧବ ବାଲେଶ୍ୱରରୁ ଜଣେ ସହଯୋଗୀ ରଞ୍ଜନ ମଲିକ ଓ ଅନ୍ୟ କେତେଜଣଙ୍କ ସହ ଆସିଥିଲେ। ଭୋଜି ଖାଇ ସାରିବା ପରେ କୌଣସି କାରଣରୁ ଲକ୍ଷ୍ମୀକାନ୍ତ ଓ ବେଣୁମାଧବଙ୍କ ଗୋଷ୍ଠୀ ମଧ୍ୟରେ ବଚସା ହୋଇ ସଂଘର୍ଷ ଘଟିଥିଲା। ଏଥିରେ ବେଣୁମାଧବଙ୍କ ସହଯୋଗୀ ରଞ୍ଜନ ଗୁରୁତର ଆହତ ହୋଇଥିଲେ। ପୋଲିସ ପହଞ୍ଚିବା ପରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ସେଠାରେ ଏକ ଗୋଷ୍ଠୀ ପକ୍ଷରୁ ପୋଲିସକୁ ଧମକ ଦିଆଯାଉଥିବାର ଅଡିଓ ରେକର୍ଡିଂ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଲକ୍ଷ୍ମୀକାନ୍ତଙ୍କ ମୁଣ୍ଡରେ ପ୍ରତିପକ୍ଷ ବନ୍ଧୁକ ଲଗାଇ ତାଙ୍କ ସ୍ତ୍ରୀ ବନିତାଙ୍କୁ ଗାଳିଗୁଲଜ କରାଯାଇଥିବା ଥାନାରେ ମଧ ଅଭିଯୋଗ ହୋଇଛି। ଅପରପକ୍ଷେ କୌଣସି କାରଣ ନ ଥାଇ ଅତିଥି ରଞ୍ଜନଙ୍କୁ ଆକ୍ରମଣ କରାଯାଇଥିବା ନେଇ ଗଙ୍ଗାଧର ଦଳାଇ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଘଟଣା ନିର୍ବାଚନ ପରବର୍ତ୍ତୀ ହିଂସା ରୂପ ନେଇଥିବାରୁ ପୋଲିସ ଓ ପ୍ରଶାସନ ସତର୍କତାର ସହ ଘଟଣାର ତଦନ୍ତ ଚଳାଇଛି। ଗୁରୁବାର ଥାନା ଆଗରେ ଗ୍ରାମବାସୀଙ୍କ ସମେତ ବହୁ ବିଜେଡି କର୍ମୀ ଧାରଣା ଦେବା ଖବର ପାଇ ବାଲେଶ୍ୱର ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲ ସେଠାକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଏହାର ତଦନ୍ତ କରିଥିଲେ। ଶୁକ୍ରବାର ଅପରାହ୍ନ ପର୍ଯ୍ୟନ୍ତ ଥାନାରେ ଧାରଣା ଜାରି ରହିଥିଲା। ଯୁବନେତା ବେଣୁମାଧବଙ୍କୁ ପୋଲିସ ଗିରଫ କରିବା ପରେ ଅପରାହ୍ନ ୩ଟା ୪୦ ମିନିଟ୍‌ରେ ଧାରଣା ପ୍ରତ୍ୟାହୃତ ହୋଇଥିବା ଜଣାପଡିଛି। ଯୁବନେତା ବେଣୁମାଧବ ପଣ୍ଡା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ନିର୍ବାଚନ ହିଂସାକୁ ନେଇ ତାଙ୍କ ସହଯୋଗୀ ରଞ୍ଜନଙ୍କୁ ଆକ୍ରମଣ କରାଯାଇଥିଲା। ସେ ଏହାର ପ୍ରତିବାଦ କରିବାରୁ ତାଙ୍କ ନାଁରେ ମିଥ୍ୟା ମକଦ୍ଦମା କରାଯାଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ପ୍ରଭାସ ଚନ୍ଦ୍ର ପାଲଙ୍କୁ ପଚାରିବାରୁ ଘଟଣାର ଅଧିକ ତଦନ୍ତ ଚାଲିଛି ଏବଂ ଉଭୟ ପକ୍ଷର ଗିରଫ ୩ଜଣଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି କହିଛନ୍ତି।

# ରଥରେ ବିଜେ ହେଲେ ଶ୍ରୀଜୀଉ

**ନୀଳଗିରି, ୧୨।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ନୀଳଗିରି ଉପଖଣ୍ଡ ସଦର ମହକୁମା ମାଉସୀମା' ମନ୍ଦିର ଆଡ଼ପମଣ୍ଡପରେ ବିଜେ ଶ୍ରୀଜୀଉ ଦୀର୍ଘ ୬ଦିନ ରହଣି ପରେ ଶୁକ୍ରବାର ପବିତ୍ର ବାହୁଡା ଯାତ୍ରାରେ ରଥରେ ବିଜେ କରିଛନ୍ତି। ଶନିବାର ରଥରେ ବିଜେ ଶ୍ରୀଜୀଉ ବଡ଼ଦାଣ୍ଡରେ ଭକ୍ତଙ୍କ ଗହଳରେ ରତ୍ନସିଂହାସନକୁ ବାହୁଡ଼ିବେ ବୋଲି ଠାକୁର ମାହାଲ ପକ୍ଷରୁ କୁହାଯାଇଛି। ଆଡ଼ପମଣ୍ଡପରେ ବିଜେ ଶ୍ରୀଜୀଉଙ୍କ ନିକଟରେ ଯଥା ରୀତିନୀତିରେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ଅପରାହ୍ନରେ ଆଦିସେବକ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଶ୍ରୀଜୀଉଙ୍କ ନିକଟରେ ପୂଜାର୍ଚ୍ଚନା କରିଥିଲେ। ଆଡ଼ପମଣ୍ଡପରୁ ଆରମ୍ଭ କରି ରଥ ଚତୁଃପାର୍ଶ୍ୱରେ ଆଦିସେବକ ଛେରା ପହଁରା କରିଥିଲେ। ପହଣ୍ଡିଆମାନେ ପ୍ରଥମେ ସୁଦର୍ଶନ, ପରେ ବଡ଼ଭାଇ ବଳଭଦ୍ର, ମଝିରେ ଭଉଣୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁରଙ୍କୁ ଆଡ଼ପମଣ୍ଡପରୁ ପହଣ୍ଡିରେ ଆଣି ରଥରେ ବିଜେ କରାଇଥିଲେ। ପ୍ରବଳ ଗୁଳଗୁଳିକୁ ଖାତିର ନ କରି ଶ୍ରଦ୍ଧାଳୁମାନେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ରାତିରେ ରଥରେ ଶ୍ରୀଜୀଉଙ୍କ ନିକଟରେ ଯଥା ରୀତିନୀତିରେ ପୂଜାର୍ଚ୍ଚନା ଆଦି ସମ୍ପନ୍ନ ହେବ। ଏହି ଅବସରରେ ସହକାରୀ ଜିଲାପାଳ ରାକେଶ କୁମାର ପଣ୍ଡା, ଥାନା ଆଇଆଇସି ନଳିନୀ ମୋଦି, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଉପଖଣ୍ଡ ଚିକିତ୍ସାଧିକାରୀ ଅଜୟକୃଷ୍ଣ ସାମଲ, ଏନ୍‌ଏସି ତଥା ଠାକୁର ମାହାଲର କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ କୁମାର ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଗୋବର୍ଦ୍ଧନ ବିଶ୍ୱାଳଙ୍କ ସମେତ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଅନୁରୂପ ଭାବେ ଠାକୁରମାହାଲ ଦ୍ୱାରା ପରିଚାଳିତ ଗଡ଼ଜାତରେ ପୁରାତନ ରାଜଧାନୀ ଗରଡ଼ିହିରେ ବିଜେ ଦଧିବାମନ ଜୀଉ ଓ ମକୁନ୍ଦପୁର ଗାଁରେ ବିଜେ ବଳଦେବଜୀଉଙ୍କ ବାହୁଡ଼ା ଯାତ୍ରା ଶାନ୍ତିପୂର୍ଣ୍ଣ ଭାବେ ଅନୁଷ୍ଠିତ ହୋଇଛି। ଶ୍ରୀଜୀଉଙ୍କ ଦର୍ଶନ ପାଇଁ ରଥ ଦାଣ୍ଡରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।



ତୃତୀୟ ଶ୍ରୀକ୍ଷେତ୍ରରେ ରଥ ଉପରେ ବିଜେ ତିନି ଠାକୁର।

# ସୁନାଚେନ୍ ଝାମ୍ପିନେଇ ଯାଉଥିବାବେଳେ ଦୁର୍ଘଟଣା

## ୨ ଲୁଟେରା ଗୁରୁତର, ବାଇକ୍ ଜବତ

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୧୨।୭ (ଡି.ଏନ.ଏ.)**

ବ୍ରହ୍ମପୁରରୁ ଆସି ଲୁଟେରାମାନେ ଭଦ୍ରକରେ ଲୁଟ୍‌ପାଟ୍ ଘଟାଇ ଚାଲିଛନ୍ତି। ଏହି ଲୁଟେରାମାନେ ଭୁବନେଶ୍ୱର ଦେଇ ଯିବାଆସିବା କରୁଛନ୍ତି। ବ୍ରହ୍ମପୁରରେ ଅପରେଶନକ୍ଲିନ ଲୁଟେରା କରାଯାଉଥିବାରୁ ସେମାନେ ପଡ଼ୋଶୀ ଜିଲାଗୁଡ଼ିକରେ ସେମାନଙ୍କ ଉପସ୍ଥିତି ଜାହିର କରୁଛନ୍ତି। ରାଜପଥରେ ସେମାନେ ଭଦ୍ରକ, ବାଲେଶ୍ୱରରେ ପହଞ୍ଚି ଗୋଟିଏ ପରେ ଗୋଟିଏ ଲୁଟତରାଜ ଘଟାଇ ଫେରିଯାଉଛନ୍ତି। ପୋଲିସ ଜଣେ ମଧ ରାଜପଥ ଲୁଟେରାଙ୍କୁ କାବୁ କରିବାରେ ବିଫଳ ହୋଇଛି। ଶୁକ୍ରବାର ମଧ୍ୟାହ୍ନରେ ଭଣ୍ଡାରିପୋଖରୀ ଥାନା ୧୬ ନମ୍ବର ଜାତୀୟ ରାଜପଥର କୁଶଗଡ଼ିଆ ଛକ ନିକଟରେ ୨ ଲୁଟେରା ଜଣେ ଯୁବତୀଙ୍କ ବେକରୁ ସୁନାଚେନ୍ ଝାମ୍ପିନେଇ ପଳାଇଯାଉଥିବା ବେଳେ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଲୁଟେରା ଗୁରୁତର ଆହତ ହୋଇଛନ୍ତି।

ସୂଚନା ଅନୁଯାୟୀ, ଯୁବତୀ ଜଣଙ୍କ ସ୍କୁଟିରେ ଯାଉଥିବା ବେଳେ ଦୁଇ ଲୁଟେରା ଏକ ନମ୍ବରବିହୀନ ପଲ୍‌ସର ବାଇକ୍‌ରେ ଆସି ପଛପଟୁ ତାଙ୍କ ବେକରୁ ଚେନ୍ ଛିଡ଼ାଇ ନେଇ ଦ୍ରୁତଗତିରେ ଭଣ୍ଡାରିପୋଖରୀ ଆଡ଼କୁ ପଳାଇ ଯାଇଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ଏକ ଡଷ୍ଟର କାର୍ ଲୁଟେରାଙ୍କ ପିଛା କରିଥିଲା। ଲୁଟେରାମାନେ ଦ୍ରୁତଗତିରେ ଆସି ଭଣ୍ଡାରିପୋଖରୀ ତହସିଲ ଅଫିସ୍ ନିକଟରେ ଏକ ଗଛକୁ ଧକ୍କା ଦେବାରୁ ତଳେ ପଡ଼ିଯାଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭଣ୍ଡାରିପୋଖରୀ ଓ ପରେ ଭଦ୍ରକ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଭଣ୍ଡାରିପୋଖରୀ ଥାନା ପୋଲିସ ଭଦ୍ରକ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିଥିଲା। ଲୁଟ୍‌ର ଶିକାର ହୋଇଥିବା ଯୁବତୀଙ୍କ ଘର ଧାମନଗର ଅଞ୍ଚଳରେ ହୋଇଥିବା ଅନୁମାନ କରାଯାଉଛି। ଜଣେ ଲୁଟେରା ବ୍ରହ୍ମପୁର ଗେଟ୍‌ବଜାରର ବିଶ୍ୱଜିତ୍ ବିଶ୍ୱାଳ(୨୪) ଓ ଅନ୍ୟ ଜଣେ ବାଲେଶ୍ୱର ଜିଲା ଦାଣ୍ଡକୂଳ ଗ୍ରାମର ପ୍ରଫୁଲ୍ଲ ମଲ୍ଲିକ ବୋଲି ଜଣାପଡ଼ିଛି। ଦୁହିଁଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ପୋଲିସ ନମ୍ବର ବିହୀନ ବାଇକ୍ ଜବତ କରି ଥାନାରେ ରଖି ତଦନ୍ତ କରୁଛି। ପ୍ରକାଶଥାଉ କି, ଜିଲାରେ ଦିନକୁ ଦିନ ଲୁଟ୍‌ପାଟ୍ ବଢ଼ିଚାଲିଛି। ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜଳଙ୍ଗା ବ୍ୟାଙ୍କ ଡକାୟତି ହେଉ କିମ୍ବା ସହରରେ ୩୦ରୁ ଊର୍ଦ୍ଧ୍ୱ ଘରୁ ଓ ୫୦ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି, ଭଣ୍ଡାରିପୋଖରୀ ଅଞ୍ଚଳ ଜାତୀୟ ରାଜପଥରୁ ମାସକ ଭିତରେ ସରସଦା ଅଞ୍ଚଳର ଜଣେ ଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ଦେଢ଼ଲକ୍ଷ ଟଙ୍କା ଲୁଟ୍, ପାଳଦାବାଙ୍କ ମଣିନାଥପୁର ରାସ୍ତା ପୁରୁଷୋତ୍ତମପୁର ଛକ ନିକଟରୁ ଚେନ୍ ଲୁଟ୍ ଭଳି ଅନେକ ଘଟଣାରେ ପୋଲିସ ଲୁଟେରାଙ୍କୁ ଠାବ କରିପାରି ନାହିଁ। ଏହା ପୋଲିସର ନିଷ୍କ୍ରିୟତା ପ୍ରମାଣିତ କରୁଛି।

### ବଢ଼ିଚାଲିଛି ଲୁଟ୍‌ପାଟ୍, ପୋଲିସ ନିଷ୍କ୍ରିୟ



ଜବତ ବାଇକ୍।

# ବ୍ୟାଙ୍କ କର୍ମଚାରୀଙ୍କଠୁ ୧.୩୭ ଲକ୍ଷ ଲୁଟ୍

**ତିହିଡ଼ି, ୧୨।୭ (ଡି.ଏନ.ଏ.)**

ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ଜିଝାରପୁର ରେଳଧାରଣା ନିକଟରେ ଗୁରୁବାର ଅପରାହ୍ନରେ ବନ୍ଧନ ବ୍ୟାଙ୍କର ଜଣେ ମହିଳା କର୍ମଚାରୀଙ୍କଠାରୁ ୧ ଲକ୍ଷ ୩୭ ହଜାର ଟଙ୍କା ଲୁଟ୍ ହୋଇଛି। ଏ ନେଇ ତିହିଡ଼ି ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା(ନଂ.୩୦୫/୧୯) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବ୍ୟାଙ୍କର କର୍ମଚାରୀ ସସ୍ମିତା ମହାରଣା ସ୍ଥାନୀୟ ଅଞ୍ଚଳରୁ ଟଙ୍କା ଆଦାୟ କରି ଅପରାହ୍ନରେ ସ୍କୁଟିରେ ଫେରୁଥିଲେ। ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ସ୍କୁଟି ଓ ଟଙ୍କା ଛଡ଼ାଇ ନେଇ ପଳାଇଯାଇଥିଲେ। ସସ୍ମିତା ରାତିରେ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳକୁ ଯାଇ ରେଳଧାରଣାଠାରୁ କିଛି ଦୂରରୁ ସ୍କୁଟିକୁ ଜବତ କରିଛି। ଏପର୍ଯ୍ୟନ୍ତ ଲୁଟେରାମାନଙ୍କ ସନ୍ଧାନ ମିଳିପାରି ନ ଥିବା ପୋଲିସ କହିଛି।

## ■ ଲେଭଲ କ୍ରସିଂରେ ଦୁର୍ଘଟଣା

# ଟ୍ରେନ ଧକ୍କାରେ ଯୁବତୀ ଗୁରୁତର

**ବଡ଼ବିଲ,୧୨।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ମ୍ୟୁନିସିପାଲିଟି ଛକ ଲେଭଲ କ୍ରସିଂଠାରେ ରାଉରକେଲା ଇଣ୍ଟରସିଟି ଟ୍ରେନ ଧକ୍କାରେ ଜଣେ ଯୁବତୀ ଗୁରୁତର ହୋଇଛନ୍ତି। ଏହି ଯୁବତୀଙ୍କ ନାମ ଜାନକୀ ବିରୁଆ। ଘର ଗାଡ଼ା ହଟିଙ୍ଗ ଅଞ୍ଚଳରେ। ଶୁକ୍ରବାର ରାତି ୮ଟା ବେଳେ ଲେଭଲ କ୍ରସିଂଠାରେ ଫାଟକ ପଡିଥିଲେ ମଧ ସେ ଫାଟକ ତଳଦେଇ ପାର ହେବାକୁ ଚେଷ୍ଟା କଲାବେଳେ ଟ୍ରେନ ତାଙ୍କୁ ଧକ୍କାଦେଇଥିଲା। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ପ୍ରଥମେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇ ପରେ କେନ୍ଦୁଝରକୁ ସ୍ଥାନାନ୍ତର କରାଯାଇଛି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


କେନ୍ଦୁଝର ଶ୍ରୀବଳଦେବ ଜୀଉଙ୍କ ବାହୁଡ଼ା ଯାତ୍ରାରେ ଭକ୍ତଙ୍କ ଭିଡ଼।


ଢେଙ୍କିକୋଟ: ପହଣ୍ଡିରେ ଜଗନ୍ନାଥ।


ଯୋଡାରେ ବାହୁଡା ଯାତ୍ରା ।


କୋଳିମାଟି: ରଥ ଟାଣିବାକୁ ଭକ୍ତଙ୍କ ଉତ୍ସାହ ।

# ସର୍ବୋଚ୍ଚ ରଥରେ ବାହୁଡ଼ିଲେ ଶ୍ରୀ ଜୀଉ

**କେନ୍ଦୁଝର, ୧୨।୭ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲ୍ଲାର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ପବିତ୍ର ବାହୁଡ଼ା ଯାତ୍ରା ଶୁକ୍ରବାର ଧୁମଧାମରେ ପାଳିତ ହୋଇଯାଇଛି। ବଡଦାଣ୍ଡରେ ରଥାରୂଢ଼ ଜୀଉଙ୍କ ଦର୍ଶନ କରି ରଥ ଟାଣିବା ପାଇଁ ସକାଳୁ ବହୁ ଭକ୍ତଙ୍କ ଭିଡ ହୋଇଥିଲା । ଘଣ୍ଟଆ ମାନଙ୍କ ବାଦ୍ୟ, ସଂକୀର୍ତ୍ତନ, ହରିବୋଲ ଓ ହୁଳହୁଳିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଉଠିଥିଲା । ରୀତିନୀତି ପୂର୍ବକ ଶ୍ରୀ ଜୀଉମାନଙ୍କ ଅବକାଶ, ଲୁଗାଲାଗି, ସକାଳ ଧୂପ, ପୁଷ୍ପାଞ୍ଜଳି ଆଦି ସମ୍ପନ୍ନ ହେବା ପରେ ଅପରାହ୍ନ ୧୨ଟାରେ ଶ୍ରୀ ବଳଦେବଜୀଉ, ପ୍ରଭୁ ଜଗନ୍ନାଥ ଓ ଦେବୀ ସୁଭଦ୍ରାଙ୍କୁ ସୁସଜ୍ଜିତ କରି ଧାଡି ପହଣ୍ଡିରେ ଗୁଣ୍ଡିଚା ମନ୍ଦିରରୁ ଆଣି ବିଶ୍ୱର ସର୍ବୋଚ୍ଚ ରଥରେ ଆରୂଢ଼ କରାଯାଇଥିଲା । ଏହି ରଥର ଉଚ୍ଚତା ପ୍ରାୟ ୭୨ ଫୁଟ୍। ରଥରେ ସାରଥୀ ଓ ଘୋଡା ଖଞ୍ଜାଯାଇ ଛେରା ପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ରାଜକୁମାର ଧନଞ୍ଜୟ ନାରାୟଣ ଭଞ୍ଜ ଛେରା ପହଁରା କରିଥିଲେ । ପାଗ ଅନୁକୂଳ ଥିବାରୁ ଶ୍ରୀ ଜୀଉଙ୍କ ରଥକୁ ହଜାର ହଜାର ଭକ୍ତ ବଡ ଦାଣ୍ଡରେ ଟାଣି ଶ୍ରୀମନ୍ଦିର ଆଡକୁ ନେଇଥିଲେ । ମଝି ରାସ୍ତାରେ ପାରମ୍ପାରିକ ଗଜଗଡି ଭୋଗ କରାଯାଇଥିଲା। ଏହି ଭୋଗ ପାଇବା ପାଇଁ ଭକ୍ତଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ସନ୍ଧ୍ୟା ପୂର୍ବରୁ ୬ ଟା ୧୦ରେ ରଥ ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ପହଞ୍ଚିଥିଲା । ବିଶିଷ୍ଟ ସାହିତ୍ୟିକ, କବିମାନଙ୍କ ଦ୍ୱାରା ଧାରା ବିବରଣୀ ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ରଥରେ ଶ୍ରୀଜୀଉ ମାନଙ୍କୁ ରଥରେ ଦେଖିବା ଲାଗି ମଧ୍ୟ ଭକ୍ତଙ୍କ ଭିଡ ଜମିଥିଲା । ରଥଯାତ୍ରାର ସମସ୍ତ କାମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଲାଗି ପ୍ରଶାସନ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ବ୍ୟକ୍ତି ବିଶେଷ ଓ ସରକାରୀ ସଂସ୍ଥା ପକ୍ଷରୁ ଭକ୍ତଙ୍କ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଶନିବାର ଅପରାହ୍ନ ୩ଟାରୁ ରାତ୍ରି ୧୦ଟା ପର୍ଯ୍ୟନ୍ତ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ଏଥିପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ମଲ୍ଲୀପଶିରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭୂମି ପୂଜା

ପାଟଣା,୧୨।୭(ସ୍ୱ.ପ୍ର.)– କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖାଖଣ୍ଡି ପଞ୍ଚାୟତ ମଲ୍ଲୀପଶି ବାରା ସିଂ ଛକ ନିକଟରେ ଶୁକ୍ରବାର ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ନିର୍ମାଣ ସକାଶେ ହରିଶୟନ ଏକାଦଶୀ ବାହୁଡା ଯାତ୍ରା ଅବସରରେ ଭୂମି ପୂଜନ କରାଯାଇଥିଲା। ପଣ୍ଡିତ ଅଲେଖ ଚନ୍ଦ୍ର ତ୍ରିପାଠୀ ଓ କ୍ଷୀରୋଦ ଚନ୍ଦ୍ର ମିଶ୍ରଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏଥିରେ କର୍ତ୍ତା ଭାବେ ରଥଯାତ୍ରା କମିଟିର ବରିଷ୍ଠ କର୍ମକର୍ତ୍ତା ପାର୍ଥସାରଥୀ ବେଜ ଓ ତାଙ୍କ ସହଧର୍ମିଣୀ ଦୀପ୍ତିମୟୀ ବାରିକ କାର୍ଯ୍ୟ ତୁଲାଇଥିଲେ। ପୂଜକ କୁଳମଣି ଷଡ଼ଙ୍ଗୀ ଓ ଅରୁଣ କୁମାର ବେଜ ସହଯୋଗ କରିଥିଲେ।

## ରାଜନଗର ଓ ମଲ୍ଲୀପଶିରେ ଭକ୍ତଙ୍କ ଭିଡ଼

**ପାଟଣା, ୧୨।୭(ସ୍ୱ.ପ୍ର.)**


ମଲ୍ଲୀପଶିରେ ମହିଳାମାନେ ରଥ ଟାଣୁଛନ୍ତି ।

କେନ୍ଦୁଝର ଜିଲ୍ଲା ପାଟଣା ଅଞ୍ଚଳର ବିଭିନ୍ନ ସ୍ଥାନରେ ଶୁକ୍ରବାର ଅପରାହ୍ନରେ ଚତୁର୍ଦ୍ଧା ବିଗ୍ରହଙ୍କ ବାହୁଡ଼ାଯାତ୍ରା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଛି । ରାଜନଗର ସ୍ଥିତ ପ୍ରସିଦ୍ଧ ଦଧିବାମନଙ୍କୁ ଓ ମଲ୍ଲୀପଶି ରେ ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା । ଛେରା ପହଁରା ପରେ ଭାବମୟ ପରିବେଶରେ ହଜାର ହଜାର ଭକ୍ତ ରଥ ଟାଣିଥିଲେ । ରାଜନଗର ରଥରେ ପରିଚ୍ଛା ଦୁର୍ଯ୍ୟୋଧନ ମିଶ୍ର ଛେରା ପହଁରା କରିଥିବାବେଳେ, ବଡ଼ପଣ୍ଡା ସତ୍ୟାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ନୀତି କାନ୍ତି ସମ୍ପନ୍ନ କରାଯାଇଥିଲା । ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ର ଓ କୈବଲ୍ୟ ସାହୁ ଧାରାବିବାରଣୀ ପ୍ରଦାନ କରିଥିଲେ । ପ୍ରଶାସନ ପକ୍ଷରୁ ପାଟଣା ତହସିଲଦାର ଶିବପ୍ରସାଦ ମୁର୍ମୁ ଓ ତୁରୁମୁଙ୍ଗା ପୋଲିସ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ। ମଲ୍ଲୀପଶି ରଥରେ ରାଜା ରବିନାରାୟଣ ସିଂ ଛେରା ପହଁରା କରିଥିବା ବେଳେ ଦିନମଣି ବେହେରା ଓ ସଞ୍ଜୟ ଦାସ ଧାରାବିବାରଣୀ ପ୍ରଦାନ କରିଥିଲେ। ମଲ୍ଲୀପଶି ରଥ କମିଟିର ପାର୍ଥସାରଥୀ ବେଜ,ଅରୁଣ କୁମାର ବେଜ, ନବକିଶୋର ରଣା, ଘଟଗାଁ ଏସଡିପିଓ ରବୀନ୍ଦ୍ର ମଲ୍ଲିକ ଓ ପାଟଣା ଥାନା ଅଧିକାରୀ ପୁଷ୍ପାଞ୍ଜଳି ସାମନ୍ତରାୟଙ୍କ ନେତୃତ୍ୱରେ ରଥ ଯାତ୍ରାରେ ଶୃଙ୍ଖଳା ରକ୍ଷା କରାଯାଇଥିଲା । ମଲ୍ଲୀପଶିରେ ଦେବୀ ସୁଭଦ୍ରାଙ୍କ ରଥକୁ ଟାଣିବା ପାଇଁ ମହିଳା ଭକ୍ତଙ୍କ ମଧ୍ୟରେ ନାହିଁ ନ ଥିବା ଉତ୍ସାହ ପରିଲକ୍ଷିତ ହୋଇଥିଲା। ଅନୁରୂପ ଭାବେ ସରାସକୋଲାଠାରେ ଅନୁଷ୍ଠିତ ବାହୁଡା ଯାତ୍ରାରେ ଯଜ୍ଞେଶ୍ୱର ଭଞ୍ଜ, ଡୁମୁରିଆରେ ପ୍ରଶାନ୍ତ କୁମାର ଭଞ୍ଜ ଓ ଟାଙ୍ଗରପଡା ରଥରେ ବିଜୟ କୁମାର ଭଞ୍ଜ ଛେରା ପହଁରା କରିଥିଲେ। ଉଦୟପୁର ଓ କୁଣ୍ଡଳାରେ ମଧ ବାହୁଡା ରଥଯାତ୍ରା ଯଥାରୀତି ଅନୁଷ୍ଠିତ ହୋଇଥିଲା।

## ଯୋଡା: ଲୁହା ରଥରେ ବାହୁଡିଲେ

**ଯୋଡା,୧୨।୭(ଡି.ଏନ.ଏ.)**

କେନ୍ଦୁଝର ଜିଲ୍ଲା ଯୋଡା ସହରରେ ବାହୁଡା ଯାତ୍ରା ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ପଶ୍ଚିମ ଯୋଡା ସ୍ଥିତ ଶ୍ରୀ ଗୁଣ୍ଡିଚା ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ରଥାରୁଢ ହୋଇ ପୂର୍ବ ଯୋଡା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ଅଭିମୁଖେ ବାହାରିଥିଲେ। ଅପରାହ୍ନ ସାଢେ ୪ଟାରେ ଶ୍ରୀଜୀଉଙ୍କର ପହଣ୍ଡିବିଜେ ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ହୋଇଥିଲା । ସଢେ ୫ଟା ସମୟରେ ଛେରାପହଁରା ହେବା ପରେ ଶ୍ରଦ୍ଧାଳୁ ମାନେ ଭୋଗ ଲଗାଇ ରଥଟଣା ଆରମ୍ଭ କରିଥିଲେ। ଏଠାରେ ଲୌହ ନିର୍ମିତ ରଥକୁ ପ୍ରାୟ ୨ କି.ମି. ଟଣା ଯିବା ପରେ ଏହା ପୂର୍ବଯୋଡା ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ପରମ୍ପରା ଅନୁଯାୟୀ ରଥର ଏକ ପାର୍ଶ୍ୱରେ ମହିଳା ଏବଂ ଅନ୍ୟପାର୍ଶ୍ୱରେ ପୁରୁଷ ଶ୍ରଦ୍ଧାଳୁ ରଥ ଟାଣିଥିଲେ । ଶଙ୍ଖ, ହୁଳହୁଳି, ଘଣ୍ଟ ବାଦ୍ୟରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା । ବାହୁଡା ଯାତ୍ରାରେ ସୁରକ୍ଷା ବ୍ୟବସ୍ଥା ଲାଗି ପୋଲିସ ମୁତୟନ କରାଯାଇଥିଲା । ଯୋଡା ବ୍ଲକର ଜଜାଙ୍ଗ, ଜରିବାହାଲ, ବିଚାକୁଣ୍ଡି ଓ ଦେଓଝର ସ୍ଥିତ ସିଆଳିଯୋଡା ଗ୍ରାମର ଆନନ୍ଦବଜାରରେ ମଧ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା।

## ରାଜପଥରେ ଅଜଣା ବାଇକ୍

**କୋଳିମାଟି, ୧୨।୭ (ଡି.ଏନ.ଏ.)**

କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଧୀନ କୋଳିମାଟି କୁମଡ ଛକ ଘାଟୀ ନିକଟ ୨୦ନମ୍ବର ଜାତୀୟ ରାଜପଥରେ ଗୁରୁବାର ରାତିରୁ ଏକ ବାଇକ ଅଟକି ରହିଛି। ଆରୋହୀଙ୍କର ଦେଖା ମିଳୁନାହିଁ । କୋଳିମାଟି ଗ୍ରାମରକ୍ଷୀ ଏନେଇ ଥାନାକୁ ଖବର ଦେଇଛନ୍ତି।

**NOTICE**

This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with **M/s Devavrat Homes Pvt. Ltd.** Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.

## ଶ୍ରୀମନ୍ଦିର ନିକଟରେ ପହଞ୍ଚିଲେ ଚତୁର୍ଦ୍ଧା ମୂର୍ତ୍ତି

**ଢେଙ୍କିକୋଟ, ୧୨।୭(ଡି.ଏନ୍.ଏ.)**

ପବିତ୍ର ଦଶମି ତିଥିରେ ମାଉସୀ ମା' ମନ୍ଦିରରୁ ପ୍ରଭୁ ଚତୁର୍ଦ୍ଧା ମୂର୍ତ୍ତି ଶ୍ରୀମନ୍ଦିରକୁ ରଥରେ ବାହୁଡ଼ିଲେ। ଢେଙ୍କିକୋଟ ରଥଯାତ୍ରା କମିଟିପକ୍ଷରୁ ଅପରାହ୍ନ ୪ଟାରେ ଠାକୁରଙ୍କ ପହଣ୍ଡି କରାଯାଇ ରଥଟଣା ଆରମ୍ଭ ହୋଇଥିଲା। ସାଢ଼େ ୬ଟାରେ ରଥ ଶ୍ରୀମନ୍ଦିରରେ ପହଞ୍ଚିଥିଲା। ଶନିବାର ସୁନାବେଶ ପରେ ରବିବାର ପୂର୍ବାହ୍ନରେ ଶ୍ରୀମନ୍ଦିରରେ ଠାକୁର ପ୍ରବେଶ କରିବେ। ରଥ କମିଟିର ସଭାପତି ରାମଚନ୍ଦ୍ର ସାହୁ ସମ୍ପାଦକ ନୀଳମଣି ମଣ୍ଡଳ, ଉପଦେଷ୍ଟା ପ୍ରଫେସର ଯୁଗଳ କିଶୋର ଦାଶ ସାମାଜିକ ବ୍ୟକ୍ତି କୁଳମଣି ମଣ୍ଡଳ, ଦିନମଣି ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ସଦସ୍ୟଙ୍କ ସାହାଯ୍ୟ ସହଯୋଗରେ ବାହୁଡ଼ାଯାତ୍ରା ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଛି।

## ଶ୍ରୀ ଦଧିବାମନ ଜୀଉଙ୍କ ବାହୁଡା ଯାତ୍ରା

**ଆନନ୍ଦପୁର,୧୨।୭(ସ୍ୱ.ପ୍ର.)**

ଆନନ୍ଦପୁରର ଶ୍ରୀ ଶ୍ରୀ ଦଧିବାମନ ଜୀଉଙ୍କ ବାହୁଡା ଯାତ୍ରା ଶୁକ୍ରବାର ଶାନ୍ତିଶୃଙ୍ଖଳାର ସମ୍ପନ୍ନ ହୋଇଛି। ମାଉସୀ ମା ମନ୍ଦିରରେ ସକାଳ ୬ ଟାରେ ଶୁଭକଳସ ସ୍ଥାପନ ପରେ ମଙ୍ଗାଳାର୍ପଣ ହୋଇ ପହଣ୍ଡିବିଜେ କାର୍ଯ୍ୟ ହୋଇଥିଲା। ପୂର୍ବାହ୍ନ ସାଢେ ୧୧ଟାରେ ପରିଚ୍ଛା ସୁଦର୍ଶନ ମିଶ୍ର ଛେରା ପହଁରା କାର୍ଯ୍ୟ ସମ୍ପାଦନ କରିଥିଲେ। ତିନି ଦିଅଁଙ୍କୁ ରଥ ଉପରେ ସାଜସଜ୍ଜା କରାଯାଇ ପୂଜାକାର୍ଯ୍ୟ ଅରମ୍ଭ ହୋଇଥିଲେ। ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରି ଭୋଗ ଲଗଇଥିଲେ। ଅପରାହ୍ନ ୫ ଟାରେ ରଥଟଣା ଆରମ୍ଭ ହୋଇଥିଲା ।ସନ୍ଧ୍ୟା ୬ଟା ରେ ରଥ ଦଧିବାମନ ଜୀଉଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ମନ୍ଦିର ପରିଚାଳକ ସୁରେନ୍ଦ୍ର କୁମାର ମିଶ୍ରଙ୍କ ସଂଯୋଜନାରେ ମନ୍ଦିରର ପୁରୋହୀତ ଶରତ ଚନ୍ଦ୍ର ମିଶ୍ର, ମୁଖ୍ୟ ପୂଜା ପଣ୍ଡା ବଳଦେବ ରଥ, ସନ୍ତୋଷ କୁମାର ପାଢୀ, ଜଗବନ୍ଧୁ ଦାଶ ,ସୁଆର ଶଙ୍କର୍ଷଣ ମିଶ୍ର, ବିଶ୍ୱନାଥ ପାତ୍ର, ଅଜୟ କୁମାର ପଣ୍ଡା ପ୍ରମୁଖ । ସମସ୍ତ ଦେବ କାର୍ଯ୍ୟ ସମ୍ପାଦନ କରିଥିଲେ। ଆନନ୍ଦପୁର ଦେବୋତ୍ତର ବିଭାଗ ମୁଖ୍ୟ ତଥା ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାହୁଡା ଯାତ୍ରା ପରିଚାଳିତ ହୋଇଥିଲା। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ, ଆନନ୍ଦପୁର ମହାବିଦ୍ୟାଳୟ ଏନସିସି ଅଧ୍ୟାପକ ମେଜର ଡ. ଦିଲ୍ଲୀପ କୁମାର ଦାଶଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ। ଆନନ୍ଦପୁର ଏସଡିପିଓ ବିଦ୍ୟୁତ୍ କୁମାର ପଣ୍ଡାଙ୍କ ନେତୃତ୍ୱରେ ଉପଖଣ୍ଡର ସମସ୍ତ ଥାନା ଅଧିକାରୀ , ୩ ଜଣ ଏସଆଇ, ୧୧ ଜଣ ଏଏସଆଇ, ୨ ଜଣ ହାବିଲଦାର୍, ୨୨ ଜଣ କନଷ୍ଟେବଳ, ୧୨ ଜଣ ହୋମଗାର୍ଡ଼ ଓ ୨ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ରହିଥିଲେ। ବାହୁଡା ଯାତ୍ରା ଅବସରରେ ଆନନ୍ଦପୁର ସାଇସେବା ସମିତି ସମେତ ବିଭିନ୍ନ ସଂଗଠନ ପକ୍ଷରୁ ଭକ୍ତଙ୍କୁ ବିଭିନ୍ନ ସେବା ଯୋଗାଇ ଦିଆଯାଇଥିଲା। ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ ବିଚିତ୍ରାନନ୍ଦ ନାୟକଙ୍କ ସଂଯୋଜନାରେ ବାହୁଡା ଯାତ୍ରାର ଧାରାବିବରଣୀ ପ୍ରଦାନ କରାଯାଇଥିଲା। ସେହିପରି ଶାଳପଡା ଜଗନ୍ନାଥ ମନ୍ଦିର, କେଶଦୁରାପାଳ, ଜନାର୍ଦ୍ଦନପୁର ଶାସନ, ବୀରଗୋବିନ୍ଦପୁର, ଜରଦା, ଶାଳବଣି, ବଞ୍ଚୋ ପ୍ରଭୃତି ଅଞ୍ଚଳରେ ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳାର ସହିତ ସମାପନ ହୋଇଥିବା ଜଣାପଡିଛି।

## ଶ୍ରୀମନ୍ଦିରକୁ ବାହୁଡ଼ିଲେ ମହାବାହୁ

**ବଡବିଲ, ୧୨।୭(ସ୍ୱ.ପ୍ର.)**

କେନ୍ଦୁଝର ଜିଲ୍ଲା ବଡବିଲର ତିନୋଟି ଶ୍ରୀଗୁଣ୍ଡିଚା ମନ୍ଦିରରୁ ଶ୍ରୀଜୀଉମାନେ ଶୁକ୍ରବାର ଶ୍ରୀମନ୍ଦିରକୁ ବାହୁଡିଛନ୍ତି। ମୃଦଙ୍ଗ, ଢୋଲ, ଝାଞ୍ଜ, ଖୋଳ, ଗିନି ଆଦି ବାଦ୍ୟଯନ୍ତ୍ର ଓ ଭକ୍ତଙ୍କ ଜୟ ଜୟକାର ଧ୍ୱନି ମଧ୍ୟରେ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ ହୋଇଥିଲେ। ରଥ ଟଣା ହୋଇ ପ୍ରଥମେ କଲ୍ୟାଣେଶ୍ୱର ମନ୍ଦିର, ସହର ମଧଭାଗରେ ଥିବା ହରିହର ମନ୍ଦିର ଓ ପରେ ନାଲଦା ରୋଡସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ପହଞ୍ଚିଥିଲା। ଉପକୋଷାଗାର କାର୍ଯ୍ୟାଳୟ ନିକଟସ୍ଥ ଶ୍ରୀଗୁଣ୍ଡିଚା ମନ୍ଦିର ଏବଂ ଡାକବଙ୍ଗଳା ଛକ ନିକଟସ୍ଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ଦୀର୍ଘ ୮ ଦିନ ଧରି ଦୈନିକ ଶହ ଶହ ଭକ୍ତଙ୍କ ଭିଡ ଲାଗି ରହିଥିଲା। ପିଏଚଡି ଐକ୍ୟ କ୍ଷେତ୍ରସ୍ଥିତ ଗୁଣ୍ଡିଚା ମନ୍ଦିର ପରିସର ବିଶେଷ ଉତ୍ସବମୁଖର ରହିଥିଲା। ପ୍ରତି ସନ୍ଧ୍ୟାରେ ଗୁଣ୍ଡିଚା ମନ୍ଦିର ପରିସରରେ ଭକ୍ତି ସଂଗୀତ, ନୃତ୍ୟ ଓ ପାଲା ପରିବେଷଣ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗୁରୁବାର ସନ୍ଧ୍ୟାରେ ପ୍ରତିବର୍ଷ ଭଳି ହରିହାଟର ଆୟୋଜନ କରାଯାଇଥିଲା। ଭକ୍ତମାନେ ଭାଗବତ ଅଧ୍ୟାୟ ପାଠ କରିଥିଲେ। ଶୁକ୍ରବାର ରୀତିନୀତି ଅନୁଯାୟୀ ଠାକୁରମାନଙ୍କୁ ବାହୁଡା ପହଣ୍ଡି କରାଯାଇ ରଥାରୂଢ଼ କରାଯିବା ପରେ ମନ୍ଦିର ପରିଚାଳନା ସମିତିର ସଭାପତିମାନେ ଛେରାପହଁରା କରିଥିଲେ। ଶ୍ରଦ୍ଧାଳୁମାନେ ଶୃଙ୍ଖଳାର ସହ ରଥକୁ ଶ୍ରୀମନ୍ଦିର ସମ୍ମୁଖକୁ ଟାଣି ଆଣିଥିଲେ।

**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହାଟଡିହୀ**

ବିଜ୍ଞାପନ ସଂଖ୍ୟା: ୨୪୨୯ | **ସାମାଜିକ ସମୀକ୍ଷା** | ତାରିଖ: ୧୨।୦୭।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା, କେନ୍ଦୁଝରଙ୍କ ପତ୍ରସଂଖ୍ୟା ୩୪୮୨, ତାରିଖ: ୨୮।୦୬।୨୦୧୯ କ୍ରମେ ୨୦୧୮-୧୯ ଆର୍ଥିକ ବର୍ଷରେ ଜାତୀୟ ସାମାଜିକ ସହାୟତା ଯୋଜନା ଓ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ସାମାଜିକ ସମୀକ୍ଷା ସଭା ନିମ୍ନ କାର୍ଯ୍ୟସୂଚୀ ନିମନ୍ତେ ହାଟଡିହୀ ପଞ୍ଚାୟତ ସମିତି ଅଧୀନସ୍ଥ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ସଭାରେ ଜାତୀୟ ସାମାଜିକ ସହାୟତା ଯୋଜନା ଓ ମହାତ୍ମା ଗାନ୍ଧୀ ନରେଗା ଯୋଜନାର ୨୦୧୮ ମସିହା ଏପ୍ରିଲ ମାସଠାରୁ ୨୦୧୯ ମସିହା ମାର୍ଚ୍ଚ ମଧ୍ୟରେ କାର୍ଯ୍ୟକାରୀ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସମୀକ୍ଷା କରାଯିବ। ଉକ୍ତ ସଭାରେ ପଞ୍ଚାୟତ ସମିତି ଅଧିକାରୀ, ଗ୍ରାମ ପଞ୍ଚାୟତ ଅଧିକାରୀ, ଭିଆରପି, ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ଏହି ସଭାରେ ସାମାଜିକ ସମୀକ୍ଷା କମିଟିର ସଦସ୍ୟା/ସଦସ୍ୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ସ୍ୱୟଂ ସହାୟକ ଗୋଷ୍ଠୀ, ମେଟ ନିର୍ବାଚିତ ପ୍ରତିନିଧିମାନେ ଯୋଗଦେବାକୁ ଅନୁରୋଧ କରାଗଲା।

| କାର୍ଯ୍ୟସୂଚୀ | | ସାମାଜିକ ସହାୟତା ଯୋଜନା ନିମନ୍ତେ ସାମାଜିକ ସମୀକ୍ଷା ତାରିଖ | ମନରେଗା କାର୍ଯ୍ୟ ନିମନ୍ତେ ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର) ତଦାରଖ କାର୍ଯ୍ୟ | ଗ୍ରାମ ପଞ୍ଚାୟତ ସ୍ତରର ଜନଶୁଣାଣି ବା ସାମାଜିକ ସମୀକ୍ଷା | ଉପସ୍ଥିତ କର୍ମଚାରୀ |
|---|---|---|---|---|---|
| କ୍ର. | ଗ୍ରା.ପ.ର ନାମ | | | | |
| ୧ | ହାବଳେଶ୍ୱର, ସଡ଼ଙ୍ଗ, ଶାଳନିଆଁ, ଡଅଁର, ଆଇଡିପୁର, ଗେଡ଼ମା, ଅଁରା, କଳିଙ୍ଗା, ଓରାଳି, ମରିଗାଁ, ହାଟଡିହୀ | ୧୬।୦୭।୧୯ରୁ ୧୯।୦୭।୧୯ | ୨୦।୦୭।୧୯ରୁ ୩୦।୦୭।୧୯ | ୩୧।୦୭।୧୯, ପୂ. ୧୦.୩୦ମି. | ବ୍ଲକ୍ ସାମାଜିକ ସମୀକ୍ଷକ, VRP, କନିଷ୍ଠ ଯନ୍ତ୍ରୀ, ସମ୍ପୃକ୍ତ ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ନୋଡ଼ାଲ ଅଫିସର |
| ୨. | ସଡ଼ା, ଜମ୍ବୀରା, ଡେଙ୍ଗା, ସୋସୋ, ବାଲିବରେଇ, ବାଙ୍ଗୋର, ଧନୁର୍ଜୟପୁର, କେ.ବାଲିପାଳ, ପଡ଼ିଆରୀପଲ୍ଲୀ, ହଦଗଡ଼ | ୦୫।୦୮।୧୯ରୁ ୦୮।୦୮।୧୯ | ୦୯।୦୮।୧୯ରୁ ୧୯।୦୮।୧୯ | ୧୯।୦୮।୧୯, ପୂ. ୧୦.୩୦ମି. | |
| ୩. | ଶାସଙ୍ଗ, ଦଂତୋ, ଅକାଲୁଆ, ସୁଲଣ, ପଂଚୁଗୋଛିଆ, ଆମ୍ବୋ, ବଡ଼ଗମାସ, ସମଣା, ଇଂଚୋଳ, ପଦାଡ଼ୋ | ୨୪।୦୮।୧୯ରୁ ୨୭।୦୮।୧୯ | ୨୮।୦୮।୧୯ରୁ ୦୬।୦୯।୧୯ | ୦୭।୦୯।୧୯, ପୂ. ୧୦.୩୦ମି. | |

ଏହି ସଭାରେ ନିମ୍ନଲିଖିତ ବିଷୟ ଉପରେ ସବିଶେଷ ଆଲୋଚନା କରାଯିବ। (୧) ଭତ୍ତାର ମଞ୍ଜୁରପ୍ରାପ୍ତ ଆଦେଶ। (୨) ଭତ୍ତା ବିତରଣ ଖାତା। (୩) କାର୍ଯ୍ୟର ନଥିପତ୍ର। (୪) ମଷ୍ଟରରୋଲ ଅନୁଯାୟୀ କୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କର ନାମ ଠିକ୍ ଅଛି କି ନାହିଁ ଏବଂ ସମପରିମାଣରେ କାମ ହୋଇଛି କି ନାହିଁ। (୫) ଅର୍ଦ୍ଧକୁଶଳୀ ଶ୍ରମିକମାନେ ସେମାନଙ୍କର ମଜୁରି ଠିକ୍ ସମୟରେ ପାଉଛନ୍ତି କି ନାହିଁ। (୬) କାର୍ଯ୍ୟର ପରିମାଣ ମାପ ବହି ଅନୁସାରେ ଠିକ୍ ଅଛି କି ନାହିଁ। (୭) ଏହି କାର୍ଯ୍ୟଗୁଡ଼ିକ ଜନହିତକର କି ନୁହେଁ। (୮) ଜବ୍‌କାର୍ଡ଼ ଓ ପାସ୍‌ବହି ଅର୍ଦ୍ଧକୁଶଳୀ ଶ୍ରମିକମାନଙ୍କ ପାଖରେ ଅଛି କି ନାହିଁ।

ସ୍ୱା./– ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ହାଟଡିହୀ, ଜି: କେନ୍ଦୁଝର

**Odisha State PSUs Employees Welfare Society**
1st Floor, IDCOL House, Near IG Park, Bhubaneswar

**Group Health Insurance Scheme – KALYANI**
A boon for State Government and State owned PSU Employees for Better Health care facilities in time of need.

A Group Health Insurance Policy **KALYANI** implemented by **Odisha State PSUs Employees Welfare Society (OSPEWS)** has been a great success for extending health care facilities to more than 10,300 employees, retired employees and members of the OSPEWS since last three years.
For the year 2019-20, Star Health Insurance is the coverage provider to the members of OSPEWS.

**Who are eligible for membership:**
- All serving Government officials/PSU Employees/Outsourced / Contractual Employees/Retired employees
- Onetime fee of Rs.500/- applicable per family.
- Insurance coverage is available till the age of 80 years.

**Policy Highlights with unique features:**
- Coverage from Birth - 80 years
- Coverage for family of 6 persons - Husband + wife, 2 children & parents / Parents in law.
- Annual coverage up to 5 Lakhs per family.
- Coverage from day one.
- Cashless claim settlement with hospitals and reimbursement.
- Pre-hospitalisation for 30 days/post hospitalisation benefit for 60 days.
- Day care treatment in hospitals.
- Maternity benefit for women employees admissible without any waiting period.
- Cataract, hernia and hysterectomy up to Rupees one lakh.

**How the Insurance claims can be made and settled:**
- Star Health Insurance is the Partner Company to settle all medical claims as per procedure.
- Mobile app & SMS facility for communication with Star Health Insurance
- Yearly premium of Rs. 14,500/- per family.
- Bank loan facility is available for payment, if required. Bank will pay your premium up front and recover over one year period.
- 6500 Speciality hospitals of country are currently empanelled.

**For more details please refer policy document.**
**Contact Person:- Sri P.K.Pattanaik, Executive Director, OSPEWS, IDCOL House, Near Indira Gandhi Park, Bhubaneswar, Mob:9776854108**

**ODISHA JOINT ENTRANCE EXAMINATION-2019 (OJEE - 2019)**

**No: 322/OJEE19** | **Date: 12.07.2019**

**NOTICE**

**Schedule of Medical Board for Physically Challenged (PC) Candidates of MBA/MCA/LE-MCA/M.TECH/M.ARCH/M.PLAN/ M.PHARM and B.PHARM rank holders of OJEE2019**

The Physically Challenged **(PC)** Category Candidates under MBA/MCA/LE-MCA/M.TECH/M.ARCH/M.PLAN/M.PHARM and B.PHARM of OJEE2019 rank holders, who are interested to take admission in **PC** Category OJEE 2019 Counselling are required to attend the Medical Board at **LT – II, SCB Medical College, Cuttack on 18-07-2019 at 10.00 AM.** Candidates are required to bring their **Admit Card /Rank Card and Photo Identity** to the Medical Board. Decision of Medical Board is final and binding. Admission to PC category will be made only as per the result of this board.

**Sd/-**
**CHAIRMAN, OJEE**

**କାନାରା ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଅଧିକୃତ ସଂସ୍ଥା)

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

ଅଞ୍ଚଳ କାର୍ଯ୍ୟାଳୟ, ପ୍ରଥମ ମହଲା, [illegible] ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୨୨, [illegible]

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, [illegible] ଅନୁଯାୟୀ [illegible] ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

ଏତଦ୍ୱାରା ଋଣଗ୍ରହୀତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ରାଧାଗୋବିନ୍ଦ ଫିଲିଙ୍ଗ ଷ୍ଟେସନ୍,** ସା.: ଚମ୍ପୁ, ପୋ.: ଆଗୁଳା, ସୋରୋ, ପିନ୍-୭୫୬୦୪୫, **ସ୍ୱତ୍ତ୍ୱାଧିକାରୀ: ସୁରେଶ ଚନ୍ଦ୍ର ଗାୟନ,** ସା.: କୁମାରପୁର, ପୋ/ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫ / **ଗ୍ୟାରେଣ୍ଟିଦାତା: ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଜ୍ଞାନ, ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧ | (କ) **ଶ୍ରୀ ସୁରେଶ ଚନ୍ଦ୍ର ଗାୟନ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୪୨/୨୫, ପ୍ଲଟ୍ ନଂ.: ୨୬୦, କ୍ଷେତ୍ର: ଏକର୦.୪୨ଡିସିମିଲି, ମୌଜା: ତିଳଦା, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚଉପାର୍ଶ୍ୱରେ ଉତ୍ତର: ପରେଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ରାସ୍ତା, ପଶ୍ଚିମ: ପରେଶ କୁମାର ଗାୟନ / (ଖ) ୧୦.୧୦.୨୦୧୮ / (ଗ) ୧୧.୦୭.୨୦୧୯ / (ଘ) ୩୦.୦୯.୨୦୧୮ ସୁଦ୍ଧା ଟ. ୩୫,୩୧,୨୨୫.୭୨ (ପଇଁତିରିଶି ଲକ୍ଷ ଏକତିରିଶି ହଜାର ଦୁଇଶହ ପଚିଶ ଟଙ୍କା ବାସ୍ତରୀ ପଇସା ମାତ୍ର) ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ବିରଜା ଏଣ୍ଟରପ୍ରାଇଜେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ବୀଣା ଗାୟନ,** ସ୍ୱାମୀ: ପରେଶ କୁମାର ଗାୟନ, ସା.: ଉତ୍ତରେଶ୍ୱର, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ପିନ୍-୭୫୬୦୪୫/ **ଗ୍ୟାରେଣ୍ଟିଦାତା: ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଗାୟନ, ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧ | (କ) **ଶ୍ରୀ ପରେଶ କୁମାର ଗାୟନ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ୧) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୭୩, କ୍ଷେତ୍ର: ଏକର୦.୩୫ଡିସିମିଲି, ମୌଜା: ସୋରୋ, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚଉପାର୍ଶ୍ୱରେ ଉତ୍ତର: ପରେଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ପରେଶ କୁମାର ଗାୟନ, ପଶ୍ଚିମ: ପରେଶ କୁମାର ଗାୟନ, ୨) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୭୪, କ୍ଷେତ୍ର: ଏକର୦.୬୨ଡିସିମିଲି, ମୌଜା: ସୋରୋ, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର, ଏହାର ଚଉପାର୍ଶ୍ୱରେ ଉତ୍ତର: ପରେଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ପରେଶ କୁମାର ଗାୟନ, ପଶ୍ଚିମ: ପରେଶ କୁମାର ଗାୟନ / (ଖ) ୧୦.୧୦.୨୦୧୮ /(ଗ) ୧୧.୦୭.୨୦୧୯ / (ଘ) ୩୦.୦୯.୨୦୧୮ ସୁଦ୍ଧା ଟ. ୩୯,୮୫,୯୯୮/- (ଅଣଚାଳିଶି ଲକ୍ଷ ପଞ୍ଚାଅଶି ହଜାର ନଅଶହ ଅଠାନବେ ଟଙ୍କା ମାତ୍ର) ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ଗାୟନ କୋଲ୍ଡ ଷ୍ଟୋରେଜ୍ ପ୍ରା. ଲିଃ.,** ସା.: ସରଶଙ୍ଖ, ନାଟପଡା, ଥାନା: ସୋର, ଜିଲ୍ଲା: ବାଲେଶ୍ୱର, **ନିର୍ଦ୍ଦେଶକମାନେ:** ୧) **ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଗାୟନ, **ଠିକଣା-୧:** ସା.: ଶ୍ରୀକଣ୍ଠପୁର, ଜିଲ୍ଲା: ବାଲେଶ୍ୱର, **ଠିକଣା-୨:** ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦ ମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧, ୨) **ଶ୍ରୀମତୀ ବୀଣା ଗାୟନ,** ସ୍ୱାମୀ: ପରେଶ କୁମାର ଗାୟନ, ସା.: ତେଲିଙ୍ଗିଆଗଞ୍ଜ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ୩) **ଶ୍ରୀ ଚିନ୍ମୟ ସୌରଭ ଗାୟନ,** ପିତା: ପରେଶ କୁମାର ଗାୟନ, ସା.: ଶ୍ରୀକଣ୍ଠପୁର, ସୋରୋ, ବାଲେଶ୍ୱର | (କ) **ମେସର୍ସ ଗାୟନ କୋଲ୍ଡ ଷ୍ଟୋରେଜ୍ ପ୍ରା. ଲିଃ.**ର ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ସରଶଙ୍ଖ, ତାଲୁକ: ସୋରୋ, ଜିଲ୍ଲା: ବାଲେଶ୍ୱର ୧) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୫୮, କ୍ଷେତ୍ର: ଏକର୦.୩୦ଡିସିମିଲି, ୨) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୫୯, କ୍ଷେତ୍ର: ଏକର୦.୧୯ଡିସିମିଲି, ୩) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୪, କ୍ଷେତ୍ର: ଏକର୦.୫୮ଡିସିମିଲି, ୪) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୫, କ୍ଷେତ୍ର: ଏକର୦.୪୭ଡିସିମିଲି, ୫) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୪/୨୭୯୭, କ୍ଷେତ୍ର: ଏକର୦.୩୦ଡିସିମିଲି, ୬) ଖାତା ନଂ.: ୫୪୩/୯୩୫, ପ୍ଲଟ୍ ନଂ.: ୬୪/୨୭୯୫, କ୍ଷେତ୍ର: ଏକର୦.୫୨ଡିସିମିଲି, ସମସ୍ତ ସମ୍ପତ୍ତିର ଚଉପାର୍ଶ୍ୱରେ ଉତ୍ତର: ପ୍ରକାଶ କୁମାର ଗାୟନ, ଦକ୍ଷିଣ: ପରେଶ କୁମାର ଗାୟନ, ପୂର୍ବ: ପରେଶ କୁମାର ଗାୟନ, ପଶ୍ଚିମ: ପରେଶ କୁମାର ଗାୟନ / (ଖ) ୦୧.୦୯.୨୦୧୮ /(ଗ) ୧୧.୦୭.୨୦୧୯ / (ଘ) ୩୧.୦୮.୨୦୧୮ ସୁଦ୍ଧା ଟ. ୭,୩୬,୦୭,୧୯୬.୮୮ (ସାତ କୋଟି ଛତିଶ ଲକ୍ଷ ସାତ ହଜାର ଏକଶହ ଛୟାନବେ ଟଙ୍କା ଅଠାଅଶି ପଇସା ମାତ୍ର) ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |
| ସୋରୋ ଶାଖା / **ଋଣଗ୍ରହୀତା: ମେସର୍ସ ବିରଜା ଇଣ୍ଡଷ୍ଟ୍ରିଜ୍,** ସା.: ନାଟପଡା, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, **ସ୍ୱତ୍ତ୍ୱାଧିକାରୀ: ଶ୍ରୀ ପରେଶ କୁମାର ଗାୟନ,** ପିତା: କାର୍ତ୍ତିକ ଚନ୍ଦ୍ର ଜ୍ଞାନ, **ଠିକଣା-୧:** ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦ ମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧, **ଠିକଣା-୨:** ସା.: ନାଟପଡା, ଥାନା: ସୋରୋ / **ଗ୍ୟାରେଣ୍ଟିଦାତା: ବୀଣା ଗାୟନ,** ସ୍ୱାମୀ: ପରେଶ କୁମାର ଗାୟନ, **ଠିକଣା-୧:** ସା.: ଶ୍ରୀବିହାର, ଶ୍ରୀକଣ୍ଠପୁର, ବିବେକାନନ୍ଦ ମାର୍ଗ, କାଳି ମନ୍ଦିର ନିକଟ, ଜିଲ୍ଲା: ବାଲେଶ୍ୱର-୭୫୬୦୦୧, **ଠିକଣା-୨:** ସା.: ତେଲିଙ୍ଗିଆଗଞ୍ଜ, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର | (କ) **ଶ୍ରୀ ପରେଶ କୁମାର ଗାୟନ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ତିଳଦା, ତାଲୁକ: ସୋର, ଜିଲ୍ଲା: ବାଲେଶ୍ୱର ୧) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୯, କ୍ଷେତ୍ର: ଏକର୦.୦୧ଡିସିମିଲି, ୨) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୬, କ୍ଷେତ୍ର: ଏକର୦.୨୪ଡିସିମିଲି, ୩) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୮୦, କ୍ଷେତ୍ର: ଏକର୦.୩୩ଡିସିମିଲି, ୪) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୮, କ୍ଷେତ୍ର: ଏକର୦.୦୫ଡିସିମିଲି, ୫) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୬୧, କ୍ଷେତ୍ର: ଏକର୦.୫୦ଡିସିମିଲି, ୬) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୭୦, କ୍ଷେତ୍ର: ଏକର୦.୨୨ଡିସିମିଲି, ୭) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୬୯, କ୍ଷେତ୍ର: ଏକର୦.୩୩ଡିସିମିଲି, ୮) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୮୧, କ୍ଷେତ୍ର: ଏକର୦.୩୬ଡିସିମିଲି, ୯) ଖାତା ନଂ.: ୧୪୨/୨୬, ପ୍ଲଟ୍ ନଂ.: ୨୫୨, କ୍ଷେତ୍ର: ଏକର୦.୪୧ଡିସିମିଲି, ୧୦) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୬୭, କ୍ଷେତ୍ର: ଏକର୦.୮୭ଡିସିମିଲି, ୧୧) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୫୧, କ୍ଷେତ୍ର: ଏକର୦.୭୫ଡିସିମିଲି, ୧୨) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୭୧, କ୍ଷେତ୍ର: ଏକର୦.୨୯ଡିସିମିଲି, ୧୩) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୭୨, କ୍ଷେତ୍ର: ଏକର୦.୧୧ଡିସିମିଲି, ୧୪) ଖାତା ନଂ.: ୧୪୨/୨୧, ପ୍ଲଟ୍ ନଂ.: ୨୮୭, କ୍ଷେତ୍ର: ଏକର୦.୯୨ଡିସିମିଲି, ୧୫) ଖାତା ନଂ.: ୧୪୨/୨୮, ପ୍ଲଟ୍ ନଂ.: ୨୮୮, କ୍ଷେତ୍ର: ଏକର୦.୭୭ଡିସିମିଲି, ସମସ୍ତ ସମ୍ପତ୍ତିର ଚଉପାର୍ଶ୍ୱରେ ଉତ୍ତର: ପ୍ରକାଶ ଗାୟନ, ଦକ୍ଷିଣ: ପରେଶ ଗାୟନ, ପୂର୍ବ: ପରେଶ ଗାୟନ, ପଶ୍ଚିମ: ପରେଶ ଗାୟନ, ୧୬) ମୌଜା: ଶ୍ରୀକଣ୍ଠପୁର, ତାଲୁକ: ବାଲେଶ୍ୱର, ଜିଲ୍ଲା: ବାଲେଶ୍ୱର, ଖାତା ନଂ.: ୩୨୯/୧୩୩୭, ପ୍ଲଟ୍ ନଂ.: ୮୯୬/୧୩୦୧/୨୮୬୦, କ୍ଷେତ୍ର: ଏକର୦.୦୪୮ଡିସିମିଲି, ୧୭) ଖାତା ନଂ.: ୩୨୯/୧୩୩୭, ପ୍ଲଟ୍ ନଂ.: ୯୦୨/୧୩୦୦/୨୮୬୧, କ୍ଷେତ୍ର: ଏକର୦.୦୦୨ଡିସିମିଲି, ଉଭୟ ସମ୍ପତ୍ତିର ଚଉପାର୍ଶ୍ୱରେ ଉତ୍ତର: ପରେଶ ଗାୟନଙ୍କ ଜମି, ଦକ୍ଷିଣ: ପରେଶ ଗାୟନଙ୍କ ଜମି, ପୂର୍ବ: ପ୍ଲଟ୍ ନଂ.: ୯୨୫, ପଶ୍ଚିମ: ରାସ୍ତା / (ଖ) ୧୮.୦୬.୨୦୧୮ /(ଗ) ୧୧.୦୭.୨୦୧୯ / (ଘ) ୧୭.୦୬.୨୦୧୮ ସୁଦ୍ଧା ଟ. ୩,୦୮,୯୯,୭୫୦.୨୫ (ତିନି କୋଟି ଆଠ ଲକ୍ଷ ଅନେଶୋତ ହଜାର ସାତଶହ ପଚାଶ ଟଙ୍କା ପଚିଶ ପଇସା ମାତ୍ର) ତତ୍‌ସହିତ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ । |

ସ୍ଥାନ: ଭୁବନେଶ୍ୱର
ତାରିଖ: ୧୨.୦୭.୨୦୧୯

ସ୍ୱା/– କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

## ସଂକ୍ଷେପରେ

### ନଦୀକୂଳରୁ ମୃତ ନବଜାତ ଶିଶୁ ଉଦ୍ଧାର

ଯୋଡା,୧୨।୭(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହର ର ୪ ନଂ. ୱାର୍ଡ ସ୍ଥିତ ସୁନା ନଦୀ କୂଳରୁ ପୋଲିସ ଶୁକ୍ରବାର ଅପରାହ୍ନରେ ଏକ ମୃତ ନବଜାତ ଶିଶୁ ଉଦ୍ଧାର କରିଛି । ସୁନା ନଦୀର ଉପର ମୁଣ୍ଡରେ ଏକ ନବଜାତ ଶିଶୁର ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ । ପୋଲିସ ପହଞ୍ଚି ନଦୀକୂଳରୁ ମୃତଦେହ ଉଦ୍ଧାର କରି ଘଟଣାର ତଦନ୍ତ ଜାରି ରଖିଥିବା କହିଛି ।

### ସଡ଼କ ଦୁର୍ଘଟଣାରେ ବ୍ଲକ କର୍ମଚାରୀ ଗୁରୁତର

ଝୁମ୍ପୁରା, ୧୨।୭ (ଡି.ଏନ.ଏ.)- କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ପାଟକୁଳ ଗ୍ରାମ ନିକଟରେ ୧୧ତାରିଖ ସନ୍ଧ୍ୟା ସମୟରେ ବାଇକରେ ଯାଉଥିବା ବେଳେ ଝୁମ୍ପୁରା ବ୍ଲକ କର୍ମଚାରୀ ସ୍ୱଦେଶ ପ୍ରୀତମ ଦାସଙ୍କୁ ଏକ ଟ୍ରକ ଧକ୍କା ଦେବାରୁ ସେ ଗୁରୁତର ହୋଇଛନ୍ତି। ତାଙ୍କୁ ଝୁମ୍ପୁରା ଡାକ୍ତରଖାନା ନିଆଯାଇ ପରେ କଟକକୁ ସ୍ଥାନାନ୍ତର କରାଯାଇଛି। ସ୍ୱଦେଶଙ୍କ ଘର ଚମ୍ପୁଆରେ । ସେ ଝୁମ୍ପୁରା ବ୍ଲକରୁ ଡ୍ୟୁଟି ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୋଲିସ ଦୁର୍ଘଟଣା ଘଟାଥିବା ଟ୍ରକ (ନଂ. ଓଡି ୦୯ସି-୧୫୧୧)କୁ ଜବତ କରି ତଦନ୍ତ କରୁଛି।

### ସାଇ ମନ୍ଦିରର 'ଦଧିନଉତି' ସ୍ଥାପନ

ଝୁମ୍ପୁରା, ୧୨।୭ (ଡି.ଏନ.ଏ.)- କେନ୍ଦୁଝର ଜିଲା ଝୁମ୍ପୁରା ବଜାର ନିକଟରେ ନବନିର୍ମିତ ସାଇ ମନ୍ଦିରର 'ଦଧିନଉତି' ସ୍ଥାପନ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସାଇସେବା ସମିତି ଓ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ନିର୍ମିତ ଏହି ମନ୍ଦିରର ଦଧିନଉତି ସ୍ଥାପନ ଉତ୍ସବରେ ଝୁମ୍ପୁରା ସମେତ ଭାଲୁକା, ବିଷ୍ଣୁପୁର, ଅର୍ଶଳା ଗ୍ରାମର ବାସିନ୍ଦା ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ବିଭିନ୍ନ ପୂଜାର୍ଚ୍ଚନା ରୀତି ସରିବା ପରେ ଉପସ୍ଥିତ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ଶାନ୍ତିଶୃଙ୍ଖଳାର ସହ ସମସ୍ତ କାର୍ଯ୍ୟ ସମ୍ପନ୍ନ ହୋଇଥିବାରୁ ସାଇସେବା ସମିତିର ସଭାପତି ଦେବବ୍ରତ ବେହେରା, ସମ୍ପାଦକ ଦିଲୀପ ଦେହୁରୀ ସମସ୍ତଙ୍କ ଧନ୍ୟବାଦ ଜଣାଇଛନ୍ତି।

### 'ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ'



ବଉଳା, ୧୨।୭ (ଡି.ଏନ.ଏ.)- ସୁସ୍ଥ ସମାଜ ଗଠନରେ ଯୋଗର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ଦିଗରେ ଜନସଚେତନତା ସୃଷ୍ଟି କରିବା ଲାଗି କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଅଣା ମଠରେ ପତଞ୍ଜଳି ଯୋଗ ସମିତି ପକ୍ଷରୁ ଏକ ପ୍ରସ୍ତୁତି ସଭା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଯୁବ ପ୍ରଭାରୀ ପୀତାମ୍ବର ସାହୁ ବୈଠକରେ ଅଧକ୍ଷତା କରିଥିଲେ। ଏହି ବୈଠକରେ ହାଟଡିହୀ ବ୍ଲକରେ ଏକ ଶାଖା ଖୋଲିବାକୁ ଆଲୋଚନା ହୋଇଥିଲା। ଅଣା ମଠର ସ୍ୱାମୀ ଜ୍ଞାନାନନ୍ଦ ଗିରି ମହାରାଜ, ଖବରଦାତା ଗୋପାଳକୃଷ୍ଣ ରାଉତ, କିଶୋର ଆଚାର୍ଯ୍ୟ, ସୁନୀଲ ନାୟକ, ମୁନା ମହାନ୍ତି , ପୂର୍ବତନ ସମିତି ସଭ୍ୟ ସନାତନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ବୈଠକ ପରେ ହାଟଡିହୀ ଆଞ୍ଚଳିକ ମହାବିଦ୍ୟାଳୟରେ ଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । କଲେଜର ଛାତ୍ରୀଛାତ୍ରଙ୍କୁ ଯୋଗ ସମ୍ପର୍କରେ ରାଜ୍ୟ ଯୁବ ପ୍ରଭାରୀ ସାହୁ ସୂଚନା ଦେଇଥିଲେ । ଆଗାମୀ ଦିନରେ କଲେଜରେ ଏକ ଯୋଗ ଶିବିର କରିବାକୁ ସ୍ଥିର ହୋଇଥିଲା। ଅଧକ୍ଷ ଜିତେନ୍ଦ୍ର କୁମାର ବିଶ୍ୱାଳ, ଗଙ୍ଗାଧର ପରିଡ଼ା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଚିତ୍ତରଞ୍ଜନ ରାଉତ, ପ୍ରଣୟ କୁମାର ନାୟକ, ସତ୍ୟାନନ୍ଦ ନାୟକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ ।

# କେନ୍ଦୁଝର ଜିଲାରେ ହାତୀ ଉପଦ୍ରବ ଜାରି | ଗାଁକୁ ପଶି ଆସିଲେ ୩୩ ହାତୀ

ଯୋଡା,୧୨।୭(ଡି.ଏନ୍.ଏ.)



ହାତୀପଲ ଭାଙ୍ଗି ଦେଇଥିବା ଘର ।

- ୪ ଘର ଭାଙ୍ଗି ଖାଇଲେ ଧାନ ଚାଉଳ
- ଆତଙ୍କରେ ରାତି ବିତାଇଲେ ଗ୍ରାମବାସୀ

କେନ୍ଦୁଝର ଜିଲା ଯୋଡା ବନବିଭାଗ ଅଧୀନ ଦଣ୍ଡୁଆଁ ଗାଁରେ ଗୁରୁବାର ବିଳମ୍ବିତ ରାତ୍ରିରେ ୩୩ଟି ହାତୀ ପଶି ଉପଦ୍ରବ କରି ୪ ଘର ଭାଙ୍ଗିବା ସହିତ ଧାନ, ଚାଉଳ ଖାଇଯାଇଛନ୍ତି। ହାତୀ ଉପଦ୍ରବରୁ ୪ ପରିବାର ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଗାଁକୁ ହାତୀ ପଶିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ସାରା ରାତି ବିତାଇଥିଲେ। ବନ କର୍ମଚାରୀ ଓ ଗ୍ରାମବାସୀ ମିଳିତ ଭାବେ ହାତୀପଲକୁ ଘୁଡାଇବାକୁ ଉଦ୍ୟମ କରି ଫେଲ୍ ମାରିଥିଲେ। ଅଳ୍ପ ସଂଖ୍ୟକ ବନ କର୍ମଚାରୀ ହାତୀପଲକୁ ଘଉଡାଇବାରେ ସମର୍ଥ ହେଉ ନ ଥବବା ଗ୍ରାମବାସୀ ଅଭିଯୋଗ କରିଛନ୍ତି

ଏ ସମ୍ପର୍କରେ ଗଣମାଧମକୁ ସୂଚନା ଦେଇ ଗ୍ରାମବାସୀ କହିଛନ୍ତି ଯେ, ହାତୀ ଉପଦ୍ରବ ଯୋଗୁଁ ଧନ ଜୀବନ ହାନି ଘଟୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଏହାର ସ୍ଥାୟୀ ପ୍ରତିକାର କରାଯାଉ ନାହିଁ। ଗୁରୁବାର ରାତିରେ ହାତୀପଲ ଏହି ଗ୍ରାମର ଯୁଧିଷ୍ଠିର ମହାକୁଡ, ମତି ମହାକୁଡ, ହୃଦାନନ୍ଦ ବାରିକ ଓ ରୁଦ୍ର ବାରିକଙ୍କ ଘର ଭାଙ୍ଗି ଧାନ, ଚାଉଳ ଖାଇଯାଇଛନ୍ତି। ବିଳମ୍ବିତ ରାତ୍ରି ପ୍ରାୟ ଗୋଟାଏ ସମୟରେ ଏକାବେଳ ୩୩ ହାତୀ ନିକଟସ୍ଥ ଜଙ୍ଗଲରୁ ଆସି ଗ୍ରାମରେ ଉପଦ୍ରବ ଆରମ୍ଭ କରିଥିଲେ। ଗ୍ରାମବାସୀ ଓ ବନକର୍ମଚାରୀ ମଶି ସେମାନଙ୍କୁ ଘୁଡାଇବା ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ନିକଟସ୍ଥ ଜଙ୍ଗଲକୁ ହାତୀପଲ ଚାଲି ଆସି ରାତିରେ ଏଭଳି ଉପଦ୍ରବ କରୁଥିବାରୁ ଅଞ୍ଚଳରେ ଆତଙ୍କର ବାତାବରଣ ଲାଗି ରହିଛି। କ୍ଷୟକ୍ଷତିର ସର୍ଭେ କରି ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ବନ ବିଭାଗ ନିକଟରେ ଦାବି କରନ୍ତି। ଅଧିକ ସଂଖ୍ୟାରେ ବନ କର୍ମଚାରୀ ନିୟୋଜିତ କରି ବିଷେଷଜ୍ଞଙ୍କ ସହାୟତାରେ ହାତୀ ଉପଦ୍ରବ ରୋକିବାକୁ ରବି ପାତ୍ର, ଅଜିତ ମହାକୁଡ, ରମାକା' ବାରିକ ପ୍ରମୁଖ ଦାବି କରିଛନ୍ତି । ୫ ଜଣିଆ ହାତୀ ସ୍କ୍ୱାର୍ଡ ଓ ବନକର୍ମଚାରୀ ହାତୀ ଉପଦ୍ରବ ରୋକିବା ପାଇଁ ସେଠାରେ ନିୟୋଜିତ ରହିଛନ୍ତି ବୋଲି ଯୋଡା ବନପାଳ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## ଦନ୍ତାହାତୀ ଆକ୍ରମଣରେ ଆଉ ଜଣଙ୍କର ମୃତ୍ୟୁ

କେନ୍ଦୁଝର/ଢେଙ୍କିକୋଟ,୧୨।୭ (ସ୍ୱ.ପ୍ର./ଡି.ଏନ.ଏ.)–

କେନ୍ଦୁଝର ଜିଲା ଢେଙ୍କିକୋଟ ଫରେଷ୍ଟ ସେକ୍ସନ ଅଧୀନ ହରିଚନ୍ଦନପୁର ଅଞ୍ଚଳରେ ହାତୀ ଉପଦ୍ରବ ଲାଗି ରହିଛି। ଗୁରୁବାର ରାତିରେ ଏକ ଦନ୍ତାହାତୀ ଆକ୍ରମଣରେ ହରିଚନ୍ଦନପୁର ବ୍ଲକ ମନୋହରପୁର ପଞ୍ଚାୟତ କାଳିମାଟି ଗାଁର ଭରତ ନାଏକ(୩୮) ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଗତ କିଛି ଦିନ ମଧରେ ଏହି ଅଞ୍ଚଳରେ ହାତୀ ଆକ୍ରମଣରେ ୩ ଜଣଙ୍କର ମୃତ୍ୟୁ ଘଟିଲାଣି।

ସ୍ଥାନୀୟ ଗ୍ରାମବାସୀ କହିଛନ୍ତି ଯେ, ଦନ୍ତାହାତୀ ବାରବାଙ୍କ ସଂରକ୍ଷିତ ଜଙ୍ଗଲରେ ରହି ରାତି ସମୟରେ ଜଙ୍ଗଲ ତଳି ଇଲାକାକୁ ଆସି ଉପଦ୍ରବ ଚଳାଇଥିଲା। ଗୁରୁବାର ରାତିରେ ସେ କାଳିମାଟି ଗାଁ ପାଖ ଇଲାକାକୁ ଚାଲି ଆସିଥିଲା। ରାତି ପ୍ରାୟ ୧୦ଟା ବେଳେ ଭରତ ପାଖ ଗାଁରେ ଭୋଜି ଖାଇ ନିଜ ଚାଷ ଜମି ଦେଇ ଘରକୁ ଫେରୁଥିବା ବେଳେ ଦନ୍ତାହାତୀ ହାବୁଡରେ ପଡିଥିଲେ। ସେଠାରେ ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ କଚାଡି ଦଳିଚକଟି ଦେଇଥିଲା। ଭରତଙ୍କ ଚିତ୍କାର ଶୁଣି ଗାଁ ଲୋକେ ଧାଇଁ ଆସିଥିଲେ। ଦନ୍ତାହାତୀ ନିକଟସ୍ଥ ଜଙ୍ଗଲକୁ ଚାଲି ଯିବା ପରେ ଲୋକେ ଭରତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ହରିଚନ୍ଦନପୁର ଡାକ୍ତରଖାନାକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ରେଞ୍ଜର ଅଶୋକ କୁମାର ନାୟକ, ଢେଙ୍କିକୋଟ ଫରେଷ୍ଟର ଗୌରଚନ୍ଦ୍ର ନାଏକ, ଫରେଷ୍ଟଗାଁ ଯୋଗେଶ୍ୱର ମାଝୀ ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଦନ୍ତାହାତୀର ଗତିବିଧି ଉପର ନଜର ରଖିଛନ୍ତି । ମୃତଦେହକୁ କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଯାଇଛି। ସରକାରୀ ନିୟମ ଅନୁଯାୟୀ ମୃତକଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ଦିଆଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

## ଗୋଠଛଡା ଦନ୍ତାହାତୀର ଉତ୍ପାତ: ପୁଣି ଘର ଭାଙ୍ଗିଲା

ଝୁମ୍ପୁରା, ୧୨।୭ (ଡି.ଏନ.ଏ.)

କେନ୍ଦୁଝର ଜିଲା ବାମେବାରୀ ଫରେଷ୍ଟ ବିଟ୍ ଅନ୍ତର୍ଗତ ମଲଦା ଓ ଏହା ଆଖପାଖରେ ଗୋଠଛଡା ଦନ୍ତାହାତୀର ଉତ୍ପାତ ବଢି ଚାଲିଛି। ମଲଦା ପଞ୍ଚାୟତରେ ଏହି ହାତୀ ଘର ଭାଙ୍ଗିବା ସହିତ ଜଣେ ନାବାଳିକାଙ୍କୁ କଚାଡି ମାରିବା ପରେ ଏବେ ଭୂୟାଁଜୁଆଁଙ୍ଗ ପିଡର ଫୁଲଝର ପଞ୍ଚାୟତ ପାଖ ଜଙ୍ଗଲରେ ପୁଣି ପହଞ୍ଚିଛି। ଗୋଠଛଡା ଦନ୍ତାହାତୀକୁ ଘଉଡାଇବା ଉଦ୍ୟମ କରି ବନ ବିଭାଗ କର୍ମଚାରୀ ନାକେଦମ ହେଲେଣି। ଗୁରୁବାର ବିଳମ୍ବିତ ରାତିରେ ହାତୀ ଫୁଲଝର ପଞ୍ଚାୟତର ସୁନାକର ହାଁସଦାଙ୍କ ଘର ଭାଙ୍ଗିବା ସହିତ ଧାନ ଚାଉଳ ଖାଇଦେଇଛି। ତାଙ୍କ ପରିବାର ଲୋକେ ଘର ଭିତରେ ଶୋଇଥିବା ବେଳେ ଦନ୍ତାହାତୀ ଘରର ଗୋଟିଏ ପାର୍ଶ୍ୱ ଭାଙ୍ଗି ପକାଇଥିଲା, ପରିବାରର ସଦସ୍ୟମାନେ ଅଳ୍ପକେ ହାତୀ ଆକ୍ରମଣରୁ ବଞ୍ଚିଯାଇଥିଲେ। ଖବର ପାଇ ବନ କର୍ମଚାରୀ ଫୁଲଝର ଗ୍ରାମରେ ପହଞ୍ଚି ହାତୀର ଗତିବିଧି ଉପରେ ନଜର ରଖିଛନ୍ତି।



ହାତୀ ଭାଙ୍ଗିଥିବା ଘର।

## ପ୍ରଶାସନ ଚେତିଲା, ସାରକୋଣା ଶାସନ ରାସ୍ତା ମରାମତି ହେଲା



ରାସ୍ତା ମରାମତି କରାଯାଉଛି।

ବଉଳା, ୧୨।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବାଲିବରେଇ ପଞ୍ଚାୟତର ସାରକୋଣା ଶାସନ ରାସ୍ତା ମରାମତି ଅଭାବରୁ ଖାଲଖମା ହାଇ ଶୋଚନୀୟ ହୋଇ ପଡିଥିଲା। ସାମାନ୍ୟ ବର୍ଷା ହେଲେ ରାସ୍ତା କାଦୁଅ ହୋଇ ଯାଉଥିବାରୁ ଲୋକଙ୍କ ପକ୍ଷେ ଯାତାୟାତ କରିବା କଷ୍ଟକର ହୋଇପଡୁଥିଲା। ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିଲା। । ଏହାକୁ ନେଇ ଗ୍ରାମବାସୀ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ବିଧାୟକ ଭାଗୀରଥି ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଧାୟକ ହାଟଡିହି ବିଡ଼ିଓଙ୍କ ସହ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ବିଡ଼ିଓ ଓ ବିଧାୟକ ବାଲିବରେଇ ସରପଞ୍ଚଙ୍କ ସହ ଆଲୋଚନା କରିବା ପରେ ରାସ୍ତା ମରାମତି କାମ ଆରମ୍ଭ ହୋଇଛି । ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ବାବୁଲି ଲେଙ୍କା, ଗୌରାଙ୍ଗ ସାମଲ, ଅନନ୍ତ ଆଇଚ, ଦୁର୍ଗା ପ୍ରସାଦ ଆଇଚ ପ୍ରମୁଖ ବିଧାୟକ ଓ ବ୍ଲକ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି ।

## ଜୁନ୍‌ରେ ବର୍ଷାଭାବ ଯୋଗୁ ଖରିଫ ଚାଷ ପଛୁଆ

କେନ୍ଦୁଝର,୧୨।୭(ଡି.ଏନ.ଏ.)– କେନ୍ଦୁଝର ଜିଲାରେ ଚାଷ ଉପଯୋଗୀ ବର୍ଷା ହୋଇ ନ ଥିବାରୁ ଖରିଫ ଚାଷ କାର୍ଯ୍ୟ ପଛରେ ପଡିଛି। ଅନେକ ସ୍ଥାନରେ ଚାଷୀ ତଳିପକା ଓ ରୁଆ କାର୍ଯ୍ୟ ଆରମ୍ଭ କରିପାରି ନାହାନ୍ତି। ଗତବର୍ଷ ଜୁନ୍‌ରେ ୨୩୮.୦୧ ମି.ମି. ବର୍ଷା ହୋଇଥିବା ବେଳେ ଏଥର ୧୮୬୨.୦୪ ମି.ମି. ବର୍ଷା ହୋଇଛି। ଅର୍ଥାତ ପୂର୍ବବର୍ଷ ତୁଳନାରେ ୫୨୫.୯୭ ମି.ମି. କମ୍ ବର୍ଷା ହୋଇଛି। ଜୁନ ମାସରେ କମ୍ ବର୍ଷା ହେବା ଯୋଗୁ ଜିଲାର ଅଧିକାଂଶ ବ୍ଲକରେ ଚାଷ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସାଧାରଣତଃ ଏହି ମାସରେ ଚାଷୀ ଧାନ ତଳି ପକାଇ ରୁଆ କାର୍ଯ୍ୟ ଆରମ୍ଭ କରିଥାନ୍ତି। ଜୁଲାଇ ମାସରେ ବର୍ଷା ପରିମାଣ ବୃଦ୍ଧି ପାଇଥିଲେ ମଧ୍ୟ ଧାନ ତଳି ପକାଇବା ବିଳମ୍ବ ହେବା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଜିଲାର ଅଧିକାଂଶ ବ୍ଲକରେ ଚାଷୀମାନେ ମୁଖତଃ ବର୍ଷା ଜଳ ଉପରେ ନିର୍ଭର କରି ଚାଷ କାର୍ଯ୍ୟ କରିଥାନ୍ତି। ଏଥର ଜୁନ୍ ମାସରେ ଜିଲାର ବାଂଶପାଳ ବ୍ଲକରେ ସବୁଠାରୁ କମ ୫୧.୧୦ ମି.ମି. ଓ ଘସିପୁରା ବ୍ଲକରେ ସର୍ବାଧିକ ୨୮୧.୯୦ ମି.ମି. ବର୍ଷା ହୋଇଛି। କେନ୍ଦୁଝର ସଦର ବ୍ଲକରେ ୧୩୨.୭୦, ବାଂଶପାଳ ବ୍ଲକରେ ୫୧.୧୦, ତେଲକୋଇ ବ୍ଲକରେ ୧୧୩.୬୦, ପାଟଣା ବ୍ଲକରେ ୧୨୯.୮୦, ସାହାରପଡା ବ୍ଲକରେ ୧୪୦.୪୦, ଘଟଗାଁ ବ୍ଲକରେ ୧୪୮.୬୦, ହରିଚନ୍ଦନପୁର ବ୍ଲକରେ ୧୪୫.୧୦, ଆନନ୍ଦପୁର ବ୍ଲକରେ ୨୪୮.୫୦ ମି.ମି. ବର୍ଷା ହୋଇଛି। ହାଟଡିହି ବ୍ଲକରେ ୨୦୭.୨୦, ଚମ୍ପୁଆ ବ୍ଲକରେ ୧୦୬.୪୦, ଯୋଡା ବ୍ଲକରେ ୬୫.୦୦ ଏବଂ ଝୁମ୍ପୁରା ବ୍ଲକରେ ୯୨.୨୦ ମି.ମି. ବର୍ଷା ହୋଇଥିବା ରେକର୍ଡ ହୋଇଛି। ବର୍ଷାଭାବ କାରଣରୁ ଅଧିକାଂଶ ବ୍ଲକରେ ତଳିପକା, ଧାନବୁଣା ଆଦି କାର୍ଯ୍ୟ ପଛେଇଯିବା ସହ ତଳିଘେରା ଏବଂ ଧାନକିଆରି ଅନେକ ସ୍ଥାନରେ ଶୁଖିଲା ପଡିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଚଳିତ ମାସ ୧୨ ତାରିଖ ମଧରେ ଜିଲାରେ ୧୨୭୩.୧୯ ମି.ମି. ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## ସୋଲାର ଲାଇଟ୍ ଲାଗୁ ଲାଗୁ ଜଳୁନି

ହାଟଡିହୀ, ୧୨।୭ (ଡି.ଏନ.ଏ.)

- ଖଣି ପ୍ରଭାବିତ ଓ ହାତୀ ଉପଦ୍ରବ ଗ୍ରାମବାସୀ ଚିନ୍ତାରେ
- ନିମ୍ନମାନର ସରଞ୍ଜାମ ବ୍ୟବହାର ଅଭିଯୋଗ

କେନ୍ଦୁଝର ଜିଲାରେ ଖଣି ଖାଦାନ ଗଢି ଉଠିବା ଓ ଜଙ୍ଗଲ କ୍ଷୟ ଯୋଗୁ ହାତୀଙ୍କ ଚଲାପଥ ଓ ଆବାସସ୍ଥଳୀ ପ୍ରଭାବିତ ହୋଇଛି। ଏଥିଲାଗି ବିଭିନ୍ନ ସମୟରେ ହାତୀପଲ ଜଙ୍ଗଲ ତଳି ଇଲାକାରେ ପଶି ଉପଦ୍ରବ କରୁଛନ୍ତି। ରାଜ୍ୟ ସରକାର ଏଠାକାର ଖଣି ପ୍ରଭାବିତ ଓ ହାତୀ ଉପଦ୍ରବ କରୁଥିବା ଗାଁଗୁଡ଼ିକରେ ସୌରାଲୋକ ବ୍ୟବସ୍ଥା କରିବା ପାଇଁ ଯୋଜନା କରିଥିଲା ବେଳେ ଆରମ୍ଭରୁ ଏଥିରେ ବ୍ୟତିକ୍ରମ ଦେଖାଦେଇଛି।

ଉଲ୍ଲେଖନୀୟ ଯେ, କେନ୍ଦୁଝର ଜିଲାର ହାଟଡ଼ିହୀ ବ୍ଲକର ପ୍ରଥମ ପର୍ଯ୍ୟାୟରେ ଖଣି ପ୍ରଭାବିତ କେ.ବାଲିପାଳ, ହଦଗଡ଼, ବାଲିବରେଇ ,ସୋସୋ, ବାଙ୍ଗୋର, ପଢ଼ିଆରିପଲୀ, ଧନୁର୍ଜୟପୁର, ଢ଼େଙ୍କା, ସଢ଼ା, ଜମ୍ପିରା, ପନ୍ଦାଡ଼ୋ ଆଦି ପଞ୍ଚାୟତରେ ସୋଲାର ଲାଇଟ ଲଗାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ଏସବୁ ପଞ୍ଚାୟତର କେତେକ ସ୍ଥାନରେ ସୋଲାର ଲାଇଟ ଲାଗିବାର ୬ରୁ ୭ ଦିନ ପରେ ସେଥିରୁ କେତେକ ଲାଇଟ ଖରାପ ହୋଇ ଜଳୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏସବୁ ଲାଇଟ ଲଗାଯାଇଥିବା ଷ୍ଟାଣ୍ଡଗୁଡ଼ିକୁ ଯେତିକି ଗଭୀରରେ ପୋତିବା କଥା ତାହା କରାଯାଉନି । ସାମାନ୍ୟ ପବନ ହେଲେ ଷ୍ଟାଣ୍ଡଗୁଡ଼ିକ ହଲୁଛି । ଅନ୍ୟପକ୍ଷେ ନିମ୍ନମାନର ବ୍ୟାଟେରି ଓ ଅନ୍ୟ ସରଞ୍ଜାମ ଲଗାଯାଇଥିବାରୁ ସୋଲାର ଲାଇଟ୍ ଶୀଘ୍ର ଖରାପ ହୋଇଯାଉଛି ବୋଲି ଗାଁ ଲୋକେ ଅଭିଯୋଗ କରିଛନ୍ତି। ପ୍ରତି ପଞ୍ଚାୟତକୁ ଯେତିକି ସୋଲାଇ ଲାଇଟ୍ ଦିଆଯିବା କଥା ତାହା ଯୋଗାଣ ହେଉ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, ହାଟଡିହୀ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୧୨ଶହରୁ ଉର୍ଦ୍ଧ୍ୱ ସୋଲାର ଲାଇଟ ଲଗାଯିବାକୁ ସ୍ଥିର ହୋଇଛି। ଜିଲା ଖଣିଜ ପାଣ୍ଠି (ଡିଏମଏଫ) ଅର୍ଥରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ତେବେ ଅନୁଦାନ ଅର୍ଥ ହରିଲୁଟ କରିବା ଲାଗି ନିମ୍ନ ମାନର ସାମଗ୍ରୀ ବ୍ୟବହାର କରାଯାଉଥିବା ଗ୍ରାମବାସୀ ସନ୍ଦେହ କରି ଅଭିଯୋଗ କରିବା ପରେ ଏହି ଘଟଣା ସର୍ବତ୍ର ଚର୍ଚ୍ଚାର ବିଷୟ ହେଉଛି । ଏ ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ପଚାରିଲେ, କାହାଠାରୁ ଠିକ୍ ଉତ୍ତର ମିଳୁ ନାହିଁ । ତେବେ ଆଗାମୀ ୫ବର୍ଷ ଯାଏ ସୋଲାର ଲାଇଟ ରକ୍ଷଣାବେକ୍ଷଣ ଦାୟିତ୍ୱ ସମ୍ପୃକ୍ତ ଠିକା ସଂସ୍ଥା ତୁଲାଇବ ବୋଲି ବୁଝାମଣା ହୋଇଥିବା କୁହାଯାଉଛି। ସୋଲାର ଲାଇଟ ଲଗାଯିବାର ଅଳ୍ପ ଦିନ ପରେ ଏହା ଖରାପ ହୋଇ ପଡୁଥିବାରୁ ଲୋକେ ଏହାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। ଏହି ପରିପ୍ରେକ୍ଷୀରେ ଜିଲାପାଳ ଏଭଳି ସମସ୍ୟାକୁ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ସମିତି ସଭ୍ୟ ରାଜେନ୍ଦ୍ର ରାଉତ, ସରପଞ୍ଚ ଅନ୍ନପୂର୍ଣ୍ଣା ରାଉତ, ସରପଞ୍ଚ ସୁପ୍ରଭା ରାଉତ ପ୍ରମୁଖ ଦାବି କରିଛନ୍ତି।

## ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ଅନିୟମିତତା

ବଉଳା, ୧୨ । ୭ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ଶିକ୍ଷାଜିଲା ଅଧୀନ ବିଦ୍ୟାଳୟଗୁଡ଼ିକୁ ମଧ୍ୟାହ୍ନ ଭୋଜନ ଚାଉଳ ଯୋଗାଣରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଚାଉଳ ଯୋଗାଣ ସମୟରେ ସମ୍ପୃକ୍ତ ସଂସ୍ଥା ଚାଉଳ ପ୍ୟାକେଟକୁ ଓଜନ କରି ଦେଉ ନ ଥିବାରୁ ସେଥିରେ ୨ ରୁ ୫କେଜି ଚାଉଳ କମ୍ ରହୁଥିବା କୁହାଯାଉଛି। ପ୍ରତି ବିଦ୍ୟାଳୟକୁ ୫୦ କେଜି ଚାଉଳ ପ୍ୟାକେଟ ଦିଆଯିବା ବେଳେ ଏହାକୁ ଓଜନ କରି ଦେବାର ନିୟମ ରହିଛି। ଏହି ନିୟମକୁ ଅଣଦେଖା କରାଯାଉଥିଲେ ମଧ୍ୟ କେହି ଦୃଷ୍ଟି ଦେଉ ନ ଥିବା ଅଭିଭାବକମାନେ ଅଭିଯୋଗ କରି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

## ସ୍ୱନକ୍ଷତ୍ର ଦିବସ ଓ ଜ୍ଞାନଯଜ୍ଞ–୨୦୧୯ ପାଳିତ

କେନ୍ଦୁଝର,୧୨।୭ (ସ୍ୱ.ପ୍ର.)

କେନ୍ଦୁଝରଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୩ତମ ସ୍ୱନକ୍ଷତ୍ର ଦିବସ ଓ ଜ୍ଞାନଯଜ୍ଞ ପାଳିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡଃ କାର୍ତ୍ତିକ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥଲେ। ମୁଖ୍ୟ ଅତିଥି ଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ଅଧିକାରୀ ଡଃ ଉଦ୍ଧବ ଚନ୍ଦ୍ର ମାଝି, ସମ୍ମାନନୀୟ ଅତିଥି ଭାବେ ଉତ୍ତର ସଂଭାଗ ସଭାପତି ସତ୍ୟନାରାୟଣ ମହାପାତ୍ର, ଜିଲା ସଂଘ ଚାଳକ କୈଳାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ବିଦ୍ୟାଳୟର ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ । ପରିଚାଳନା ସମିତିର ଉପସଭାପତି ଇଂ ହରମୋହନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ପୁରୁଣାବଜାରସ୍ଥିତ ଗଡ ତାରିଣୀଙ୍କ ପାଖରେ ଦୀପ ଦାନ ସହିତ ଜ୍ଞାନଯଜ୍ଞ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟରେ ସ୍ଥାପିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ପରିସରରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଶିକ୍ଷା ବିକାଶ ସମିତି ଦ୍ୱାରା ପରିଚାଳିତ ଶ୍ରୀ ଭାରତୀକୃଷ୍ଣ ଗଣିତ ପ୍ରତିଭା ଓ ପ୍ରାଦେଶିକ ମେଧା ପରୀକ୍ଷାରେ ଯଥାକ୍ରମେ ୪ର୍ଥ ଓ ୧୦ମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସ୍ମୃତିରେଖା ପଢିଆରୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଗତ ମାଟ୍ରିକ ପରୀକ୍ଷାରେ କୃତିତ୍ୱ ହାସଲ କରିଥବବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା ।



ଉତ୍ସବରେ ମଞ୍ଚାସୀନ ଅତିଥି ।

## ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସକୁ ଉପେକ୍ଷା

କେନ୍ଦୁଝର, ୧୨।୭ (ସ୍ୱ.ପ୍ର.)

- ଉଚ୍ଚଶିକ୍ଷା ବିଭାଗ ଅବହେଳାର ପ୍ରତିବାଦ
- ପ୍ରତିଷ୍ଠା ଦିବସ ବର୍ଜନ ଲାଗି ଛାତ୍ରୀଛାତ୍ରଙ୍କ ନିଷ୍ପତ୍ତି

ମୟୂରଭଞ୍ଜ ଜିଲା ବାରିପଦା ଓ ବାଲେଶ୍ୱରରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିବା ବେଳେ ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାକୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅବହେଳା କରାଯାଇଆସୁଛି। ୨୦୧୪ରେ ଏଠାରୁ ୧୮୦ କି.ମି. ଦୂର ବାରିପଦାଠାରେ ଥିବା ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ ଅଧୀନରେ କେନ୍ଦୁଝର ଜିଲାରେ ଦ୍ୱିତୀୟ କ୍ୟାମ୍ପସ୍ ଖୋଲାଯାଇଥିଲେ ବି ଭିତ୍ତିଭୂମି ଓ ଅନ୍ୟ ସୁବିଧା କରାଯାଉ ନାହିଁ। ଫଳରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅଦ୍ୟାବଧି ଏହି ଦ୍ୱିତୀୟ କ୍ୟାମ୍ପସ ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହୋଇ ନ ଥିବା ଛାତ୍ରୀଛାତ୍ରମାନେ ଅଭିଯୋଗ କରିଛନ୍ତି। ଯାତାୟାତ ସୁବିଧା ନ ଥିବାରୁ ପୋଷ୍ଟ ଗ୍ରାଜୁଏଟ ଓ ଏମଫିଲ ଛାତ୍ରୀଛାତ୍ର ଅଧିକ ଅସୁବିଧା ଭୋଗୁଛନ୍ତି। ଅନ୍ୟପକ୍ଷେ ଆବଶ୍ୟକ ଅଧ୍ୟାପକ ନିଯୁକ୍ତି ଦିଆ ଯାଉ ନ ଥିବାରୁ ୨ୟ କ୍ୟାମ୍ପସ୍‌ରେ ଠିକ୍ ଭାବେ ପାଠ ପଢାଯାଇ ପାରୁ ନାହିଁ । ଅତିଥି ଅଧ୍ୟାପକଙ୍କ ଦ୍ୱାରା କାମ ଚଳାଇ ନିଆଯାଉଛି। ସେହିପରି ଖାଲି ପଡିଥିବା ଡେପୁଟି କଣ୍ଟ୍ରୋଲର, ଡେପୁଟି ରେଜିଷ୍ଟ୍ରାର ପଦବୀ ପୂରଣ କରାଯାଉନାହିଁ । ଏହି ପଦବୀରେ ସରକାରୀ ସ୍ତରରେ ନିଯୁକ୍ତି ଦିଆଯାଇଥିବା କୁହାଯିବାର ୫ ମାସ ବିତିଥିଲେ ବି କେହି କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ଏପରିସ୍ଥଳେ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷା, ନାମଲେଖା ଓ ଅନ୍ୟାନ୍ୟ କାର୍ଯ୍ୟ ସୁଚାରୁ ରୂପେ ହୋଇ ପାରୁନାହିଁ। ଉଚ୍ଚ ଶିକ୍ଷା ବିଭାଗର ଅବହେଳା ଓ ଉପେକ୍ଷା ପ୍ରତିବାଦରେ ଶନିବାର ପାଳିତ ହେବାକୁ ଥିବା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ ଉତ୍ସବକୁ ଏଠାକାର ଛାତ୍ରୀଛାତ୍ର ବର୍ଜନ କରିବେ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡିଛି । ଏ ସମ୍ପର୍କରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କୁ ପଚାରିବାରୁ କହିଛନ୍ତି , ପ୍ରତିଷ୍ଠା ଦିବସ ବର୍ଜନ କରିବା ନେଇ ଛାତ୍ରୀଛାତ୍ର ନିଷ୍ପତ୍ତି ନେବା ସମ୍ପର୍କରେ ସେ କୌଣସି ସୂଚନା ପାଇନାହାନ୍ତି। ଦ୍ୱିତୀୟ କ୍ୟାମ୍ପସ ଠିକ୍ ଭାବରେ ଚାଲିବା ଲାଗି ସମସ୍ତ ବ୍ୟବସ୍ଥା କରାଯାଉଛି । ଏବେ ନିଯୁକ୍ତି ପ୍ରକ୍ରିୟା ଚାଲିଛି । ଖୁବ୍‌ଶୀଘ୍ର ସବୁ ପଦବୀ ପୂରଣ ହୋଇପାରିବ । ଏହାଛଡା ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି।

## ବୃକ୍ଷଗଙ୍ଗା ଅଭିଯାନରେ ପ୍ରକୃତି ସାଥୀ, ପ୍ରକୃତି ସଖା ସମ୍ମାନ ପ୍ରଦାନ

କେନ୍ଦୁଝର, ୧୨।୭ (ସ୍ୱ.ପ୍ର.)

ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ପକ୍ଷରୁ ୫ମ ବାର୍ଷିକ ବୃକ୍ଷ ଗଙ୍ଗା ଅଭିଯାନ କାର୍ଯ୍ୟକ୍ରମ ହରିଚନ୍ଦନପୁର ବ୍ଲକ ଜଂଘିରା ବଟେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବୃକ୍ଷରୋପଣ ସହ ଲୋକଙ୍କୁ ଚାରା ବଣ୍ଟନ କରାଯାଇଥିଲା । ଅବସରପ୍ରାପ୍ତ ବାୟୁସେନା ଅଧିକାରୀ କୈଳାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଦୈତାରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ ସମ୍ମାନନୀୟ ଅତିଥି ଏବଂ ସଦର ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପ୍ରଧାନ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ବୈଦ୍ୟବିଶାରଦ ହରେକୃଷ୍ଣ ମହାନ୍ତ ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ପ୍ରକୃତି ଓ ବିଜ୍ଞାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଗାୟତ୍ରୀ ପରିବାରର ମୁଖ୍ୟ ସଂଯୋଜକ ରମେଶ ଚନ୍ଦ୍ର ମିଶ୍ର ଏହାକୁ ଉଦଘାଟନ କରିଥିଲେ। ଏହି ଅବସରରେ ୫ ଜଣଙ୍କୁ ପ୍ରକୃତି ସାଥୀ ଓ ୮ ଅନୁଷ୍ଠାନ ଓ କ୍ଲବ କୁ ପ୍ରକୃତି ସଖା ସମ୍ମାନ ପ୍ରଦାନ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ମଧ୍ୟ ସମ୍ମାନୀତ କରାଯାଇଥିଲା ।